4ର୍ଥ ସ୍ୱନକ୍ଷତ୍ର

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-166 ◆BHUBANESWAR ◆THURSDAY ◆12 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୬ ◆ଭୁବନେଶ୍ୱର ◆ଗୁରୁବାର ◆୧୨ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦

# ଧନଖଡ଼ଙ୍କ ଉପରେ ବର୍ଷିଲେ ବିରୋଧୀ




■ **ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ଆଦାନୀ ଏବଂ ସୋରସ୍ ପ୍ରସଙ୍ଗରେ ଉଭୟ ବିଜେପି ଏବଂ କଂଗ୍ରେସ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦରେ ଅଚଳାବସ୍ଥା ଜାରି ରହିଛି। ତେବେ ଆଜି ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ପ୍ରସଙ୍ଗରେ ରାଜ୍ୟସଭା ଅଚଳ ରହିଥିବା ବେଳେ କେନ୍ଦ୍ରମନ୍ତ୍ରୀ ସିନ୍ଧିଆଙ୍କ ବିରୋଧରେ ତୃଣମୂଳ କଂଗ୍ରେସ ନେତା କଲ୍ୟାଣଙ୍କ ଆପତ୍ତିଜନକ ମନ୍ତବ୍ୟ ନେଇ ଲୋକସଭା ଚାଲିପାରି ନାହିଁ।

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିରୋଧୀ ଦଳ ଆଜି ତାଙ୍କ ଉପରେ ମନଇଚ୍ଛା ବର୍ଷିଛନ୍ତି। ଧନଖଡ଼ଙ୍କ ଯୋଗୁଁ ରାଜ୍ୟସଭାରେ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ଧନଖଡ଼ ହେଉଛନ୍ତି ସବୁଠାରୁ ବଡ଼ ବିଶୃଙ୍ଖଳାକାରୀ। ତାଙ୍କ ଆଚରଣ ସାମ୍ବିଧାନିକ ପଦମର୍ଯ୍ୟାଦାର ବିରୋଧାଚରଣ କରୁଛି। ଗୃହରେ ସେ ସରକାରୀ ଦଳର ମୁଖପାତ୍ର ଭାବେ କାର୍ଯ୍ୟ କରୁଛନ୍ତି। ବିରୋଧୀ ନେତାଙ୍କ ବିରୋଧରେ ମନ୍ତବ୍ୟ ଦେବାଲାଗି ସେ ସରକାରୀ ଦଳକୁ ଉସୁକାଉଛନ୍ତି। ବିରୋଧୀ ଦଳଙ୍କୁ କୌଣସି ପ୍ରସଙ୍ଗ ଉଠାଇବାକୁ ଦେଉନାହାନ୍ତି। ୧୯୫୨ ପରେ ଦେଶରେ କୌଣସି ଉପରାଷ୍ଟ୍ରପତିଙ୍କ ବିରୋଧରେ କେବେହେଲେ ଅନାସ୍ଥା ପ୍ରସ୍ତାବ ଆସିନାହିଁ। କାରଣ ସେମାନେ କେବେହେଲେ ଦଳୀୟ ରାଜନୀତି ଦ୍ୱାରା ପ୍ରଭାବିତ ହୋଇନଥିଲେ। ସେମାନେ ନିରପେକ୍ଷ ଭାବେ ନିଜ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଧନଖଡ଼ଙ୍କ ଆଚରଣ ସମ୍ବିଧାନ ଓ ସଂସଦ ପ୍ରତି ବିଶ୍ୱାସଘାତକତା ବୋଲି ସେ ଅଭିଯୋଗ କରିଛନ୍ତି।

**"ଗୃହରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ଅଧ୍ୟକ୍ଷ"**

**ସଂସଦରେ ଅଚଳାବସ୍ଥା ଜାରି**

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଡିଏମ୍‌କେ, ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଏନ୍‌ସିପି (ଏସପି), ଜେଏମଏମ୍‌: ଆରଜେଡି ନେତାମାନେ ମଧ୍ୟ ଧନଖଡ଼ଙ୍କ ଆଚରଣ ନେଇ ଘୋର ଆପତ୍ତି ଉଠାଇ ଅଭିଯୋଗ କରିଥିଲେ ଯେ ଅଧ୍ୟକ୍ଷ ବିରୋଧୀ ▶ପୃଷ୍ଠା-୭

# ଅଧାରୁ ସାରିଦେଲେ ଅଧିବେଶନ



**ବିରୋଧୀଙ୍କ ସଣ୍ଢୁଆଶି ଆକ୍ରମଣ; ସରକାର ବିବଶ**

■ **ଭୁବନେଶ୍ୱର, ୧୧।୧୨ (ସମିସ):** ବୁଧବାର ଶେଷ ହୋଇଛି ସପ୍ତଦଶ ବିଧାନସଭାର ଦ୍ୱିତୀୟ ତଥା ଶୀତ ଅଧିବେଶନ। ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ହୋଇଥିବା ବେଳେ ୧୬ଟି କାର୍ଯ୍ୟଦିବସ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ ଘୋଷଣା କରିଛନ୍ତି। ବିରୋଧୀଙ୍କ ସଣ୍ଢୁଆଶି ଆକ୍ରମଣକୁ ସମ୍ମୁଖୀନ ହୋଇ ନ ପାରି ସରକାର ଆଗୁଆ ଅଧିବେଶନକୁ ମୁଲତବୀ କରିଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଗତ ୨୬ ତାରିଖରେ ଶୀତ ଅଧିବେଶନର ପ୍ରଥମ ଦିନ ମୁଖ୍ୟମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ ଆଗତ କରିଥିଲେ ଓ ୫ ତାରିଖରେ ଗୃହରେ ବ୍ୟୟମଞ୍ଜୁରି ବିଧେୟକ ପାରିତ ହୋଇଥିଲା। ଅଧିବେଶନର ପ୍ରଥମ ଦିନରୁ ବିରୋଧୀ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ କାଠଗଡ଼ାକୁ ଟାଣିଥିଲେ। ଆମ୍ବଟାକୁଆ ଜାଉ ଖାଇ ଆଦିବାସୀଙ୍କ ମୃତ୍ୟୁ, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଦରଦାମ ବୃଦ୍ଧି, ଦାଦନ ଓ ବେକାରୀ ସମସ୍ୟା, ଆକାଶଛୁଆଁ ଆଳୁ ପିଆଜ ମୂଲ୍ୟକୁ ନେଇ ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ସେହିପରି ବିଭିନ୍ନ ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନାରେ ବିରୋଧୀ ୬ ମାସର ଅବଧି ବିଶିଷ୍ଟ ସରକାରକୁ ବିଭିନ୍ନ ପ୍ରସଙ୍ଗରେ ଅଡୁଆରେ ପକାଇଥିବାବେଳେ ଗୋଷ୍ଠୀ ▶ପୃଷ୍ଠା-୭

## ୬୦ ହଜାର ଗୋଷ୍ଠୀ ସହାୟକଙ୍କ ଭବିଷ୍ୟତ ଅନ୍ଧାରରେ

# ତୁଣ୍ଡ ଖୋଲିଲେନି ସରକାର

■ **ଭୁବନେଶ୍ୱର, ୧୧।୧୨ (ସମିସ):** ଧାର୍ଯ୍ୟ ଅବଧିର ୧୬ କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଛି ବିଧାନସଭାର ଶୀତ ଅଧିବେଶନ। ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବିଧାନସଭାର ଅବଧି ରହିଥିବାବେଳେ ବାଚସ୍ପତି ଆଜି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଏହା ସାତ୍ତ୍ୱେ ଜୀବନଜୀବିକା ପାଇଁ ରାଜଧାନୀର ରାଜରାସ୍ତାରେ ଅହର୍ନିଶି ଧାରଣା ▶ପୃଷ୍ଠା-୭

**ଆବଶ୍ୟକତାଠାରୁ ଅଧିକ ଗୋଷ୍ଠୀ ସହାୟିକା କାର୍ଯ୍ୟ କରୁଛନ୍ତି: ଉପମୁଖ୍ୟମନ୍ତ୍ରୀ**

**ଉପମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ସରକାରଙ୍କୁ ଘେରିଲେ ବିଜେଡି-କଂଗ୍ରେସ**

**ସରକାରଙ୍କ ଉପରେ ମା'ମାନଙ୍କ ଅଭିଶାପ ପଡ଼ିବ: ବିରୋଧୀ**

# ପ୍ରେମିକାକୁ ଖଣ୍ଡଖଣ୍ଡ କରି କାଟିଦେଲା

■ **ରାଉରକେଲା, ୧୧।୧୨ (ସମିସ):** ଦୁଷ୍କର୍ମ ଅଭିଯୋଗର ଭୟଙ୍କର ପ୍ରତିଶୋଧ ନେଇଛି ଜେଲ୍ ଫେରନ୍ତା ହତାଶ ପ୍ରେମିକ। ଜେଲ୍‌ରୁ ଫେରି ପ୍ରେମିକାକୁ ଖଣ୍ଡ ଖଣ୍ଡ କରି କାଟି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଛି। ଝାରସୁଗୁଡ଼ାରୁ ପ୍ରେମିକାକୁ ଅପହରଣ କରିବା ପରେ ରାଉରକେଲାରେ ହତ୍ୟା କରିଛି। ପରେ ଖଣ୍ଡବିଖଣ୍ଡିତ ଶରୀରକୁ ପୋଖରୀ ଓ ବ୍ରାହ୍ମଣୀ ନଦୀରେ ଫିଙ୍ଗି ଦେଇଛି। ପୁଲିସ ରାଉରକେଲାର ତରକେରା ନିକଟସ୍ଥ ଏକ ପୋଖରୀରୁ ଯୁବତୀର କଟାମୁଣ୍ଡ, ହାତ ଗୋଡ଼ ଓ ବ୍ରାହ୍ମଣୀ ନଦୀରୁ ଖଣ୍ଡବିଖଣ୍ଡିତ ଗଣ୍ଡିକୁ ଉଦ୍ଧାର କରିବା ▶ପୃଷ୍ଠା-୭

**ଦୁଷ୍କର୍ମ ଅଭିଯୋଗର ଭୟଙ୍କର ପ୍ରତିଶୋଧ**



# ପୁଅ ଆଗରେ ବାପାକୁ ପଥରରେ ଛେଚି ହତ୍ୟା

■ **ତ୍ରିଶୂଳିଆ, ୧୧।୧୨ (ସମିସ):** କଟକ ଜିଲ୍ଲା ନରଣପୁର ଅଞ୍ଚଳରେ ଇଟା ଆଉ ପଥରରେ ଛେଚି ଜଣେ ୱେଲ୍‌ଡିଂ ମିସ୍ତ୍ରିଙ୍କୁ ନିର୍ମମ ହତ୍ୟା କରାଯାଇଛି। ପେଟା ନାଳ ବସ୍ତିରୁ ଉଚ୍ଛେଦ ହୋଇ ତ୍ରିଶୂଳିଆ ଅଞ୍ଚଳରେ ସରକାରୀ ଭାବେ ଥଇଥାନ ହୋଇଥିବା କିଛି ବସ୍ତି ବାସିନ୍ଦା ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ତୋଫାନ ସାମଲ (୪୦)। ଘର ସାମ୍ନାରେ ପୁଅ ଆଗରେ ଦୁର୍ବୃତ୍ତମାନେ ଇଟାରେ ଛେଚି ତୋଫାନଙ୍କୁ ଗୁରୁତର ଅବସ୍ଥାରେ ଛାଡ଼ି ପଳାଇଥିଲେ। ଡାକ୍ତରଖାନା ନେବା ବାଟରେ ତୋଫାନଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ନାବାଳକକୁ ଗିରଫ କରି ବାରଙ୍ଗ ପୁଲିସ ଜୁଭେନାଇଲ କୋର୍ଟକୁ ପଠାଇଥିବା ବେଳେ ଅନ୍ୟ ଜଣକୁ ଅଟକ ରଖିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ କିଛି ଦିନ ହେବ ତୋଫାନ ସାମଲ ନରଣପୁର ଅଞ୍ଚଳରେ ଏକ ବସ୍ତିରେ ରହି ମିସ୍ତ୍ରି ଭାବରେ କାର୍ଯ୍ୟ କରୁଥିଲେ। ତୋଫାନଙ୍କ ଘର ନିକଟରେ ସରକାରୀ ▶ପୃଷ୍ଠା-୭

**ନାବାଳକ ଗିରଫ, ଜଣେ ଅଟକ**



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିପାରନ୍ତି। ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନିଜକୁ କମ୍‌ଜୋର ଭାବନ୍ତୁ ନାହିଁ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥୀଙ୍କ ସହଯୋଗ ଲୋଡ଼ିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ। ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ବୈବାହିକ ଜୀବନ ସୁଖମୟ ହେବ।

**କନ୍ୟା:** ଦିନଟି ବ୍ୟସ୍ତତାରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ୍ ଖୁସି ଖବର ପାଇବେ। ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଜୀବନସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ। ରାଜନୀତିରେ ସକ୍ରିୟ ରହିପାରନ୍ତି।

**ଧନୁ:** ବନ୍ଧୁମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ। ଚକ୍ଷୁ ସମସ୍ୟା ଦେଖାଦେଇପାରେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ହସଖୁସିରେ ଦିନଟି ଅତିବାହିତ ହେବ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟକଳାପରେ ଦିନଟି ଭଲରେ ବିତିବ। ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖିବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିବ। ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୯୧୧- କଲିକତା ପରିବର୍ତ୍ତେ ଭାରତର ରାଜଧାନୀ ଦିଲ୍ଲୀ ହେବ ବୋଲି ଘୋଷଣା କରାଗଲା।
- ୧୯୨୩- ଇଟାଲିରେ ଏକ ନଦୀ ବନ୍ଧ ଧସିଯିବାରୁ ୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୩-କେନିଆ ସ୍ୱାଧୀନ ହେଲା।
- ୧୯୯୦- ଟି.ଏନ୍ ଶେଷାନ ଭାରତର ମୁଖ୍ୟ ନିର୍ବାଚନ କମିଶନର ହେଲେ।

## 'ହାଉସ୍‌ଫୁଲ୍-୫'ରୁ ବଲିଉଡ୍‌କୁ ଫେରିବେ ଡିନୋ



ବଲିଉଡ୍ ଅଭିନେତା ଡିନୋ ମୋରିଆ ମଡେଲିଂରୁ ଅଭିନୟ ଜଗତରେ ପାଦ ଦେଇଥିଲେ। ସେ ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼, ମଲାୟାଲମ୍ ଫିଲ୍ମରେ କାମ କରିଛନ୍ତି। ଟେଲିଭିଜନ ସିରିଜ୍ 'କ୍ୟାପଟେନ୍ ବ୍ୟୋମ'ରୁ ତାଙ୍କୁ ପ୍ରଥମ ବ୍ରେକ୍ ମିଳିଥିଲା। 'ପ୍ୟାର୍ ମେ କଭି କଭି' ଫିଲ୍ମରୁ ବଲିଉଡ୍‌ରେ ସେ ଏଣ୍ଟ୍ରି କରିଥିଲେ। ୨୦୦୨ରେ ରିଲିଜ୍ ହୋଇଥିବା ଫିଲ୍ମ 'ରାଜ୍' ତାଙ୍କୁ ରାତାରାତି ସୁପରଷ୍ଟାର୍ ପରିଚୟ ଦେଇଥିଲା। 'ରାଜ୍' ପରେ ସେ 'ଗୁନାହ', 'ରକ୍ତ', 'ଅକ୍ସର' ଆଦି ଫିଲ୍ମରେ ଅଭିନୟ କରିଥିଲେ ସୁଦ୍ଧା 'ରାଜ୍'ର ସଫଳତାକୁ ଦୋହରାଇ ପାରି ନ ଥିଲେ। ଲଗାତାର ଫ୍ଲପ୍ ଫିଲ୍ମ ପରେ ସେ ବଲିଉଡ୍‌ରୁ ଦୂରେଇ ଯାଇଥିଲେ। ପରେ ଡିନୋ ତେଲୁଗୁ ଫିଲ୍ମରେ ଖଳନାୟକ ଭୂମିକାରେ ଅଭିନୟ କଲେ। ୧୪-୧୫ ବର୍ଷ ପରେ ଏବେ ସେ 'ହାଉସ୍‌ଫୁଲ୍-୫' ମାଧ୍ୟମରେ ବଲିଉଡ୍‌କୁ ଫେରୁଛନ୍ତି। ସାଜିଦ୍ ନାଡିୟାଦୱାଲାଙ୍କ ନିର୍ମିତ ତରୁଣ ମନସୁଖାନିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଡିନୋ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କ ସହ ଅକ୍ଷୟ କୁମାର, ରୀତେଶ ଦେଶମୁଖ, ଫରଦିନ୍ ଖାନ୍, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଜ୍ୟାକି ସ୍ରଫ୍, ନୋରା ଫତେହି, ପୂଜା ହେଗ୍‌ଡେ ପ୍ରମୁଖ ଦେଖାଯିବେ।

## ବରକୁ ୧୦୦ ବର୍ଷ, କନିଆକୁ ୧୦୨

ପ୍ରେମ କରିବାରେ କୌଣସି ବୟସ ଦେଖାଯାଏନି। କେତେବେଳେ କାହା ସହ ପ୍ରେମ ହୋଇଯିବ କହି ହୁଏନାହିଁ। ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆମେରିକାର ଫିଲାଡେଲଫିଆ ସହରରେ ରହୁଥିବା ଦୁଇଜଣ ବୃଦ୍ଧାବୃଦ୍ଧ। ଏହି ବୟସ୍କ ଦମ୍ପତି ହେଲେ ବର୍ଣ୍ଣାଡ୍ ଲିଟ୍‌ମ୍ୟାନ୍(୧୦୦) ଏବଂ ମାର୍ଜୋରି ଫିଟ୍‌ମ୍ୟାନ୍(୧୦୨)। ତେବେ ଉଭୟଙ୍କ ବୟସ ମିଶାଇଲେ ୨୦୨ ବର୍ଷ ହେବ। ଏହା ମଧ୍ୟ ଏକ ରେକର୍ଡ। ଡିସେମ୍ବର ୩ ତାରିଖରେ ସେମାନଙ୍କ ନାମ ଗିନିଜ୍ ବିଶ୍ୱ ରେକର୍ଡରେ ସବୁଠୁ ବୟସ୍କ ଦମ୍ପତି ଭାବେ ସ୍ଥାନ ପାଇଛି। ତେବେ ଏହି ଦମ୍ପତି ପରସ୍ପରକୁ ୯ ବର୍ଷ ପୂର୍ବରୁ ଏକ ବୃଦ୍ଧାଶ୍ରମରେ ଭେଟିଥିଲେ। ଏହାପରେ ଉଭୟ ପରସ୍ପର ସହ ସମୟ ଅତିବାହିତ କରିବାକୁ ଲାଗିଲେ। ଉଭୟ ବିବାହ ବନ୍ଧନରେ ବାନ୍ଧି ହେବାକୁ ଚାହିଁବାରୁ ବୃଦ୍ଧାଶ୍ରମର ଅଧିକାରୀମାନେ ବିବାହ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିଥିଲେ। ମେ' ୧୯ରେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଉଭୟ ହ୍ୱିଲ୍ ଚେୟାର୍‌ରେ ବିବାହ ସ୍ଥଳକୁ ଆସିଥିଲେ। ଏହି ଦମ୍ପତି ସେମାନଙ୍କର ଜୀବନସାଥୀମାନଙ୍କୁ ପୂର୍ବରୁ ହରାଇଛନ୍ତି। ଉଭୟ ଛଅ ଦଶନ୍ଧି ଧରି ସେମାନଙ୍କ ଜୀବନସାଥୀମାନଙ୍କ ସହ ସୁଖମୟ ବୈବାହିକ ଜୀବନ କାଟିଛନ୍ତି। ବର୍ଣ୍ଣାଡ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ଓ ମାର୍ଜୋରି ଜଣେ ଶିକ୍ଷୟିତ୍ରୀ ଥିଲେ।



## ମିଶନର ସଫଳତା ପାଇଁ ଏହି କାମ କରନ୍ତି ନାସା ବୈଜ୍ଞାନିକ



ନାସାର ବୈଜ୍ଞାନିକମାନେ କୌଣସି ସ୍ପେଶ୍ ମିଶନ ଆରମ୍ଭ କରିବା ପୂର୍ବରୁ ବାଦାମ ଖାଇଥାନ୍ତି। ଏହାକୁ ସେମାନେ ଏକ ପ୍ରଥା ଭଳି ଦେଖନ୍ତି। ସ୍ପେଶ୍ ମିଶନ ସମୟରେ ବାଦାମ ଖାଇବା ଦ୍ୱାରା ଅଭିଯାନ ସଫଳ ହୋଇଥାଏ ବୋଲି ନାସାର ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ଧାରଣା ରହିଛି। ତେବେ ଏଭଳି ପ୍ରଥା ନାସାରେ ୧୯୬୦ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ରେଞ୍ଜର ୭ ଏୟାରକ୍ରାଫ୍ଟ ୬ ଥର ବିଫଳ ହୋଇଥିଲା। ସପ୍ତମ ଥର ଏହା ଲଞ୍ଚ୍ ହେବା ପୂର୍ବରୁ ସମସ୍ତେ ବେଶ୍ ଚିନ୍ତାରେ ଥିଲେ। ଏହି ସମୟରେ କେହି ଜଣେ ବାଦାମ ଖାଇବାକୁ ଦେବାରୁ ସେମାନେ ଚାପମୁକ୍ତ ହୋଇଥିଲେ। ଯେଉଁ ବ୍ୟକ୍ତି ଜଣକ ବାଦାମ ଖାଇବାକୁ ଦେଇଥିଲେ ତାଙ୍କ ନାମ ଡିକ୍ ୱାଲେସ୍ ଥିଲା। ସେଦିନ ଏୟାରକ୍ରାଫ୍ଟଟି ସଫଳତାର ସହ ଲଞ୍ଚ୍ ହୋଇଥିଲା। ସେବେଠାରୁ ନାସାର କୌଣସି ମିଶନ ଲଞ୍ଚ୍ ହେବା ପୂର୍ବରୁ ବୈଜ୍ଞାନିକମାନେ ବାଦାମ ଖାଇବାକୁ ଶୁଭ ବୋଲି ଭାବନ୍ତି। କୌଣସି ମିଶନ ଲଞ୍ଚ ହେବା ପୂର୍ବରୁ ବାଦାମ ଡବାକୁ କଣ୍ଟ୍ରୋଲ ରୁମ୍‌ରେ ପହଞ୍ଚାଇ ଦିଆଯାଏ। ଜେଟ୍ ପ୍ରୋପଲଶନ୍ ଲାବ୍ରୋଟୋରୀ (ଜେପିଏଲ୍)ରେ ବୈଜ୍ଞାନିକମାନେ ବାଦାମ ଖାଇବାକୁ ଭୁଲନ୍ତିନି। ଏନେଇ ନାସାର ବୈଜ୍ଞାନିକମାନଙ୍କର କହିବା କଥା, ବାଦାମ ଖାଇବା ଦ୍ୱାରା ମସ୍ତିଷ୍କ ପ୍ରଖର ହୋଇଥାଏ ଓ ସେମାନେ ଏଥିଯୋଗୁଁ ସ୍ପେଶ୍ ମିଶନରେ ସଫଳ ହୁଅନ୍ତି। ଏଭଳି ଧାରଣା କେବଳ ନାସାରେ ନାହିଁ, ବିଶ୍ୱର ଅଧିକାଂଶ ମହାକାଶ ଏଜେନ୍ସି ୧୩ ସଂଖ୍ୟାକୁ ଅଶୁଭ ଭାବନ୍ତି। ଆପୋଲୋ-୧୩ ବିଫଳତାରେ ପରେ ନାସାର ତା'ର କୌଣସି ମିଶନରେ ୧୩ ସଂଖ୍ୟାକୁ ରଖିନାହିଁ। ସେହିଭଳି କୌଣସି ମିଶନ ଲଞ୍ଚ୍ ହେବା ପୂର୍ବରୁ ଭାରତୀୟ ମହାକାଶ ସଂଗଠନ ସହ ଋଷ୍ ଓ ଅନ୍ୟ ମହାକାଶ ସଂଗଠନଗୁଡ଼ିକ ଧାର୍ମିକ ରୀତିନୀତିକୁ ଅନୁସରଣ କରିଥାନ୍ତି।

## ସୁଶ୍ରୀ

## ସଫଳ ଉଦ୍ୟୋଗୀ ସଙ୍ଗୀତା

**ଘରେ ଖାଲିଟାରେ ବସିବାକୁ ସେ ଚାହିଁ ନଥିଲେ। ଗୃହିଣୀ ଭାବେ ଘରର ସମସ୍ତ ଦାୟିତ୍ୱ ତୁଲାଇ ଘରେ ରହି କିପରି ଦୁଇ ପଇସା ରୋଜଗାର କରିହେବ, ସେ ବିଷୟରେ ଚିନ୍ତାକଲେ। ଯାହାର ଫଳସ୍ୱରୂପ ସେ ଘରେ ମିଠା ପ୍ୟାକେଟ୍ ତିଆରି କରିବା ସହ ଏହାକୁ ବଜାରରେ ବିକ୍ରି କଲେ। ଏବେ ସେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ସେ ହେଲେ ଉତ୍ତର ପ୍ରଦେଶ ଗୋରଖପୁର ଜିଲ୍ଲାର ସଙ୍ଗୀତା ପାଣ୍ଡେ।**



**ବ୍ୟବସାୟ ପ୍ରତି ଆଗ୍ରହ:** ସାଧାରଣ ମହିଳା ଭାବେ ଘର କାର୍ଯ୍ୟରେ ନିଜକୁ ସୀମିତ ରଖିବାକୁ ସେ ଚାହିଁ ନଥିଲେ। କିଛି କାର୍ଯ୍ୟ କରି ଆତ୍ମନିର୍ଭରଶୀଳ ହେବାକୁ ଚାହିଁଥିଲେ। ସେଥିପାଇଁ ବହୁ ଭାବିଚିନ୍ତି ଘରେ ମିଠା ପ୍ୟାକେଟ୍ ତିଆରି କରିବା ଆରମ୍ଭ କଲେ। ଏ ବାବଦରେ ପ୍ରଥମେ ସେ ଦେଢ଼ ହଜାର ଟଙ୍କା ବିନିଯୋଗ କରିଥିଲେ। ଅବଶ୍ୟ ଏହି ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନ ଥିଲା। ଏଥିପାଇଁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ପ୍ରଥମେ ସେ ୧୦୦ ମିଠା ପ୍ୟାକେଟ୍ ପ୍ରସ୍ତୁତ କରି ସାଇକଲରେ ବଜାରରେ ବିକ୍ରି କରିବା ପାଇଁ ନେଇଥିଲେ। ତାଙ୍କର ସମସ୍ତ ମିଠା ପ୍ୟାକେଟ୍ ବିକ୍ରି ମଧ୍ୟ ହୋଇଥିଲା। ଧୀରେ ଧୀରେ ସେ ଗ୍ରାହକଙ୍କ ଚାହିଦା ଅନୁସାରେ ପ୍ୟାକେଟ୍‌ର ରଙ୍ଗ, କ୍ୱାଲିଟି ତଥା ଡିଜାଇନ୍‌ରେ ପରିବର୍ତ୍ତନ କରିଥିଲେ।

**ବ୍ୟବସାୟରୁ ସଫଳତା:** ସମୟ କ୍ରମେ ସଙ୍ଗୀତା ନିଜର ବ୍ୟବସାୟ ବୃଦ୍ଧି କରି ସମାଜରେ କିପରି ନିଜକୁ ପ୍ରତିଷ୍ଠା କରି ପାରିବେ, ସେ ଦିଗରେ ଚେଷ୍ଟା ଜାରି ରଖିଥିଲେ। ଏଥିପାଇଁ ଦିନରାତି ଅକ୍ଳାନ୍ତ ପରିଶ୍ରମ କରିଥିଲେ। ବହୁ କ୍ଷତି ମଧ୍ୟ ସେ ସହିଥିଲେ। ତଥାପି ସେ ହାର ନ ମାନି ବ୍ୟବସାୟ ବୃଦ୍ଧି ପାଇଁ ଲୋନ ଆଣି ଏହାକୁ ବଜାୟ ରଖିଲେ। ବ୍ୟବସାୟ ଭଲ ଚାଲିଲା। ଏବେ ସେ ନିଜର ଏକ କମ୍ପାନୀ ପ୍ରତିଷ୍ଠା କରିଛନ୍ତି। ଆଉ ୧୫୦୦ ଟଙ୍କାରୁ ଆରମ୍ଭ କରିଥିବା ଏହି ବ୍ୟବସାୟ ଏବେ ୩ କୋଟି ଟଙ୍କାର କମ୍ପାନୀରେ ପହଁଞ୍ଚିଛି। ସଙ୍ଗୀତା ତାଙ୍କ କମ୍ପାନୀରେ ସମସ୍ତ ଅତ୍ୟାଧୁନିକ ମେସିନ ରଖିଛନ୍ତି। ସେ ପାଖାପାଖି ୧୦୦ ମହିଳାଙ୍କୁ ଏହି କମ୍ପାନୀରେ ନିଯୁକ୍ତି ଦେଇ ରୋଜଗାରକ୍ଷମ କରିପାରିଛନ୍ତି।

## ପାଳଙ୍ଗ ଆମ୍‌ଲେଟ

ମୋ ହାଣ୍ଡିଶାଳରୁ...

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗଶାଗକୁ ଧୋଇ କାଟି ରଖନ୍ତୁ। ଏହା ପରେ ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ କାଟି ରଖିଥିବା ପାଳଙ୍ଗ ଶାଗକୁ ଦିଅନ୍ତୁ। ସେଥିରେ ଅଳ୍ପ ଲୁଣ ଦେଇ ପିଠାଖଡ଼ିକାରେ ଏପଟସେପଟ କରନ୍ତୁ। ଶାଗ ଭାଜି ହୋଇଗଲା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏହା ପରେ ଅନ୍ୟ ଏକ ପାତ୍ର ନେଇ ସେଥିରେ ଦୁଇଟି କଞ୍ଚା ଅଣ୍ଡା ଭାଙ୍ଗି ଲୁଣ, ଗୋଲମରିଚ ଗୁଣ୍ଡ, ଚିଜ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ପରେ ଚୁଲାରେ ଏକ କଡ଼େଇ ବସାଇ ଏକ ଚାମଚ ବଟର ଦିଅନ୍ତୁ। ବଟର ତରଳି ଆସିଲେ ଅଣ୍ଡା ଘୋଳକୁ ପକାଇ ଗୋଟିଏ ପାଖ ହେବା ଯାଏ ଅପେକ୍ଷା କରନ୍ତୁ। ଗୋଟିଏ ପାଖ ସିଝି ଆସିଲେ, ପୂର୍ବରୁ ଭାଜି ରଖିଥିବା ପାଳଙ୍ଗ ଶାଗକୁ ଦେଇ ଦିଅନ୍ତୁ। ଏହାକୁ ୩୦ ସେକେଣ୍ଡ ରଖି ପିଠାଖଡ଼ିକା ସାହାଯ୍ୟରେ ଗୋଟିଏ ପାଖ ଓଲଟାଇ ଦିଅନ୍ତୁ। ଦୁଇ ପାଖ ପୋଡ଼ପୋଡ଼ିଆ ହୋଇଯିବା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ୍ ସହିତ ପରଷି ଦିଅନ୍ତୁ 'ପାଳଙ୍ଗ ଆମ୍‌ଲେଟ୍'।

**ଆବଶ୍ୟକ ସାମଗ୍ରୀ –** କଟା ପାଳଙ୍ଗ ଶାଗ – ଏକ କପ୍, କଞ୍ଚା ଅଣ୍ଡା – ଦୁଇଟି, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଚିଜ୍ – ଦୁଇ ଚାମଚ, ବଟର – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।



## ଶୀତରେ ସ୍କାର୍ଫ ଫେଶନ୍

**ଶୀତଦିନେ ମହିଳାମାନେ ବେଶପୋଷାକକୁ ନେଇ ବେଶ୍ ଯତ୍ନବାନ ଥାଆନ୍ତି। ଶୀତରୁ ସୁରକ୍ଷା ସହ ନିଜକୁ ଏକ ଷ୍ଟାଇଲିଶ୍ ଲୁକ୍ ଦେବା ପାଇଁ ଚିନ୍ତା କରିଥାନ୍ତି। ତେବେ ଶୀତଦିନେ ଜାକେଟ୍, ସ୍ୱେଟର ଭଳି ସ୍କାର୍ଫ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ସ୍କାର୍ଫକୁ କିପରି ଷ୍ଟାଇଲ୍ କରି ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେଇପାରିବେ, ଜାଣିବା ସେ ବିଷୟରେ।**



### ପ୍ଲେନ୍ ସ୍କାର୍ଫ

ଅନେକ ମହିଳା ସାଦାସିଧା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି; କିନ୍ତୁ ସବୁବେଳେ ଗୋଟିଏ ପ୍ରକାର ଆଉଟ୍‌ଫିଟ୍ ଦେଖିବାକୁ ବିରକ୍ତ ଲାଗିଥାଏ। ଏପରି ସ୍ଥଳେ ଚାହିଁଲେ, ଏହି ପ୍ଲେନ୍ ସ୍କାର୍ଫ ପକାଇପାରିବେ। ଏହା ଲୁକ୍‌ରେ ପରିବର୍ତ୍ତନ ଆଣିବା ସହ ଥଣ୍ଡାରୁ ମଧ୍ୟ ସୁରକ୍ଷା ଦେଇଥାଏ।

### ପ୍ରିଣ୍ଟ

ବିଶେଷ କରି ପ୍ରିଣ୍ଟ ସ୍କାର୍ଫ ସବୁ ପ୍ରକାର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାଏ। ଏହାକୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନରୁ କ୍ରୟ କରିପାରିବେ।

### ଚେକ୍‌ବକ୍ସ

ସାଧାରଣତଃ ବିଭିନ୍ନ ଡିଜାଇନର ସ୍କାର୍ଫ ମିଳିଥାଏ। ଚାହିଁଲେ ଚେକ୍‌ବକ୍ସ ଡିଜାଇନ ଯୁକ୍ତ ଶାଲ ପକାଇପାରିବେ। ଏହା ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ହୋଇଥାଏ। ଏହା ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଉପଲବ୍ଧ। ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ।

### ଫ୍ଲପି

ଏ ପ୍ରକାର ସ୍କାର୍ଫ ଦେଖିବାକୁ ଖୁବ୍ ସୁନ୍ଦର। ଯାହା ହାତକୁ କୋମଳ ଓ ଦେହକୁ ଆରାମ ଲାଗିଥାଏ। ତେଣୁ ଏହାକୁ ଅଧିକାଂଶ ଯୁବତୀ ପସନ୍ଦ କରନ୍ତି। ଏହା ଶୀତରୁ ସୁରକ୍ଷା ଦେଇଥାଏ।

## ବିନା ମେକ୍‌ଅପ୍‌ରେ ଆକର୍ଷଣୀୟ ଲୁକ୍

ସାଧାରଣତଃ ଯୁବତୀମାନେ ମେକ୍‌ଅପ୍ ପ୍ରିୟ ହୋଇଥାନ୍ତି। କିନ୍ତୁ କିଛି ଜଣ, ଆଦୌ ମେକ୍‌ଅପ୍ କରିବାକୁ ପସନ୍ଦ କରନ୍ତିନି। ଏପରି ସ୍ଥଳେ ବିନା ମେକ୍‌ଅପ୍‌ରେ ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଉପାୟ।

- ପ୍ରତିଦିନ ସକାଳୁ ଓ ସନ୍ଧ୍ୟାରେ ଭଲ କ୍ଲିନ୍‌ଜରରେ ମୁହଁ ଧୁଅନ୍ତୁ।
- ତ୍ୱଚାକୁ ହାଇଡ୍ରେଟ୍ ରଖିବା ପାଇଁ ନିୟମିତ ମଏଶ୍ଚରାଇଜର ଲଗାନ୍ତୁ।
- ସେହିପରି ନିୟମିତ ଭାବେ ତ୍ୱଚାକୁ ସ୍କ୍ରବ୍ କରି ମୃତକୋଷକୁ ଦୂର କରନ୍ତୁ।
- ଖରାକୁ ଯିବା ପୂର୍ବରୁ ମୁହଁରେ ନିୟମିତ ସନ୍‌ସ୍କ୍ରିନ୍ ଲଗାନ୍ତୁ। ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଏହା ଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିବା ସହ ଚମକ ଆସିଥାଏ।
- ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାକୁ ଚାହୁଁଥିଲେ, ସତେଜ ଫଳ, ପନିପରିବା ଆଦି ଖାଆନ୍ତୁ।
- ଏଥି ସହିତ ପ୍ରତିଦିନ କେଶର ଯତ୍ନ ନିଅନ୍ତୁ। ଏହା ସୌନ୍ଦର୍ଯ୍ୟ ବୃଦ୍ଧି କରିବାର ଏକ ଭଲ ଉପାୟ।
- ସେହିପରି ତ୍ୱଚାରେ ଦାଗ ଥିଲେ, ସ୍କିନ୍‌କେୟାର କରନ୍ତୁ ତଥା, ଭିଟାମିନ୍ ସି ଯୁକ୍ତ ସିରମ୍ ଲଗାନ୍ତୁ।

# ୩୦ ତାରିଖ ମଧ୍ୟରେ ମିଳିବ ବକେୟା ଦରମା

**କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଆନ୍ଦୋଳନ ପ୍ରତ୍ୟାହୃତ**

**ଭୁବନେଶ୍ୱର, ୧୧।୧୨(ସମିସ):** ଜୀବିକା ମିଶନ ଓ ମିଶନ ଶକ୍ତି ସହ ଜଡ଼ିତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଦାବି ମାନିଛନ୍ତି ସରକାର। ଏମ୍‌ବିକେ, ସିଆର୍‌ପି, ଇସି ମେମ୍ବର, ପ୍ରାଣୀମିତ୍ର, କୃଷିମିତ୍ର ଓ ବ୍ୟାଙ୍କମିତ୍ର କର୍ମଚାରୀଙ୍କୁ ବକେୟା ଥିବା ୯ ମାସର ଦରମା ଆସନ୍ତା ୩୦ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ଦେବା ସହ ଜିପିଏଲ୍‌ଏଫ୍ କର୍ମୀ ପାରିଶ୍ରମିକ ଆକାଉଣ୍ଟରେ ପୈଠ କରାଯିବ ବୋଲି କହିଛନ୍ତି। କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ୬ଜଣିଆ ପ୍ରତିନିଧିଦଳ ସହ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଓ ନିର୍ଦ୍ଦେଶକ ଅନିକା ପ୍ରିୟଦର୍ଶିନୀ ଆଲୋଚନା କରି ଅନୁରୂପ ପ୍ରତିଶ୍ରୁତି ଦେଇଥିବା ଅଲ୍ ଓଡ଼ିଶା ଜିପିଏଲ୍‌ଏଫ୍ କର୍ମୀ ସଂଘର ସଭାପତି ନିରୂପମା ନାୟକ ସୂଚନା ଦେଇଛନ୍ତି। ଫଳରେ ସୋମବାର ଠାରୁ ଗାନ୍ଧୀମାର୍ଗରେ ଚାଲିଥିବା ଅହୋରାତ୍ର ଧାରଣା ଓ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି ବୋଲି ନିରୂପମା କହିଛନ୍ତି। ତେବେ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନକଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ୧୩୮୬.୦୯ କୋଟି ନିବେଶକୁ ଅନୁମୋଦନ

**ଭୁବନେଶ୍ୱର,୧୧।୧୨(ସମିସ):** ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି ମୋଟ ୧୯୨.୪୧ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ୧୩୮୬.୦୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛି। ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଅର୍ଥ ବିନିଯୋଗ ପ୍ରଦୂଷଣ ହ୍ରାସ ଲାଗି ରାଜ୍ୟ ସରକାରଙ୍କ ଦୃଢ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ୯୯ ମେଗାୱାଟ୍ କ୍ଷମତା ସଂପନ୍ନ ପବନ ଶକ୍ତି ପ୍ରକଳ୍ପ, ୯୧.୭୭ ମେଗାୱାଟ୍ କ୍ଷମତା ସଂପନ୍ନ ୫ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଏବଂ ୧.୬୪ ମେଗାୱାଟ୍ କ୍ଷମତା ସଂପନ୍ନ ଗୋଟିଏ ରୁଫ୍ ଟପ୍ ସୌରଶକ୍ତି ପ୍ରକଳ୍ପ।

**ଆରମ୍ଭରୁ ଝୁଣ୍ଟିଲାଣି**

# ଅନ୍ଧାରରେ ପିଏମ୍ ସୂର୍ଯ୍ୟଘର

**ଭୁବନେଶ୍ୱର,୧୧।୧୨(ସମିସ):** ଆରମ୍ଭରୁ ଝୁଣ୍ଟିଲାଣି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା। ପିଏମ୍ ସୂର୍ଯ୍ୟଘର ଯୋଜନା ପ୍ରତି ଲୋକଙ୍କର ଆଗ୍ରହ ଅନେକ; କିନ୍ତୁ ନେବା ପାଇଁ ଅମଙ୍ଗ। ବିଜୁଳିର ମହଙ୍ଗାମାଡ଼ରୁ ବର୍ତ୍ତିବା ପାଇଁ ମାଗଣା ବିଜୁଳି ପାଇବା ଲୋଭରେ ଯେତିକି ଲୋକ ଆବେଦନ କରୁଛନ୍ତି; ଏହାର ଖର୍ଚ୍ଚ ଏବଂ ଉପକାରିତା ବିଷୟ ଜାଣିବା ପରେ ଆଉ ଆଗଭର ହେଉନାହାନ୍ତି। ଏଥିସହିତ ଘର ଉପରେ ପିଏମ୍-ସୂର୍ଯ୍ୟଘର ସୋଲାର୍ ପ୍ୟାନେଲ ଲଗାଇବା ପାଇଁ ଆର୍ଥିକ ଦୃଷ୍ଟିକୋଣରୁ ସମସ୍ତେ ସମର୍ଥ ହେଉ ନାହାନ୍ତି। ମିଳିଥିବା ସୂଚନା ଅନୁସାରେ, ଚଳିତ ମାସ ୩ ତାରିଖ ସୁଦ୍ଧା ୭୭୫୩୯ ଜଣ ଘରୋଇ ଉପଭୋକ୍ତା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୧୪୧ ଜଣଙ୍କ ଘରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ତଥ୍ୟ ଦେଇଛନ୍ତି।

ମନ୍ତ୍ରୀ ଦେଇଥିବା ଉତ୍ତରରେ ଦର୍ଶାଇଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୮୦୦୦ ଲୋକ ଆବେଦନ କରିଥିବା ବେଳେ ୮୩ ଜଣଙ୍କ ଘରେ ପିଏମ୍-ସୂର୍ଯ୍ୟଘର କାର୍ଯ୍ୟକାରୀ ହୋଇଛି। ନବରଙ୍ଗପୁର, ମାଲକାନଗିରି ଜିଲ୍ଲାରେ ଯଥାକ୍ରମେ ୧୫୯୩ ଏବଂ ୨୬୫ ଜଣ ଆବେଦନ କରିଥିବା ବେଳେ ଜଣେ ହେଲେ ବି ସୋଲାର ପ୍ୟାନେଲ ଲଗାଇ ନାହାନ୍ତି। ପିଏମ୍-ସୂର୍ଯ୍ୟଘର ପାଇଁ କେନ୍ଦ୍ର ସରକାର ନୀତି ନିର୍ଦ୍ଧାରଣ କରିଥିବା ବେଳେ ରାଜ୍ୟ ସରକାର ଘରୋଇ ସଂସ୍ଥା ସହାୟତାରେ କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଆବେଦନକାରୀଙ୍କ ତୁଳନାରେ ଗ୍ରାହକଙ୍କ ସଂଖ୍ୟା ବହୁତ କମ୍ ରହିବା ଏହି ଯୋଜନା ସମ୍ପର୍କିତ ନୀତି ନିୟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସୂଚନା ଅନୁସାରେ ଦୁଇ କୋଠରି ବିଶିଷ୍ଟ ଘର ପାଇଁ ସର୍ବନିମ୍ନ ୧ କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲ ଲାଗିବା ଆବଶ୍ୟକ। ଏଥିପାଇଁ ଗ୍ରାହକ ପ୍ରଥମେ ନିଜ ହାତରୁ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କଲେ ତିନି ମାସ ଭିତରେ ୩୦ ହଜାର ଟଙ୍କା ସବ୍‌ସିଡି ବ୍ୟାଙ୍କ ଆକାଉଣ୍ଟକୁ ଆସିବ। ସେହିପରି ୨ କିଲୋ ୱାଟ୍ ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ଥିବା ବେଳେ ୬୦ ହଜାର ଟଙ୍କା ସବ୍‌ସିଡି ଆସୁଛି। ସର୍ବାଧିକ ୩ କିଲୋୱାଟ୍ ପାଇଁ ୭୮ ହଜାର ଟଙ୍କା ସବ୍‌ସିଡି ମିଳୁଛି। ଜଣେ ନିମ୍ନ ଆୟକାରୀ ପରିବାର ୧ କିଲୋ ୱାଟ୍ କ୍ଷମତାର ପିଏମ୍ ସୂର୍ଯ୍ୟଘର ପ୍ୟାନେଲ ଲଗାଇବା ପାଇଁ ନାକେଦମ୍ ହୋଇଯାଉଛି। ବ୍ୟାଙ୍କ ଋଣ ମିଳିବ ବୋଲି କୁହାଯାଉଥିଲେ ବି ବ୍ୟାଙ୍କ ଏଥିପାଇଁ ଋଣ ଦେଉ ନାହାନ୍ତି। ବଡ଼ କଥା ହେଲା ପିଏମ୍-ସୂର୍ଯ୍ୟଘର ହେଉଛି ଅଣ-ଗ୍ରୀଡ୍ ଶକ୍ତି ପ୍ରକଳ୍ପ ଯେଉଁଥିରେ ସୌର ଶକ୍ତିକୁ ବ୍ୟାଟେରୀ ଦ୍ୱାରା ଗଚ୍ଛିତ ରଖାଯାଇ ପାରିବ ନାହିଁ। କେବଳ ଦିନ ବେଳା ସୌର ଶକ୍ତିରେ ଉପକରଣ ଚାଲିବ। ରାତି ବେଳା କିମ୍ବା ଘନବାଦଲ ଯୋଗୁଁ ଯଦି ଦିନବେଳା ସୂର୍ଯ୍ୟକିରଣ ନ ପଡ଼ିଲା, ତେବେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ଗ୍ରାହକ ବାଧ୍ୟ।

- ୭୭ ହଜାର ଆବେଦନ; ପ୍ୟାନେଲ ଲାଗିଲା ୧୧୪୧
- ମାଗଣା ବିଜୁଳି ପାଇବା ପାଇଁ କରିଥିଲେ ଆବେଦନ
- ଦିନରେ ଜଳିବ; ରାତି ଓ ବର୍ଷାରେ ମିଳିବନି ଆଲୋକ
- ସର୍ବନିମ୍ନ ଲକ୍ଷେ ଟଙ୍କା ହାତରୁ ଖର୍ଚ୍ଚ କରିବା ସମ୍ଭବ ହେଉନି
- ମାଲକାନଗିରି, ନବରଙ୍ଗପୁରରେ କେହି ଲଗାଇଲେନି

ଏତେ ସବୁ ନକରାତ୍ମକ ଦିଗ ଥିବାରୁ ଆବେଦନକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରାଇବାକୁ ଅମଙ୍ଗ ହେଉଛନ୍ତି। ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥାର କର୍ମଚାରୀ କହିଛନ୍ତି, ଆମେ ଆବେଦନକାରୀଙ୍କ ଘରକୁ ଯାଇ ବୁଝାଇବା ସତ୍ତ୍ୱେ ସେମାନେ ପ୍ୟାନେଲ ଲଗାଇବାକୁ ରାଜି ହେଉ ନାହାନ୍ତି। ପ୍ରକଳ୍ପର ବ୍ୟୟଭାରକୁ ନେଇ ସେମାନେ ଆପତ୍ତି ଉଠାଉଛନ୍ତି। ବିଭିନ୍ନ କାରଣ ପାଇଁ ସମସ୍ତଙ୍କୁ ବ୍ୟାଙ୍କ ଋଣ ମିଳୁ ନାହିଁ। ଏବେ ସୌର ପ୍ୟାନେଲଗୁଡିକ ମୁଖ୍ୟତଃ ବିଦେଶରୁ ଆସୁଥିବାରୁ ତାହାର ମୂଲ୍ୟ ଅଧିକ ରହୁଛି ବୋଲି ସେ କହିଛନ୍ତି।

# ଋଣ ଅସୁଲିରେ ନ୍ୟାୟିକ ହସ୍ତକ୍ଷେପ ଅନୁଚିତ: ହାଇକୋର୍ଟ

**କଟକ,୧୧।୧୨(ସମିସ):** ଋଣଦାତା ଆଇନସମ୍ମତ ଭାବେ କାର୍ଯ୍ୟ କରିଥିଲେ ଋଣ ଅସୁଲି ବ୍ୟବସ୍ଥାକୁ ଅଦାଲତ ସମର୍ଥନ କରିବା ଉଚିତ। ଏହି କ୍ଷେତ୍ରରେ ଅଯଥା ନ୍ୟାୟିକ ହସ୍ତକ୍ଷେପ ଅବାଞ୍ଛିତ ଉଦାହରଣ ସୃଷ୍ଟି କରିବା ସହ ପ୍ରଭାବୀ ଋଣ ଅସୁଲି ବ୍ୟବସ୍ଥାରେ ବାଧକ ହେବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ରଞ୍ଜନ କୁମାର ପ୍ରହରାଜଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରକାଶ କରିଛନ୍ତି। ଋଣ ଅସୁଲିରେ



ବିଳମ୍ବ ଓ ବାଧା ଯେ କେବଳ ଋଣଦାତା ଅନୁଷ୍ଠାନର ଆର୍ଥିକ ସ୍ଥିତି କ୍ଷୁଣ୍ଣ କରିବ ତାହା ନୁହଁ ବରଂ ଏହା ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରଭାବିତ କରିବ। ଯଦ୍ୱାରା ପ୍ରକୃତ ଋଣ ଗ୍ରହିତାଙ୍କୁ ଋଣ ଉପଲବ୍ଧତାକୁ ହାନି ପହଞ୍ଚାଇବ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଣୁ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆବେଦନକାରୀ ଜଣକ ଏକ ଜାତୀୟ ବ୍ୟାଙ୍କରୁ ଋଣ ନେଇ ଶୁଝି ନଥିଲେ। ପରେ ବ୍ୟାଙ୍କ ପକ୍ଷରୁ ଓଟିଏସ ଜରିଆରେ ୬୦ ଲକ୍ଷ ଟଙ୍କା ଋଣ ପରିଶୋଧ ପାଇଁ ଚୁକ୍ତି ହୋଇଥିଲା। ଆବେଦନକାରୀ ୨୦ ଲକ୍ଷ ଟଙ୍କା ଦେଇ ବାକି ୪୦ ଲକ୍ଷ ନିର୍ଦ୍ଧାରିତ ସମୟରେ ଦେଇ ନଥିଲେ। ଅନ୍ୟପଟରେ ଅବଧି ବୃଦ୍ଧି ପାଇଁ ଦାବି କରି ଆସିଥିଲେ। ତେବେ ଚୁକ୍ତିରେ ଖିଲାପ ପାଇଁ ଚୁକ୍ତିକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାତିଲ କରି ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**୧୦ ଦଫା ଦାବି ନେଇ ଅଡ଼ି ବସିଛନ୍ତି କର୍ମଚାରୀ**

# ସାରା ରାଜ୍ୟରେ ଆମ୍ବୁଲାନ୍ସ ସେବା ପ୍ରଭାବିତ

**ଭୁବନେଶ୍ୱର,୧୧।୧୨(ସମିସ):** ସାରା ରାଜ୍ୟରେ ଆନ୍ଦୋଳନ କରିଛନ୍ତି ଆମ୍ବୁଲାନ୍ସ କର୍ମଚାରୀ। ସେବା ପ୍ରଦାନକାରୀ କମ୍ପାନୀ- କର୍ମଚାରୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଆଜି ଠାରୁ ରାଜ୍ୟବ୍ୟାପୀ ସରକାରୀ ଆମ୍ବୁଲାନ୍ସ ସେବା ବ୍ୟାହତ ହୋଇଛି। ଫଳରେ ସାଧାରଣ ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଥିବା କମ୍ପାନୀ ସରକାରଙ୍କ ନିର୍ଦ୍ଧାରିତ ନିୟମ ଅନୁସାରେ ଦରମା ଦେଉନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଆମ୍ବୁଲାନ୍ସ କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ୧୦ ଦଫା ଦାବି ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିନା କାରଣରେ ଛଟେଇ କରାଯାଇଥିବା ୯୪ ଜଣ କର୍ମଚାରୀଙ୍କୁ ପୁନର୍ନିଯୁକ୍ତି, ଗ୍ରାଚୁଇଟି ସହିତ ୫ ତାରିଖ ମଧ୍ୟରେ ଦରମା ପ୍ରଦାନ, ମୃତ୍ୟୁକାଳୀନ ବୀମା, ଆକର୍ମଣ୍ୟ ହେଲେ ସହାୟତା, ବିଶ୍ରାମ ଗୃହ, ୧୨ ଘଣ୍ଟା କାମ ପାଇଁ ୧୨ ଘଣ୍ଟାର ଦରମା ଭଳି ୧୦ ଦଫା ଦାବି ସେମାନେ କରିଛନ୍ତି । ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହେବ, ସେ ପର୍ଯ୍ୟନ୍ତ ଆନ୍ଦୋଳନ



ଚାଲିବ ବୋଲି କର୍ମଚାରୀ ସଂଘ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ସମସ୍ତ କର୍ମଚାରୀ ଆଜି ଡ୍ୟୁଟିରେ ଥିଲେ ବି ଆମ୍ବୁଲାନ୍ସର ଜିପିଏସ୍ ବନ୍ଦ ରଖିଛୁ। ଅଫଲାଇନ୍‌ରେ ଆମେ ସେବା ଯୋଗାଇ ଦେଉଛୁ ବୋଲି କର୍ମଚାରୀ ସଂଘ କହିଛି। ତେବେ କର୍ମଚାରୀ ସଂଘ ଯାହା କହିଲେ ମଧ୍ୟ ଆଜି ସରକାରୀ ଆମ୍ବୁଲାନ୍ସ ସେବା ପୂରା ଅଚଳ ହୋଇଯାଇଛି। ରୋଗୀ ସମ୍ପର୍କିୟ ଆମ୍ବୁଲାନ୍ସ ନିୟନ୍ତ୍ରଣ କକ୍ଷକୁ ଫୋନ୍ କରି ଆମ୍ବୁଲାନ୍ସ ପାଇଁ ଅନୁରୋଧ କରୁଥିଲେ ହେଁ ନିୟନ୍ତ୍ରଣ କକ୍ଷ କର୍ମଚାରୀ ସେହି ଅଞ୍ଚଳକୁ କୌଣସି ଆମ୍ବୁଲାନ୍ସ ପଠାଇବାକୁ ସକ୍ଷମ ହୋଇ ନ ଥିଲେ। କର୍ମଚାରୀମାନେ ଆମ୍ବୁଲାନ୍ସର ଜିପିଏସ୍ ବନ୍ଦ ରଖିଥିବା ହେତୁ ନିୟନ୍ତ୍ରଣ କକ୍ଷ ସେମାନଙ୍କ ଅବସ୍ଥିତି ଜାଣିପାରୁ ନଥିଲେ।

ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱ ନେଇଥିବା ଜିଭିକେ ଇଏମ୍‌ଆରଆଇ ହେଲଥ୍ ସର୍ଭିସେସ୍‌ର ଓଡିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ଗତକାଲି ଆମର ବୈଷୟିକ ସମସ୍ୟା ପାଇଁ କର୍ମଚାରୀଙ୍କ ଦରମା ଦିଆଯାଇ ପାରି ନ ଥିଲା। ଆଜି ସମସ୍ୟା ସମାଧାନ ପରେ ଦରମା ପ୍ରଦାନ କରାଯାଇଛି; ତେଣୁ ସମସ୍ତେ କାର୍ଯ୍ୟରେ ଯୋଗ ଦେବା ଉଚିତ। ଗ୍ରାଚୁଇଟି ପ୍ରାପ୍ୟ ମଧ୍ୟ ଚଳିତ ମାସ ମିଳିଯିବ। ବିନା କାରଣରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଉଚିତ ନୁହେଁ। ଯେଉଁମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

# ଏସ୍‌ଆଇ ଓ ଫାୟାରମ୍ୟାନ ନିଯୁକ୍ତିରେ ୫୦ କୋଟି କାରବାର: ବିଜେଡି

**ଭୁବନେଶ୍ୱର,୧୧।୧୨(ସମିସ):** ଗୋଟିଏ ପଟେ ରାଜ୍ୟ ବିଜେପି ସରକାରଙ୍କ ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଥିବା ବେଳେ ଅନ୍ୟପଟେ ପୁଲିସ ଏସ୍‌ଆଇ ଓ ଫାୟାରମ୍ୟାନ ନିଯୁକ୍ତିରେ ଅନିୟମିତତାକୁ ନେଇ ରାଜ୍ୟସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାର ଶୀତକାଳୀନ ଅଧିବେସନରେ ଏହି ପ୍ରସଙ୍ଗକୁ ନେଇ ବିଜେଡି ଏକାଧିକବାର ସରକାରଙ୍କୁ ଘେରିଛି। ୯୪୧ ଜଣ ଫାୟାରମ୍ୟାନଙ୍କ ନିଯୁକ୍ତିରେ ଗୁଜୁରାଟ କମ୍ପାନୀ ମାଧ୍ୟମରେ ପଚାଶ କୋଟି ଟଙ୍କାର କାରବାର ହୋଇଥିବା ଅଭିଯୋଗ ଆଣିଛି। ବିଜେଡି ବିଧାୟକ ଧ୍ରୁବ ସାହୁ ବିଧାନସଭାରେ ଏହି ଦୁର୍ନୀତି ପଛରେ ସରକାରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଧାନସଭା ବାହାରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ସରକାରଙ୍କୁ ଘେରିଛନ୍ତି। ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିଥିବା ଗୃହ ବିଭାଗ ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଥିବାରୁ ସେ ଏହା ଉପରେ ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

ସେ କହିଛନ୍ତି ଯେ ଓଡିଶା ଫାୟାର ଏଣ୍ଡ ଏମରଜେନ୍ସି ସର୍ଭିସ୍‌ରେ ୯୪୧ ଜଣଙ୍କୁ ଫାୟାରମ୍ୟାନ୍ ଓ ୪୯୫ ଜଣଙ୍କୁ ପୁଲିସ ଏସଆଇ ଭାବେ ରାଜ୍ୟ ସରକାର ନିକଟରେ ନିଯୁକ୍ତି ଦେଇଛନ୍ତି। ଏହି ଦୁଇ ପଦବୀରେ ପ୍ରତିଯୋଗିତା ମୂଳକ ଭାବେ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ଦେବା ପାଇଁ ପୁଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଏକ ଟେଣ୍ଡରର ଆହ୍ୱାନ କରିଥିଲେ। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ରାଷ୍ଟ୍ରାୟତ୍ତ କମ୍ପାନୀ ଆଇଟିଆଇ ଲିମିଟେଡ୍‌କୁ ଏହି କାମ ମିଳିଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଏହି କାମ ଗୁଜରାଟର ରିଚ ମାଇଣ୍ଡସ ଲିମିଟେଡ଼ କରୁଥିବା ଦେଖାଗଲା। ପରୀକ୍ଷା ପରିଚାଳନା କ୍ଷେତ୍ରରେ ଏପରି ଅନିୟମିତତା ଆରମ୍ଭରୁ ଅନିୟମିତତା ପ୍ରତି ସିଧା ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହା ସହ ନିଯୁକ୍ତି ପ୍ରକ୍ରିୟାରେ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଇତ୍ୟାଦିରେ ବ୍ୟାପକ ଅନିୟମିତତା ହୋଇଛି ଓ ଏହି କମ୍ପାନୀ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି ହୋଇ କୋଟି କୋଟି ଟଙ୍କା ଆଦାୟ କରାଯାଇଥିବାର ଅଭିଯୋଗ ଆସିଛି। ଏହି ପଦବୀ ପାଇଁ ଆଶାୟୀ



- ଅନୈତିକ ନିଯୁକ୍ତି ପାଇଁ ଗୁଜରାଟ ସଂସ୍ଥା ରିଚ୍ ମାଇଣ୍ଡକୁ ଦିଆଯାଇଛି କାମ
- କଳା ତାଲିକାଭୁକ୍ତ କମ୍ପାନୀ ଓଡ଼ିଶାରେ କାମ ହାତେଇବାକୁ ନେଇ ପ୍ରଶ୍ନ

ରାଜ୍ୟର ହଜାର ହଜାର ଯୁବକ ଯୁବତୀ, ଏହି ଦୁର୍ନୀତିର ଶିକାର ହୋଇଛନ୍ତି ବୋଲି ଲେନିନ୍ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନା ଦାୟିତ୍ୱରୁ ଆଇଟିଆଇ ଲିମିଟେଡ଼ କେଉଁ ପରିସ୍ଥିତିରେ ଓହରି ଯାଇଥିଲା ଓ ସେହିସ୍ଥାନରେ ଗୁଜୁରାଟ କମ୍ପାନୀ କାମ ହାତେଇବା ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଓଡ଼ିଆ ଅସ୍ମିତା ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର କିପରି ଓଡ଼ିଆ ଅସ୍ମିତାକୁ ଗୁଜୁରାଟ ସଂସ୍ଥା ହାତରେ ଟେକିଦେଲେ ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଦୁର୍ନୀତି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ସହ ଏବଂ ରିଚ ମାଇଣ୍ଡ କମ୍ପାନୀକୁ କଳା ତାଲିକା ଭୁକ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

**ନବୀନ ନିବାସରେ ସଭାପତିଙ୍କୁ ଭେଟିଲେ ବିଜେଡି ବିଧାୟକ**

# ସାଂଗଠନିକ କାର୍ଯ୍ୟ ଚାଲୁ ରଖିବାକୁ ନବୀନଙ୍କ ପରାମର୍ଶ

**ଭୁବନେଶ୍ୱର,୧୧।୧୨(ସମିସ):** ବିଧାନସଭା ଅନିର୍ଦ୍ଦିଷ୍ଟକାଳ ଲାଗି ମୁଲତବୀ ଘୋଷଣା ପରେ ନବୀନ ନିବାସରେ ଦଳର ସଭାପତିଙ୍କୁ ଭେଟିଛନ୍ତି ବିଜେଡିର ସମସ୍ତ ବିଧାୟକ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ବିଜେଡି ବିଧାୟକମାନେ ବିଭିନ୍ନ ପ୍ରସଙ୍ଗରେ ପ୍ରାୟ ୪୦ ମିନିଟ ଧରି ଆଲୋଚନା କରିଛନ୍ତି। ଏହି ଅବସରରେ ନବୀନ ଦଳର ବିଧାୟକମାନଙ୍କୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସଦସ୍ୟ ସଂଗ୍ରହ ଅଭିଯାନକୁ ଆଗକୁ ବଢାଇବାକୁ ପରାମର୍ଶ ଦେଇଛନ୍ତି।



**ପ୍ରତିଷ୍ଠା ଦିବସ ଓ ସଦସ୍ୟ ସଂଗ୍ରହ ସଂକ୍ରାନ୍ତରେ ଆଲୋଚନା**

ସେହିପରି ତୃଣମୂଳ ସ୍ତରରେ ସଂଗଠନର କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା କରାଯାଇଛି। ଏହି ଅବସରରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର , ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଶ୍ରୀ ମିଶ୍ର କହିଛନ୍ତି ଯେ ଦଳର ଆସନ୍ତା ପ୍ରତିଷ୍ଠା ଦିବସ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଧାର୍ଯ୍ୟ ସହିତ ପ୍ରତିଷ୍ଠା ଦିବସ ପାଳନ ଉପରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ବିଧାନସଭାକୁ ଅଧାରୁ ବନ୍ଦ କରିଦେବା ପ୍ରସଙ୍ଗରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଛନ୍ତି ଯେ ବିଧାନସଭାରେ ଆଲୋଚନା ପାଇଁ ବହୁତ ପ୍ରସଙ୍ଗ ଥିଲା। ମାତ୍ର ସରକାର ଅକଳରେ ପଡ଼ିବା ଆଶଙ୍କାରେ ଅଧିବେଶନକୁ ଅଧାରୁ ବନ୍ଦ କରିଦେଲେ ବୋଲି ସେ କହିଛନ୍ତି ।

**■ ଘଟଗାଁ ତାରିଣୀ ମନ୍ଦିର ୨ ନଂ ଗେଟ୍ ନିକଟରେ ଅଗ୍ନିକାଣ୍ଡ**

# ୧୪ଟି ଦୋକାନ ପୋଡ଼ି; ଲକ୍ଷାଧିକ ଟଙ୍କାର ଭୋଗ ସାମଗ୍ରୀ ନଷ୍ଟ

**କେନ୍ଦୁଝର, ୧୧।୧୨(ସମିସ):** କେନ୍ଦୁଝର ଜିଲ୍ଲା ଘଟଗାଁ ମା' ତାରିଣୀ ମନ୍ଦିର ୨ନଂ ଗେଟ୍ ନିକଟରେ ଗତ ବିଳମ୍ବିତ ରାତ୍ରିରେ ୧୪ଟି ଭୋଗ ସାମଗ୍ରୀ ଦୋକାନରେ ହଠାତ୍ ନିଆଁ ଲାଗି ୨୦ରୁ ୩୦ଲକ୍ଷରୁ ଅଧିକ ଟଙ୍କାର ଭୋଗ ସାମଗ୍ରୀ ଓ ଷ୍ଟେସନାରୀ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ମନ୍ଦିର ପରିସର ପାଚେରିକୁ ଲାଗିକରି ଶତାଧିକ ଭୋଗ ସାମଗ୍ରୀ ଓ ଷ୍ଟେସନାରୀ ଦୋକାନ କରି ଶତଧିକ ଲୋକ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ପାଚେରି



ବାହାରେ ଗେଟ ନମ୍ବର ୨ ପାଖରେ ଥିବା ଦୋକାନଗୁଡିକ ମା'ଙ୍କ ଆରତି ସରିବା ପରେ ସବୁ ବ୍ୟବସାୟୀ ଦୋକାନ ବନ୍ଦ କରି ଘରକୁ ଯାଇଥାନ୍ତି। ଗତ ବଳମ୍ବିତ ରାତ୍ରୀ ବେଳେ ମା'ଙ୍କ ୨ନଂ ଗେଟ୍‌କୁ ଲାଗିକରି ଥିବା କେତେକ ଦୋକାନରେ ହଠାତ୍ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ୧୪ଟି ଦୋକାନ ପୋଡ଼ିଜଳି ଭସ୍ମୀଭୂତ ହୋଇଯାଇଥିଲା।

# 'ଭୂତ'ଙ୍କ ପାଇଁ ଅଟକିଛି ରାସନ କାର୍ଡ

**ଭୁବନେଶ୍ୱର,୧୧।୧୨(ସମିସ):** ରାଜ୍ୟରେ ଭୂତ ହିତାଧିକାରୀଙ୍କ ଯାଞ୍ଚ ଶେଷ ହେଉନାହିଁ, କିମ୍ବା ନୂଆ ଯୋଗ୍ୟ ହିତାଧିକାରୀ ନୂତନ ରାସନ କାର୍ଡ ପାଇପାରୁ ନାହାନ୍ତି। ଅପେକ୍ଷା କେତେବେଳେ ସମସ୍ତ ଭୂତ ହିତାଧିକାରୀ ଠାବ ହେବେ। ଆଉ ନୂଆ ହିତାଧିକାରୀଙ୍କ ଭାଗ୍ୟ ଫିଟିବ। ଭୂତ ହିତାଧିକାରୀଙ୍କ ପାଇଁ ପ୍ରକୃତ ହିତାଧିକାରୀ ଯୋଗାଣ ବିଭାଗରୁ ଖାଦ୍ୟ ନ ପାଇବାକୁ ନେଇ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଅନ୍ୟପକ୍ଷରେ କେବେ ଏହି ଯାଞ୍ଚ ଶେଷ ହେବ ତାହା ମଧ୍ୟ ସ୍ପଷ୍ଟ ହୋଇ ପାରୁ ନାହିଁ।

ସୋମବାର ଗୃହରେ ବିଧାୟକ ଗଣେଶ୍ୱର ବେହେରା ଏ ସମ୍ପର୍କିତ ପ୍ରଶ୍ନ କରିଥିଲେ। ରାଜ୍ୟରେ ଚାଲୁ ରହିଥିବା ଇ-କେୱାଇସି ଯାଞ୍ଚ ଜରିଆରେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଭୂତ କାର୍ଡ ଧରାପଡିଛି, ତା'ର ଏକ ଜିଲ୍ଲାୱାରୀ ତାଲିକା ଦେବେ କି? ଏହି ଯାଞ୍ଚ ପ୍ରକ୍ରିୟା କେବେସୁଦ୍ଧା ଶେଷ ହେବ ଓ ଦୀର୍ଘ ଦିନ ଧରି ଆବେଦନ କରି ଅପେକ୍ଷା କରିଥିବା ବ୍ୟକ୍ତିମାନଙ୍କୁ କେବେ ନୂଆ ରାସନ କାର୍ଡ ଯୋଗାଇ ଦିଆଯିବ ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଥିଲେ।

ଏହାର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆଧାର ଇ-କେୱାଇସି ବାୟୋମେଟ୍ରିକ ଯାଞ୍ଚ ପ୍ରକ୍ରିୟାଟି, ଆଧାର ସଞ୍ଜୋଗୀତ ଯୋଗ୍ୟ ହିତାଧିକାରୀଙ୍କ ସଦ୍ୟ ଉପସ୍ଥିତି ପ୍ରମାଣିତ କରିଥାଏ ଏବଂ ରାସନ କାର୍ଡ ତଥ୍ୟାବଳୀକୁ ସ୍ୱଚ୍ଛ ରଖିବାରେ ସହାୟକ ହୋଇଥାଏ। ଅଦ୍ୟାବଧି ରାସନ କାର୍ଡର ତଥ୍ୟାବଳୀରେ ଥିବା ସମୁଦାୟ ୩,୩୯,୫୧,୯୨୦ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ, ୨,୭୫,୮୩,୬୧୨ ଜଣଙ୍କ ଇ-କେୱାଇସି ସରିଛି। ବାକି ରହିଥିବା ୬୩,୬୮,୩୦୮ ଜଣଙ୍କ ଇ-କେୱାଇସି ସରିଲା ପରେ ଯାଇ, ପ୍ରକୃତ ତଥ୍ୟ ଜଣାପଡିବ। ଏହି ଯାଞ୍ଚ ପ୍ରକ୍ରିୟାଟିକୁ ଯଥାଶୀଘ୍ର ଶେଷ କରିବା ପାଇଁ ପଦକ୍ଷେପ ନିଆଯାଉଅଛି। ଚିହ୍ନିତ

**ଇ-କେୱାଇସି ଦ୍ୱାରା ନକଲି କାର୍ଡ ଜବତ**

ହେଉଥିବା ମୃତବ୍ୟକ୍ତିଙ୍କୁ ତଥ୍ୟାବଳୀରୁ ବାଦ୍ ଦିଆଯାଇ, ଯୋଗ୍ୟ ଆବେଦନକାରୀମାନଙ୍କୁ ନୂଆ ରାସନ କାର୍ଡ ଯୋଗାଇ ଦିଆଯିବ ଶ୍ରୀ ପାତ୍ର ଗୃହରେ ଉତ୍ତର ରଖିଛନ୍ତି।

ତେବେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧,୭.୦୬୮ ଜଣ ମୃତବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ତଥ୍ୟାବଳୀରୁ ବାଦ୍ ଦିଆଯାଇଛି। ଏହି ଖାଲି ଥିବା ସ୍ଥାନରେ ସର୍ବୋଚ୍ଚ ନ୍ୟାୟାଳୟ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ ହେଉଥିବା ୧୭୭୦୬୮ ଯୋଗ୍ୟ ପ୍ରବାସୀଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି।

# ଖୋଲୁନି ମଣ୍ଡି; ରାସ୍ତାକୁ ଓହ୍ଲାଇଲେ ଚାଷୀ



**ଜୟପାଟଣା,୧୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ମଙ୍ଗଳପୁର ଅଞ୍ଚଳର ଚାଷୀ ମଣ୍ଡି ସମସ୍ୟା ସହ କପୁରମାଲ୍‌ରେ ନୂତନ ମଣ୍ଡି ଖୋଲିବା ଦାବିରେ ଗୁରୁବାର ଚାଷୀ ଉତ୍ତ୍ୟକ୍ତ ହୋଇ ଉଠିଛନ୍ତି। ଚାଷୀମାନେ ଏକାଠି ହୋଇ ମୁଖୀଗୁଡା-ଜୟପାଟଣା ରାସ୍ତା ଅବରୋଧ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ଅଞ୍ଚଳରେ ୭୦୦ ଶହରୁ ଅଧିକ ଚାଷୀ ରହିଥିବା ବେଳେ ଗୋଟିଏ ମଣ୍ଡି ରହିଛି। ମାସ ମାସ ଧରି କିନ୍ତୁ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହୁଛି। ମଣ୍ଡିରେ ଆବଶ୍ୟକ ଅନୁଯାୟୀ ସ୍ଥାନ ଅଭାବରୁ ଚାଷୀ ଅନେକ ସମସ୍ୟାର ସାମ୍ନା କରୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ନୂତନ ମଣ୍ଡି ଖୋଲିବାକୁ ସେମାନେ ବାରମ୍ବାର ପ୍ରଶାସନକୁ ଅନୁରୋଧ କରିଥିଲେ। ଅଦ୍ୟାବଧି କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ତେବେ ଏହି ରାସ୍ତା ଅବରୋଧ ଫଳରେ ମୁଖୀଗୁଡା-ଜୟପାଟଣା ତଥା ଧୂଳୁଘାଟି ନବରଙ୍ଗପୁରକୁ ୫ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ଘଟଣା ସ୍ଥଳରେ ଜୟପାଟଣା ପୁଲିସ, ସ୍ଥାନୀୟ ପ୍ରଶାସନ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।

## ଅବ୍ୟବସ୍ଥା ଦେଖି ତାତିଲେ ବିଧାୟକ

**କେସିଙ୍ଗା,୧୧।୧୨(ସମିସ):** ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଗୁରୁବାର କେସିଙ୍ଗା ବ୍ଲକ୍ ପାଷ୍ଟିକୁଡି ଧାନମଣ୍ଡି ପରିଦର୍ଶନ କରି ବିରକ୍ତି ପ୍ରକାଶ କରିଛନ୍ତି। ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରୁ ହିଁ ଅବ୍ୟବସ୍ଥା ଦେଖି ପ୍ୟାକ୍ସ ଏବଂ ଆରଏମ୍‌ସି କର୍ମଚାରୀଙ୍କ ଉପରେ

**ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ**

ସେ ବର୍ଷିଥିଲେ। ୨ ତାରିଖରୁ ଧାନ ଉଠିବାକୁ ଧାର୍ଯ୍ୟ ହୋଇଛି; ହେଲେ ଆଜି ପର୍ଯ୍ୟନ୍ତ ଧାନ କିଣିବା ପାଇଁ ଯାହାସବୁ ଦରକାର ସେସବୁର କାହିଁକି ବ୍ୟବସ୍ଥା ହୋଇନାହିଁ ବୋଲି ପ୍ୟାକ୍ସ ଏବଂ ଆରଏମସି କର୍ମଚାରୀଙ୍କୁ ସେ ପ୍ରଶ୍ନ କରିଥିଲେ। ସେହିପରି ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ଯେଉଁ ଭାଷଣ ମାରିଥିଲେ ତାହା ପାଷ୍ଟିକୁଡି ଧାନମଣ୍ଡିରେ ଦେଖିବାକୁ ମିଳୁନାହିଁ ବୋଲି କହି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତି ବର୍ଷ ଉଚିତ ସମୟରେ ମଣ୍ଡିରୁ ଧାନ ନ ଉଠିବା ଏବଂ ଚାଷୀ ପ୍ରତି ପ୍ରତ୍ୟେକ



ବର୍ଷ ବୈମାତୃକ ମନୋଭାବ ପୋଷଣ କରାଯାଉଛି ବୋଲି କହି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସେ କଡ଼ା ସମାଲୋଚନା କରିଥିଲେ। ଚାଷୀଙ୍କୁ କିପରି ଉଚିତ୍ ମୂଲ୍ୟ ମିଳିବ ସେଥିପାଇଁ ସମସ୍ତ ସଜାଗ ହେବା ଦରକାର ବୋଲି ସେ କହିଥିଲେ। ଏହି ସମୟରେ ଧନୁ ଗହୀର, ଶେଷଦେବ ମାଝୀ, ଶେଷ ଗହୀର, ପାଷ୍ଟିକୁଡି ଆରଆଇ ଶ୍ରୀମତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୱାଲଟିୟର ତାତିରେ ବିଧାନସଭା ଗରମ

ଭୁବନେଶ୍ୱର,୧୧।୧୨(ସମିସ): ପୂର୍ବତଟ ରେଳପଥ ଅଧିନରେ ଥିବା ୱାଲଟିୟର ଡିଭିଜନକୁ ବିଜୟୱାଡାକୁ ନେବାକୁ ଚକ୍ରାନ୍ତ କରାଯାଉଛି। ଏହି ଡିଭିଜନରୁ ପୂର୍ବତଟ ରେଳପଥର ୬୨ ପ୍ରତିଶତ ରାଜସ୍ୱ ଆସୁଛି ଓ ଏହାକୁ ଅଲଗା କରାଗଲେ ୧୦ ହଜାର କୋଟିର କ୍ଷତି ସହିବାକୁ ପଡ଼ିବ। ଓଡ଼ିଶାରୁ ନିର୍ବାଚିତ ସାଂସଦ କେନ୍ଦ୍ରରେ ରେଳମନ୍ତ୍ରୀ, ମାତ୍ର ତାଙ୍କର ଓଡ଼ିଶା ପ୍ରତି ଦରଦ ନାହିଁ ବୋଲି ଆଜି ଶୂନ୍ୟକାଳରେ ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। କେବଳ ରଣେନ୍ଦ୍ର ନୁହନ୍ତି; ୱାଲଟିୟର ଡିଭିଜନକୁ ନେଇ ଗୃହରେ ପ୍ରବଳ କଥା କଟାକଟି ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓଡ଼ିଶାରୁ ଇଞ୍ଚେ ବି ରେଳ ଲାଇନ ଅନ୍ୟ ରାଜ୍ୟକୁ ଯିବନାହିଁ ବୋଲି କହିଛନ୍ତି।

ବୁଧବାର ଶୂନ୍ୟକାଳରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ପୂର୍ବ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡ଼ା, ତତ୍କାଳୀନ ରେଳମନ୍ତ୍ରୀ ରାମବିଳାସ ପାଶ୍ୱାନ, ତତ୍କାଳୀନ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ପ୍ରଚେଷ୍ଟାରେ ଏହି ଜୋନ ପ୍ରତିଷ୍ଠା ହୋଇଥଲା। ଏବେ ଏହାକୁ ଏହାକୁ ଭାଗ କରାଯାଉଛି। ପୂର୍ବତଟ ରେଳବାଇ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କା କ୍ଷତି ସହିବ। କେନ୍ଦ୍ର ରେଳମନ୍ତ୍ରୀ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବାବେଳେ ଏଭଳି ଓଡ଼ିଶା ବିରୋଧୀ ନିଷ୍ପତ୍ତି ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରିକି ଏଭଳି କାର୍ଯ୍ୟ ବେଇମାନି ବୋଲି ସେ ଅଭିହିତ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ସ୍ୱାର୍ଥକୁ ଦେଖୁନାହାନ୍ତି। ଓଡ଼ିଶାର ଖଣି, ପାଣିକୁ ଦୃଷ୍ଟିରେ ରଖି ନରେନ୍ଦ୍ର ମୋଦୀ ଓଡ଼ିଶାକୁ ଲୁଣ୍ଠନ କରିବାକୁ ଇଚ୍ଛା ରଖୁଛନ୍ତି। କଂଗ୍ରେସ ଏ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଯିବ ବୋଲି ଶ୍ରୀ କାଡ଼ାମ କହିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ଏହାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ୟୁପିଏ ସରକାରରେ ଯେତେବେଳେ ଆନ୍ଧ୍ର ପୁନର୍ଗଠନ ବିଲ୍ ଆସିଥିଲା, ସେତେବେଳେ ୱାଲଟିୟର ଡିଭିଜନ କଥା ଉଲ୍ଲେଖ ନଥିଲା ବୋଲି ଶ୍ରୀ ବେହେରା କହିଛନ୍ତି।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଓଡ଼ିଶାରୁ ଇଞ୍ଚେ ବି ରେଳ ଲାଇନ ଅନ୍ୟ ରାଜ୍ୟକୁ ଯିବନି। ରାୟଗଡାରେ ସ୍ୱତନ୍ତ୍ର ଡିଭିଜନ ପ୍ରତିଷ୍ଠା ପାଇଁ ୧୦୭ କୋଟି ଟଙ୍କା ଟେଣ୍ଡର ହୋଇଛି। ମାତ୍ର ଉପା ସରକାର ସମୟରେ ଦକ୍ଷିଣ ରେଳ ଡିଭିଜନ ପ୍ରତିଷ୍ଠା ହେଲା ବେଳେ କଣ ପାଇଁ ବିଜେଡି ସାଂସଦ ଚୁପ୍ ରହିଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ଆଲୋଚନାରେ ଭାଗ ନେଇ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ରେଳପଥର ବ୍ୟାପକ ବିକାଶ କରାଯାଉଛି। ଗୁଣପୁର-ଥେରୁବାଲି, ଜୁନାଗଡ-ନବରଙ୍ଗପୁର, ବାଦାମପାହାଡ-କେନ୍ଦୁଝରଗଡ,ବାଙ୍ଗିରିପୋଷି-ଗୋରୁମହିଷାଣୀ ଆଦି ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି କହିଥିଲେ। ଆଲୋଚନାରେ ବିଧାୟକ ଟଙ୍କଧର ତ୍ରିପାଠୀ, ଅମରେନ୍ଦ୍ର ଦାସ,ସୋଫିଆ ଫିର୍ଦ୍ଦୋଶ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ।

**■ ଓଡ଼ିଶା ବିରୋଧୀ ନିଷ୍ପତ୍ତି ଦୁର୍ଭାଗ୍ୟଜନକ: ବିଜେଡି**
**■ ଓଡ଼ିଶାର ଖଣି- ପାଣି ଉପରେ ବିଜେପିର ଆଖି: କଂଗ୍ରେସ**
**■ ଅନ୍ୟ ରାଜ୍ୟକୁ ଯିବନି ଇଞ୍ଚେ ରେଳ ଲାଇନ : ଉପମୁଖ୍ୟମନ୍ତ୍ରୀ**



**■ କେନ୍ଦ୍ର ସରକାରଙ୍କ ନିକଟରେ ରଣେନ୍ଦ୍ରଙ୍କ ଦାବି**

## ରାୟଗଡ଼ା ଡିଭିଜନରେ ରହୁ ୱାଲଟିୟର

ଭୁବନେଶ୍ୱର,୧୧।୧୨(ସମିସ): ୱାଲଟିୟର ଡିଭିଜନ ସ୍ଥାନାନ୍ତରଣ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ସରକାର ଏବଂ ରେଳ ମନ୍ତ୍ରାଳୟର ଗୋଚରାର୍ଥେ ଏକ ବେସରକାରୀ ସଂକଳ୍ପ ପ୍ରେରଣ କରିଛନ୍ତି। ଶ୍ରୀ ସ୍ୱାଇଁ ଏହି ସଙ୍କଳ୍ପଟିକୁ ବିଧାନସଭା ସଚିବଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଓଡ଼ିଶାର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ଜୋନ୍‌ର ୱାଲଟିଅର ଡିଭିଜନକୁ ଆନ୍ଧ୍ରପ୍ରଦେଶ ଅଂଶ ଦକ୍ଷିଣତଟ ରେଳ ଜୋନ୍‌ର ବିଜୟୱାଡା ଡିଭିଜନ ପରିବର୍ତ୍ତେ ନବ ଗଠିତ ରାୟଗଡ଼ା ଡିଭିଜନରେ ସଂଲଗ୍ନ କରାଯାଉ ବୋଲି ସେ ଏଥିରେ ଦାବି କରିଛନ୍ତି। ଏହା ସହ ଦକ୍ଷିଣ-ପୂର୍ବ ରେଳଥ ଅନ୍ତର୍ଗତ(ଝାରସୁଗୁଡ଼ା - ସୁନ୍ଦରଗଡ଼ - ମୟୂରଭଞ୍ଜ - ବାଲେଶ୍ୱର) କୁ ନେଇ ଓଡ଼ିଶାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା କରାଯାଇ ଏହାକୁ ପୂର୍ବତଟ ରେଳ ଜୋନ୍‌ରେ ରଖାଯାଉ। ଏନେଇ ସେ ଭାରତ ସରକାର ଓ କେନ୍ଦ୍ରୀୟ ରେଳ ବିଭାଗକୁ ସୁପାରିଶ କରୁଥିବା ନେଇ ଉଲ୍ଲେଖ କରିଛନ୍ତି।

**■ କନକବର୍ଦ୍ଧନଙ୍କୁ ଶ୍ରୀକାନ୍ତଙ୍କ ପାଲଟା ଜବାବ**

## ରାଜ୍ୟ ଭିତ୍ତିରେ ରେଳ ଡିଭିଜନ ଗଠନ ହୁଏନି

ଭୁବନେଶ୍ୱର,୧୧।୧୨(ସମିସ): ୱାଲଟିୟର ରେଳ ଡିଭିଜନକୁ ନେଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ଶ୍ରୀ କହିଛନ୍ତି ଯେ କେଭି ସିଂହଦେଓଙ୍କ ପାଖରେ ବୋଧହୁଏ ତଥ୍ୟ ନାହିଁ। ରାଜ୍ୟ ଭିତ୍ତିରେ ରେଳ ଡିଭିଜନ ଗଠନ ହୁଏ ନାହିଁ। ଆମର ଲଢ଼େଇ କୌଣସି ବିଦେଶୀ ଶକ୍ତି ସହ ହେଉନାହିଁ। ଦକ୍ଷିଣତଟ ରେଳ ଜୋନ ଗଠନ ହେବା ପରେ ୱାଲଟିୟର ଡିଭିଜନରେ ମିଶାଗଲା ଏବଂ ରାୟଗଡାକୁ ନେଇ ଏକ ଅଲଗା ଡିଭିଜନ ଗଠନ କରାଗଲା। ଏହାଦ୍ୱାରା ପୂର୍ବତଟ ରେଳବାଇର ଏକ ବଡ ଅଂଶ ଦକ୍ଷିଣତଟ ରେଳବାଇ ଅଧିନକୁ ଚାଲିଯାଇଛି।୨୦୧୩ରେ ୟୁପିଏ ସରକାରରେ ଆନ୍ଧ୍ର ପୁନର୍ଗଠନ ବିଲ ଆସିଥିଲା । ସେ ସମୟରେ ନୂଆ ଜୋନ ଗଠନ ନେଇ ତର୍ଜମା କରିବାକୁ କୁହାଯାଇଥିଲା। ୱାଲଟିୟର ଡିଭିଜନ ଭାଙ୍ଗିବାକୁ କୁହାଯାଇ ନ ଥିଲା। ଆନ୍ଧ୍ରର ୬ଟି ଡିଭିଜନ ମଧ୍ୟରୁ ୩ଟି ଡିଭିଜନ ତେଲେଙ୍ଗାନାରେ ରହିଲା ଆଉ ୩ଟି ଡିଭିଜନକୁ ନେଇ ଦକ୍ଷିଣତଟ ଜୋନ ଗଠନ ହେଲା; କିନ୍ତୁ ଏଥିପାଇଁ ୱାଲଟିୟର ଡିଭିଜନକୁ ଭାଙ୍ଗିବାର ଉଦ୍ଦେଶ୍ୟ କଣ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଆସ୍କା-୪୦ ମୂଲ୍ୟ ବଢ଼ାଇବାକୁ ଦାବିକଲେ ବିଧାୟକ

ଭୁବନେଶ୍ୱର,୧୧।୧୨(ସମିସ): ଆସ୍କା ବିଧାୟକ ସରୋଜ ପାଢ଼ୀଙ୍କୁ ଘାରିଛି ଆସ୍କା-୪୦ ଚିନ୍ତା। ଏହି ମଦ ଦାମ ବୃଦ୍ଧି କରାଯାଉ ବୋଲି ସେ ବିଧାନସଭାରେ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଆସ୍କା ସମବାୟ ଚିନି କଳରେ ଥିବା ସୁରା ଶିଳ୍ପ ତଥା ବଟଲିଂ ପ୍ଲାଣ୍ଟରୁ ଆସ୍କା-୪୦ ମଦ ପ୍ରସ୍ତୁତ କରାଯାଇ ରାଜ୍ୟ ପାନୀୟ ନିଗମକୁ ପ୍ରେରଣ କରାଯାଉଛି। ଏହି ମଦର ମୂଲ୍ୟ ଶେଷ ଥର ପାଇଁ ୨୦୧୯ରେ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ସବୁ ସାମଗ୍ରୀର ଦରଦାମ ବଢ଼ିଥିବା ବେଳେ ୫ ବର୍ଷ ହେଲା ଆସ୍କା-୪୦ ମଦ ଦର ବଢ଼ି ନାହିଁ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ମୂଲ୍ୟ ବୃଦ୍ଧି କରିବେ କି ବୋଲି ବିଧାୟକ ଶ୍ରୀ ପାଢ଼ୀ ସରକାରଙ୍କଠାରୁ ଜାଣିବାକୁ ଚାହିଁଛନ୍ତି। ଏହାର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ଆସ୍କା ସମବାୟ ଚିନିକଳ ଲିମିଟେଡ୍ ମୁଖ୍ୟତଃ ଚିନି ଉତ୍ପାଦନ କରୁଥିଲେ ମଧ୍ୟ ଚିନିର ଉତ୍ପାଦନ ମୂଲ୍ୟ ବିକ୍ରି ମୂଲ୍ୟ ଠାରୁ ଅଧିକ ଥିବା ହେତୁ ହେଉଥିବା କ୍ଷତିର ଭରଣା କରିବା ପାଇଁ ବିକଳ୍ପ ଭାବେ ଏଠାରେ ଦେଶୀ ମଦ ପ୍ରସ୍ତୁତ କରି ଓଡିଶା ପାନୀୟ ନିଗମ ଲିମିଟେଡ୍‌କୁ ଯୋଗାଇ ଦିଆଯାଉଛି। ପାନୀୟ ନିଗମ ଏହାର ମୂଲ୍ୟ ନିର୍ଦ୍ଧାରଣ କରିଥାଏ। ବର୍ତ୍ତମାନ ଏହି ମଦ ମୂଲ୍ୟ ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ସାମ୍ବାଦିକଙ୍କୁ ପେନ୍‌ସନ୍ ସହ ପ୍ରେସ୍ ଏକାଡେମୀ ଗଠନ ଦାବି

ଭୁବନେଶ୍ୱର,୧୧।୧୨(ସମିସ): ଦେଶର ୧୭ଟି ରାଜ୍ୟରେ ସାମ୍ବାଦିକଙ୍କୁ ମିଳୁଛି ପେନସନ; ହେଲେ ଓଡ଼ିଶାର ସାମ୍ବାଦିକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ପେନସନ୍ ପ୍ରଦାନ କରିବାକୁ ବୁଧବାର ବିଧାନସଭାରେ ଦାବି କରିଛନ୍ତି ବିଧାୟକ ଗୌତମବୁଦ୍ଧ ଦାସ। ସେହିପରି ପ୍ରେସ୍ ଏକାଡେମୀ ଗଠନ ସାଙ୍ଗକୁ ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ସେ ଦାବି କରିଛନ୍ତି। ପୂର୍ବ ସରକାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିଥିବାବେଳେ ସେମାନଙ୍କ ବାପା ମା'ଙ୍କୁ ମଧ୍ୟ ତହିଁରେ ସାମିଲ କରାଯାଉ। ଗଣମାଧ୍ୟମ ପ୍ରତିନଧିଙ୍କୁ ଲୋକସେବା ଭବନକୁ ପ୍ରବେଶ ପାଇଁ ଅନୁମତି ଦିଆଯାଉ। ବେଳେବେଳେ ଅଫିସର ଓ ସାମ୍ବାଦିକଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ଫଳରେ ଖବର ସଂଗ୍ରହରେ ବାଧା ଉପୁଜୁଛି। ଖୋଦ୍ ମୁଖ୍ୟମନ୍ତ୍ରୀ ସୂଚନା ପ୍ରସାରଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବାରୁ ଏହାକୁ ଗୁରୁତ୍ୱର ସହ ବିଚାର କରନ୍ତୁ ବୋଲି ଶ୍ରୀ ଦାସ ଅନୁରୋଧ କରିଛନ୍ତି।

ଅପରପକ୍ଷରେ ଗତ ୫ ତାରିଖରେ ରାଜ୍ୟସ୍ତରୀୟ ସାମ୍ବାଦିକ ସଂଗଠନ 'ଅଲ୍ ଓଡ଼ିଶା ମିଡିଆ ଆସୋସିଏସନ୍' ପକ୍ଷରୁ ସାମ୍ବାଦିକଙ୍କ ବିଭିନ୍ନ ଦାବି ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯାଇଛି। ବହୁ ଘାତପ୍ରତିଘାତ ସତ୍ତ୍ୱେ ସାମ୍ବାଦିକମାନେ ଖବର ସଂଗ୍ରହ କରୁଛନ୍ତି। ଲୋକଙ୍କ ପାଖରେ ସରକାରଙ୍କ ଯୋଜନା ସମେତ ବିଭିନ୍ନ ଖବରକୁ ନିରନ୍ତର ଭାବେ ଯୋଗାଉଛନ୍ତି। ସାଧାରଣ ଲୋକଙ୍କୁ ନିରବଚ୍ଛିନ୍ନ ଭାବେ ସେବା ଯୋଗାଉଥିଲେ ମଧ୍ୟ ସେମାନେ ଉପଯୁକ୍ତ ସମ୍ମାନ ପାଇପାରି ନାହାନ୍ତି। ସମ୍ବିଧାନର ଚତୁର୍ଥ ସ୍ତମ୍ଭ କୁହାଯାଉଥିଲେ ମଧ୍ୟ ସାମ୍ବିଧାନିକ ଅଧିକାର ମିଳୁନାହିଁ। ଏଣୁ ଓଡ଼ିଶା ସରକାରଙ୍କୁ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେବାକୁ ସଂଘ ପକ୍ଷରୁ ମଧ୍ୟ ଅନୁରୋଧ କରାଯାଇଛି।

**ବିଧାନସଭାରେ ଦାବି ରଖିଲେ ବିଧାୟକ ଗୌତମବୁଦ୍ଧ ଦାସ**

## ଓଡ଼ିଶାରେ ନାଇପର୍ ସ୍ଥାପନ ପାଇଁ ନଡ୍ଡାଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର,୧୧।୧୨(ସମିସ): ଓଡ଼ିଶାରେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ନାଇପର୍) ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଲେଖିଛନ୍ତି ଯେ ଓଡ଼ିଶାରେ ନାଇପର୍ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହି ପଦକ୍ଷେପ ପୂର୍ବ ଭାରତରେ ଔଷଧ ଏବଂ ବାୟୋଟେକ୍ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ସେ ଆହୁରି କହିଛନ୍ତି ଯେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ବାୟୋଟେକ୍ ପାର୍କ ହେଉଛି ପୂର୍ବ ଭାରତରେ ପ୍ରଥମ ପାର୍କ, ଯେଉଁଠାରେ ବାୟୋଟେକ୍ନୋଲୋଜି ଇଣ୍ଡଷ୍ଟ୍ରିଜ୍ ଏବଂ ଆନୁଷଙ୍ଗିକ ସେବା କ୍ଷେତ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ପାଣି, ବିଜୁଳି, ପ୍ରବାହିତ ଚିକିତ୍ସା ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧାମାନ ଉପଲବ୍ଧ ରହିଛି। ଏହି ବାୟୋଟେକ୍ ପାର୍କ ନାଇପର୍ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ପରିବେଶ ପ୍ରଦାନ କରୁଛି। ଏହା କେବଳ ଔଷଧ ବିଷୟରେ ଶିକ୍ଷାଗତ ଏବଂ ଗବେଷଣା ବ୍ୟବଧାନକୁ ଦୂର କରିବ ନାହିଁ ବରଂ ଉଦ୍ଭାବନ ଏବଂ କୁଶଳୀ କର୍ମଚାରୀଙ୍କ ବିକାଶକୁ ପ୍ରୋତ୍ସାହିତ କରିବ। ଫଳସ୍ୱରୂପ ଔଷଧ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଓଡ଼ିଶାରେ ନାଇପର ପ୍ରତିଷ୍ଠା ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରି ଔଷଧ କ୍ଷେତ୍ରରେ ପିଏଲଆଇ ଯୋଜନାର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଏହି ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶାରେ ନାଇପର୍ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ବିଚାର କରିବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।



## ଶୈଳବାଳା ଓ ଶମ୍ଭୁ ଦୟାଲ ପାଇବେ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର

ଭୁବନେଶ୍ୱର,୧୧।୧୨(ସମିସ): ପ୍ରସିଦ୍ଧ ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ କନ୍ୟା ସ୍ୱର୍ଗତା ଶୈଳବାଳା ମହାପାତ୍ର ଓ ଫୁଲେଶ୍ୱରୀ ବିହାର, ଭୁବନେଶ୍ୱରନିବାସୀ ଡକ୍ଟର ଶମ୍ଭୁଦୟାଲ ଅଗ୍ରୱାଲଙ୍କୁ ଚଳିତବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ଦିଆଯିବ ବୋଲି ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଘୋଷଣା କରାଯାଇଛି।

ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଆଜି ଏଠାରେ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆସନ୍ତା ୧୪ ତାରିଖ ପୂର୍ବାହ୍ନରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମଦନମୋହନ ଦାସ ମୁଖ୍ୟ ଅତିଥି ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ତଥା ମୁଖ୍ୟ ଡକ୍ଟର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦେବେ।

ଉଲ୍ଲେଖଯୋଗ୍ୟ ଯେ, ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସଙ୍ଗେସଙ୍ଗେ ପ୍ରୁଫ୍-ସଂଶୋଧକମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ପ୍ରତିବର୍ଷ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯିବ ବୋଲି ଗତ ଫେବୃଆରି ମାସରେ ଘୋଷଣା କରାଯାଇଥିଲା।

**■ ସଂସଦରେ ଉଠିଲା ରାଜଧାନୀ ଟ୍ରାଫିକ୍ ଯନ୍ତ୍ରଣା**

## କଣ୍ଟ ଦେଲେ ଗଡ଼କରୀ

ଭୁବନେଶ୍ୱର,୧୧।୧୨(ସମିସ): ହଂସପାଳ ଛକରେ ଫ୍ଲାଏଓଭର୍ ବ୍ରିଜ୍ ନିର୍ମାଣରେ ଅହେତୁକ ବିଳମ୍ବ ସମସ୍ତଙ୍କ ନିଦ ହଜାଇ ଦେଇଛି। ପ୍ରାୟ ୫ ବର୍ଷ ହେବ ଦୈନିକ ଲକ୍ଷଲକ୍ଷ ଲୋକ ଏହି ରାସ୍ତା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ଯେତେ ଅଭିଯୋଗ ଓ ଆନ୍ଦୋଳନ ହେଲେ ମଧ୍ୟ ଏହାର କୌଣସି ପ୍ରଭାବ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଉପରେ ପଡୁନାହିଁ। ଫଳରେ ୧୮ ମାସରେ ସରିବାକୁ ଥିବା ଏହି ଫ୍ଲାଏଓଭର ୫୦ ମାସ ପରେ ବି ଶେଷ ହୋଇପାରୁନି। ଗତ କିଛି ମାସ ତଳେ ଗୋଟିଏ ପାଶ୍ୱର୍ ଖୋଲି ଦେଇ ଏନ୍‌ଏଚ୍‌ଏଆଇ ଚୁପ୍ ବସିଛି। ଶେଷରେ ଏହି ପ୍ରସଙ୍ଗ ସଂସଦରେ ଉଠାଇଛନ୍ତି ବିଜେଡି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଓ ଡ. ସସ୍ମିତ୍ ପାତ୍ର।

ଏହି ଫ୍ଲାଏଓଭର୍ ନିର୍ମାଣ କାମ ୨୦୨୦ରୁ ଆରମ୍ଭ ହୋଇ ୨୦୨୨ ସୁଦ୍ଧା ଅର୍ଥାତ୍ ଦୁଇ ବର୍ଷ ଭିତରେ ଶେଷ ହେବାର ଥିଲା। ହେଲେ ୫ ବର୍ଷ ବିତିଗଲାଣି, କାମ ଶେଷ ହୋଇପାରୁନି। ନିର୍ମାଣ କାମ ବିଳମ୍ବ ଯୋଗୁଁ ଟ୍ରାଫିକ୍ ସମସ୍ୟା ବଢ଼ୁଛି। ରାଜଧାନୀରେ ଅଧା ଟ୍ରାଫିକ୍ ସମସ୍ୟା ଏହି ଫ୍ଲାଏଓଭର୍ ନିର୍ମାଣ ଯୋଗୁଁ ହେଉଛି । କେବେ ଏହି କାମ ସରିବ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ବିଶି ଓ ଶ୍ରୀ ପାତ୍ର ରାଜ୍ୟସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ କହିଛନ୍ତି ଯେ ପ୍ରଥମେ କରୋନା ଯୋଗୁଁ ନିର୍ମାଣ କାମ ବିଳମ୍ବ ହେଲା। ଏହାପରେ ଠିକା ସଂସ୍ଥା ପକ୍ଷରୁ ନିୟମିତ କାମ କରାଗଲାନି। ବିଭିନ୍ନ କାରଣ ଦର୍ଶାଇ ନିର୍ମାଣ ବିଳମ୍ବ ହୋଇଛି। ତେଣୁ ଉକ୍ତ ସଂସ୍ଥାକୁ କାର୍ଯ୍ୟରୁ ଅନ୍ତର କରାଯାଇ ନୂଆ ସଂସ୍ଥାକୁ କାମ ଦିଆଯାଇଛି। ଆସନ୍ତା ଜାନୁଆରୀ ସୁଦ୍ଧା କାମ ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଡ଼କରୀ ସୂଚନା ଦେଇଛନ୍ତି।

ଏହି ରାସ୍ତାଟି ରାଜଧାନୀର ପ୍ରବେଶ ପଥ ହୋଇଥିବାରୁ ଅଧିକାଂଶ ସମୟରେ ଏହି ଛକରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ସତ୍‌ସଙ୍ଗବିହାର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହୁଛି। ମାତ୍ର ୩୦୦ ମିଟର ଅତିକ୍ରମ କରିବାକୁ ଅତିକମ୍‌ରେ ଅଧଘଣ୍ଟା ସମୟ ଲାଗୁଛି। କେବଳ ପଥଚାରୀ ନୁହନ୍ତି, ସ୍ଥାନୀୟ ଲୋକମାନେ ବି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ଜାନୁଆରୀରେ ସରିବ ହଂସପାଳ ଫ୍ଲାଏଓଭର୍**

## ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଯୋଜନା ନାହିଁ: କେନ୍ଦ୍ର

ଭୁବନେଶ୍ୱର,୧୧।୧୨(ସମିସ) : ଓଡ଼ିଶାରେ ବରିଷ୍ଠ ନାଗରିକଙ୍କୁ ଦିଆଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଲାଗି କୌଣସି ଯୋଜନା ନାହିଁ । ବିଜେଡ଼ି ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ରାଜ୍ୟସଭାରେ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍.ବର୍ମା। ଗତ ୫ବର୍ଷରେ ଓଡ଼ିଶାର କେତେଜଣ ବରିଷ୍ଠ ନାଗରିକଙ୍କୁ କେନ୍ଦ୍ର ସରକାର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଛନ୍ତି, ଭତ୍ତା ବୃଦ୍ଧି କରିବାକୁ ସରକାର କିଛି ଚିନ୍ତା କରିଛନ୍ତି କି? ସେହିପରି ବରିଷ୍ଠ ନାଗରିକଙ୍କ ସମ୍ମାନ ଏବଂ ଜନମଙ୍ଗଳ ପାଇଁ କି ପଦକ୍ଷେପ ନିଆଯାଇଛି ବୋଲି ସାଂସଦ ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାମାଜିକ ସହାୟତା ଯୋଜନା ଅଧୀନରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ରାଜ୍ୟର ମୋଟ ୧୪,୧୮,୬୩୧ ଜଣ ହିତାଧିକାରୀଙ୍କୁ ଦିଆଯାଉଛି। ୨୦୧୯-୨୦ ମସିହାରେ ମୋଟ ହିତାଧିକାରୀଙ୍କ ଥିଲା ବେଳେ ୨୦୨୩-୨୪ ଆର୍ଥିକବର୍ଷରେ ଏହି ସଂଖ୍ୟା କମ୍ ହୋଇ ୧୪୧୧୦୪୩ରେ ପହଞ୍ଚିଛି। ବରିଷ୍ଠ ନାଗରିକଙ୍କ ସମନ୍ୱିତ ଯୋଜନାରେ ଅଟଳ ଭାୟୋ ଅଭ୍ୟୁଦୟ ସ୍କିମ୍ ମାଧ୍ୟମରେ ବିଭିନ୍ନ ଏନ୍‌ଜିଓ ମାନଙ୍କୁ ବରିଷ୍ଠ ନାଗରିକ ଗୃହ ପରିଚାଳନା ଏବଂ ମରାମତି ବାବଦକୁ ଗ୍ରାଣ୍ଟ ଇନ୍ ଏଡ୍ ଯୋଗାଇ ଦିଆଯାଉଛି। ରାଜ୍ୟରେ ମୋଟ ୮୦ଟି ଏନ୍‌ଜିଓ ଏହି ଯୋଜନା ଅଧୀନରେ ଗ୍ରାଣ୍ଟ ଇନ୍ ଏଡ୍ ପାଉଛନ୍ତି। ୨୦୨୩-୨୪ରେ ଏଥିପାଇଁ ୧୬୪୯.୫୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ବରିଷ୍ଠ ନାଗରିକଙ୍କ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ଯଥା ଦୃଷ୍ଟିଶକ୍ତି କମିବା, ଦାନ୍ତ ହରାଇବା ଭଳି ସମସ୍ୟାକୁ ମୁକାବିଲା କରିବାକୁ ରାଷ୍ଟ୍ରୀୟ ଭାୟୋଶ୍ରୀ ଯୋଜନାରେ ସହାୟତା ଯୋଗାଇ ଦିଆଯାଉଛି। ୨୦୨୩-୨୪ରେ ରାଜ୍ୟରେ ମୋଟ ୮ କ୍ୟାମ୍ପ ପଡିଥିଲା ଏବଂ ୨୭୮୧ ହିତାଧିକାରୀ ଏହା ଦ୍ୱାରା ଉପକୃତ ହୋଇଛନ୍ତି। ୨୦୨୪-୨୫ ବର୍ତ୍ତମାନ ପର୍ଯ୍ୟନ୍ତ ୬ କ୍ୟାମ୍ପ ମାଧ୍ୟମରେ ୩୦୩୧ ହିତାଧିକାରୀ ଉପକୃତ ହୋଇଛନ୍ତି ବୋଲି ସେ କହିଛନ୍ତି ।

## ଏକଲବ୍ୟ ଆବାସିକ ବିଦ୍ୟାଳୟରେ ମାତ୍ର ୪ ଏସ୍‌ଟି ଶିକ୍ଷକ

ଭୁବନେଶ୍ୱର,୧୧।୧୨(ସମିସ) : ରାଜ୍ୟରେ ମୋଟ ୧୭୧ ଜଣଙ୍କୁ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ହେଲେ ଏଥିରେ ମାତ୍ର ୪ ଜଣ ଅନୁସୂଚିତ ଜନଜାତି ଅଛନ୍ତି। ରାଜ୍ୟସଭାରେ ସାଂସଦ ସୁଲତା ଦେଓ ଓ ନିରଞ୍ଜନ ବିଶିଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାଶ ଉକି। ସେ କହିଛନ୍ତି ଯେ ଯେଉଁ ରାଜ୍ୟରେ ଅଦିବାସୀ ଶିକ୍ଷକ ଉପଲବ୍ଧ ନ ରହିବେ ଏହାର ବିକଳ୍ପ ସ୍ୱରୂପ ଅନ୍ୟ ରାଜ୍ୟର ଅଦିବାସୀ ବ୍ୟକ୍ତି ବିଶେଷଙ୍କୁ ସେଠାରେ ନିଯୁକ୍ତି ଦିଆଯିବ । ଦେଶର ପ୍ରତ୍ୟେକ ଏକଲବ୍ୟ ମଡେଲ ଆବାସିକ ସ୍କୁଲରେ ୩୧ଜଣ ଶିକ୍ଷକ ନିଯୁକ୍ତି ପାଇବେ। ଏହି ବିଦ୍ୟାଳୟଗୁଡ଼ିକରେ ମୋଟ ୨୨୯୪୦ ଜଣ ଶିକ୍ଷକଙ୍କ ନିଯୁକ୍ତିକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ କରିଛି। ପର୍ଯ୍ୟାୟକ୍ରମେ ଏହି ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉଛି। ଏଥିରେ ମୋଟ ୭.୫ ପ୍ରତିଶତ ଶିକ୍ଷକ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**■ ଓଡ଼ିଶାର ଶିକ୍ଷା ବିକାଶକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱୀକାର**

## ରାଜ୍ୟର ସମସ୍ତ ମାଧ୍ୟମିକ ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍

ଭୁବନେଶ୍ୱର,୧୧।୧୨(ସମିସ) : ବିଜେଡି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ମୋ ସ୍କୁଲ ପରି ମହାତ୍ୱାକାଂକ୍ଷୀ ଯୋଜନାକୁ ରାଜ୍ୟ ବିଜେପି ସମାଲୋଚନା କରୁଥିବାବେଳେ ସଂସଦରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୂରୀ ସ୍ପଷ୍ଟ ଭାବରେ ଓଡ଼ିଶାର ଶିକ୍ଷା ବିକାଶକୁ ସଂସଦରେ ସ୍ୱୀକାର କରିଛନ୍ତି । ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ତଥ୍ୟ ଅନୁସାରେ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ସ୍କୁଲରେ ସ୍ମାର୍ଟ କ୍ଲାସ୍ ସ୍ଥାପନ ହୋଇଛି। ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାର ୬୬୭ ଉଚ୍ଚ ପ୍ରାଥମିକ ସ୍କୁଲ୍ ଏବଂ ୩୧୮ ମାଧ୍ୟମିକ ସ୍କୁଲରେ ଓଏମ୍‌ବିଏଡିସି ଦ୍ୱାରା ସ୍ମାର୍ଟ କ୍ଲାସ ରୁମ୍ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଚୌଧୂରୀ କହିଛନ୍ତି ।

**ଘାଟିକୁ ଓଲଟିଲା ପିକ୍‌ଅପ୍ ଭ୍ୟାନ୍**

## ୪ ମୃତ, ୪ ଗୁରୁତର

■ ବ୍ରହ୍ମପୁର/ମୋହନା, ୧୧।୧୨ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଚିଟିଙ୍ଗ ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା। ଏକ ପିକ୍‌ଅପ ଭ୍ୟାନ ଓଲଟି ୩ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୩୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ମୃତକମାନେ ହେଲେ କେକେସିଂ ଗାଁର ବାସନ୍ତି ଭୂୟାଁ (୬୫), ରାଧା କୁଡୁମ୍ବା(୫୬), ଚନ୍ଦ୍ରମା ଭୂୟାଁ (୬୬) ଓ ହରିବନ୍ଧୁ ଗମାଙ୍ଗ (୬୦)। ଆହତମାନଙ୍କୁ ଚିକିତ୍ସା ପାଇଁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ବାସନ୍ତି, ରାଧା ଓ ଚନ୍ଦ୍ରମାଙ୍କ ମୃତ୍ୟୁ ଘଟିଥିବା ବେଳେ ବ୍ରହ୍ମପୁର ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ହରିବନ୍ଧୁଙ୍କ ମୃତ୍ୟୁ ଘଟିଛି। ଏଥିସହିତ ୧୮ରୁ ଅଧିକ ଲୋକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତମାନଙ୍କ ମଧ୍ୟରେ ଅଛନ୍ତି ମଞ୍ଜୁ ଭୂୟାଁ (୬୫), ସୁଶିଳା ଭୂୟାଁ (୩୭), ପଦ୍ମାବତୀ ରଇତ(୪୪), ସୀତା ଭୂୟାଁ (୫୩), ରାମଚନ୍ଦ୍ର ପ୍ରଧାନ (୪୫), ରାଧିକା ଭୂୟାଁ (୪୫), ଅରୁଣ ମଣ୍ଡଳ(୨୮) ଓ ସଞ୍ଜୁ ଭୂୟାଁ (୪୫)। ଗୁରୁତର ଆହତମାନଙ୍କୁ ମଧ୍ୟ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଡା. ଏନ. ଜୟପ୍ରକାଶ କହିଛନ୍ତି। ବ୍ରହ୍ମପୁରରେ ଚିକିତ୍ସିତ ହେଉଥିବା ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ମୋହନା ଥାନା ପୁଲିସ ଓ ରା. ଉଦୟଗିରି ଏସଡିପିଓ ଆଲୋକ ରାଏ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନା ପ୍ରକାରେ ବୁଧବାର ଏକ ପିକ୍‌ଅପ ଭ୍ୟାନ୍ (ଓଡି୦୫ ଏଏ ୯୬୭୬)ରେ ୩୬ ଜଣ ରାମଗିରି ଥାନା ଅନ୍ତର୍ଗତ କେକେସିଂ ଗାଁରୁ ମୋହନା ଥାନା ଘାଇବାଲି ଗାଁକୁ ଯାଉଥିଲେ। ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ପୂର୍ବାହ୍ନରେ ଚନ୍ଦ୍ରଗିରି ଚିଟିଙ୍ଗ ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ଭ୍ୟାନ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାରକରି ଡାକ୍ତରଖାନାକୁ ନେଇଥିଲେ। ତେବେ ଚନ୍ଦ୍ରଗିରି ଡାକ୍ତରଖାନାରେ ବାସନ୍ତି ଓ ଚନ୍ଦ୍ରମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ରହ୍ମପୁର ମେଡିକାଲରେ ରାଧା କୁଡୁମ୍ବାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରଗିରି ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଚିକିତ୍ସା କଥା ବୁଝିଥିଲେ। ଦୁର୍ଘଟଣା ପରେ ଡ୍ରାଇଭରଙ୍କ ପତ୍ତା ମିଳୁନି। ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ବହୁ ସଂଖ୍ୟାରେ ଲୋକେ ଆହତ ହୋଇଥିବା ବେଳେ ଏବଂ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଆନ୍ଦୋଳନ କରୁଥିବାରୁ ଆହତଙ୍କୁ ବ୍ରହ୍ମପୁର ପଠାଇବାରେ ବିଳମ୍ବ ହୋଇଥିଲା।

# ଓଡ଼ିଶାକୁ ୭ଟି ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୧୧।୧୨(ସମିସ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ୧୫ଟି ବର୍ଗରେ ମନୋନୀତ ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି। ଏଥିରେ ଓଡ଼ିଶାକୁ ୭ଟି ବର୍ଗରେ ପୁରସ୍କାର ବାବଦରେ ୮କୋଟି ୫୦ଲକ୍ଷ ଟଙ୍କାର ଅର୍ଥରାଶି ମିଳିଛି।

**୭ଟି ବର୍ଗରେ ମିଳିଲା ୮ କୋଟି ୫୦ ଲକ୍ଷ**

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲୀକୁ 'ସୁସ୍ଥ ଗ୍ରାମପଞ୍ଚାୟତ' ଭାବେ ଦୀନ୍‌ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର' ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ସାହାପୁର ପଞ୍ଚାୟତ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ବ୍ଲକ୍ କେନ୍ଦ୍ରିକଳା ପଞ୍ଚାୟତକୁ 'କାର୍ବନ୍ ନ୍ୟୁଟ୍ରାଲ ବିଶେଷ ପଞ୍ଚାୟତ' ବର୍ଗରେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବା ଏହି ପଞ୍ଚାୟତକୁ ପୁରସ୍କାର ରାଶି ରୂପେ ୭୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ବ୍ଲକ୍ ଅନ୍ତର୍ଗତ କଣିରା ଗ୍ରାମପଞ୍ଚାୟତ 'ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର' ଗ୍ରହଣ କରିଛି। ଏହି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ସର୍ବୋଚ୍ଚ ପ୍ରଶିକ୍ଷଣ ପ୍ରଦାନକାରୀ ପ୍ରତିଷ୍ଠାନ ରୂପେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ପ୍ରତିଷ୍ଠାନ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୭୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଛି। ଛତ୍ରପୁର ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ରୂପେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ବାବଦ ୨ କୋଟି ଟଙ୍କା ଗ୍ରହଣ କରିଛି। କୋରାପୁଟ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ରୂପେ ୩ କୋଟି ଟଙ୍କାର ପୁରସ୍କାର ହାସଲ କରିଛି।

ଏହି ଅବସରରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ 'ପୁରସ୍କାରପ୍ରାପ୍ତ ପଞ୍ଚାୟତଗୁଡ଼ିକର କାର୍ଯ୍ୟ ଉପରେ ଅଭିନବ ଓ ସର୍ବଶ୍ରେଷ୍ଠ ପ୍ରୟାସ ଶ୍ରେଷ୍ଠ ଅଭ୍ୟାସ' ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚନ କରିଛନ୍ତି। ସୂଚନା ପ୍ରତିଯୋଗିତାରେ ଦେଶରେ ୧ ଲକ୍ଷ ୯୪ ହଜାର ଗ୍ରାମ ପଞ୍ଚାୟତ ଅଂଶଗ୍ରହଣ କରିଥିଲେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ପରିପ୍ରେକ୍ଷୀରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ, ସୁସ୍ଥ ଗ୍ରାମପଞ୍ଚାୟତ, ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ, ସବୁଜ ଓ ସ୍ୱଚ୍ଛ ଗ୍ରାମପଞ୍ଚାୟତ, ଆତ୍ମନିର୍ଭରଶୀଳ ଭିତ୍ତିଭୂମିଯୁକ୍ତ ଗ୍ରାମପଞ୍ଚାୟତ,ସାମାଜିକ ରୂପେ ସୁରକ୍ଷିତ ଓ ସାମାଜିକ ନ୍ୟାୟ ସଂଗତ ଗ୍ରାମପଞ୍ଚାୟତ, ସୁଶାସନଯୁକ୍ତ ଗ୍ରାମପଞ୍ଚାୟତ ଓ ମହିଳାଅନୁକୂଳ ଗ୍ରାମପଞ୍ଚାୟତ ଆଦି ବର୍ଗରେ ପ୍ରତ୍ୟେକ ବର୍ଷ ଏହି ପୁରସ୍କାରଗୁଡ଼ିକ ପ୍ରଦାନ କରଯାଉଛି।



# ଲୋକଙ୍କ ନାକ, ପାଟିରେ ପଶି ଯାଉଛନ୍ତି ମଶା

ଭୁବନେଶ୍ୱର,୧୧।୧୨(ସମିସ):

ରାଜଧାନୀରେ ଏବେ ମଶାଙ୍କ ଉତ୍ପାତ ଅହେତୁକ ଭାବେ ବୃଦ୍ଧି ପାଇଛି। ଦିନ ହେଉ କି ରାତି, ମଶା ଘରେ ରଖାଇ ଦେଉନାହାନ୍ତି। ସହରରେ ମଶାଙ୍କ ସାନ୍ଦ୍ରତା ଧାର୍ଯ୍ୟ ସ୍ତରଠାରୁ ବହୁତ ବଢ଼ି ଯାଇଥିବା ଜଣାପଡ଼ିଛି। ଅକ୍ଟୋବର-ନଭେମ୍ବର ମାସରୁ ମଶାଙ୍କ ପ୍ରଜନନ ଆରମ୍ଭ ହୋଇଛି ଏବଂ ଏଭଳି ପରିସ୍ଥିତି ଆସନ୍ତା ୩ ମାସ ପର୍ଯ୍ୟନ୍ତ

- କାମ କରୁନି ଟିଫା ମେସିନ୍
- କେବେ ସଚେତନ ହେବେ ପୌର ସଂସ୍ଥା

ରହିପାରେ। ଅନ୍ୟପକ୍ଷରେ ମଶା ନିୟନ୍ତ୍ରଣ ନେଇ ବିଏମ୍‌ସି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯଥେଷ୍ଟ ନୁହେଁ। ତେଣୁ ଆଉ କିଛିମାସ ଲୋକଙ୍କୁ ମଶା ଏଭଳି କଲବଲ କରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ମଶା(ନୁଇସାନ୍ସ ମସ୍‌କ୍ୱିଟୋ)ଙ୍କ ଉତ୍ପାତ ଆରମ୍ଭ ହୋଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ କୌଣସି ପ୍ରକାର ରୋଗ ସୃଷ୍ଟି କରନ୍ତି ନାହିଁ। ତଥାପି ମଣିଷଠାରୁ ରକ୍ତ ଶୋଷିବାରେ ଏମାନେ ପାରଙ୍ଗମ। ମଶାଙ୍କ ସାନ୍ଦ୍ରତା ଯଦି ୫୦ ତଳେ ରୁହେ, ତେବେ ମଶା ନିୟନ୍ତ୍ରଣରେ ରହିଥିବା କୁହାଯାଏ। ହେଲେ ମଶା ସାନ୍ଦ୍ରତା ଭୁବନେଶ୍ୱରରେ ୭୫ରୁ ଅଧିକ ଥିବା କୁହାଯାଉଛି। ଏବେ ଭୁବନେଶ୍ୱରରେ ମଶାଙ୍କ ପ୍ରଜନନ ଆରମ୍ଭ ହୋଇଥିବାରୁ ଏଠାରେ ଖୁବଶୀଘ୍ର ମଶାଙ୍କ ସାନ୍ଦ୍ରତା ୮୦ ଟପିଯିବା ନେଇ ଆଶଙ୍କା କରାଯାଉଛି। ଏମିତି ହେଲେ ଆଗକୁ ମଶା ଲୋକଙ୍କ ନାକ ଓ ପାଟିରେ ପଶିବେ। ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇବେ। ଯେତେ ମଶାଧୂଆଁ ଦେଲେ ବି ଏମାନଙ୍କୁ କାଟୁ କରିବନି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ମଶା ନିୟନ୍ତ୍ରଣ ପାଇଁ ଟିଫା ସହିତ ଡ୍ରେନ୍‌ରେ ମଶାତେଲ ପକାଇବା ଓ ମଶା ଲାର୍ଭା ଖାଉଥିବା ଗମ୍ବୁସିଆ ମାଛ ଆଦି ଛଡ଼ାଯାଇଥାଏ। ଭୁବନେଶ୍ୱରରେ ଏମ୍‌ଏଲ୍‌ଓ(ମସ୍‌କ୍ୱିଟୋ ଲାର୍ଭିସାଇଡ୍ ଅଏଲ୍) ଓ ଟେମିଫସ୍ ବ୍ୟବହାର କରାଯାଇଥାଏ। ଏମ୍‌ଏଲ୍‌ଓ ଡ୍ରେନ୍ ପାଣି ଉପରେ ଏକ ଆସ୍ତରଣ ସୃଷ୍ଟି କରିଥାଏ ଓ ଟେମିଫସ୍ ଲାର୍ଭାକୁ ନଷ୍ଟ କରିଦିଏ। ସରକାରଙ୍କ ପକ୍ଷରୁ ଏହାର ଯୋଗାଣ ହେଉଥିବାବେଳେ ଏହି ଦୁଇ ପଦ୍ଧତି ପ୍ରକୃତରେ ଫଳପ୍ରଦ ହେଉଛି କି ନାହିଁ ତାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହେଉଛି। କାରଣ ମଶା କମିବା ବଦଳରେ ବଢ଼ିବାରେ ଲାଗିଛନ୍ତି। ତେଣୁ ଏହି କୀଟନାଶକର ନମୁନା ସଂଗ୍ରହ କରାଯାଇ ଲାବୋରେଟୋରୀରେ ପରୀକ୍ଷା କରିବା ଲାଗି ଦାବି ହୋଇଛି। ଏହାସହ ଠିକଣା ଢଙ୍ଗରେ ଟିଫା ହେଉଛି କି ନାହିଁ ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବୟସ୍କ ମଶାଙ୍କ ପାଇଁ ଟିଫା ର ଆବଶ୍ୟକତା ପଡ଼ିଥାଏ। ତେଣୁ ଲୋକ ରହୁଥିବା ସ୍ଥାନ ବଦଳରେ ଯଦି ରାସ୍ତାଘାଟରେ ଟିଫା କରାଯାଏ, ତାହେଲେ ଏଥିରେ ମଶା କିଭଳି ମରିବେ ବୋଲି ପ୍ରଶ୍ନ ଉଠୁଛି। ଅକ୍ଟୋବର ମାସରୁ ମଶାଙ୍କ ପ୍ରଜନନ ସମୟ ଆରମ୍ଭ ହୋଇଥାଏ। ସ୍ଥିର ପାଣିରେ ଲାର୍ଭା ସୃଷ୍ଟି ହେବା ପରେ ମଶା ସୃଷ୍ଟି ହୋଇ ଜନବସତି ଆଡ଼କୁ ମାଡ଼ି ଆସିଥା'ନ୍ତି ଓ ନାନା କୀଟବାହକ ରୋଗ ସୃଷ୍ଟି କରିଥାନ୍ତି। ଏହି ସମୟରୁ ଲାର୍ଭାକୁ ମାରିଦେଲେ ମଶାଙ୍କ ଉତ୍ପାତ ରହିବ ନାହିଁ। କିନ୍ତୁ ବିଏମ୍‌ସି ଏଥିପ୍ରତି ତତ୍ପର ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ତେଣୁ ମଶା ବଂଶ ରୋକିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ନେଇ ସାଧାରଣରେ ଦାବି ହେଉଛି।



# କାଳ ସାଜୁଛି ଅନ୍‌ଲାଇନ୍ ଗେମ୍

ଭୁବନେଶ୍ୱର,୧୧।୧୨(ସମିସ): ବିନା ଝାଳବୁହା ପରିଶ୍ରମରେ ଘଣ୍ଟାଏ ଗେମ୍ ଖେଳିଲେ, କୋଟିପତି ହେବାର ବଡ଼ ସ୍ୱପ୍ନ। ଅନ୍‌ଲାଇନ୍ ଗେମ ଓ ସେୟାର ମାର୍କେଟିଂରେ ଟଙ୍କା ନିବେଶ କରୁଛନ୍ତି। ଅନ୍‌ଲାଇନ୍ ଗେମ୍‌ରୁ କିଛି ଟଙ୍କା ରୋଜଗାର ହେବା ପରେ ଲୋଭରେ ପଡ଼ୁଛନ୍ତି। ଋଣ ଓ ଧାର କରଜ କରି ସେଥିରେ ନିବେଶ କରୁଛନ୍ତି। ରାତାରାତି କୋଟିପତି ହେବାର ଆଶା ରଖୁଥିବା ଯୁବପିଢ଼ି ନିମିଷକେ ସବୁ ହରାଇ ବସୁଛନ୍ତି। ସ୍ୱପ୍ନ ଧୂଳିସାତ୍ ହେବା ପରେ ଅପରାଧମୁହାଁ ହେଉଛନ୍ତି। ଚୋରି, ଡକାୟତି, ନିଶା କାରବାର ସହ ଅନ୍ୟାନ୍ୟ ଅପରାଧରେ ଜଡ଼ିତ ରହୁଛନ୍ତି। ଏମିତିକି ନିଜ ସଂସ୍ଥାଗୁଡ଼ିକୁ ଫନ୍ଦିଫିକର କରି ଟଙ୍କା ଆତ୍ମସାତ୍ କରିବା ସହ ଋଣ ସୁଝୁଛନ୍ତି। ଗେମ୍‌ରେ ଟଙ୍କା ବୁଡ଼ିବା ପରେ ଋଣ ଟଙ୍କା ସୁଝିବା ଚାପ ଯୁବପିଢ଼ିଙ୍କ ଲାଗି କାଳ ସାଜୁଛି। ଏହି ଗେମ୍ ଏତେ ଭୟଙ୍କର ହୋଇପାରେ, ସବୁ ପ୍ରତିକୂଳ ସାମ୍ନା କରି ନ ପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛି। ବରଗଡ଼ ଓ ବଲାଙ୍ଗିର ଜିଲ୍ଲାର ଦୁଇଟି ଲେଖାଏଁ ମାମଲାର ତଦନ୍ତ ପରେ ସାମ୍ନାକୁ ଆସୁଛି ସତ। ଗିରଫ ଅଭିଯୁକ୍ତଙ୍କ ଭିତରୁ ଅଧିକାଂଶ ଅନ୍‌ଲାଇନ୍ ଗେମ୍ ଖେଳି ଲକ୍ଷ ଲକ୍ଷ ଟଙ୍କା ହାରିଯାଇଛନ୍ତି। ତା'ପରେ ପାଲଟି ଯାଇଛନ୍ତି ଅପରାଧୀ। ଧାର କରଜ ସୁଝିବା ପାଇଁ ବ୍ୟାଙ୍କ ଡକାୟତି, ଚୋରି, ଚେନ୍ ଲୁଟ୍ ଓ ସଂସ୍ଥାରୁ ଟଙ୍କା ଚଳୁ ଭଳି ଅପରାଧରେ ସମ୍ପୃକ୍ତ ରହୁଛନ୍ତି। ଭୁବନେଶ୍ୱରରେ ବି ଅନ୍‌ଲାଇନ୍ ଗେମରେ ଟଙ୍କା ହରାଇବା ପରେ ଅପରାଧ ସହ ଜୀବନ ହାରିବାର ଲମ୍ବା ତାଲିକା ରହିଛି।

ନିକଟରେ ଲିଙ୍ଗରାଜ ଥାନା ଅଞ୍ଚଳରେ ଜଣେ ଯୁବକ ଅନ୍‌ଲାଇନ୍‌ରେ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହରାଇଥିଲେ। ଋଣଭାରରେ ବୁଡ଼ିଯିବା ପରେ ସେ ଆତ୍ମହତ୍ୟା କରିଥିଲେ। ମୃତକ ତିନିମୁଣ୍ଡିଆ ଛକରେ ରହୁଥିବା ଶଶାଙ୍କ ଶେଖର ଶତପଥୀ। ଅନୁରୂପ ଭାବେ ଖାରବେଳ ନଗର ଥାନା ଅଞ୍ଚଳର ଜଣେ ୧୨ ବର୍ଷର ନାବାଳକ ଯଶୋବନ୍ତ ରାଉତରାୟ ଗେମ୍ ଖେଳି ଟଙ୍କା ହରାଇବା ପରେ ଆତ୍ମହତ୍ୟା କରିଥିଲେ। ସେଭଳି ଅନ୍‌ଲାଇନ୍‌ରେ ଗେମ ଖେଳି ଟଙ୍କା ହରାଇବା ପରେ ଟ୍ରେନ୍‌ଲାଇନ୍‌କୁ ଡେଇଁ ଯୁବ ସାମ୍ବାଦିକ ପାର୍ଥ ନାରାୟଣ ଦାସ ଆତ୍ମହତ୍ୟା କରିଥିଲେ। କେବଳ ଭୁବନେଶ୍ୱର ନୁହେଁ, ଯାଜପୁର କାଳିଆପାଣି ଥାନା ଅଞ୍ଚଳର ଶ୍ରୀନିବାସ ନାୟକ ଅନ୍‌ଲାଇନ୍‌ରେ ଗେମ ଖେଳୁଥିଲେ। ସେ ବହୁତ ଟଙ୍କା ହରାଇବା ପରେ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସମାନ ଭାବେ ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ବୁଡ଼ିଯିବା ପରେ ଗୌତମ ନାୟକ ଓ ଜଣେ ନାବାଳକ ବି ଜୀବନ ହାରିଦେଇଥିଲେ। ସେହିପରି ଅନ୍‌ଲାଇନ୍‌ରେ ଟଙ୍କା ହରାଇବା ପରେ ଟ୍ରେନ୍ ଆଗକୁ ଡେଇଁ କେନ୍ଦ୍ରାପଡ଼ାର ଅଚ୍ୟୁତାନନ୍ଦ ସାହୁ ଆତ୍ମହତ୍ୟା କରିଥିଲେ। ସେ ୨୫ ଲକ୍ଷ ଟଙ୍କା ଋଣ ଭାରରେ ବୁଡ଼ିବା ପରେ ଆତ୍ମହତ୍ୟାକୁ ଶେଷ ରାସ୍ତା ଭାବେ ବାଛି ନେଇଥିଲେ।

କେବଳ ଆତ୍ମହତ୍ୟା ନୁହେଁ, ଟଙ୍କା ଲୁଟ୍ କରି ବି ପୁଲିସ ଫାଶରେ ପଡ଼ିବା ପରେ ସାମ୍ନାକୁ ଆସିଥିଲା ସତ। ଅନ୍‌ଲାଇନ୍‌ରେ ଟଙ୍କା ହରାଇବା ପରେ ନିଜ କାର୍ଯ୍ୟ କରୁଥିବା ସଂସ୍ଥାକୁ ଚୂନ ଲଗାଉଛନ୍ତି ଅଭିଯୁକ୍ତ। ନିଜ ସଂସ୍ଥାରୁ ୩ ଲକ୍ଷ ୩୩ ହଜାର ଲୁଟ୍ କରି ଋଣ ଟଙ୍କା ସୁଝିବାକୁ ଯୋଜନା କରୁଛନ୍ତି। ଦୁଇ ସାଥୀଙ୍କୁ ଧରି ଏହି ଯୋଜନା କରୁଥିବା ସଂସ୍ଥାର କର୍ମଚାରୀ ଜୟନ୍ତ କୁମାର ସାହୁ ଓରଫ ବାଇନ, ନିଶିକାନ୍ତ ସାହୁ ଓରଫ ରବି ଏବଂ ଜି.ରାଜୁ ରାଓଙ୍କୁ ଗିରଫ କରାଯାଇଥିଲା। ସେଭଳି ଅନ୍‌ଲାଇନ୍‌ରେ ଟଙ୍କା ହରାଇବା ପରେ ଲୁଟ୍‌ର ନାଟକ କରି ୧ଲକ୍ଷ ୪୦ହଜାର ଟଙ୍କା ଚଳୁ କରିବାକୁ ଉଦ୍ୟମ କରୁଥିଲେ। ଏହି ଘଟଣାରେ ଅଭିଯୁକ୍ତ ସାଜିଥିବା ଅର୍ଥ ସଂଗ୍ରହକାରୀ କର୍ମଚାରୀ ଅମର ମହାନ୍ତିଙ୍କୁ ଗିରଫ କରାଯାଇଥିଲା। ସେ ହିଁ ଗେମ୍ ଖେଳି ଟଙ୍କା ହରାଇବା ପରେ ସଂସ୍ଥାରୁ ଟଙ୍କା ଚଳୁ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ତେବେ ଅନ୍‌ଲାଇନ୍ ଗେମ୍‌ରୁ ଯୁବକ ଅପରାଧୀ ହେଉଥିବାରୁ, ଅନ୍‌ଲାଇନ୍ ଗେମ୍‌ର ଆଇନଗତ ଦିଗ ପ୍ରତି ତଦନ୍ତ କରାଯାଉ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



- ଅପରାଧମୁହାଁ ଯୁବପିଢ଼ି
- ବୁଡ଼ିଯାଉଛି ଟଙ୍କା
- ଅକାଳରେ ଝଡ଼ି ପଡୁଛି ଜୀବନ

**ଫସିଛନ୍ତି ୫୯ ହଜାର ୪୩୭ ନିବେଶକ**

ଟ୍ରେଡିଂ ଆଳରେ ଦିନକୁ ଦିନ ନିବେଶକାରୀ ଠକେଇର ସଂଖ୍ୟା ବଢ଼ିବାରେ ଲାଗିଛି। ପୁଞ୍ଜିନିବେଶ, ସେୟାର, ଆଇପିଓ ନିବେଶ ଆଳରେ ବିଭ୍ରାନ୍ତକାରୀ ପରାମର୍ଶ, ମିଛ ନାଟକ ରଚି ସାରା ରାଜ୍ୟରୁ ଠକେଇ କରୁଛନ୍ତି। ଗତ ୬ ବର୍ଷରେ ରାଜ୍ୟରେ ୫୯ ହଜାର ୪୩୭ ଲୋକ ଅନ୍‌ଲାଇନ୍ ଟ୍ରେଡିଂ ଠକେଇର ଶିକାର ହୋଇଛନ୍ତି। ୨୦୧୯ରେ ୧୮ ଜଣ, ୨୦୨୦ରେ ୨୮ ଜଣ, ୨୦୨୧ରେ ୨୨ ଜଣ, ୨୦୨୨ରେ ୧୦୫ ଜଣ, ୨୦୨୩ରେ ୧୮ ହଜାର ୯୯୪ ଜଣ ଓ ଚଳିତ ବର୍ଷ ଅର୍ଥାତ୍ ଗତ ୧୧ ମାସରେ ସଂଖ୍ୟା ୪୦ ହଜାର ୨୭୦ରେ ପହଞ୍ଚି ଯାଇଛି।

## ବିବାହ ଆଳରେ ଦୁଷ୍କର୍ମ: ବନ୍ଧା ହେଲା ଭଉଣୀର ଦିଅର

ଭୁବନେଶ୍ୱର,୧୧।୧୨(ସମିସ): ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୀଡ଼ିତାଙ୍କ ବଡ଼ ଭଉଣୀର ଦିଅରକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୀଳାଦ୍ରି ବିହାରରେ ରହୁଥିବା ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ତମନା ଗାଁର କାର୍ତ୍ତିକେଶ୍ୱର ନାୟକ (୨୫)।

ପୁଲିସ ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାର ଜଣେ ୨୬ ବର୍ଷୀୟା ଯୁବତୀ ନୀଳାଦ୍ରି ବିହାର ସ୍ଥିତ ତାଙ୍କ ଭଉଣୀଙ୍କ ଘରେ ରହୁଥିଲେ। ସେଠାରେ ରହିବା ସମୟରେ ଭଉଣୀଙ୍କ ଦିଅର ତଥା କାର୍ତ୍ତିକେଶ୍ୱର ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରାୟ ୪ ବର୍ଷ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। କାର୍ତ୍ତିକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲେ। ଗତ କିଛି ଦିନ ପୂର୍ବରୁ କାର୍ତ୍ତିକ ଅନ୍ୟ ଜଣଙ୍କୁ ବିବାହ କରିବାକୁ ଯାଉଥିବା ନେଇ ପୀଡ଼ିତା ଖବର ପାଇଥିଲେ। ଏନେଇ ସେ କାର୍ତ୍ତିକଙ୍କୁ ପଚାରିବାରୁ ସେ ବିବାହ କରିବାକୁ ମନା କରି ଦେଇଥିଲେ। ପୀଡ଼ିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର କାର୍ତ୍ତିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାଇକ୍ ଚୋରିକରି ଦୁଇ ଗିରଫ

ଭୁବନେଶ୍ୱର,୧୧।୧୨(ସମିସ): ମୋଟର ସାଇକଲ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଖୋର୍ଦ୍ଧା ଟାଙ୍ଗୀ ଥାନା ଅଞ୍ଚଳର ଦୁଷ୍ମନ୍ତ ପ୍ରଧାନ ଓରଫ ମିଟୁ (୩୯) ଓ ନାଚୁଣୀର ଜୟନ୍ତ ଜେନା ଓରଫ ଟିକି (୩୭)।

ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନ ସମୟରେ କୁମାର ପ୍ରଳୟ ରଞ୍ଜନ କିଣାକିଣି କରିବା ପାଇଁ କଳିଙ୍ଗ ଷ୍ଟାଡିୟମ୍ ନିକଟସ୍ଥ କ୍ରୀଡ଼ା ସାମଗ୍ରୀ ଦୋକାନକୁ ଯାଇଥିଲେ। ସେ ଦୋକାନ ବାହାରେ ବାଇକ୍ ପାର୍କିଂ କରିଥିବାବେଳେ ଟିକି ଓ ମିଟୁ ଗାଡ଼ିଟିକୁ ଚୋରି କରି ନେଇଥିଲେ। ପ୍ରଳୟ ଫେରିବା ପରେ ତାଙ୍କ ବାଇକକୁ ପାର୍କିଂ ସ୍ଥାନରୁ ନ ପାଇ ପାଖ ଦୋକାନର ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲେ। ଚୋରି ହୋଇଥିବା ଜାଣିବା ପରେ ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଦୁଇ ଅଭିଯୁକ୍ତ ଚୋରା ବାଇକ୍ ନେଇ ନାଚୁଣୀରୁ ଜୟଦେବ ବିହାର ଆସୁଥିବାବେଳେ ପୁଲିସ ତାଙ୍କୁ ଗିରଫ କରିବା ସହିତ ଗୋଟିଏ ବାଇକ୍ ଜବତ କରିଥିଲା। ଦୁଇ ଜଣ ମିଶି ଗାଡ଼କଣ ବିଦ୍ୟୁତ୍ ଅଫିସ ନିକଟରୁ ଚୋରି କରିଥିବା ଆଉ ଏକ ବାଇକକୁ ଦୁଷ୍ମନ୍ତ ଘରୁ ଜବତ କରିଥିଲା ପୁଲିସ। ଦୁଇଟି ଚୋରା ବାଇକ୍ ଜବତ କରିବା ପରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ସେମାନଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର, ବାଣପୁର ଓ ଟାଙ୍ଗୀ ଥାନାରେ ସମୁଦାୟ ୫ଟି ଅପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଛି।

# କଏଦୀଙ୍କୁ ଜଗୁଛି 'ଏଆଇ'

ଭୁବନେଶ୍ୱର,୧୧।୧୨(ସମିସ):

ଜେଲ୍‌ଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ କଏଦୀ ରହୁଛନ୍ତି। କଏଦୀଙ୍କ ସଂଖ୍ୟା ଅଧିକ ଥିବାରୁ ଅପ୍ରୀତିକର ପରିସ୍ଥିତି ଦେଖାଯାଉଛି। ଏଭଳି କଥା ଆଗରୁ ବହୁତ ଶୁଣିବାକୁ ମିଳିଛି। କିନ୍ତୁ ବାସ୍ତବରେ ଏହା ସମ୍ପୂର୍ଣ୍ଣ ଓଲଟା। ରାଜ୍ୟର ଜେଲ୍‌ଗୁଡ଼ିକର କ୍ଷମତା ତୁଳନାରେ କମ୍ କଏଦୀ ରହିଛନ୍ତି। କିନ୍ତୁ ପରିଚାଳନାଗତ ତ୍ରୁଟି ଲାଗି କେଉଁଠି କେଞ୍ଚାଏ ତ କେଉଁଠି ମେଞ୍ଚାଏ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ଜେଲ୍‌ରେ କ୍ଷମତାଠାରୁ ଅଧିକ କଏଦୀ ରହୁଥିବାବେଳେ ତା'ର ନିକଟସ୍ଥ ଜେଲ୍‌ରେ ଏକ ପ୍ରକାର ଖାଲି ପଡ଼ିଛି। ଜେଲ୍ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରେ ଏଭଳି ରୋଚକ କଥା ପଦାକୁ ଆସୁଛି। ଯାହା ବିଭାଗୀୟ ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇଛି।

ଜେଲ୍ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟର ୮୬ଟି ଜେଲ୍‌ରେ ୨୩ହଜାର ୫୨୬ଜଣ କଏଦୀ ରହିବାର କ୍ଷମତା ରହିଛି। କିନ୍ତୁ ଏବେ ରାଜ୍ୟରେ ବିଭିନ୍ନ ଜେଲ୍‌ରେ ୧୭ହଜାର ୧୮୫ କଏଦୀ ରହୁଛନ୍ତି। ରାଜ୍ୟରେ ଅନେକ ଜେଲ୍‌ରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି। ଏମିତିକି କଏଦୀଙ୍କୁ ଜେଲ୍ ଅଣ୍ଟୁନି ବୋଲି ଅଭିଯୋଗ ଆସୁଛି। ଏଥିରେ ଜେଲ୍‌ର ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଦାୟୀ। କେଉଁ ଜେଲ୍‌ରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି ତ ଆଉ କେଉଁ ଜେଲ୍‌ରେ କଏଦୀ କମ୍ ରହୁଛନ୍ତି। କଏଦୀ କମ୍ ରହୁଥିବା ଜେଲ୍‌ଗୁଡ଼ିକୁ ବନ୍ଦ କରିବାକୁ ବି ନିଷ୍ପତ୍ତି ନିଆଯାଉଛି। ସବୁଠାରୁ ବଡ଼ କଥା, ଗୋଟିଏ ଲେଖାଏଁ ଜେଲ୍‌ରେ ହାର୍ଡକୋର୍ କଏଦୀ ଅଧିକ ରହୁଛନ୍ତି। ଗୋଟିଏ ଜେଲ୍‌ରେ ଅଧିକ ହାର୍ଡକୋର୍ କଏଦୀ

**ଜେଲ୍ ପରିଚାଳନାରେ ତ୍ରୁଟି**

**କେଉଁଠି କେଞ୍ଚାଏ; କେଉଁଠି ମେଞ୍ଚାଏ**

ରହିବାରୁ ସେମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଦେଖାଦେବା ସହିତ ମାର୍‌ପିଟ୍ ଓ ଗଣ୍ଡଗୋଳ ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଭାଇଗିରି ଓ ନିଶା କାରବାରକୁ ନେଇ ଛକାପଞ୍ଝା ପରେ ଜେଲ୍ ପରିସର ରଣକ୍ଷେତ୍ର ପାଲଟିଯାଉଛି। ଏହାକୁ ମୁକାବିଲା କରିବା ସହ ଏଥିରେ ସୁଧାର ଆଣିବାକୁ ବ୍ୟବସ୍ଥା କରୁଛି ଜେଲ୍ ବିଭାଗ। ହାର୍ଡକୋର୍ କଏଦୀଙ୍କ ରହିବା ଲାଗି ୧୩ଟି ଜେଲ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଏହି ଜେଲ୍‌ଗୁଡ଼ିକରେ ୧୧୨୫ ହାର୍ଡକୋର୍ କଏଦୀ ରହିବା ଭଳି ବ୍ୟବସ୍ଥା କରାଯାଉଛି।

କଏଦୀଙ୍କ ସୁରକ୍ଷା ସହ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। କଏଦୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଏଆଇ କ୍ୟାମେରା ଲଗାଯାଉଛି। ଗୋଟିଏ ସ୍ଥାନରୁ ସବୁ ସିସିଟିଭିକୁ ନିୟନ୍ତ୍ରଣ କରାଯିବା ସହ ସବୁ ଦିଗ ଉପରେ ନଜର ରଖାଯାଉଛି। ଚଳିତ ବର୍ଷ ୨୫ଟି ଜେଲ୍‌ରେ ସିସିଟିଭି ଲଗାଯାଇଛି। ଫୁଲବାଣୀ, କେନ୍ଦୁଝର, ଛତ୍ରପୁର, ଢେଙ୍କାନାଳ, ଭଞ୍ଜନଗର, ଦିଗପହଣ୍ଡି, ସୋରଡ଼ା, ଚମ୍ପୁଆ, ଆସ୍କା, ବରଗଡ଼, ଜି.ଉଦୟଗିରି, ବାଲିଗୁଡ଼ା, ପାଟଣାଗଡ଼, ସୋନପୁର, ନିମାପଡ଼ା, ବାଲେଶ୍ୱର, ଖୋର୍ଦ୍ଧା, ଜାମୁଝରୀ, କୁଜଙ୍ଗ, ଉମରକୋଟ, ଭବାନୀପାଟଣା, ମାଲକାନଗିରି, ସମ୍ବଲପୁର, କାମାକ୍ଷାନଗର ଓ କୋଟପଡ଼ା ଜେଲ୍‌ରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯାଇଛି। ୨୦୨୫ରେ ୨୫ଟି ଜେଲ୍‌ରେ ଉଚ୍ଚ ସମ୍ପନ୍ନ କ୍ୟାମେରା ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି।



ଅନୁରୂପ ଭାବେ କଏଦୀଙ୍କୁ ନିମ୍ନମାନର ଖାଦ୍ୟ ଓ ସ୍ୱାଦ ନ ଥିବା ଖାଦ୍ୟ ପରଷା ଯାଉଥିବାର ଅନେକ ସମୟରେ ଅଭିଯୋଗ ହୋଇଥାଏ। କାରଣ ଜେଲ୍‌ରେ ସଜା କାଟୁଥିବା କଏଦୀମାନେ ରୋଷେୟାର ଦାୟିତ୍ୱ ନେଇଥା'ନ୍ତି। ତେଣୁ ରୋଷେଇରେ ଅଭିଜ୍ଞତା ନ ଥିବାରୁ ଖାଦ୍ୟ ଖରାପ ହୋଇଥାଏ। କେଉଁଦିନ ପାଣିଆ ଡାଲି ତ କେଉଁଦିନ ପୋଡ଼ା ଭାତ ଖାଇବାକୁ ପଡୁଛି। ଏହାର ସମାଧାନ ଲାଗି ଜେଲ୍ ବିଭାଗ ନୂଆ ଯୋଜନା ଆରମ୍ଭ କରିଛି। ୨୦୦ରୁ ଅଧିକ କଏଦୀ ରହୁଥିବା ଜେଲ୍‌ଗୁଡ଼ିକରେ ମଡ୍ୟୁଲାର କିଚେନ୍ ବ୍ୟବସ୍ଥା କରାଯିବ। ଉକ୍ତ ଜେଲ୍‌ଗୁଡ଼ିକରେ ଆଜୀବନ ସଜା ଭୋଗୁଥିବା କଏଦୀଙ୍କୁ ରୋଷେଇ ପ୍ରଶିକ୍ଷଣ ଦିଆଯିବ। ପରେ ଜେଲ୍‌ଗୁଡ଼ିକରେ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଜଣାପଡ଼ିଛି।

## କଏଦୀ ଏବେ ଚେସ୍ ତାରକା

କଏଦୀଙ୍କ ଶିକ୍ଷା ଓ ଖେଳକୁଦ ପ୍ରତି ଗୁରୁତ୍ୱ ଦେଇ ଆସୁଛି ଜେଲ୍ ବିଭାଗ। କଏଦୀମାନଙ୍କୁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଖେଳିବାକୁ ପ୍ରୋତ୍ସାହିତ କରାଯାଉଛି। 'ପରିବର୍ତ୍ତନ' ନାମରେ ଗୋଟିଏ ଯୋଜନା କରାଯାଇ କଏଦୀଙ୍କୁ ଚେସ୍ ଖେଳ ଲାଗି ପ୍ରୋତ୍ସାହିତ କରାଯାଉଛି। ଅନ୍‌ଲାଇନ୍‌ରେ କଏଦୀଙ୍କୁ ଚେସ୍ ଖେଳ ବିଷୟରେ ତାଲିମ୍ ଦିଆଯାଉଛି। ବିଭିନ୍ନ ରାଜ୍ୟର ଜେଲ୍‌ଗୁଡ଼ିକରେ ରହୁଥିବା କଏଦୀଙ୍କ ସହ ଓଡ଼ିଶାର କଏଦୀଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗୁଛି। ଚେସ୍ ଖେଳ ପ୍ରତି ରୁଚି ରହୁଥିବା କଏଦୀଙ୍କୁ ଏଥିରେ ସାମିଲ୍ କରାଯାଉଛି। କେବଳ ଏତିକି ନୁହେଁ, ଯୋଗ, ଧାର୍ମିକ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ୍ ପ୍ରତିଯୋଗିତା ସହ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ କଏଦୀଙ୍କୁ ସାମିଲ୍ କରାଯାଉଛି। ସେମାନେ ଦେଶ ବିଦେଶରେ ନାଁ କରିବା ସହ ଓଡ଼ିଶାକୁ ଗୌରାବାନ୍ୱିତ କରୁଛନ୍ତି।



# ଗାଁ ଦାଣ୍ଡରୁ ମିଳିଲା ବୃଦ୍ଧଙ୍କ ମୃତଦେହ

ଭୁବନେଶ୍ୱର,୧୧।୧୨(ସମିସ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୀରବନ୍ଧ ଗାଁରେ ଅଭାବନୀୟ ଘଟଣା ଘଟିଛି। ଗାଁ ଦାଣ୍ଡରୁ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ମୃତକ ହେଉଛନ୍ତି ସେହି ଗାଁର ବାଉରୀବନ୍ଧୁ ବେହେରା (୬୫)। ଆରମ୍ଭରୁ ହତ୍ୟାକାଣ୍ଡ ବୋଲି କୁହାଯାଉଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ପରେ ଘଟଣାର ମୋଡ଼ ବଦଳିଛି। ଏହା ହତ୍ୟାକାଣ୍ଡ ବୋଲି ଦିନସାରା ଚର୍ଚ୍ଚା ଲାଗି ରହିଥିବାବେଳେ ତାଙ୍କର ହୃଦଘାତଜନିତ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି।



ମିଳିଥିବା ସୂଚନା ଅନୁସାରେ, ବୀରବନ୍ଧର ବାଉରୀବନ୍ଧୁ ଚାଷବାସ କରି ଚଳନ୍ତି। ତାଙ୍କ ଘରଠାରୁ ୩/୪ଟି ଘର ଛାଡ଼ି ଥିବା ପ୍ରମୋଦ ସାମନ୍ତରାୟଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା। ବିଭିନ୍ନ ସମୟରେ ଉଭୟଙ୍କ ଘରକୁ ଯିବାଆସିବା ମଧ୍ୟ କରନ୍ତି। ସବୁଦିନ ଭଳି ମଙ୍ଗଳବାର ରାତିରେ ଖାଇସାରିବା ପରେ ଘର ବାରଣ୍ଡାରେ ଶୋଇଥିଲେ। ବୁଧବାର ଭୋର୍ ସମୟରେ ପ୍ରମୋଦଙ୍କ ଘର ଆଗରୁ ବାଉରୀବନ୍ଧୁଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଏଥିସହିତ ପ୍ରମୋଦଙ୍କ ଘରଠାରୁ ବାଉରୀବନ୍ଧୁଙ୍କ ମୃତଦେହ ପଡ଼ିଥିବା ସ୍ଥାନ ଯାଏଁ ରକ୍ତ ଛିଟାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାପରେ ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହେବା ସହିତ ପ୍ରମୋଦ ହିଁ ବାଉରୀବନ୍ଧୁଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ କରିବା ସହିତ ପ୍ରମୋଦଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା ପୁଲିସ। ଏଥିସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପ୍ରମୋଦଙ୍କ ଘରଠାରୁ ମୃତଦେହ ପଡ଼ିଥିବା ସ୍ଥାନ ପର୍ଯ୍ୟନ୍ତ ରକ୍ତ ନମୁନା ସଂଗ୍ରହ କରିଥିଲା। ପ୍ରମୋଦଙ୍କ ଘର ନିକଟରୁ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିଲା। ଯାହା ଅପ୍ରାକୃତିକ ଯୌନ ସମ୍ପର୍କ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଥିଲା। କିନ୍ତୁ ଶବ ବ୍ୟବଚ୍ଛେଦ ବେଳେ ଡାକ୍ତରଙ୍କ ମନ୍ତବ୍ୟ ପୂରା ଘଟଣାର ମୋଡ଼କୁ ବଦଳାଇ ଦେଇଥିଲା। ବାଉରୀବନ୍ଧୁଙ୍କ ମୃତ୍ୟୁ ହୃଦଘାତଜନିତ ବୋଲି ଡାକ୍ତର କହିବା ପରେ ହତ୍ୟା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ। ସେପଟେ ଅଟକ ଥିବା ପ୍ରମୋଦଙ୍କୁ ପଚରାଉଚରା କରିବା ପରେ ଛାଡ଼ି ଦେଇଛି। ଆବଶ୍ୟକ ହେଲେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ତେବେ କେଉଁ ପରିସ୍ଥିତିରେ ବାଉରୀବନ୍ଧୁ ହୃଦଘାତର ଶିକାର ହେଲେ ସେନେଇ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୂରା ଘଟଣା ଉପରୁ ପରଦା ହଟିବ ବୋଲି ପୁଲିସ କହିଛି।

# ପିକକ୍ ପକ୍ଷରୁ ମାନବ ଅଧିକାର ଦିବସ

ବାଲିଅନ୍ତା,୧୧।୧୨(ସମିସ): ବାଲିଅନ୍ତା ବ୍ଲକ ବାଲିଅନ୍ତା ପଞ୍ଚାୟତର କୋଟକଣା ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ କଲଚରାଲ୍ ସେଣ୍ଟର (ପିକକ୍) ସହାୟତାରେ ମାନବ ଅଧିକାର ଦିବସ ପାଳନ କରାଯାଇଛି। ଏହି ଅବସରରେ ସାରା ବିଶ୍ୱରେ ନଭେମ୍ବର ୨୫ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ୧୬ ଦିନିଆ ଘରୋଇ ମହିଳା ହିଂସା ବିରୁଦ୍ଧ ଅଭିଯାନ ଚାଲିଥିବାବେଳେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଯଥା- ବାଲିଅନ୍ତା, ଜଗନ୍ନାଥପୁର, ଜୟଦେବ, ଭିଙ୍ଗାରପୁର, ବେଣ୍ଟପୁର ଗ୍ରାମ ପଞ୍ଚାୟତରେ ପିକକ୍ ବ୍ଲକ୍ ସଂଯୋଜିକା ଉପମା ମହାନ୍ତିଙ୍କ ପରିଚାଳନାରେ ୧୬ ଦିନିଆ ଘରୋଇ ମହିଳା ହିଂସା ବିରୁଦ୍ଧ ଅଭିଯାନ ଚାଲିଥିଲାବେଳେ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି କ୍ୟାମ୍ପେନରେ ୱାର୍ଡସଭ୍ୟ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ପ୍ରଣୀମିତ୍ର, କୃଷିମିତ୍ର ଓ ବହୁମାତ୍ରାରେ ଏସ୍‌ଏଚଜିର ମହିଳାମାନେ ଯୋଗଦେଇଥିଲେ। ଘରୋଇ ମହିଳା ହିଂସା ବିରୁଦ୍ଧରେ ସ୍ଲୋଗାନ ଦେଇ ପଦଯାତ୍ରା, ହ୍ୟୁମାନଚେନ୍, ଶପଥପାଠ କରିଥିଲେ। ଏଥିରେ ୧୬ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାଶ, କୋଟକଣା ଗ୍ରାମର ୱାର୍ଡସଭ୍ୟ ପ୍ରଶାନ୍ତ ଭୋଇ, ପ୍ରଧାନଶିକ୍ଷକ ସର୍ବେଶ୍ୱର ରାଉତରାୟ, ୱାର୍ଡସଭ୍ୟା ବନଲତା ଭୋଇ, ଅଙ୍ଗନବାଡ଼ି କର୍ମୀ ପ୍ରିୟଦର୍ଶିନୀ ଦାସ, ଆଶାକର୍ମୀ ମନୋରମା ଭୋଇ, ସିଆରପି ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ପିକକର ବ୍ଲକ୍ ସଂଯୋଜିକା ଉପମା ମହାନ୍ତି ଉପସ୍ଥିତ ଥିଲେ।



### ସ୍ୱାମୀଙ୍କ ଋଣ ପରିଶୋଧ ପାଇଁ...

## ୧.୫ ଲକ୍ଷରେ ପିଲାକୁ ବିକିଦେଲେ ମହିଳା

ବେଙ୍ଗାଲୁରୁ, ୧୧।୧୨ (ଏଜେନ୍ସି): କର୍ଣ୍ଣାଟକ ରାମନଗରର ଜଣେ ମହିଳା ନିଜର ୩୦ ଦିନର ଶିଶୁକୁ ବିକ୍ରି କରିଦେଇଛନ୍ତି। ଏହି ବାବଦକୁ ସେ ଦେଢ଼ ଲକ୍ଷ ଟଙ୍କା ନେଇଛନ୍ତି। ତେବେ ମହିଳାଙ୍କ ଦୁଇ ସହଯୋଗୀ ଏବଂ କ୍ରେତାଙ୍କୁ ପୁଲିସ ଗିରଫ କରିନେଇଛି। ଶିଶୁକୁ ଉଦ୍ଧାର କରି ଶିଶୁ କଲ୍ୟାଣ ଗୃହକୁ ପଠାଇ ଦେଇଛି। ପୁଲିସ ଜେରା କରିବାରୁ ସ୍ୱାମୀଙ୍କ ଋଣ ସୁଝିବା ପାଇଁ ଶିଶୁକୁ ବିକ୍ରି କରିଥିଲେ ବୋଲି ମହିଳା କହିଛନ୍ତି। ସୂଚନା ଅନୁଯାୟୀ ଗତ ୭ ତାରିଖରେ ଶିଶୁପୁତ୍ର ନିଖୋଜ ଥିବା ନେଇ ମହିଳାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ଏହା ପଛରେ ସ୍ତ୍ରୀର ହାତ ଥିବା ସେ ସନ୍ଦେହ କରୁଥିଲେ। ସ୍ୱାମୀସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରନ୍ତି। ଉଭୟଙ୍କର ପାଞ୍ଚ ସନ୍ତାନ। କମ୍ ଆୟରେ ଏତେ ବଡ଼ ପରିବାର ଚଳାଇବାକୁ ସମସ୍ୟା ହେଉଥିଲା। ଏଥିପାଇଁ ସେ ଋଣ କରିଥିଲେ। ସ୍ୱାମୀ ପୁଲିସକୁ କହିଥିଲେ ଯେ ତାଙ୍କର ୩ ଲକ୍ଷ ଟଙ୍କା ଋଣ ଅଛି। ତେଣୁ ଋଣ ସୁଝିବା ପାଇଁ ପତ୍ନୀ କୌଣସି ନିଃସନ୍ତାନକୁ ଶିଶୁକୁ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ସ୍ୱାମୀ ଏହାକୁ ଖଣ୍ଡନ କରିଦେଇଥିଲେ। ଏହା ପରେ ଗତ ୫ ତାରିଖରେ ଶିଶୁ ନିଖୋଜ ହୋଇ ଯାଇଥିଲା। ଏ ବିଷୟରେ ପଚାରିବାରୁ ଦେହ ଖରାପ ହେବାରୁ ଶିଶୁକୁ ଡାକ୍ତରଖାନାକୁ ପଠାଇଥିବା ପତ୍ନୀ କହିଥିଲେ। ଚିହ୍ନା ଡାକ୍ତରଙ୍କୁ ପଚାରିବାରୁ ସେ ମନା କରିଦେଇଥିଲେ। ତେଣୁ ସ୍ୱାମୀ ବାଧ୍ୟ ହୋଇ ଏତଲା ଦେଇଥିଲେ।

### ଦୁଇ ହଜାର ଋଣ ପାଇଁ ସୀମା ଟପିଲା ଏଜେଣ୍ଟଙ୍କ ଅତ୍ୟାଚାର

## ଜୀବନ ହାରିଲେ ନବବିବାହିତ



ହାଇଦରାବାଦ, ୧୧।୧୨ (ଏଜେନ୍ସି): ଆନ୍ଧ୍ର ପ୍ରଦେଶର ବିଶାଖାପଟଣାରୁ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ଲୋନ୍ ଏଜେଣ୍ଟ ୨ ହଜାର ଟଙ୍କା ପାଇଁ ଯୁବକଙ୍କ ପତ୍ନୀଙ୍କ ରୂପାନ୍ତରିତ (ଅଶ୍ଳୀଳ) ଫଟୋକୁ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ପାଖକୁ ପଠାଇ ଦେଇଛି। ଏଥିପାଇଁ ମହିଳାଙ୍କ ସ୍ୱାମୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣା ଋଣ ଆଦାୟ ପାଇଁ ଏଜେଣ୍ଟ କରୁଥିବା ଜଘନ୍ୟ ଏବଂ ଅମାନବିକ କାର୍ଯ୍ୟକଳାପକୁ ଦର୍ଶାଉଛି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ୨୫ ବର୍ଷୀୟ ମତ୍ସ୍ୟଜୀବୀ ନରେନ୍ଦ୍ର ଅନ୍ୟ ଜାତିର ଅଖିଲାଙ୍କୁ ଗତ ୨୮ ତାରିଖରେ ବିବାହ କରିଥିଲେ। ଉଭୟେ ବିଶାଖାପାଟଣାରେ ରହୁଥିଲେ। ତେବେ ପାଣିପାଗ ଖରାପ ଥିବାରୁ ନରେନ୍ଦ୍ର ମାଛ ମାରିବାକୁ ସମୁଦ୍ରକୁ ଯାଇପାରି ନ ଥିଲେ। ଏଥିଯୋଗୁଁ ଆର୍ଥିକ ଚାପ ବଢ଼ିବାରୁ ସେ କିଛି ଦିନ ତଳେ ଏକ ଆପ୍‌ରୁ ୨ ହଜାର ଟଙ୍କା ଋଣ ଆଣିଥିଲେ। ମାତ୍ର କିଛି ସପ୍ତାହ ମଧ୍ୟରେ ଏହି ଅର୍ଥ ଆଦାୟ ପାଇଁ ଏଜେଣ୍ଟ ଚାପ ପକାଇ ଥିଲା। ମୋବାଇଲରେ ଖରାପ ମେସେଜ କରିବାକୁ ଲାଗିଥିଲା। ପରେ ସେ ନରେନ୍ଦ୍ରଙ୍କୁ ପତ୍ନୀଙ୍କ ରୂପାନ୍ତରିତ ଫଟୋ ପଠାଇ ଏହାକୁ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କୁ ପଠାଇବାକୁ ଧମକ ଦେଇଥିଲା। ଏହି ଫଟୋ ତଳେ ମୂଲ୍ୟ ମଧ୍ୟ ଲେଖା ଯାଇଥିଲା। ଏହି ଫଟୋ ଅଖିଲାଙ୍କ ପାଖକୁ ମଧ୍ୟ ସେ ପଠାଇ ଥିଲା। ଅଖିଲା ଏହାର ସୂଚନା ସ୍ୱାମୀଙ୍କୁ ଦେଇଥିଲେ।

ଏହା ପରେ ଦମ୍ପତି ସବୁ ଟଙ୍କା ଫେରାଇବାକୁ ନିଷ୍ପତ୍ତି ନେଇଥିଲେ। ଏହା ସତ୍ତ୍ୱେ ଏଜେଣ୍ଟ ତାଙ୍କୁ ନିର୍ଯାତନା ଦେଇ ଚାଲିଥିଲା। ଏହା ପରେ କିଛି ଲୋକ ପତ୍ନୀଙ୍କ ଫଟୋ ବିଷୟରେ ତାଙ୍କୁ ଫୋନ୍ କରି ପଚାରି ଥିଲେ। ଏଥିରେ ଭାଙ୍ଗିପଡ଼ିଥିବା ନରେନ୍ଦ୍ର ବିବାହର ୬ ସପ୍ତାହ ଭିତରେ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ। ସପ୍ତାହେ ମଧ୍ୟରେ ଆନ୍ଧ୍ରରୁ ଏଭଳି ତିନୋଟି ଘଟଣା ସାମ୍ନାକୁ ଆସିଲାଣି। ଏହା ପୂର୍ବରୁ ନନ୍ଦୟାଲ ଜିଲ୍ଲାର ଜଣେ ମହିଳା ଏଜେଣ୍ଟର ଉତ୍ପୀଡ଼ନର ଶିକାର ହୋଇ ଆଜି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ପୁଲିସ ତାଙ୍କୁ ବଞ୍ଚାଇ ଦେଇଥିଲା। ଲୋନ୍ ଆପ୍‌ରେ ସହଜରେ ଋଣ ମିଳି ଯାଉଥିବାବେଳେ ଏଜେଣ୍ଟ ଲୋକଙ୍କୁ ଖରାପ ବ୍ୟବହାର କରୁଥିବାର ଅନେକ ମାମଲା ସାମ୍ନାକୁ ଆସିଛି। ଏଭଳି ଏଜେଣ୍ଟ ଏବଂ କମ୍ପାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଉଛି।

## ଇଞ୍ଜିନିୟରଙ୍କ ଆତ୍ମହତ୍ୟା: ପତ୍ନୀଙ୍କ ସମେତ ୪ ଜଣଙ୍କ ନାମରେ ଏତଲା



ବେଙ୍ଗାଲୁରୁ, ୧୧।୧୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ ପତ୍ନୀ ନିକିତା ସିଙ୍ଘାଣିଆ, ଶାଶୁ ନିଶା, ଶଳା ଅନୁରାଗ ଏବଂ ଦାଦାଶ୍ୱଶୁର ସୁଶିଲ ସିଙ୍ଘାଣିଆଙ୍କ ବିରୋଧରେ ଏତଲା ଦାଏର ହୋଇଛି। ଏତଲାରେ ବିଚାରପତିଙ୍କ ନାମ ମଧ୍ୟ ରହିଛି। ମୃତ ଅତୁଲଙ୍କ ଭାଇ ବିକାଶ କୁମାରଙ୍କ ଅଭିଯୋଗ ଆଧାରରେ ମରାଠାହାଲି ପୁଲିସ ଏହି ପଦକ୍ଷେପ ନେଇଛି। ବିଏନଏସର ଧାରା ୧୦୮ ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିର୍ଯାତନା ଦେଇଥିବା ବ୍ୟକ୍ତିଙ୍କୁ ଦଣ୍ଡ ନ ମିଳିଲେ ଅସ୍ଥିକୁ କୋର୍ଟ ଡ୍ରେନ୍‌ରେ ଭସାଇ ଦେବାକୁ ଅତୁଲ କହି ଯାଇଛନ୍ତି। ୨୪ ପୃଷ୍ଠାର ସୁଇସାଇଡ୍ ନୋଟ୍ ଓ ଦେଢ ଘଣ୍ଟାର ଭିଡିଓ ମେସେଜରେ ବ୍ୟବସ୍ଥା ପ୍ରତି ବିଶ୍ୱାସ ନ ଥିବା ଉଲ୍ଲେଖ କରିଛନ୍ତି। ଆକ୍‌ସେଞ୍ଚର ଭଳି ପ୍ରତିଷ୍ଠିତ ଆଇଟି କଂପାନୀରେ ଚାକିରୀ କରୁଥିବା ସତ୍ତ୍ୱେ ତାଙ୍କ ପତ୍ନୀ ନିକିତା ଏକାଥରକେ ଛାଡ଼ପତ୍ର ବାବଦକୁ ୩ କୋଟି ଟଙ୍କା ଦାବି କରୁଥିଲେ। ମିଛ ମାମଲାରେ ଫସାଇ ଥିଲେ। ଏହାକୁ ନେଇ ସେ ମାନସିକ ଚାପରେ ରହୁଥିଲେ ଅତୁଲ। ଏବେ ଅତୁଲଙ୍କୁ ନ୍ୟାୟ ଦେବାକୁ ଦାବି ହେଉଛି। ସେ ଅଭିଯୋଗ କରି ଯାଇଛନ୍ତି ପତ୍ନୀ ଟଙ୍କା ନେଇ ତାଙ୍କ ବିରୋଧରେ ବ୍ୟବହାର କରନ୍ତି। ତେଣୁ ସେ ଏହାର ମୂଳଦୁଆକୁ ନଷ୍ଟ କରିବାକୁ ଯାଉଛନ୍ତି। ଅତୁଲ ତାଙ୍କ ୪ ବର୍ଷର ପୁଅ ପାଇଁ ଏକ ବିଶେଷ ଉପହାର ଏବଂ ଚିଠି ମଧ୍ୟ ଛାଡିଛନ୍ତି।

# ଯୌତୁକ ଆଇନର ଅପବ୍ୟବହାର ବନ୍ଦ କରଯାଉ: ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଯୌତୁକ ବିରୋଧୀ ଆଇନ ଶୋଷଣର ମାଧ୍ୟମ ପାଲଟୁଛି ବୋଲି କୁହାଯାଉଛି। ଆଇନ ବଦଳାଇବାକୁ ଦାବି ଉଠୁଥିବାବେଳେ ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି। ଯୌତୁକ ନିର୍ଯାତନା ଆଇନକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଆଇନର ଅପବ୍ୟବହାର କରି ମହିଳା ନିଜ ଶ୍ୱଶୁର ଘର ଏବଂ ସମ୍ପର୍କୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନେଇ କୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ମାମଲାର ଶୁଣାଣି ବେଳେ କୋର୍ଟ ଯତ୍ନବାନ ହେବା ଉଚିତ୍ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି। କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନ ଥିବା ବୈବାହିକ ବିବାଦକୁ ପ୍ରାରମ୍ଭରୁ ସମାପ୍ତ କରିଦେବା ଉଚିତ। ସମ୍ବନ୍ଧିତ ଆପରାଧିକ ମାମଲାରେ ପରିବାର ସଦସ୍ୟଙ୍କ ସକ୍ରିୟ ସମ୍ପୃକ୍ତି ଥିବା ନିର୍ଦ୍ଦିଷ୍ଟ ଅଭିଯୋଗ ବିନା ପରିବାର ସଦସ୍ୟଙ୍କ ନାମ ଉଲ୍ଲେଖ କରିବାକୁ ବାରଣ କରାଯିବା ଉଚିତ୍। ମହିଳା ଏବଂ ତାଙ୍କ ପରିବାରକୁ ଆଇନର ଅପବ୍ୟବହାର କରିବାକୁ ଅନୁମତି ନ ଦିଆଯିବା ଉଚିତ। ସ୍ୱାମୀଙ୍କ ସମ୍ପର୍କୀୟଙ୍କୁ ଜଡିତ କରିବାର ପ୍ରବୃତ୍ତିକୁ ଦୃଷ୍ଟିରେ ରଖି ନିରୀହ ପରିବାର ସଦସ୍ୟଙ୍କୁ ଅନାବଶ୍ୟକ ସମସ୍ୟାରୁ ରକ୍ଷା କରାଯିବା ଆବଶ୍ୟକ। ତେଲେଙ୍ଗାନା ହାଇକୋର୍ଟଙ୍କ ରାୟକୁ ଖାରଜ କରି ଖଣ୍ଡପୀଠ କହିଥିଲେ ଯେ ଅନେକ ସମୟରେ ବୈବାହିକ ବିବାଦରେ ସ୍ୱାମୀଙ୍କ ସମସ୍ତ ପରିବାର ସଦସ୍ୟଙ୍କୁ ଜଡିତ କରାଯାଇ ଥାଏ। ମାତ୍ର ଏ ନେଇ ଠୋସ୍ ପ୍ରମାଣ ନ ଥାଏ। ଏପରି ସାଧାରଣ ଅଭିଯୋଗ ଆପରାଧିକ କାର୍ଯ୍ୟାନୁଷ୍ଠାନର ଆଧାର ହୋଇପାରିବ ନାହିଁ। ଏଭଳି ମାମଲାରେ ଆଇନଗତ ବ୍ୟବସ୍ଥାର ଅପବ୍ୟବହାରକୁ ରୋକିବା ଦିଗରେ କୋର୍ଟ ସତର୍କତା ଅବଲମ୍ବନ କରିବା ଉଚିତ।

### ଧାରା ୪୯୮ (କ) ମହିଳାଙ୍କ ଅସ୍ତ୍ର ପାଲଟିଛି

ସୁପ୍ରିମକୋର୍ଟ କହିଛନ୍ତି ଯେ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଜଣେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା ହିଁ ଆଇପିସିରେ ଧାରା ୪୯୮ (କ)ର ଉଦ୍ଦେଶ୍ୟ। ଏହା ଦ୍ୱାରା ରାଜ୍ୟର ତୁରନ୍ତ ହସ୍ତକ୍ଷେପ ସୁନିଶ୍ଚିତ କରାଯାଇଛି। ମାତ୍ର ଏହା ଏବେ ମହିଳାଙ୍କ ପାଇଁ ଅସ୍ତ୍ର ପାଲଟି ଯାଇଛି। ନିକଟ ଅତୀତରେ ସମଗ୍ର ଦେଶରେ ବିବାହ ବିବାଦରେ ଉଲ୍ଲେଖନୀୟ ବୃଦ୍ଧି ଘଟିବା ସହିତ ବିବାହ ପ୍ରତିଷ୍ଠାନ ମଧ୍ୟରେ ମତଭେଦ ଏବଂ ତିକ୍ତତା ମଧ୍ୟ ବୃଦ୍ଧି ପାଇଥିଲା। ଏଭଳି ମାମଲାରେ ୪୯୮-ଏ ଅପବ୍ୟବହାର କରାଯାଉଥିବା ଜଣାପଡ଼ିଥିଲା। ଅସ୍ପଷ୍ଟ ତଥା ସାଧାରଣ ଅଭିଯୋଗର ଅନୁସନ୍ଧାନ କରା ନ ଗଲେ ଆଇନଗତ ପ୍ରକ୍ରିୟାର ଅପବ୍ୟବହାର ହେବ। ପତ୍ନୀ ଏବଂ ତାଙ୍କ ପରିବାର ଦ୍ୱାରା ଚାପ ପକାଇବା ବୃଦ୍ଧି ପାଇବ। ତେବେ କ୍ରୂରତାର ଶିକାର ହେଉଥିବା କୌଣସି ମହିଳା ନୀରବ ରହିବା ଉଚିତ୍ ନୁହେଁ। ସେ ଏନେଇ ଅଭିଯୋଗ କରିବା ଉଚିତ୍। ତେବେ ମିଥ୍ୟା ଅଭିଯୋଗ ସମୟରେ କୋର୍ଟଙ୍କୁ ସତର୍କ ହେବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ ଏହି ମାମଲାରେ ପତ୍ନୀ ନିଜ ପତି ଏବଂ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ଘରୋଇ ହିଂସା ମାମଲା ରୁଜୁ କରିଥିଲେ। ପତି ଏହା ବିରୋଧରେ ହାଇକୋର୍ଟ ଯାଇଥିଲେ। କିନ୍ତୁ ମାମଲା ରଦ୍ଦ କରିବାକୁ ମନା କରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## 'ଭରଣପୋଷଣ ଭତ୍ତାର ଅର୍ଥ ନୁହେଁ ସ୍ୱାମୀଙ୍କୁ ଦଣ୍ଡ ଦେବା'

ନୂଆଦିଲ୍ଲୀ: ଏକ ପାରିବାରିକ ବିବାଦ ମାମଲାରେ ସୁପ୍ରିମକୋର୍ଟ ସୋମବାର ପତ୍ନୀ ଏବଂ ଶିଶୁଙ୍କୁ ଭରଣପୋଷଣ ବାବଦକୁ ଥରକେ ୫ କୋଟି ଟଙ୍କା ଦେବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭରଣପୋଷଣ ଭତ୍ତାର ଅର୍ଥ ସ୍ୱାମୀଙ୍କୁ ଦଣ୍ଡ ଦେବା ନୁହେଁ ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ପ୍ରସନ୍ନା ବିଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଦେଇଥିଲେ। ପତ୍ନୀ ଏବଂ ଶିଶୁ ସମ୍ମାନର ସହ ଜୀବନଯାପନ କରନ୍ତୁ ବୋଲି କୋର୍ଟ ଚାହୁଁଛନ୍ତି। ଏହି ମାମଲାରେ ବିବାହର ୬ ବର୍ଷ ପରେ ସ୍ୱାମୀସ୍ତ୍ରୀ ୨ ଦଶନ୍ଧି ପର୍ଯ୍ୟନ୍ତ ଅଲଗା ରହିଥିଲେ। ପତ୍ନୀ ପରିବାର ସହ ଖରାପ ବ୍ୟବହାର କରୁଥିବା ପତି ଅଭିଯୋଗ କରିଥିଲେ। ଏବେ ଉଭୟେ ସମ୍ବନ୍ଧରେ ରହିପାରିବେ ନାହିଁ ବୋଲି କୋର୍ଟ କହିଥିଲେ।



ସଂସଦ ଭବନ ବାହାରେ ଜାତୀୟ ପତାକା ଓ ଫୁଲ ଦେଇ ବିରୋଧୀ ସଦସ୍ୟଙ୍କ ପ୍ରତିବାଦ

## ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନ ବୁଧବାର ଦ୍ୱାଦଶ ଦିନରେ ପହଞ୍ଚିଛି। ଏ ପର୍ଯ୍ୟନ୍ତ ଆଦାନୀ ଝଡ଼ ଗୃହରୁ ଥମିନାହିଁ। ଏହା ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ସେ ଗୃହକାର୍ଯ୍ୟରୁ ଅପମାନଜନକ ମନ୍ତବ୍ୟ ହଟାଇବାକୁ ଦାବି କରିଛନ୍ତି। ଏହା ସହିତ ଆଦାନୀ ପ୍ରସଙ୍ଗରେ ଚର୍ଚ୍ଚା ଦାବି କରିଛନ୍ତି। ଏହି ପ୍ରସଙ୍ଗରୁ ପଛଘୁଞ୍ଚା ଦେବେନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସଂସଦ କାର୍ଯ୍ୟ ଚାଲୁ ଏବଂ ଗୃହରେ ଚର୍ଚ୍ଚା ହେଉ ବୋଲି ଆମେ ଚାହୁଁଛୁ। ମାତ୍ର କ୍ଷମତାସୀନ ଦଳ କ'ଣ ଚାହୁଁଛନ୍ତି ସେଥିରେ କିଛି ଯାଏ ଆସେ ନାହିଁ। ୧୩ ତାରିଖରେ ସମ୍ବିଧାନ ଉପରେ ଚର୍ଚ୍ଚା ହେଉ। ତେବେ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା କଂଗ୍ରେସ ସଂସଦସୋନିଆ ଗାନ୍ଧୀ-ଉଦ୍ୟୋଗପତି ଜର୍ଜ ସୋରୋସଙ୍କ ସମ୍ବନ୍ଧକୁ ନେଇ କଂଗ୍ରେସ ସୂଚନା ଦେଉ ବୋଲି ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ସାଂସଦ ଆଜି ସଂସଦ ବାହାରେ ନିଆରା ପ୍ରତିବାଦ କରିଛନ୍ତି। ଏନ୍‌ଡିଏ ସାଂସଦଙ୍କୁ ଜାତୀୟ ପତାକା ଏବଂ ଫୁଲ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏଥିରେ ସାମିଲ ହୋଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ସେ ଫୁଲ ଏବଂ ପତାକା ପ୍ରଦାନ କରିଥିଲେ। କଂଗ୍ରେସ ସାଂସଦ ସୁଖଦେଓ ଭଗତ କହିଛନ୍ତି ଯେ ବିଜେପି ଗୃହକୁ 'ଲଜ୍ଜାବନ୍ତୀ' (ଲଜ୍ୟାର ଚାରା)ରେ ପରିଣତ କରିଦେଇଛି। ଆଦାନୀ ପ୍ରସଙ୍ଗ ଆସିବାବେଳକୁ ଗୃହକୁ ମୁଲତବୀ ରଖାଯାଉଛି। ସେହିପରି ପତାକା ଦେଇ ଦେଶକୁ ବିକ୍ରି ନ କରିବାକୁ କହୁଛୁ ବୋଲି ସାଂସଦ ବର୍ଷା ଗାଏକ୍ୱାଡ କହିଛନ୍ତି।

### ଆଫଗାନିସ୍ତାନରେ ଆତ୍ମଘାତୀ ଆକ୍ରମଣ

## ମନ୍ତ୍ରୀ ହକ୍କାନୀଙ୍କ ସମେତ ୫ ମୃତ



କାବୁଲ, ୧୧।୧୨ (ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲର ଶରଣାର୍ଥୀ ମନ୍ତ୍ରାଳୟ ନିକଟରେ ବୁଧବାର ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ତାଲିବାନର ଶରଣାର୍ଥୀ ମନ୍ତ୍ରୀ ଖଲିଲ ରହମାନ ହକ୍କାନୀଙ୍କ ସମେତ ତାଙ୍କର ୪ ଅଙ୍ଗରକ୍ଷୀଙ୍କ ମୃତ୍ୟୁ ହୋଇଛି। ତାଲିବାନ ଅନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନି ଏହି ସୂଚନା ଦେଇଛନ୍ତି। ହକ୍କାନୀ ତାଙ୍କ ଦାଦା ଥିଲେ। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ। ତେବେ ଏହା ପଛରେ ଆଇଏସଆଇଏସ-କେର ହାତ ଥିବା କୁହାଯାଉଛି। ପ୍ରାର୍ଥନା ପାଇଁ ହକ୍କାନୀ ଯାଉଥିବାବେଳେ ଏହି ଆକ୍ରମଣ ହୋଇଥିଲା। ଏହି ଆତଙ୍କବାଦୀ ସଂଗଠନ ଆଫଗାନରେ କ୍ରମାଗତ ଭାବେ ଆକ୍ରମଣ କରିଆସୁଛି। ସୂଚନାଯୋଗ୍ୟ ଯେ ହକ୍କାନୀ ନେଟୱର୍କର ମୁଖ୍ୟ ଖଲିଲ ହକ୍କାନୀକୁ ଆମେରିକା ବିଶ୍ୱ ଆତଙ୍କବାଦୀ ଘୋଷଣା କରି ୫୦ ଲକ୍ଷ ଡଲାର (୪୨ କୋଟି ଟଙ୍କା) ପୁରସ୍କାର ରଖିଥିଲା। ୨୦୨୧ରେ କ୍ଷମତା ଦଖଲ ପରେ ହକ୍କାନୀ ତାଲିବାନ ସରକାରରେ ସାମିଲ ହୋଇଥିଲା।

# ଇଭିଏମ୍ ବିରୋଧରେ ଗାଁ ଗାଁରେ ମେଳି

### ବାଲାଟ ପେପର ସପକ୍ଷରେ ଚଳାଇଛନ୍ତି ସଂକଳ୍ପ ଅଭିଯାନ

ମୁମ୍ବାଇ, ୧୧।୧୨ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଭିଏମ ଜାଲିଆତି କରାଯାଇଥିବା ନେଇ ବିରୋଧୀ ଅଭିଯୋଗ କରିଆସୁଛନ୍ତି। ଏହାକୁ ନେଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ତେବେ କ୍ରମାଗତ ଭାବେ ନିର୍ବାଚନ କମିଶନ (ଇସି) ଏହି ଅଭିଯୋଗକୁ ଖାରଜ କରିଚାଲିଛନ୍ତି। ଭିଭିପାଟ ଏବଂ ଇଭିଏମ ଯାଞ୍ଚ ଠିକ୍ ଅଛି ଏବଂ ସବୁ ତଥ୍ୟ ମେଳ ଖାଉଛି ବୋଲି ଇସି କହିଛନ୍ତି। ଏବେ ବିରୋଧୀ ମେଣ୍ଟ ସୁପ୍ରିମକୋର୍ଟ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ନିର୍ବାଚନ କମିଶନଙ୍କ ବିରୋଧରେ ସୁପ୍ରିମକୋର୍ଟ ଯିବୁ ବୋଲି ଏନ୍‌ସିପି (ଏସପି) ନେତା ପ୍ରଶାନ୍ତ ଜଗତାପ କହିଛନ୍ତି। ସେ ପୁନେର ହଡ଼ପସର ସିଟ୍‌ରୁ ନିର୍ବାଚନ ହାରି ଯାଇଥିଲେ। ଆସନ୍ତା ୧୩ ତାରିଖରେ ବିରୋଧୀ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିବେ। ଶରଦ ପାୱାରଙ୍କ ଘରେ ମଙ୍ଗଳବାର ଅନୁଷ୍ଠିତ ବିରୋଧୀ ଦଳଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେ ଏବଂ କଂଗ୍ରେସ ନେତା ତଥା ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ସାମିଲ ହୋଇଥିଲେ। ଇଭିଏମରେ ଜାଲିଆତି ଯୋଗୁଁ ନିର୍ବାଚନ ହାରିଗଲୁ ବୋଲି ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦାବି କରାଯାଉଛି। ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନାନା ପାଟୋଲେ କହିଛନ୍ତି ଯେ ମାର୍କଦୱାଡିରେ ଲୋକଙ୍କ ଏଭଳି ଅଭିଯୋଗ ପରେ ବିରୋଧ ଆରମ୍ଭ ହୋଇଥିଲା। ନିର୍ବାଚନ କମିଶନ ଅନିୟମିତତା କରିଛନ୍ତି। ଉତ୍ତର ମାଗିବା ପରେ ଇସି ଏହାକୁ ୱେବସାଇଟରୁ ହଟାଇ ଦେଇଥିଲେ। ରାତିର ଅନ୍ଧାରରେ ଗଣତନ୍ତ୍ରର ହତ୍ୟା କରିବା ପାପ। ଏହା ବିରୋଧରେ ମେଣ୍ଟ କୋର୍ଟ ଯିବ ବୋଲି ସେ କହିଛନ୍ତି। ତେବେ ବିଜେପି ବିଜେପିକୁ ବଦନାମ କରିବା ପାଇଁ ବିରୋଧୀ ଇଭିଏମ୍ ଉପରେ ପ୍ରଶ୍ନ ଉଠାଉଛନ୍ତି ବୋଲି ବିଜେପି ସଭାପତି ଚନ୍ଦ୍ରଶେଖର ବାୱନକୁଲେ କହିଛନ୍ତି।

### ମହାରାଷ୍ଟ୍ର ବିଧାନସଭା ନିର୍ବାଚନ: ସୁପ୍ରିମକୋର୍ଟ ଯିବେ ବିରୋଧୀ ଦଳ

ଅନ୍ୟପକ୍ଷରେ ଇଭିଏମ ବିରୋଧୀ ଲଢ଼େଇ ମହାରାଷ୍ଟ୍ରର ଗ୍ରାମସ୍ତରରେ ପହଞ୍ଚିଛି। ଗ୍ରାମ କମିଟିଗୁଡିକ ଇଭିଏମ୍ ବିରୋଧରେ ସଂକଳ୍ପ ପାରିତ କରୁଛନ୍ତି। ସୂଚନା ଅନୁଯାୟୀ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହାନ ହାରିଥିବା କରାଡ ଦକ୍ଷିଣ ବିଧାନସଭା ଆସନର କୋଲେୱାଡି ଗ୍ରାମବାସୀ ଏଭଳି କରିଛନ୍ତି। ଭବିଷ୍ୟତରେ ବାଲାଟ ପେପରରେ ସମସ୍ତ ନିର୍ବାଚନ କରାଇବାକୁ ଗ୍ରାମବାସୀ ପ୍ରସ୍ତାବ ପାରିତ କରାଇଛନ୍ତି। ରାଜ୍ୟର ଦ୍ୱିତୀୟ ଗ୍ରାମ ଭାବେ କୋଲେୱାଡ଼ି ଗ୍ରାମବାସୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ସୋଲାପୁର ମାଲସିରସ ଆସନର ମାର୍କଦୱାଡି ଗାଁର ଲୋକେ ଇଭିଏମ ଉପରେ ପ୍ରଶ୍ନ ଉଠାଇଥିଲେ। ଏନସିପି ପ୍ରାର୍ଥୀ ଉତ୍ତମ ରାଓ ଜାନକରଙ୍କୁ ଭୋଟ୍ ଦେଇଥିବାବେଳେ ଫଳାଫଳରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା କହିଥିଲେ। ଏମାନେ ବାଲାଟ ପେପର ମାଧ୍ୟମରେ ଆଉ ଥରେ ମତଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଥିଲେ। ମାତ୍ର ପ୍ରଶାସନ ନ ଶୁଣିବାରୁ ନିଜେ ମତଦାନ କରାଇବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପ୍ରଶାସନ ୧୪୪ ଧାରା ଲଗାଇ ଏହାକୁ ଅଟକାଇ ଦେଇଥିଲା। ଏହାକୁ ନେଇ ଅନେକ ଲୋକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଥିଲା।



## 'ଆପଣମାନେ ସୁସ୍ଥ ରୁହନ୍ତୁ, ଖୁସି ରୁହନ୍ତୁ, ଧନ୍ୟବାଦ'

କୋଲକାତା, ୧୧।୧୨ (ଏଜେନ୍ସି): ମହାରାଷ୍ଟ୍ର, ହରିୟାଣା ବିଧାନସଭା ନିର୍ବାଚନରେ ପରାଜୟ ପରେ ବିରୋଧୀ ଇଣ୍ଡିଆ ମେଣ୍ଟର 'ନେତୃତ୍ୱ' ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ନେତୃତ୍ୱ ନେବାକୁ ଚାହୁଁଛନ୍ତି। ମମତାଙ୍କ ନେତୃତ୍ୱକୁ ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ, ସଞ୍ଜୟ ରାଉତ, ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଏବଂ ଆର୍‌ଜେଡି ସୁପ୍ରିମୋ ଲାଲୁ ଯାଦବ ସମର୍ଥନ ଦେଇଛନ୍ତି। ଏହା ମଧ୍ୟରେ ମମତା ଆଜି କାହାର ନାମ ନ ନେଇ ଅକୁଣ୍ଠ ସମର୍ଥନ ଦେଇଥିବା ନେତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଭଳି ସମ୍ମାନ ଦେଇଥିବାରୁ କୃତଜ୍ଞ ବୋଲି କହିଛନ୍ତି। 'ଆପଣମାନେ ସୁସ୍ଥ ରୁହନ୍ତୁ, ଖୁସି ରୁହନ୍ତୁ ଧନ୍ୟବାଦ'। ସମସ୍ତେ ଏକାଠି ରୁହନ୍ତୁ ଏବଂ 'ଇଣ୍ଡିଆ' ଗୋଷ୍ଠୀ ଭଲରେ ରହୁ ବୋଲି ସେ ଚାହୁଁଥିବା କହିଛନ୍ତି।

## ବାଂଲାଦେଶୀଙ୍କ ପଦଯାତ୍ରା ନେଇ ଉତ୍ତେଜନା: ଭାରତ ସତର୍କ

**ଆଲୋଚନା ମାଧ୍ୟମରେ ସମାଧାନ ଲାଗି କହିଲା ଆମେରିକା**



ଢାକା, ୧୧।୧୨ (ଏଜେନ୍ସି): ବାଂଲାଦେଶର ଭାରତ ବିରୋଧୀ ଆଭିମୁଖ୍ୟ କାହାକୁ ଅଛପା ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶ ଛାଡ଼ିବା ପରଠାରୁ ଅନ୍ତରୀଣ ମହମ୍ମଦ ୟୁନୁସ ସରକାର ଗୋଟିଏ ପରେ ଗୋଟିଏ ଭାରତ ବିରୋଧୀ ପଦକ୍ଷେପ ନେଇ ଚାଲିଛନ୍ତି। ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଥିବାବେଳେ ସରକାର ନିରବ ରହୁଛନ୍ତି। ପାକିସ୍ତାନକୁ ପ୍ରୋତ୍ସାହନ ଦେଇ ଭାରତର ବିଭିନ୍ନ ଅଞ୍ଚଳକୁ ଛଡ଼ାଇ ନେବାକୁ ଧମକ ଦେଉଛନ୍ତି। ଏପରି ସମୟରେ ଭାରତ ବିରୋଧୀ ଦଳ ଭାବେ ପରିଚିତ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ଆଜି ସକାଳେ ଢ଼ାକାର ନୟାପଲ୍‌ଟନରୁ ତ୍ରିପୁରା ସୀମା ପର୍ଯ୍ୟନ୍ତ ପଦଯାତ୍ରା (ଲଙ୍ଗ୍ ମାର୍ଚ୍ଚ) ବାହାର କରିଛି। ଏହାର ନାମ 'ତ୍ରିପୁରା ଚଲି ଅଭିଯାନ' ରଖାଯାଇଛି। ବିଏନ୍‌ପିର ତିନି ସହଯୋଗୀ ଦଳ ଜାତିୟତାବାଦି ଜୁବୋ ଦଳ, ସ୍ୱେଚ୍ଛାଚାରୀ ଦଳ ଏବଂ ଛାତ୍ର ଦଳ ମିଶି ଏହି ଯାତ୍ରା ଆରମ୍ଭ କରିଛନ୍ତି। ଅଗରତାଲାରେ ବାଂଲାଦେଶ ଡେପୁଟି ହାଇକମିଶନଙ୍କ ଉପରେ ଆକ୍ରମଣ, ବାଂଲାଦେଶ ପତାକାକୁ ଅପମାନ ଏବଂ ସାମ୍ପ୍ରଦାୟିକ ଦଙ୍ଗା ଉସୁକାଇବା ଷଡ଼ଯନ୍ତ୍ର ବିରୋଧରେ ଏହି ରାଲି କରୁଥିବା କହିଛନ୍ତି। ତେବେ ରାଲି ସମୟରେ ବିଏନ୍‌ପି ନେତା ରହୁଲ କବିର ରିଜଭି ଭାରତ ବିରୋଧରେ ଅନେକ ମନ୍ତବ୍ୟ ଦେଇଛନ୍ତି। ଭୁଟାନ, ନେପାଳ, ବାଂଲାଦେଶ, ମାଲଦ୍ୱୀପ ଏବଂ ଶ୍ରୀଲଙ୍କା ଲୋକ ନିଜ ମାମଲା ନିଜେ ବୁଝନ୍ତୁ ବୋଲି ଭାରତ ଚାହୁଁନାହିଁ। ଦିଲ୍ଲୀ କଥା ଆମେ ମାନିବୁ ନାହିଁ। ଦିଲ୍ଲୀ ନେତା ଏ ପର୍ଯ୍ୟନ୍ତ ବାଂଲାଦେଶ ଲୋକଙ୍କ ସାହସକୁ ଚିହ୍ନି ପାରିନାହାନ୍ତି ବୋଲି ଧମକ ଦେଇଛନ୍ତି।

ଅନ୍ୟପଟେ ଭାରତ ସ୍ଥିତିକୁ ଦେଖି ସତର୍କ ହୋଇଯାଇଛି। ସୀମାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ପଶ୍ଚିମ ତ୍ରିପୁରା ଜିଲ୍ଲାର ଏସ୍‌ପି କିରଣ କୁମାର ସୀମା ଗସ୍ତରେ କରି ସ୍ଥିତି ସମୀକ୍ଷା କରିଛନ୍ତି। ବାଂଲାଦେଶ ପ୍ରଦର୍ଶନକାରୀଙ୍କୁ 'ଜିରୋ ପଏଣ୍ଟ'ରେ ଅଟକାଇ ଦିଆଯିବ ବୋଲି ସେ କହିଛନ୍ତି। ଏହାକୁ ନେଇ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ ଆମେରିକା ବୈଦେଶିକ ମନ୍ତ୍ରାଳୟ ପ୍ରବକ୍ତା ମାଥ୍ୟୁ ମିଲର କହିଛନ୍ତି।

**ଭଦ୍ରକ ରେଳଷ୍ଟେସନରେ ଇଣ୍ଟରଲକିଂ ଓ ଥାର୍ଡ ଲାଇନ କମିସନିଂ କାର୍ଯ୍ୟ**

# ଆଜିଠାରୁ ୧୯ ଯାଏଁ ୫୦ ଏକ୍ସପ୍ରେସ ଓ ଲୋକାଲ ଟ୍ରେନ ବାତିଲ

**ଭଦ୍ରକ,୧୧।୧୨(ସମିସ):** ପୂର୍ବତଟ ରେଳବାଇ ପକ୍ଷରୁ ଥାର୍ଡ ଲାଇନ୍ କମିସନିଂ ବା ସଂଯୋଗୀକରଣ ତଥା ଆଡିସନାଲ ଲୁପ୍ ଲାଇନ୍ ନିର୍ମାଣ ଲାଗି ଭଦ୍ରକ ରେଳଷ୍ଟେସନରେ ପ୍ରି ଇଣ୍ଟର୍‌ଲକିଂ (ଏନ୍. ଆଇ) ଓ ଇଣ୍ଟରଲକିଂ କାର୍ଯ୍ୟ ଆଦି ସମ୍ପନ୍ନ ହେବ। ଫଳରେ ଆଜି ୧୧ତାରିଖଠାରୁ ୧୯ ତାରିଖ ଯାଏଁ ଭଦ୍ରକ ଷ୍ଟେସନ ଦେଇ ଯାତାୟାତ କରୁଥିବା ଅପ୍ ଏଣ୍ଡ ଡାଉନ୍ ୫୦ଟି ସୁପରଫାଷ୍ଟ, ଏକ୍ସପ୍ରେସ୍, ମେମୋ ଓ ଲୋକାଲ ପାସେଞ୍ଜର ଟ୍ରେନକୁ ବିଭିନ୍ନ ପର୍ଯ୍ୟାୟରେ ବାତିଲ କରାଯାଇଛି। ଇଷ୍ଟକୋଷ୍ଟ ରେଳବାଇର ପ୍ରିନ୍ସିପାଲ ଚିଫ୍ ଅପରେସନ ମ୍ୟାନେଜରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ଆଜିଠାରୁ ୧୪ତାରିଖ ଯାଏଁ ୪ଦିନ ଲାଗି ଭଦ୍ରକ ରେଳଷ୍ଟେସନରେ ପ୍ରି ଇଣ୍ଟରଲକିଂ କାର୍ଯ୍ୟ ଲାଗି ଉପରୋକ୍ତ ୫୦ଟି ଟ୍ରେନ ଚଳାଚଳ ବାତିଲ ହୋଇଥିବା ବେଳେ ଇଣ୍ଟରଲକିଂ କାର୍ଯ୍ୟ ପାଇଁ ୧୫ରୁ ୧୯ ତାରିଖ ଯାଏଁ ୫ଦିନ ମଧ୍ୟରେ ଏହି ଟ୍ରେନଗୁଡିକ ବାତିଲ କରାଯାଇଛି। ମୋଟାମୋଟି ଭାବେ ଏହି ରୁଟ୍‌ରେ ୮ ଦିନ ଲାଗି ଟ୍ରେନ ଚଳାଚଳ ବ୍ୟାହତ ହେବ। ବିଶେଷ କରି ହାଓଡା-ତ୍ରିଚିପାଲି ସୁପରଫାଷ୍ଟ ଏକ୍ସପ୍ରେସ, ସାନ୍ତ୍ରାଗାଛି ଚେନ୍ନାଇ ସୁପରଫାଷ୍ଟ, ହାଓଡା କନ୍ୟାକୁମାରୀ ସୁପରଫାଷ୍ଟ ଏକ୍ସପ୍ରେସ, ପୁରୀ ସାଲିମାର ଏକ୍ସପ୍ରେସ ଟ୍ରେନ, ସାଲିମାର ପୁରୀ, ଦିଘା ପୁରୀ, ବିଶାଖାପାଟଣା ଦିଘା, ଭଦ୍ରକ ହୱାଡା ଡେଲି ଏକ୍ସପ୍ରେସ, ପୁରୀ ହାୱାଡା ଏକ୍ସପ୍ରେସ ଆଦି ୩୪ଟି ଏକ୍ସପ୍ରେସ ଟ୍ରେନ ବାତିଲ ହୋଇଛି। ସେହିଭଳି ଦୈନିକ ଯାତାୟାତ କରୁଥିବା ଭଦ୍ରକ-କଟକ ମେମୋ ଟ୍ରେନ, ଭୁବନେଶ୍ୱର ବାଲେଶ୍ୱର ମେମୁ ଆଦି ୧୨ଟି ଟ୍ରେନ ବାତିଲ ହୋଇଥିବା ବେଳେ ୫ଟି ଡେଲି ପାସେଞ୍ଜର ଟ୍ରେନ ମଧ୍ୟ ବାତିଲ ହୋଇଛି। ଏଗୁଡିକ ମଧ୍ୟରେ ଖଡଗପୁର-ଭଦ୍ରକ ପାସେଞ୍ଜର, ଭଦ୍ରକ-ଖଡଗପୁର ପାସେଞ୍ଜର, ବାଲେଶ୍ୱର ଭଦ୍ରକ ପାସେଞ୍ଜର ଓ ଭଦ୍ରକ ବାଲେଶ୍ୱର ପାସେଞ୍ଜର ଟ୍ରେନ ବାତିଲ ହୋଇଥିବା ସୂଚନା ମିଳିଛି। ଏହି ଡେଲି ଲୋକାଲ ପାସେଞ୍ଜର ଟ୍ରେନ ବାତିଲ ହେବା ଯୋଗୁଁ ସାଧାରଣ ଯାତ୍ରୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଏନେଇ ଭଦ୍ରକ ଷ୍ଟେସନ ମ୍ୟାନେଜର ସୁବାସଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ୩୧ରେ ଆରମ୍ଭ ହେବ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା

**ଭୁବନେଶ୍ୱର, ୧୧।୧୨(ସମିସ):** ଆସନ୍ତା ୩୧ ତାରିଖରେ ରାଜ୍ୟରେ ଆରମ୍ଭ ହେବ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା। ବିଶିଷ୍ଟ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବରଗଡ଼ ଜିଲ୍ଲା ଘେନ୍ସ ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯିବ। ବୁଧବାର ରାଜ୍ୟସ୍ତରୀୟ "ଭାରତୀୟ ଭାଷା ଉତ୍ସବ' ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି। ଏହି ଯୋଜନାରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ ରୋକିବା ପାଇଁ ଅନୁସୂଚିତ ଜନଜାତି (ଏସଟି) ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ନାମଲେଖାଇଲେ ଏକକାଳୀନ ୫ହଜାର ଟଙ୍କା ପ୍ରଦାନ କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ୟ ଛାତ୍ରବୃତ୍ତି ପାଉଥିଲେ ମଧ୍ୟ ଏହି ସହାୟତା ପାଇବେ। ଯୋଜନାର ନିର୍ଦ୍ଦେଶାବଳୀ ଅନୁଯାୟୀ, ଯୋଗ୍ୟ ଛାତ୍ରଛାତ୍ରୀମାନେ ଅଷ୍ଟମ ଓ ଦଶମ ଶ୍ରେଣୀ ପାସ୍ କରିବା ପରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଲେ ୫ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବେ।

**■ ଶ୍ରୀମନ୍ଦିରରେ ଦାନଧ୍ୟକ୍ଷ ସେବା ପୁନଃପ୍ରଚଳନ ନିର୍ଦ୍ଦେଶକୁ ବିରୋଧ ପ୍ରସଂଗ**

# ମନ୍ଦିର ପ୍ରଶାସନର ଆବେଦନ ଖାରଜ କଲେ ହାଇକୋର୍ଟ

**କଟକ,୧୧।୧୨(ସମିସ):** ଶ୍ରୀମନ୍ଦିରରେ ଦୀର୍ଘ ଦଶନ୍ଧି ଧରି ବନ୍ଦ ରହିଥିବା ବଂଶାନୁକ୍ରମିକ ଦାନଧ୍ୟକ୍ଷ ସେବାକୁ ପୁନଃପ୍ରଚଳନ ପାଇଁ ଗତ ଫେବୃଆରୀ ୫ରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର ପୁନର୍ବିଚାର କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାୟର ଆବେଦନ (ରିଭ୍ୟୁପିଟିସନ)କୁ ଆଜି ହାଇକୋର୍ଟ ଖାରଜ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଧାର୍ଯ୍ୟ

## ୨୫ହଜାର ଟଙ୍କା ଜରିମାନା ଜମା କରିବାକୁ ନିର୍ଦ୍ଦେଶ

ସମୟ ସୀମାଠାରୁ ବିଳମ୍ବରେ ପୁନର୍ବିଚାର ପାଇଁ ଆବେଦନ କରାଯିବା ଓ ଉପଯୁକ୍ତ ଆଧାର ନଥିବା ହେତୁ ଖଣ୍ଡପୀଠ ମାମଲାକୁ ରଦ୍ଦ କରିଦେଇଛନ୍ତି। ଏଥିସହ ଆବେଦନକାରୀ ମନ୍ଦିର ପ୍ରଶାସନକୁ ୨୫ହଜାର ଟଙ୍କା ତଣ୍ଡ ଆକାରରେ ହାଇକୋର୍ଟ ବାର କଲ୍ୟାଣ ପାଣ୍ଠିରେ ଜମା କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ୬୮ବର୍ଷ ଧରି ବନ୍ଦ ରହିଥିବା ଦାନଧ୍ୟକ୍ଷ ସେବା ବଂଶାନୁକ୍ରମିକ ସେବା ନୁହେଁ। ମନ୍ଦିର ରେକର୍ଡ ଅଫ ରାଇଟ୍ସ ଅନୁସାରେ ଏହି ସେବା ଦୈନନ୍ଦିନ ହୋଇଆସୁନଥିଲା ଏହା କେବଳ ଚନ୍ଦ୍ରଗ୍ରହଣ ତିଥିରେ କରାଯାଉଥିଲା। ମୂଳ ମାମଲାର ଆବେଦନକାରୀ ସେବା ପ୍ରଦାନ କରି ଆସିଥିବା ସେବକଙ୍କ ଉତ୍ତରାଧିକାରୀ ଭାବେ ପ୍ରମାଣ ଉପସ୍ଥାପନ କରିପାରିନାହାନ୍ତି। ଆର୍ଥିକ ସଂକଟ ଆଧାରରେ ନୁହେଁ ବରଂ ମୂଳ ସେବକଙ୍କ ମୃତ୍ୟୁ ପରେ ଏହି ସେବା ବନ୍ଦ କରାଯାଇଥାଇପାରେ ବୋଲି ମନ୍ଦିର ପ୍ରଶାସନ ଆବେଦନରେ ଦର୍ଶାଇଥିଲା। ପ୍ରକାଶଥାଉକି, ଶ୍ରୀମନ୍ଦିର ରେକର୍ଡ ଅଫ ରାଇଟରେ ସେବା ନମ୍ବର ୧୧୯ଭାବେ ସ୍ଥାନିତ ଦାନାଧ୍ୟକ୍ଷ ସେବାକୁ ୩ ମାସ ମଧ୍ୟରେ ପୁନଃ ପ୍ରଚଳନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଜଷ୍ଟିସ ବିଦ୍ୟୁତ ରଂଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନରସିଂହ ମହାପାତ୍ର ଏବଂ ଅନ୍ୟ ମାନଙ୍କ ଆବେଦନର ଶୁଣାଣି କରି ଗତ ଫେବୃଆରୀ ୫ରେ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟର ପୁନର୍ବିଚାର ପାଇଁ ମନ୍ଦିର ପ୍ରଶାସନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଛି।

**ସୁନା କିଣୁଥିଲେ ସାବଧାନ**

# ଗହଣାରେ ଥିବା ହଲ୍‌ମାର୍କ ନକଲି

**ଭୁବନେଶ୍ୱର,୧୧।୧୨(ସମିସ):** ସୁନା କିଣୁଥିଲେ ସାବଧାନ। ଆପଣ ହଲମାର୍କ ଦେଖି କିଣୁଥିବା ସୁନା ନକଲି ବି ହୋଇଥାଇପାରେ। ନକଲି ମାନକ ଦର୍ଶାଇ ଗ୍ରାହକଙ୍କୁ ଠକୁଛନ୍ତି ସୁନା ଦୋକାନୀ। ବିଗତ ଦୁଇ ବର୍ଷ ଭିତରେ ଭାରତୀୟ ମାନକ ବ୍ୟୁରୋ(ବିଆଇଏସ୍) ଦ୍ୱାରା ସମ୍ବଲପୁରର ସହରରେ ଥିବା ସୁନା ଦୋକାନ ଓ କୁଚିଣ୍ଡା ବଜାରରେ ଥିବା ଦୋକାନରେ ଚଢ଼ାଉ କରାଯାଇଛି। ସେହିପରି ଜଗତସିଂହପୁର କୁଜଙ୍ଗ, ପୁରୀ ଗ୍ରାଣ୍ଡରୋଡ୍ ଓ ବରଗଡ଼ ବରପାଲ୍ଲୀରେ ଥିବା ଗହଣା ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ସବୁ ଦୋକାନ ଗୁଡ଼ିକରେ ସୁନା ଅଳଙ୍କାର ନମୁନାରେ ବିଫଳତା ଧରା ପଡ଼ିଥିଲା। ଫଳରେ ଏମାନଙ୍କ ଲାଇସେନ୍ସ ବାତିଲ୍ କରାଯିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ଏ ନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସୁନାର ମାନକରେ ତ୍ରୁଟି ରୋକିବା ପାଇଁ ଭାରତୀୟ ମାନକ ବ୍ୟୁରୋ ନିୟମିତ ଭାବେ ବଜାରରୁ ହଲମାର୍କ ସୁନା ଅଳଙ୍କାର ନମୁନା ସଂଗ୍ରହ କରି ସୁନାର ମାନକକୁ ପରୀକ୍ଷା କରିବା ପାଇଁ ବିଆଇଏସ୍ ପରୀକ୍ଷାଗାରକୁ ପଠାଉଛି। ଯେଉଁ ସୁନା ନମୁନା ପରୀକ୍ଷାରେ ବିଫଳ ହେଉଛି, ସେହି ଦୋକାନ ଉପରେ ୨୦୧୬ ଭାରତୀୟ ମାନକ ନିୟମ ଓ ୨୦୧୮ ଭାରତୀୟ ଷ୍ଟାଣ୍ଡାର୍ଡ ହଲମାର୍କ ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଉଛି। ବିଗତ ଦୁଇ ବର୍ଷ ଭିତରେ ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟର ବିଭିନ୍ନ ସୁନା ଦୋକାନରେ ଚଢ଼ଉ କରାଯାଇ ୧ଲକ୍ଷ ୭୮ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୦୨୨-୨୩ରେ ୨୩ ହଜାର ୫ଶହ ଟଙ୍କା ଆଦାୟ ହୋଇଥିବାବେଳେ ୨୦୨୩-୨୪ରେ ୧ଲକ୍ଷ ୫୫ହଜାର ଟଙ୍କା ଆଦାୟ ହୋଇଛି। ବିଶେଷକରି କେନ୍ଦୁଝର, ଝାରସୁଗୁଡ଼ା, ଦେଓଗଡ଼, ଅନୁଗୋଳ, ଯାଜପୁର ଓ ଗଞ୍ଜାମ ଜିଲ୍ଲାରେ ଏହି ଚଢ଼ଉ ହୋଇଥିବା ଜଣାପଡ଼ିଛି।

**■ ଦୁଇ ବର୍ଷରେ ୧୨ଟି ଦୋକାନରେ ଚଢ଼ଉ**
**■ ୧ଲକ୍ଷ ୭୮ ହଜାର ଜରିମାନା ଆଦାୟ**

ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ପ୍ରଶ୍ନରେ ମନ୍ତ୍ରୀ ଏହି ଉତ୍ତର ରଖିଛନ୍ତି। ସେ ପଚାରିଛନ୍ତି ଯେ, ବିଗତ ଦୁଇ ବର୍ଷରେ କେଉଁ ସୁନା ଗହଣା ଦୋକାନରେ ମାପକ ଓ ମାନକରେ ତ୍ରୁଟି ଧରାଯାଇ ସେମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି? ରାଜ୍ୟର ସୁନାଗହଣା ଦୋକାନମାନଙ୍କରେ ବ୍ୟାପକ ମାନକ ଓ ମାପରେ ତ୍ରୁଟି କରାଯାଇ ଗ୍ରାହକ ଶୋଷଣ କରାଯାଉଥିବା ପରିପ୍ରେକ୍ଷୀରେ ଏହାର ପ୍ରତିକାର ପାଇଁ ସରକାର କି କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧନଖଡ଼ଙ୍କ ଉପରେ...

ନେତାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବାକୁ ମଧ୍ୟ ପଛାନ୍ତି ନାହିଁ। ସମ୍ବିଧାନ ଓ ସାମ୍ବିଧାନିକ ପରମ୍ପରା ଅପେକ୍ଷା ଧନଖଡ଼ ସରକାରୀ ଦଳ ପ୍ରତି ଅଧିକ ଆନୁଗତ୍ୟ ଦେଖାଉଛନ୍ତି। ସେମାନେ କେବେହଲେ ଏମିତି ଅଧ୍ୟକ୍ଷ ଦେଖିନଥିଲେ। ସେ ସାମ୍ବିଧାନକ ବ୍ୟବସ୍ଥାକୁ ମାରିଦେବାକୁ ବସିଛନ୍ତି। ଉଦ୍ଧବ ଶିବସେନା ନେତା ସଂଜୟ ରାଉତ କହିଲେ ଯେ ଯାହା ଲାଗୁଛି ଧନଖଡ଼ ରାଜ୍ୟସଭା ନୁହେଁ, ସର୍କସ ଚଳାଉଛନ୍ତି। ସେ ନିଜେ ଭାଷଣ ଦେଇ ଗୃହର ସମୟ ଖାଇ ଦେଉଛନ୍ତି। ତାଙ୍କର ଏଭଳି ଆଚରଣ ପାଇଁ ସାମ୍ବିଧାନିକ ପଦମର୍ଯ୍ୟାଦାର ହନନ ହେଉଥିବାରୁ ତାଙ୍କୁ ବହିଷ୍କାର କରିବା ଲାଗି ପ୍ରସ୍ତାବ ଆଣିବା ଛଡ଼ା ଅନ୍ୟ କୌଣସି ଉପାୟ ନଥିଲା।

ଇତିମଧ୍ୟରେ ଉଭୟ ଲୋକସଭା ଏବଂ ରାଜ୍ୟସଭା ଆଜି ମଧ୍ୟ ଚାଲିପାରି ନାହିଁ। ଧନଖଡ଼ଙ୍କ ଆଚରଣ ଏବଂ ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ନେଇ ଶାସକ ଓ ବିରୋଧୀ ସଭ୍ୟ ମୁହାଁମୁହିଁ ହେବାରୁ ରାଜ୍ୟସଭାରେ ଆଜି ଆରମ୍ଭରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବକୁ ଶାସକ ବିଜେପି ସମାଲୋଚନା କରିଥିବା ବେଳେ ବିରୋଧୀ ଏହା ସପକ୍ଷରେ ଯୁକ୍ତି କରିଥିଲେ। ଆରମ୍ଭରୁ ଉଭୟ ପକ୍ଷ ମୁହାଁମୁହିଁ ହେବାରୁ ରାଜ୍ୟସଭାକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ ଏବଂ ପରେ ଦିନକ ପାଇଁ ମୁଲତବୀ କରି ଦିଆଯାଇଛି।

ସେହିଭଳି ଲୋକସଭାରେ କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ବିରୋଧରେ ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବନାର୍ଜୀଙ୍କ ଆପତ୍ତିଜନକ ମନ୍ତବ୍ୟ ଯୋଗୁଁ ଲୋକସଭା ମଧ୍ୟ ଅଚଳ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ବାନାର୍ଜୀ ଏଥିପାଇଁ ଦୁଃଖ ପ୍ରକାଶ କରିବା ସହିତ କ୍ଷମା ପ୍ରାର୍ଥନା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ିନଥିଲା। ସିନ୍ଧିଆ ମଧ୍ୟ ବାନାର୍ଜୀଙ୍କ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରି ନଥିଲେ। ସେ କହିଥିଲେ ଯେ ବାନାର୍ଜୀ ତାଙ୍କର ବ୍ୟକ୍ତିଗତ ଚରିତ୍ର ଉପରେ ଆକ୍ଷେପ କରିଛନ୍ତି ଏବଂ ସେ ଆତ୍ମସମ୍ମାନ ଉପରେ କୌଣସି ସାଲିସ କରିବେ ନାହିଁ। ସେ ଯେମିତି ମୋର ବ୍ୟକ୍ତିଗତ ଚରିତ୍ର ଉପରେ ଆକ୍ଷେପ କରିଛନ୍ତି, ତାହାର ଜବାବ ଶୁଣିବାକୁ ମଧ୍ୟ ସେ ପ୍ରସ୍ତୁତ ରୁହନ୍ତୁ। ବିଜେପିର ଅନେକ ମହିଳା ସଭ୍ୟା ଏହି ପ୍ରସଙ୍ଗରେ ବାନାର୍ଜୀଙ୍କର ସମାଲୋଚନା କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂସଦ ବ୍ୟାପାର ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଛନ୍ତି।

## ଅଧାରୁ ସାରିଦେଲେ...

ସହାୟିକାଙ୍କ ଆନ୍ଦୋଳନ ସରକାରଙ୍କ ପାଇଁ ଅକଳ ହୋଇଥିଲା। ଅନ୍ୟପକ୍ଷରେ ଅଧିବେଶନରେ ୩ଟି ସରକାରୀ ବିଲ୍ ପାରିତ ହୋଇଥିବା ବେଳେ ରାଜ୍ୟ ସରକାର କଣ ପାଇଁ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪କୁ ଗୃହରେ ଆଲୋଚନା ପାଇଁ ଉପସ୍ଥାପନ କଲେ ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ବିଲ୍‌ରେ କେଉଁଠି ଅସଙ୍ଗତି ରହିଲା ତାହା ଗୃହକୁ ଜଣାଇବାର ଆବଶ୍ୟକତା ରହିଥିବା ନେଇ ବିରୋଧୀ ଦଳ ମଧ୍ୟ ଦାବି କରିଛନ୍ତି।

ବିଧାନସଭା ସଚିବାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଅଧିବେଶନରେ ମୋଟ ୬ଟି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିବା ବେଳେ ୩୩ଟି କାଗଜ ଉପସ୍ଥାପିତ ହୋଇଛି। ସେହିପରି ୮ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ ହୋଇଥିବା ୬୭ଟି ନିବେଦନ ଉପସ୍ଥାପନ ହୋଇଛି। ଗୋଟିଏ ବିବୃତି ସହ ୩ଟି ସରକାରୀ ବିଲ୍ ମଧ୍ୟ ଅଧିବେଶନରେ ପାରିତ ହୋଇଛି। ସେହିପରି ମାତ୍ର ୨୪ଟି ତାରକା ପ୍ରଶ୍ନ ଗୃହରେ ଆଲୋଚନା ହୋଇଥିବା ବେଳେ ୨୧୯୧ଟି ଅଣ ତାରକା ପ୍ରଶ୍ନର ଉତ୍ତର ଓ ୮ଟି ସିଏଜି ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି।

## ତୁଣ୍ଡ ଖୋଲିଲେନି...

ଦେଇଥିବା ୬୨୩୪୧ ଗୋଷ୍ଠୀ ସହାୟିକାଙ୍କ ଭବିଷ୍ୟତ ସମ୍ପର୍କରେ ସରକାର ତୁଣ୍ଡ ଖୋଲିନାହାନ୍ତି। ଅନ୍ୟପକ୍ଷରେ ସେମାନେ ଅନ୍ୟମାନଙ୍କ କଥାରେ ପଡ଼ି ରାସ୍ତାରେ ଗଡ଼ୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀକୁ ନେଇ ସରକାରଙ୍କୁ ଘେରିଛନ୍ତି ଉଭୟ ବିଜେଡି ଓ କଂଗ୍ରେସ। ନିଜର ହକ୍ ନେଇ ରାଜରାସ୍ତାରେ ବସିଥିବା ମା'ମାନଙ୍କ ଦାବି ପୂରଣ ନ କଲେ ସରକାରଙ୍କ ଉପରେ ସେମାନଙ୍କ ଅଭିଶାପ ପଡ଼ିବ ବୋଲି ବିରୋଧୀ କହିଛନ୍ତି।

ବିଜେଡି ବିଧାୟିକା ସୁଜାତା ସାହୁ କହିଛନ୍ତି ଯେ ଆଜି ରାଜରାସ୍ତାରେ ମିଶନ ଶକ୍ତି ମା'ମାନେ ବସିଛନ୍ତି। ମାତ୍ର କାହା କଥାରେ ପଡ଼ି ରାସ୍ତାରେ ଗଡନ୍ତୁ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଟିପ୍ପଣୀ ଦେଉଛନ୍ତି। ଏହା ହେଉଛି ବିଜେପି ସରକାରର ମା'ମାନଙ୍କ ପ୍ରତି ସମ୍ମାନ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ସେମାନେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟି ନିଜର ଆପତ୍ତି ଜଣାଇଥିଲେ। ବଜେଟ ପରେ ସେମାନଙ୍କୁ ଦରମା ଦିଆଯିବ ବୋଲି ସରକାର ସେତେବେଳେ କହିଥିଲେ; ମାତ୍ର ଏବେ ସରକାର ସେମାନଙ୍କ ଦାବିକୁ ଫାଙ୍କୁଛନ୍ତି। ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ଯିଏ ସରକାରକୁ ଆସିବ ଲୋକଙ୍କ ସମସ୍ୟାର ସମାଧାନ କରିବା ତାଙ୍କ ଦାୟିତ୍ୱ। ଏହା ପୂର୍ବ ସରକାରଙ୍କ ସମୟରେ ହୋଇଥିଲା ବୋଲି କହି ସରକାର ଖସିଯାଇ ପରିବେ ନାହିଁ। ବର୍ତ୍ତମାନର ସରକାର ଦୁଇଟି ଚିଠି ଲେଖିଛନ୍ତି। ସେଥିରେ ଦର୍ଶାଯାଇଛି ୩୪,୪୦୦ ଗୋଷ୍ଠୀ ସହାୟିକାଙ୍କୁ ଦରମା ମିଳିବ ନାହିଁ, ଅନ୍ୟମାନଙ୍କୁ ୫୦% ଦରମା ଦିଆଯିବ। ଏ କି ପ୍ରକାର ନ୍ୟାୟ? ଏମାନେ କ'ଣ ଓଡ଼ିଶାର ନୁହନ୍ତି କି ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ଦୁଇଟି ଗୋଡ଼ରେ ବିଜେପି ସରକାର ଛିଡ଼ା ହୋଇଛି। ଧାନ କିଣାରେ ଗୋଟିଏ ଗୋଡ଼ ଭୁଶୁଡ଼ିଗଲାଣି, ଆଉ ଗୋଟିଏ ଗୋଡ଼ ସୁଭଦ୍ରା ପାଇଁ ଦୁର୍ବଳ। ସୁଭଦ୍ରା ଯୋଜନାରେ ରାଜ୍ୟ ସରକାର ମହିଳାମାନଙ୍କ ସହ ଛଳନା କରିଛନ୍ତି। ୬ ମାସ ହେଲାଣି ସେମାନେ ସରକାରର ମୂଳ ଲାଗୁଛନ୍ତି। ଯେଉଁମାନେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଦୁର୍ବଳ, ସେମାନେ ହିଁ ରାସ୍ତାରେ ନିଜର ଅଧିକାର ମାଗୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ରଣେନ୍ଦ୍ର।

କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋଶ କହିଛନ୍ତି ଯେ ଆନ୍ଦୋଳନରତ ମହିଳାମାନେ ଅସହାୟ ଅବସ୍ଥାରେ ପଡ଼ିଛନ୍ତି। ତାଙ୍କୁ ପୁନର୍ବାର ନିଯୁକ୍ତି କରି ଦରମା ଦିଆଯାଉ। ଗଣତାନ୍ତ୍ରିକ ଉପାୟରେ ସେମାନେ ପ୍ରତିବାଦ କରୁଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ କେହି ନ ଭେଟିବା ଦୁଃଖର ବିଷୟ। କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ ଏହି ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରି ଯେ ରାଜରାସ୍ତାରେ ବସିଥିବା ମହିଳାଙ୍କୁ ତାଙ୍କ ହକ୍ ଦିଆଯାଉ ବୋଲି ଦାବି କରିଛନ୍ତି।

ଅନ୍ୟପକ୍ଷରେ ଗୋଷ୍ଠୀ ସହାୟିକାମାନଙ୍କର ଚୁକ୍ତିନାମା ନବୀକରଣ ନ ହେବା ପାଇଁ ପୂର୍ବ ସରକାରଙ୍କ ଉପରକୁ ଦୋଷ ଠେଲି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ ଆନ୍ଦୋଳନର ପ୍ରଥମ ଦିନ ବିଭାଗୀୟ ସଚିବ ଓ କମିଶନର ମିଶନ ଶକ୍ତି ସପୋର୍ଟ ଷ୍ଟାଫଙ୍କ ପ୍ରତିନିଧି ଦଳକୁ ଭେଟିଥିଲେ। ଏହି ସମୟରେ ସେମାନେ ଆନ୍ଦୋଳନରୁ ଉଠିଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଆନ୍ଦୋଳନରୁ ଉଠିଲେ ନାହିଁ। ବିରୋଧୀ ନିଜର ହୀନ ରାଜନୈତିକ ଉଦ୍ଦେଶ୍ୟ ପାଇଁ ମାଆମାନଙ୍କର ସାମଗ୍ରିକ ବିକାଶ ଚାହୁ ନାହାଁନ୍ତି। ୨୦୧୯ ଏପ୍ରିଲ ୧ରେ ୩୪ ହଜାର ଗୋଷ୍ଠୀ ସହାୟିକାଙ୍କୁ ନିଯୁକ୍ତି ଦିଆଯାଇଥିଲା; ମାତ୍ର ପରବର୍ତ୍ତୀ ସମୟରେ ସେମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାକୁ ଦଶମରୁ ଯୁକ୍ତ ଦୁଇ (+୨) କରି ଦିଆଯାଇଥିଲା। ପୂର୍ବ ସରକାର ଚାହିଁଥିଲେ ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ କାର୍ଯ୍ୟରତ ୬୨୩୪୧ ଜଣ ଗୋଷ୍ଠୀ ସହାୟିକାଙ୍କ ଚୁକ୍ତି ନବୀକରଣ କରିପାରିଥାନ୍ତେ ବୋଲି ପ୍ରଭାତୀ କହିଛନ୍ତି।

## ପ୍ରେମିକାକୁ ଖଣ୍ଡଖଣ୍ଡ...

ଘଟଣା ଆଜି ଜିଲ୍ଲାବ୍ୟାପି ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନା ମୁତାବକ, ୨୦୨୪ ଅଗଷ୍ଟ ମାସରେ ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ମୁନୁ କିଷାନ ଦୁଷ୍କର୍ମ କରି ଗର୍ଭବତୀ କରିଥିଲା। ଆଉ ନାବାଳିକାକୁ ଧାରୁଆଡିହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଆୟୁଷ ଡାକ୍ତରଙ୍କ ସହାୟତାରେ ଗର୍ଭ ନଷ୍ଟ କରିଥିଲା। ପରେ ନାବାଳିକା ଗୁରୁତର ହେବାରୁ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ନାବାଳିକାର ପରିବାର ଧାରୁଆଡିହି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ମୁନୁ କିଷାନକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ଯିବାକୁ ପଡ଼ିଥିଲା। କିଛି ମାସ ପରେ ଜେଲରୁ ଜାମିନରେ ମୁନୁ ଆସିବା ପରେ ଜେଲ ଯିବାକୁ ନେଇ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲା। ସେପଟେ ଅଭିଯୁକ୍ତ ମୁନୁ ଜାମିନରେ ଆସିବା ବେଳକୁ ନାବାଳିକାରୁ ସାବାଳିକା ହୋଇ ସାରିଥିଲା ପୀଡ଼ିତା। ଝାରସୁଗୁଡ଼ା ଟାଉନ ଥାନା ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ସେ ରହୁଥିଲା। ଏହାର ସୁଯୋଗ ନେଇ ଗତ କିଛିଦିନ ପୂର୍ବେ ଅଭିଯୁକ୍ତ ମୁନୁ ଯୁବତୀଙ୍କୁ କୌଶଳକ୍ରମେ ଝାରସୁଗୁଡ଼ାରୁ ରାଉରକେଲା ନେଇ ଆସି ଲାଠିକଟା ରାସ୍ତାରେ ବିଭତ୍ସ ଭାବେ ହତ୍ୟା କରିଥିଲା। ଯୁବତୀ ସମ୍ପର୍କୀୟଙ୍କ ଘରୁ ନିଖୋଜ ହେବା ପରେ ପରିବାର ଲୋକେ ଗତ ଡିସେମ୍ବର ୭ ତାରିଖରେ ଝାରସୁଗୁଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ମୁନୁର ମୋବାଇଲ ଟ୍ରାକ୍ କରି କାବୁ କରିବା ପରେ ଅଟକ ରଖିଥିଲା। ତେବେ ପଚରାଉଚରାବେଳେ ପୁଲିସ ସାମ୍ନାରେ ଅଭିଯୁକ୍ତ ମୁନୁ ହତ୍ୟାକାଣ୍ଡର ସମ୍ପର୍କରେ ତଥ୍ୟ ଦେଇଥିଲା। ଅଭିଯୁକ୍ତର ବୟାନ ଆଧାରରେ ଝାରସୁଗୁଡ଼ା ପୁଲିସ ଅଭିଯୁକ୍ତକୁ ଧରି ରାଉରକେଲାରେ ପହଞ୍ଚି ଥିଲା। ରାଉରକେଲା ପୁଲିସ ସହାୟତାରେ ବ୍ରାହ୍ମଣୀ ନଦୀରେ ଓଡ୍ରାଫ୍ଟ ଟିମ ସହାୟତାରେ ୭ ଘଣ୍ଟା ଖୋଜାଖୋଜି କରିବା ପରେ ପାଣିରୁ ଅଖା ଭିତରେ ଥିବା ଯୁବତୀଙ୍କ ମୁଣ୍ଡ ବିହିନ ଶରୀର ମିଳିଥିଲା। ପରେ ଅଭିଯୁକ୍ତ ମୁନୁକୁ ଘଟଣାସ୍ଥଳକୁ ନେଇ ଚିହ୍ନଟ କରିବା ସହ ପରିବାର ଲୋକ ମୁଣ୍ଡ ବିହିନ ଶରୀରକୁ ଚିହ୍ନଟ କରିଥିଲେ। ପରେ ତରକେରାସ୍ଥିତ ଏକ ପୋଖରୀରୁ କଟା ମୁଣ୍ଡ, ହାତ ଓ ଗୋଡ଼କୁ ଅଖା ଭିତରେ ବନ୍ଧା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ଜବତ ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ପଠାଇ ଦିଆଯାଇ ଥିଲା। ତେବେ ଏହି ହତ୍ୟାକାଣ୍ଡରେ ଆଉ କେହି ଜଡ଼ିତ ଅଛନ୍ତି କି ନାହିଁ, ଝାରସୁଗୁଡ଼ାରୁ କେମିତି ରାଉରକେଲାକୁ ଅଣାଯାଇ ଥିଲା, ଏ ସମସ୍ତ ଘଟଣା ଉପରେ ପୁଲିସ ତଦନ୍ତ ଜାରି ରଖିଛି।

## ପୁଅ ଆଗରେ...

ଆପାର୍ଟମେଣ୍ଟ ରହିଛି। ସେଠାରେ ରହୁଥିବା କିଛି ଯୁବକମାନେ ପୂର୍ବରୁ ତୋଫାନଙ୍କ ଟିଣ ଆଜବେଷ୍ଟସ ଉପରକୁ ଟେକାପଥର ଫୋପାଡ଼ିଥାନ୍ତି। ମଙ୍ଗଳବାର ରାତିରେ ମଧ୍ୟ ସମାନଢଙ୍ଗରେ ଇଟାପଥର ପଡ଼ିଥିଲା। ଏହାକୁ ନେଇ ତୋଫାନ ବିରୋଧ କରିଥିଲେ। ପରେ ତୋଫାନ ଘରେ ଖାଉଥିବା ବେଳେ ହଠାତ ଆପାର୍ଟମେଣ୍ଟରୁ ୨୦ରୁ ଅଧିକ ଯୁବକ ଅତର୍କିତ ଭାବେ ଇଟା ପଥର ଘର ଉପରକୁ ପକାଇଥିଲେ। ତୋଫାନ ଘରୁ ବାହାରକୁ ଆସିବା କ୍ଷଣି ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ତୋଫାନଙ୍କ ପୁଅ ଓମ୍ ପ୍ରକାଶ (୧୭) ପାଟି କରିବାରୁ ଯୁବକମାନେ ଘଟଣାସ୍ଥଳରୁ ପଳାଇଥିଲେ। ମୃତକଙ୍କ ସାନଭାଇ ଅମର ସାମଲଙ୍କ ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।


B-748

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
Mail id: seccbbsr@gmail.com

**E-procurement Tender Call Notice No. 12 of 2024-25**

No. 4724 (Estg.) Bhubaneswar the 10th December - 2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number composite building work to be received in online bidding, double cover system for construction work as detailed in: https://tendersodisha.gov.in. The details of bid documents will be available in the above website from 5.00 P.M. of 17.12.2024 to 5.00 P.M of 26.12.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 27.12.2024 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.

Sd/-Er.M.R.Behera
Chief Construction Engineer
Central (R&B) Circle, Bhubaneswar

OIPR-34156/11/0011/2425



Tel-0663-2548268,E-mail id-serwcirclesbp@yahoo.com

GOVERNMENT OF ODISHA,
OFFICE OF THE CHIEF CONSTRUCTION ENGINEER,
RURAL WORKS CIRCLE, SAMBALPUR

O-837

**E-Procurement No. 3525 / Date 09.12.2024**

*Chief Construction Engineer, Rural Works Circle, Sambalpur on behalf of* ***Odisha State Rural Roads Agency*** *invites* ***Percentage ( %)*** *bids through e_ Procurement from eligible class of experienced bidders for construction of Bridges including maintenance for 5 years under* ***Pradhan Mantri Gram Sadak Yojana PMGSY-III, Batch-III of 2024-25.***

| | | | |
|---|---|---|---|
| 1 | Name of work. | : | Balance work of Improvement to road and CD works under PMGSY-III, Package No.OR-28-307/Batch-III, (Goudapali to Saplot to Bhagipali via Haldibahal, Kumkapali, Pathamunda, Mudhenpali Sardhabhal, Saplot) for the year 2024-25 in the district of Sambalpur |
| 2 | Class of Contractor. | : | As mentioned in Annexure |
| 3 | No of packages. | : | 01 No of Package |
| 4 | Estimated cost | : | **Approx. Rs.110.16 Lakhs** (Information in DTCN will be Final) |
| 5 | Bid submission fee. | : | Rs.10,000/-(Non-Refundable) per set of package |
| 6 | Mode of submission of tender. | : | Only through online in website. **www.pmgsytenders.gov.in.** |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of Tender on-line for bidding | | Last date& time for seeking clarification | Last Date and time of submission of Original documents | Date & Time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Chief Construction Engineer, Rural Works Circle, Sambalpur | PMGSY-Online-RWCSBP-12/2024-25 | 16.12.2024 From 11.00. A. M. | 30.12.2024 Up to 05.00 P.M. | 27.12.2024 Up to 5.00 P.M. | 04.01.2025 By 5.00 PM | 31.12.2024 At 11.00 A.M. | Will be intimated later |

*Special conditions 1-EPF registration is mandatory before drawl of agreement.2- Rate quoted by the contractor shall be excluding GST.3.*Bid submission fee and original affidavits should be submitted at the O/o Chief Construction Engineer, Rural Works Circle, Sambalpur Or O/o Executive Engineer/Superintending Engineer of Concern Rural Works Division.*
*Details can be seen from the e-procurement portal www.pmgsytenders.gov.in
* Subsequent modification/corrigendum/Addendum if required shall be appeared in the website only.

Chief Construction ENgineer
Rural Works Circle, Sambalpur

OIPR-25091/11/0012/2425



**AFFIDAVIT**

I, Susant Sahoo, S/o- Late Kishore Chandra Sahoo, resident of Ward No-6, Village- Kendupalli, Po- Madhapur, Ps- Phategarh, Dist-Nayagarh, Pin- 752078, Odisha declare by this affidavit No. 1208/2024, dtd- 27th Nov 2024, that now onwards I shall be known as **SUSANTA KUMAR SAHOO** for all future purposes.

**AFFIDAVIT**

**I, SK. Pizu,** S/o.: Late SK. Goofur, resident of village: Khaparapada, PO.: Azimabad, P.S.: Town Balasore, Dist.: Balasore, PIN -756001, Odisha, declare by this affidavit No.: 9063, dated- 09/12/2024, that now onwards I shall be known as **SK. PIJU** for all future purposes.

**AFFIDAVIT**

**I, Akhaya Kumar Mishra,** S/o.: Late Narayan Mishra, resident of At: Kumbhar Sahi, Bidanasi, PO.: Avinab Bidanasi, P.S.: Bidanasi, Dist.: Cuttack, PIN-753014, Odisha, declare by this affidavit No.: 32122, dated- 11/12/2024, that now onwards I shall be known as **AKSHYA KUMAR MISHRA** for all future purposes

**AFFIDAVIT**

By virtue of an affidavit (CF No. 10, dtd. 20/05/2024) before the Executive Magistrate, Bhubaneswar. I, **Umme Jaweria,** W/o- Swale Khan, resident of At: Plot No. D/2, Labour Colony, Unit No-3, PO: GOP, PS: Kharvel Nagar, Bhubaneswar, Dist: Khordha, Pin: 751001, Odisha have changed my daughter's name from **Aaira Swale Khan To Aaira Swaleh** for all future purposes.

**AFFIDAVIT**

**I, Syed Mohammed Tariq,** S/o.: Mr. Syed Rasheed, resident of At: Room No.: 106, Lalitgiri Hostel, IOCL Paradip Refinery, Jagatsinghpur, PIN-754141, Odisha, declare by this affidavit No.: 4321, dated-09/12/2024, that now onwards I shall be known as **SYED MOHAMMED TARIQ R** forallPurposes.

**AFFIDAVIT**

I, Shaikh Azad Ali, S/o- Shaikh Taher Ali, resident of Chandpur, Brahmabarada, Dharmasala, Dist-Jajpur, Pin-755005, Odisha. I have changed my minor daughter's name from **Afiyah to Afiyah Ali** for all future purposes, vide affidavit No. 1962, dtd- 26/10/2024, before the Notary Public, Bhubaneswar, Khordha, Odisha.

**AFFIDAVIT**

**I, Ashok Kumar Mohanty,** S/o.: Golekh Chandra Mohanty, Resident of Kulei, Gaham, P.S.: Samal Barrage, Dist.: Angul, PIN-759100, Odisha, declare by this affidavit No.: 48AA 425139 dated 19/03/2024, that now onwards I shall be known as **ASHOK MOHANTY** for all futurepurposes.

**AFFIDAVIT**

I, Sheck Nejamuddin, S/o- Sheck Halaluddin, resident of At- bankamohalla, Po/Ps- Purunabazar, Dist- Bhadrak, Pin-756100, Odisha declared by this affidavit No. 8262, dtd- 23/09/2024 that now onwards I shall be known as **SK NEZAMUDDIN** for all future purposes.

**AFFIDAVIT**

**I, Fakir Charan Swain,** S/o.: Dibakar Swain, Father of Prasanta Swain, Resident of At: Sanagara Bilikana, PO.: Chandannagar, P.S.: Pattamundai, Dist.: Kendrapara, PIN-754217, Odisha, declare by this affidavit No.: 39781, dated- 10/12/2024 , that now onwards I shall be known as **FAKIRA SWAIN** for all Purposes.

**AFFIDAVIT**

By virtue of an affidavit before the Executive Magistrate, Titilagarh. I, **Debaraj Sahu,** permanent resident of Vill/At- Neherunagar, Ward No. 4, Po/Ps- Titilagarh, Dist- Bolangir, Odisha affirm that my daughter's name is mentioned as **Seema Sahu** in his School Certificate, but in Aadhaar Card that was wrongly mentioned as **Dhanmati Sahu** instead of **Seema Sahu.** Henceforth, she will known as **Seema Sahu** for all future purposes.

**AFFIDAVIT**

I, Kishore Chandra Routra, S/o- Dibakar Routra, resident of At- Ramakrushnapur, Po- Chhanipur, Ps- Salepur, Dist- Cuttack, Pin- 754202, Odisha declared by this affidavit No. 780, dtd- 11/12/2024 that now onwards I shall be known as **KISHOR CHANDRA ROUTRA** for all future purposes.

**AFFIDAVIT**

I, Arun Kumar Sahu, S/o- Danda Pani Sahu, resident of At- Bada Sahi, Po- Gondala, Ps- Hinjilcut, Dist- Ganjam, Pin Code- 761003, Odisha declared by this affidavit No. 2283, dtd- 18/11/2024 that now onwards I shall be known as **ARUNA KUMAR SAHU** for all future purposes.

**AFFIDAVIT**

I, Pyari Begam, W/o- Sk Abdul Samad, resident of Vill- Pandia Gopinathpur, Po- Rekabi Bazar, Ps- Jajpur Sadar, Dist- Jajpur, Pin- 755009, Odisha declared by this affidavit No. 7791, dtd- 06/12/2024 that now onwards I shall be known as **PIYARJAN BEGUM** for all future purposes.

୪ର୍ଥ ସୁନକ୍ଷତ୍ର
ସକାଳ
THE SAKALA



# ସମ୍ପାଦକୀୟ



ଖୁସିର ସୂତ୍ର ବହୁତ ସରଳ, କିନ୍ତୁ ସରଳ ଜୀବନର ସୂତ୍ର ବଡ଼ କଠିନ
-ରବୀନ୍ଦ୍ରନାଥ ଟାଗୋର

## ଅନାସ୍ଥା ପ୍ରହେଳିକା

ଭାରତୀୟ ବିଧାନପାଳିକା ଓ ନ୍ୟାୟପାଳିକା ଇତିହାସରେ ୨୦୨୪ ଡିସେମ୍ବର ଦ୍ୱିତୀୟ ସପ୍ତାହ ଏକ ଅବାଞ୍ଛିତ ଅଧ୍ୟାୟ ଲେଖିସାରିଛି। ମଙ୍ଗଳବାର ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବା ବେଳେ ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ବିଚାରପତି ଶେଖର କୁମାର ଯାଦବଙ୍କ ବିରୋଧରେ ମଧ୍ୟ ମହାଅଭିଯୋଗ ପ୍ରସ୍ତାବ ଆଣିବାକୁ ବିଚାରବିମର୍ଶ ଜାରି ରହିଛି। ଉଭୟ ସଦନରେ ବିରୋଧୀ ଦଳର ସ୍ଥିତି, ସାମ୍ବିଧାନିକ ବିଧିବ୍ୟବସ୍ଥା ଦୃଷ୍ଟିରୁ ବିରୋଧୀ ଦଳର ଏହି ଦୁଇଟି ଯାକ ଉଦ୍ୟମ କେବଳ ଏକ ପ୍ରହେଳିକା ସୃଷ୍ଟି କରିବାର ସମ୍ଭାବନା ଅଧିକ। ତଥାପି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବବୃହତ୍ ଜନବହୁଳ ଦେଶ ଭାରତର ମର୍ଯ୍ୟାଦା ଓ ଗରିମା ପ୍ରତି ଏହା ଆଞ୍ଚ ଆଣିଛି ନିଶ୍ଚୟ।

ସଂସଦର ଉଭୟ ଗୃହର ଅଧ୍ୟକ୍ଷ ସବୁବେଳେ ନିରପେକ୍ଷ ରହିବା ବିଧେୟ। କିନ୍ତୁ ଧନଖଡ଼ କ୍ରମାଗତ ଭାବେ ଶାସକ ପକ୍ଷକୁ ସୁହାଇବା ଭଳି ଆଚରଣ ପ୍ରଦର୍ଶନ ବା ପକ୍ଷପାତିତା କରୁଥିବାର ଅଭିଯୋଗ ଇଣ୍ଡିଆ ମେଣ୍ଟ କରି ଆସୁଛି। ଗୃହରେ ଧନଖଡ଼ଙ୍କ ସହିତ ବିରୋଧୀ ଦଳର ସଦସ୍ୟମାନଙ୍କର ଅନେକ ସମୟରେ ବାକ୍‌ବିତଣ୍ଡା ହୋଇ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଧନଖଡ଼ଙ୍କ ପକ୍ଷପାତିତା ଯୋଗୁଁ ଗୃହରେ ମତାଧିକାର ସାବ୍ୟସ୍ତରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣି ଇଣ୍ଡିଆ ମେଣ୍ଟ ଶେଷରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛି। କିନ୍ତୁ ସାମ୍ବିଧାନିକ ଓ ସଂସଦୀୟ ବିଧିବ୍ୟବସ୍ଥା ଆଧାରରେ ଏହି ପ୍ରସ୍ତାବ ଗ୍ରହଣ ହେବାର ସମ୍ଭାବନା ବହୁତ୍ କମ୍। ଏ କଥା ଯେ ଇଣ୍ଡିଆ ମେଣ୍ଟର ସୁଧୀସଦସ୍ୟମାନେ ଜାଣି ନଥିବେ ତା'ନୁହେଁ। ଅନାସ୍ଥା ପ୍ରସ୍ତାବ ଜରିଆରେ ସେମାନେ ନିଜର ଅସନ୍ତୋଷକୁ ପ୍ରତୀକାତ୍ମକ ଓ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିବାର ସୁଯୋଗକୁ ହାତଛଡ଼ା କରିନାହାନ୍ତି।

ସମ୍ବିଧାନର ଧାରା ୬୪ ଅନୁଯାୟୀ ଭାରତର ଉପରାଷ୍ଟ୍ରପତି ହିଁ ରାଜ୍ୟସଭାର ଅଧ୍ୟକ୍ଷ ରୂପେ ସ୍ୱତଃସ୍ୱୀକୃତ ଓ ବିଧିନିର୍ଦ୍ଦିଷ୍ଟ। ଉପରାଷ୍ଟ୍ରପତି ପଦରେ ଥିବା ପର୍ଯ୍ୟନ୍ତ ସେ ହିଁ ରାଜ୍ୟସଭାର ଅଧ୍ୟକ୍ଷ ରୂପେ କାର୍ଯ୍ୟନିର୍ବାହ ରହିବେ। ତେଣୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ସହିତ ସମାନ। ସମ୍ବିଧାନର ଧାରା ୬୭(ଖ) ଅନୁଯାୟୀ ରାଜ୍ୟସଭାର ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାରିତ କରିବା ବା ତାଙ୍କୁ ସେହି ପଦରୁ ବରଖାସ୍ତ କରିବା ପାଇଁ ରାଜ୍ୟସଭାରେ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ହିଁ ବହୁମତ ଆବଶ୍ୟକ। ଏଥିସହିତ ଏହି ପ୍ରସ୍ତାବ ଲୋକସଭାରେ ଦୁଇ-ତୃତୀୟାଂଶ ସାଂସଦଙ୍କ ଉପସ୍ଥିତିରେ ବହୁମତରେ ପାରିତ ହେବାକୁ ବାଧ୍ୟ। ସେହିପରି ସମ୍ବିଧାନର ଧାରା ୬୭ ଅନୁଯାୟୀ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଉପାଧ୍ୟକ୍ଷ ଗ୍ରହଣ କଲେ ଯାଇ ଏହା ଗୃହରେ ଆଲୋଚନା ହେବ। ଏଥିପାଇଁ ୧୪ ଦିନ ପୂର୍ବରୁ ଲିଖିତ ଭାବେ ଜଣାଇବା ଆବଶ୍ୟକ। ସଂସଦର ଚଳିତ ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରେ ସରିବାକୁ ଯାଉଥିବାରୁ ୧୪ ଦିନିଆ ନୋଟିସ୍ ଦେବାର ସୁଯୋଗ ଇଣ୍ଡିଆ ମେଣ୍ଟ ପାଖରେ ଆପାତତଃ ନାହିଁ। ସମାନ କାରଣରୁ ୨୦୨୦ରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ତତ୍କାଳୀନ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଏମ ଭେଙ୍କୟାନାଇଡୁ ଅଗ୍ରାହ୍ୟ କରିଦେଇଥିଲେ।

ବିଶ୍ୱ ହିନ୍ଦୁ ପରିଷଦର ଏକ ସଭାରେ ବିବାଦୀୟ ମନ୍ତବ୍ୟ ରଖିଥିବା ଅଭିଯୋଗରେ ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ବିଚାରପତି ଶେଖର କୁମାର ଯାଦବଙ୍କ ବିରୋଧରେ ରାଜ୍ୟସଭାରେ ବିରୋଧୀ ଦଳ ପକ୍ଷରୁ ଆଉ ଏକ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା ହେଉଛି। ଏ ପର୍ଯ୍ୟନ୍ତ ୩୬ଜଣ ସାଂସଦ ଏଥିରେ ସ୍ୱାକ୍ଷର କରିସାରିଥିବା ବେଳେ ଆଉ ଅଧିକ ସମର୍ଥନ ହାସଲ ସହିତ ୧୨ ତାରିଖରେ ଗୃହରେ ଉପସ୍ଥାପନ କରାଯିବା ବୋଲି ସୂଚନା ମିଳିଛି। ବିଚାରପତି(ତଦନ୍ତ) ଆଇନ ୧୯୬୮ ଧାରା ୩(୧)(ଖ) ଏବଂ ସମ୍ବିଧାନର ଧାରା ୧୨୪(୪) ଓ ୧୨୪(୫) ଆଧାରରେ ଏହି ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଛି। ବିଚାରପତି(ତଦନ୍ତ) ଆଇନ ୧୯୬୮ ଅନୁଯାୟୀ ଅନ୍ୟୂନ ଲୋକସଭାରେ ୧୦୦ ସାଂସଦ କିମ୍ବା ରାଜ୍ୟସଭାରେ ୫୦ ସାଂସଦଙ୍କ ହସ୍ତାକ୍ଷରରେ ଏଭଳି ପ୍ରସ୍ତାବ ଆଗତ ହୋଇପାରିବ। ଏହି ପ୍ରସ୍ତାବ ଗୃହୀତ ହେବ କି ନାହିଁ ତାହା ରାଜ୍ୟସଭାର ଅଧ୍ୟକ୍ଷ କିମ୍ବା ଲୋକସଭାର ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଯଦି ଏହା ଗୃହୀତ ହୁଏ ତେବେ ମହାଭିଯୋଗର ଯଥାର୍ଥତା ବା ପ୍ରାସଙ୍ଗିକତା ବିଷୟରେ ବିଚାର କରିବା ପାଇଁ ପ୍ରଥମେ ଏକ ତିନିଜଣିଆ କମିଟି ଗଠନ ହେବ, ଯେଉଁଥିରେ ଉଚ୍ଚତମ ନ୍ୟାୟାଳୟର ଜଣେ ବିଚାରପତି, ଉଚ୍ଚ ନ୍ୟାୟାଳୟର ଜଣେ ମୁଖ୍ୟ ବିଚାରପତି ଓ ଜଣେ ଆଇନଜୀବୀ ରହିବେ। ଯଦି ମହାଭିଯୋଗ ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କ ବିରୋଧରେ ଆସେ ତେବେ କମିଟିରେ ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣ ବିଚାରପତି ରହିବେ। ସମ୍ବିଧାନର ଧାରା ୧୨୪(୪) ଅନୁଯାୟୀ ଏହି ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବା ପାଇଁ ଯେଉଁ ଗୃହ ଉକ୍ତ ପ୍ରସ୍ତାବ ଆଣିଥିବ ତାହାର ସମ୍ପୂର୍ଣ୍ଣ ସଦସ୍ୟସଂଖ୍ୟାର ଅଧାରୁ ଅଧିକ ଏବଂ ଅନ୍ୟଗୃହର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ବହୁମତ ଆବଶ୍ୟକ। ଏହାପରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ପୃକ୍ତ ବିଚାରପତିଙ୍କୁ ସେବାନିବୃତ ଲିଖିତ ନିର୍ଦ୍ଦେଶନାମା ଜାରି କରାଯିବ। ଉଭୟ ଗୃହରେ ବିରୋଧୀ ଦଳର ସଂଖ୍ୟାଗରିଷ୍ଠତା ନଥିବାରୁ ଏହି ପ୍ରସ୍ତାବ ମଧ୍ୟ ତ୍ୱରାନ୍ୱିତ ହେବାର ସମ୍ଭାବନା ବହୁତ୍ କମ୍।

ସ୍ୱାଧୀନ ଭାରତର ଲୋକସଭା ଇତିହାସରେ ୧୯୫୧ରେ ବାଚସ୍ପତି ଜି ଭି ମାଭାଲାଙ୍କର, ୧୯୬୬ରେ ସର୍ଦ୍ଦାର ହୁକାମ ସିଂହ ଓ ୧୯୮୭ରେ ବଳରାମ ଝାକରଙ୍କ ବିରୋଧରେ ଏଭଳି ପ୍ରସ୍ତାବ ଆସିଥିଲେ ମଧ୍ୟ ତାହା ବହୁମତରେ ଖାରଜ ହୋଇଯାଇଥିଲା। କିନ୍ତୁ ଉପରାଷ୍ଟ୍ରପତି ବା ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ସ୍ୱାଧୀନୋତ୍ତର ଭାରତର ଗଣତାନ୍ତ୍ରିକ ଇତିହାସରେ ପ୍ରଥମ। ସେହିପରି ୨୦୧୮ରେ ସର୍ବୋଚ୍ଚ ନ୍ୟାୟାଳୟର ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ସମେତ ଅତୀତରେ ଦୁଇଜଣ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଓ ଚାରିଜଣ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ବିରୋଧରେ ଏଭଳି ମହାଭିଯୋଗ ପ୍ରସ୍ତାବ ଆସିଥିଲେ ମଧ୍ୟ ସବୁ କାଟ୍ ଖାଇଯାଇଥିଲା। ଚଳିତ ଥର ମଧ୍ୟ ପ୍ରାୟତଃ ସେହି ଫଳଶ୍ରୁତିର ପୁନରାବୃତ୍ତି ଘଟିବ ବୋଲି ପୂର୍ବାନୁମାନ କରାଯାଉଛି। ବିରୋଧ ଓ ମତାଧିକାର ସାବ୍ୟସ୍ତ କରିବା ପାଇଁ ଅନାସ୍ଥା ପ୍ରସ୍ତାବ ସ୍ୱାଗତଯୋଗ୍ୟ, କିନ୍ତୁ ଏହା ମୂଳାଧାର ବିହୀନ ଓ ଅଯାଥାର୍ଥ ଘଟଣା ବାରମ୍ବାର ଘଟିଲେ ଭାରତୀୟ ଗଣତନ୍ତ୍ରର ଗରିମାକୁ କ୍ଷୁଣ୍ଣ କରିବାର ଆଶଙ୍କା ସୃଷ୍ଟି କରିବ। ●

## ପୁଣି ଚର୍ଚ୍ଚାରେ ଗନ୍ଧମାର୍ଦ୍ଦନ

ରମାକାନ୍ତ ନାଥ

ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତ ପୁଣି ଚର୍ଚ୍ଚାରେ। ବଲାଙ୍ଗୀର ଓ ବରଗଡ଼ ଜିଲ୍ଲା ସୀମାରେ ଥିବା ଏହି ପର୍ବତ ତା'ର ବିଶେଷତ୍ୱକୁ ନେଇ ଗରିମାମୟ। ପ୍ରାକୃତିକ, ଆଧ୍ୟାତ୍ମିକ ଓ ଜୈବବିବିଧତା ପାଇଁ ମହତ୍ତ୍ୱପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପାର୍ବତ୍ୟ ଅଞ୍ଚଳ ୧୯୮୦ ଦଶକରେ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଥିବା ବେଳେ ଦୀର୍ଘ ଦଶନ୍ଧି ପରେ ପୁଣି ଥରେ ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଛି।

ପୌରାଣିକ ଗାଥା ଓ କିମ୍ବଦନ୍ତୀ ଅନୁଯାୟୀ ଗନ୍ଧମାର୍ଦ୍ଦନର ଆଧ୍ୟାତ୍ମିକ ଗରିମା ଅତୁଳନୀୟ। ଏହି ପର୍ବତ ସହିତ ବୀରହନୁମାନଙ୍କ ବିଶଲ୍ୟକରଣୀ ସନ୍ଧାନ ଓ ହାତରେ ପର୍ବତ ଧାରଣ କରିଥିବା ମୂର୍ତ୍ତି ଜଡ଼ିତ। ସେହିପରି ଦ୍ୱାପର ଯୁଗରେ ପାଣ୍ଡବମାନେ ଅଜ୍ଞାତବାସ କାଳରେ ଗନ୍ଧମାର୍ଦ୍ଦନ ପର୍ବତରେ କିଛିଦିନ ରହିଥିବା ବିଶ୍ୱାସ କରାଯାଏ। ଗବେଷକଙ୍କ ମତରେ ଗନ୍ଧମାର୍ଦ୍ଦନ ପର୍ବତ ପ୍ରାଚୀନ କାଳରେ ବୌଦ୍ଧ ଧର୍ମ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା। ସାତବାହାନ ରାଜବଂଶର ଶାସକ ପ୍ରଥମ ସାତକର୍ଣ୍ଣୀ ଏଠାରେ ଏକ ବୌଦ୍ଧ ବିହାର ପ୍ରତିଷ୍ଠା କରିଥିଲେ ବୋଲି ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ତାଙ୍କର ଭାରତ ଭ୍ରମଣ ବୃତ୍ତାନ୍ତ ପୁସ୍ତକ 'ସି-ୟୁ-କି'ରେ ବର୍ଣ୍ଣନା କରିଛନ୍ତି। ସେ ଉକ୍ତ ପୁସ୍ତକରେ ଗନ୍ଧମାର୍ଦ୍ଦନ ପର୍ବତକୁ 'ପ-ଲୋ-ମ-ଲୋ-କିଲି' ବୋଲି ଲେଖିଛନ୍ତି, ଯାହାକୁ 'ପରିମଳ ଗିରି' ଭାବେ ନାମିତ କରାଯାଏ।

ପ୍ରାକୃତିକ ଶୋଭାରାଜିରେ ଭରା ଏହି ପର୍ବତର ଉଚ୍ଚତା କେଉଁଠି ୨୦୦୦ ଫୁଟ ତ କେଉଁଠି ୩୨୭୪ ଫୁଟ। ପର୍ବତ ଶିଖରରେ ରହିଛି ଏକ ସମତଳ ସ୍ଥାନ, ଯାହାର ଦୈର୍ଘ୍ୟ ପ୍ରାୟ ୧୬ କିଲୋମିଟର ଓ ପ୍ରସ୍ଥ ଏକ କିଲୋମିଟର। ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଏହି ପର୍ବତମାଳା ଦିନେ ବିଭିନ୍ନ ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଥିଲା। ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ରିପୋର୍ଟରୁ ଜଣାଯାଏ ଯେ ଗନ୍ଧମାର୍ଦ୍ଦନ ପର୍ବତରେ ଦୁଇହଜାରରୁ ଅଧିକ ପ୍ରଜାତିର ବୃକ୍ଷ ରହିଛି, ଯାହା ପରିବେଶକୁ ସନ୍ତୁଳିତ କରିବାରେ ଓ ଜୈବମଣ୍ଡଳକୁ ସୁରକ୍ଷିତ ରଖିବାରେ ସହାୟତା କରିଥାଏ। ୨୦୦ରୁ ଅଧିକ ପ୍ରଜାତିର ଔଷଧୀୟ ବୃକ୍ଷ, ଗୁଳ୍ମ ମଧ୍ୟ ଗନ୍ଧମାର୍ଦ୍ଦନ ପର୍ବତରେ ରହିଛି। ସୁନାରୀ ଝରଣା ସହିତ ୪ଟି ଝରଣା ଓ ୨୨ଟି ଜଳଧାର ଗନ୍ଧମାର୍ଦ୍ଦନ ପର୍ବତରୁ ବହିର୍ଗତ ହୋଇଛି। ଗନ୍ଧମାର୍ଦ୍ଦନ ପର୍ବତରୁ ନିର୍ଗତ ଜଳଧାର ଅଙ୍ଗ ଓ ସୁକତେଲ ନଦୀ ନାମରେ ନାମିତ, ଯାହା ମହାନଦୀ ସହିତ ମିଶି ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଆଦି ପଶ୍ଚିମ ଓଡ଼ିଶାର ୫ଟି ଜିଲ୍ଲା ପାଇଁ ବରଦାନ ହୋଇଛି।

ଗନ୍ଧମାର୍ଦ୍ଦନର ଏକ ପାର୍ଶ୍ୱରେ ହରିଶଙ୍କର ତୀର୍ଥକ୍ଷେତ୍ର ରହିଥିଲା ବେଳେ ଅନ୍ୟପାର୍ଶ୍ୱରେ ନୃସିଂହନାଥ କ୍ଷେତ୍ର ରହିଛି। ଏଠାରେ ବିନ୍ଧ୍ୟବାସିନୀ ଦୁର୍ଗା, ଦଶମହାବିଦ୍ୟା, ଦକ୍ଷିଣକାଳୀ, ଦ୍ୱିଭୁଜା ଦୁର୍ଗା, ଜଟାନୃସିଂହ, ଗୁପ୍ତେଶ୍ୱର, ଗଣେଶ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଆଦି ଦେବଦେବୀ ପୂଜା ପାଉଛନ୍ତି। ନୃସିଂହନାଥ ମନ୍ଦିର ଠାରୁ ଏକ କିଲୋମିଟର ଭିତରେ ଭୀମ ମଣ୍ଡପ, ସତ୍ୟ ଆମ୍ବ, ସପ୍ତଧାର, କପିଳଧାର, ପଞ୍ଚୁପାଣ୍ଡବ ଘାଟ, ତ୍ରିବେଣୀ ଘାଟ, ସୀତା କୁଣ୍ଡ, ବାଳଧାର, ଭୀମଧାର, ଗୋକୁଣ୍ଡ ଘାଟ, ଗଣେଶ ଘାଟ, ଶିବ ଘାଟ ଆଦି ଦର୍ଶନୀୟ ସ୍ଥାନ ରହିଛି। ଗନ୍ଧମାର୍ଦ୍ଦନ ପର୍ବତ ଆଦିବାସୀ ସମୁଦାୟଙ୍କ ପାଇଁ ଦେବତା ସଦୃଶ। ସେମାନେ ଗନ୍ଧମାର୍ଦ୍ଦନ ପର୍ବତରୁ ବିଭିନ୍ନ ଜଙ୍ଗଲଜାତ ସମ୍ପଦ ଓ ଖାଦ୍ୟ ସାମଗ୍ରୀ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥା'ନ୍ତି। ସେହିପରି ଏହି ପର୍ବତ ସନ୍ନିକଟରେ ଦୁଇଟି ଆୟୁର୍ବେଦ ଚିକିତ୍ସା ଅନୁଷ୍ଠାନ ଗନ୍ଧମାର୍ଦ୍ଦନର ଔଷଧୀୟ ଲତା, ଗୁଳ୍ମ ଓ ବୃକ୍ଷକୁ ଆଧାର ଓ ପ୍ରୟୋଗଶାଳା ଭାବେ ବ୍ୟବହାର କରୁଛନ୍ତି। ଶତାଧିକ ଆୟୁର୍ବେଦ ଚିକିତ୍ସକ ଗନ୍ଧମାର୍ଦ୍ଦନରୁ ଔଷଧୀୟ ଉପକରଣ ସଂଗ୍ରହ କରି ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଗରିବ ସମ୍ପ୍ରଦାୟଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ସେମାନଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ କରୁଛନ୍ତି।

ଉପରୋକ୍ତ ବିବିଧ ଭଣ୍ଡାର ସହିତ ଗନ୍ଧମାର୍ଦ୍ଦନ ପର୍ବତ ପ୍ରଚୁର ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହା ଜଣାପଡ଼ିବା ପରେ ଗନ୍ଧମାର୍ଦ୍ଦନ ପାର୍ବତ୍ୟାଞ୍ଚଳରୁ ଖଣିଜ ସମ୍ପଦକୁ ଲୁଟି ନେବାର ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ୧୯୪୮ ମସିହାରେ ଓଡ଼ିଶା ସରକାରଙ୍କ ଖଣି ବିଭାଗ (ଓଡିଏମ୍), ଭାରତ ସରକାରଙ୍କ ଖଣିଜ ସମ୍ପଦ ଉତ୍ତୋଳନ ନିଗମ(ଏମ୍‌ଇସିଏଲ) ଓ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସ୍ଆଇ) ମିଳିତ ଭାବରେ ଗନ୍ଧମାର୍ଦ୍ଦନରେ ଖଣିଜ ସମ୍ପଦର ଉପସ୍ଥିତି, ତା'ର ପରିମାଣ ଓ ମାନ ନିର୍ଦ୍ଧାରଣ ପାଇଁ ଉଦ୍ୟମ କଲେ। ୧୯୫୯ ମସିହା ବେଳକୁ ଏମାନେ ନିଶ୍ଚିତ ହେଲେ ଯେ ଗନ୍ଧମାର୍ଦ୍ଦନ ପର୍ବତ ମଧ୍ୟରେ ପ୍ରଚୁର ପରିମାଣର ଉନ୍ନତମାନର ବକ୍ସାଇଟ ଗଚ୍ଛିତ ରହିଛି, ଯାହାର ପରିମାଣ ପ୍ରାୟ ୨୦୦ ନିୟୁତ ଟନ୍‌ରୁ ଅଧିକ ହୋଇପାରେ। ଏ ସମ୍ପର୍କରେ ବିଧିବଦ୍ଧ ରିପୋର୍ଟ ପ୍ରକାଶ ପାଇବା ପରେ ୧୯୭୫ ମସିହା ବେଳକୁ ମଧ୍ୟପ୍ରଦେଶର କୋରବାଠାରେ ସ୍ଥାପିତ ଆଲୁମିନିୟମ କାରଖାନା ପାଇଁ ବକ୍ସାଇଟ ନେବାକୁ ବାଲକୋ ପକ୍ଷରୁ ଉଦ୍ୟମ ଆରମ୍ଭ ହେଲା। ମାତ୍ର ସ୍ଥାନୀୟ ଲୋକଙ୍କ ବିରୋଧରୁ ଏହା ସାକାର ହୋଇପାରିଲା ନାହିଁ। 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଆନ୍ଦୋଳନକୁ ଧୀରେ ଧୀରେ ସାଧାରଣ ଲୋକଙ୍କ ସମର୍ଥନ ମିଳିଲା। କେତେକ ରାଜନେତା ମଧ୍ୟ ଏହି ଆନ୍ଦୋଳନରେ ଯୋଡ଼ିହେଲେ। ସର୍ବୋଦୟ ସଂଗଠନ ପକ୍ଷରୁ ଏହି ଆନ୍ଦୋଳନକୁ ସହଯୋଗ ମିଳିବା ପରେ ରାଜ୍ୟ ଓ ଦେଶରୁ ବହୁ ପରିବେଶ କର୍ମୀ ଏବଂ ଆନ୍ଦୋଳନକାରୀ ଏହି ଅଞ୍ଚଳକୁ ଆସି ସହଯୋଗ କଲେ। କ୍ରମଶଃ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗ ଆଲୋଚନାର ବିଷୟ ହୋଇଥିଲା। ସ୍ଥାନୀୟ ଆନ୍ଦୋଳନକାରୀଙ୍କ ସହିତ ସର୍ବୋଦୟ ସମାଜ, ପରିବେଶ ପ୍ରେମୀ, କର୍ପୋରେଟ ବିରୋଧୀ ଗୋଷ୍ଠୀ, ସମାଜବାଦୀ ଆଦି ଏକଜୁଟ ହେଲେ ଏବଂ ଏମାନଙ୍କର ମିଳିତ ଶକ୍ତି ନିକଟରେ ସରକାର ଓ କମ୍ପାନୀର ଖଣିଲୁଟ୍ ଯୋଜନା କାମ କଲାନାହିଁ।

ପ୍ରାୟ ୩୦ ବର୍ଷ ପରେ ପୁଣି ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟରେ ବିଜେପି ସରକାର ପ୍ରଥମଥର ପାଇଁ କ୍ଷମତା ହାସଲ କରିବା ପରେ ରାଜ୍ୟର ପ୍ରମୁଖ ଲାଭକାରୀ ସଂସ୍ଥା, ସରକାରୀ ଉଦ୍ୟୋଗ, ବନ୍ଦର, ବିମାନ ବନ୍ଦର, ଖଣିଖାଦାନ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହାତରେ ଟେକିଦେବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଦେଶର ବହୁ ସମ୍ପଦର ଅଧିକାରୀ ଆଦାନୀ ଗ୍ରୁପ୍‌ର ନଜର ପଡ଼ିଛି ଗନ୍ଧମାର୍ଦ୍ଦନ ଉପରେ। ଆଦାନୀ ଗ୍ରୁପ୍‌ର ଏହି ଯୋଜନାକୁ ଡବଲ ଇଞ୍ଜିନ ସରକାର ସହଯୋଗ କରୁଥିବା ଅଭିଯୋଗ ହେଉଛି। ମାତ୍ର ଆଦାନୀର ଏହି ଯୋଜନାକୁ ଲୋକଲୋଚନ ଉହାଡ଼ରେ ରଖିବା ପାଇଁ ଏବଂ ଆଦାନୀ ଯେପରି ବାଲକୋ ପରି ଜନବିରୋଧର ସମ୍ମୁଖୀନ ନହୁଏ ସେଥିପାଇଁ ନୂଆ କୌଶଳ ପ୍ରୟୋଗ କରାଯାଉଛି।

ଗନ୍ଧମାର୍ଦ୍ଦନ ପର୍ବତର ଚାରିପାଖରେ ଆଦାନୀ କମ୍ପାନୀ ଜମି କିଣିଛି। ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଆଦାନୀ କମ୍ପାନୀ ପକ୍ଷରୁ ନିକଟରେ ୧୮ ଏକର, ବରଗଡ଼ ଜିଲ୍ଲା ଗାଇସିଲଟ ବ୍ଲକ ଅନ୍ତର୍ଗତ କଟାବାହଲ ପଞ୍ଚାୟତର ଯୁବାଖୋଲ ଗାଁରେ ୨୩ ଏକର, ବେଲପଡ଼ା ବ୍ଲକ ଡୁଡୁକାମଲରେ ୩୩ ଏକର, ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ତହସିଲ ଅନ୍ତର୍ଗତ ଭାଲୁପୁରୀ ଗାଆଁରେ ୬୧ ଏକର, ଭଇଁଷା ଆରଆଇ ସର୍କଲ ଅଧୀନରେ ୪୩ ଏକର ଜମି ଆଦାନୀ ଗ୍ରୁପ୍ କିଣିଥିବା ଜଣାପଡ଼ିଛି। ଏହିପରି ଗନ୍ଧମାର୍ଦ୍ଦନର ଚାରିପାଖରେ ୨୭ଟି ପ୍ଲଟ୍ ଆଦାନୀ ନାମରେ କିଣାଯାଇଛି। ସେହିସବୁ ଅଞ୍ଚଳରେ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣିଜ ସମ୍ପଦ ମହଜୁଦ ରହିଛି। ଏହାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁ ନଥିଲାବେଳେ କମ୍ପାନୀ ପକ୍ଷରୁ କୁହାଯାଉଛି ଯେ ଆଦାନୀର ସୁନ୍ଦରଗଡ଼ ଖଣି ଖନନରୁ ସୃଷ୍ଟ ପରିବେଶୀୟ କ୍ଷତିଭରଣା ପାଇଁ ଚାରାରୋପଣ ପୂର୍ବକ ପରିବେଶକୁ ସନ୍ତୁଳିତ କରିବାକୁ ଚେଷ୍ଟା କରାଯିବ। ଯଦି ଆଦାନୀ କମ୍ପାନୀର ଏତେ ପରିବେଶ ପ୍ରେମ ରହିଛି, ତେବେ କମ୍ପାନୀ ସେହି ସୁନ୍ଦରଗଡ଼ ଜିଲ୍ଲାରେ ପରିବେଶ ସନ୍ତୁଳନ ପାଇଁ ଉଦ୍ୟମ ନକରି ସୁଦୂର ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ତାହା ପୁଣି ଗନ୍ଧମାର୍ଦ୍ଦନ ପର୍ବତର ଚାରିପଟେ କାହିଁକି? ସାଧାରଣ ଲୋକଙ୍କ ଏହି ପ୍ରଶ୍ନର ଉତ୍ତର ରାଜ୍ୟ ସରକାରଙ୍କ ପାଖରେ ନାହିଁ ଏବଂ ଆଦାନୀ କମ୍ପାନୀ ଦେବାକୁ ଇଚ୍ଛାକରୁ ନାହିଁ। ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ସରକାର ଓ ପ୍ରଶାସନର ନିରବତା ପରିସ୍ଥିତିକୁ ଅଧିକ ରହସ୍ୟମୟ କରିଛି।

ସ୍ଥାନୀୟ ଲୋକମାନଙ୍କ ଠାରୁ ଜଣାଯାଏ ଯେ କେତେମାସ ହେବ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ସର୍ଭେ କାମ ଜାରି ରହିଛି। କ'ଣ ପାଇଁ ଏହି ସର୍ଭେ କରାଯାଉଛି ତାହା ପ୍ରଶାସନ କାହାରିକୁ ଜଣାଉନାହାନ୍ତି। ସରକାରଙ୍କ ପକ୍ଷରୁ ହେଉଥିବା ସର୍ଭେ ଓ ଆଦାନୀ କମ୍ପାନୀ ପକ୍ଷରୁ ଗନ୍ଧମାର୍ଦ୍ଦନ ପର୍ବତ ଚାରିପାଖରେ ଜମିକିଣା ଘଟଣାରୁ ଏହି ଧାରଣା ସୃଷ୍ଟି ହେଉଛି ଯେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଆଦାନୀ କମ୍ପାନୀ ମିଳିତ ଭାବେ ଏକ ବ୍ୟାପକ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହି ଯୋଜନା ଗନ୍ଧମାର୍ଦ୍ଦନ ଲୁଟ୍ ନୁହେଁ ତ ଆଉ କ'ଣ ହୋଇପାରେ? ଯେତେବେଳେ ଗନ୍ଧମାର୍ଦ୍ଦନ ଚାରିପଟର ଜମି ଆଦାନୀ କିଣିନେବ ସେତେବେଳେ କମ୍ପାନୀ ପକ୍ଷରୁ ସେଠାରେ ଏକ ସ୍ୱତନ୍ତ୍ର ଅର୍ଥନୀତିକ ଅଞ୍ଚଳ ବା ଏସ୍‌ଇଜେଡ୍ ଘୋଷଣା କରାଯିବ। ଏସ୍‌ଇଜେଡ୍ ନୀତି ଅନୁଯାୟୀ ସେଠାରେ ସରକାରଙ୍କର କୌଣସି ଆଇନ ଏବଂ ଶାସନ କାମ କରିବ ନାହିଁ। ତାହା ଆଦାନୀର ସ୍ୱୟଂଶାସିତ ଅଞ୍ଚଳ ହେବ। ସ୍ଥାନୀୟ ଲୋକମାନେ ଜଳକା ହୋଇ ଚାହିଁ ରହିଥିବେ ଓ ଆଦାନୀ ଗନ୍ଧମାର୍ଦ୍ଦନକୁ ଦିନ ଦି'ପହରରେ ଲୁଟି ନେଉଥିବ - ଏହି ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ●

କଟକ, ମୋ: ୯୦୪୦୩୯୭୧୨୨

## ବଜାରରେ ସଜନା ଶାଗ ଓ ପୂଜାକିଟ୍‌ର ସଙ୍କେତ

ଡ.ଅନ୍ତର୍ଜିତା ନାୟକ

ଦିନଥିଲା ଯେତେବେଳେ ଆମ ବାଡ଼ିର ସଜନା ଶାଗ, ଛୁଇଁ ଆମେ ନିଜେ ଖାଇ, ପାଖ ପଡ଼ିଶାଙ୍କ ଲାଗି ମଧ୍ୟ ଖୋଲା ରଖୁଥିଲୁ। ସଜନା ଶାଗର କିଣା-ବିକା ନଥିଲା, ବରଂ ଦିଆ-ନିଆ ଥିଲା। ଏହା ଏକ ସୁଦୃଢ଼ ସାମାଜିକ ବ୍ୟବସ୍ଥାର ସୂଚକାଙ୍କ ମଧ୍ୟ ଥିଲା। ଆଧୁନିକୀକରଣର ବେଗରେ ମଣିଷ ଆଜି ଏତେ କବଳିତ ଯେ ସଜନା ଶାଗ ଓ ଭୃସଙ୍ଗ ପତ୍ର ଭଳି ବାଡ଼ି ପଛପଟ ନିତିଦିନିଆ ସାମଗ୍ରୀ ଆଜି ହାଟରେ ବିକ୍ରି ହେଉଛି। ସେହିଭଳି ଆଜି ବଜାରରେ ଗୁରୁବାର ପୂଜା ଲାଗି 'ପୂଜା କିଟ୍' ଉପଲବ୍ଧ। ଆମ୍ବଡାଳ ଠାରୁ ଆରମ୍ଭ କରି, ଗୋବର, ଅରୁଆ ଚାଉଳ, ଦୁବ, ବରକୋଳି ପତ୍ର, ଭୋଗରାଗ ସବୁ ସାମଗ୍ରୀ ସେଥିରେ ରହୁଛି।

ଆଜିକାଲି ଘରେ ଦୁଇଦୁଇଟା ଗ୍ୟାରେଜ ରହୁଛି। କିନ୍ତୁ ବାଡ଼ିବଗିଚାଟିଏ କରିବାକୁ ଲୋକେ ଜାଗା ନଷ୍ଟ କରୁ ନାହାନ୍ତି। ଯଦି ଲୋକେ ୨୪ ଘଣ୍ଟାରୁ କେବଳ ୪ ଘଣ୍ଟା ଘରେ ରହିବେ ତେବେ ସଜନା, ଭୃସଙ୍ଗ ଭଳି ଦୁବ ବରକୋଳି ଘର ବାଡ଼ିରୁ ବାହାରି ହାଟକୁ ଆସିବା ସ୍ୱାଭାବିକ। ଦିନଥିଲା ମଣିଷ ଘରଟିଏ ତୋଳିଲେ ବାଡ଼ିଟିଏ ଛାଡୁଥିଲା, ଗାଈଗୋରୁଙ୍କ ଲାଗି ଗୁହାଳଟିଏ କରୁଥିଲା, ବୁଢାବୁଢ଼ୀଙ୍କ ବସିବା ଲାଗି ଅଗଣାଟିଏ ରଖୁଥିଲା, ପାଖ ପଡ଼ୋଶୀଙ୍କ ସହ ବସି ଗପସପ କରିବାକୁ ବାହାରେ ପିଣ୍ଡାଟିଏ ତିଆରି କରୁଥିଲା ଏବଂ ରାତିରେ ଜହ୍ନ ତାରାଙ୍କ ସାଙ୍ଗରେ ଆଳାପ କରିବାକୁ ଖୋଲା ଛାତଟିଏ ରଖୁଥିଲା। ଆଜି ଘରର ମାନେ କେବଳ କେତେ ମହଲା, କେତେ ଯାନ୍ତ୍ରିକ ଉପକରଣର ସୁବିଧା, କେତେଟା ଗାଡ଼ି ରଖିବାକୁ ଜାଗା, କେତେଟା ଶୟନ କକ୍ଷ, କେତେ ବଡ଼ ବୈଠକ ଘର, ମୋଡ୍ୟୁଲାର୍ ରୋଷେଇଘର ଓ କୋଟି କୋଟି ଟଙ୍କାର ଭବିଷ୍ୟତ ସ୍ଥାବର ସମ୍ପତ୍ତିରେ ସୀମିତ। ଆଜି ଇଞ୍ଚେ ଇଞ୍ଚେ ଜାଗା ଯେତେବେଳେ କୋଟି କୋଟି ଟଙ୍କାରେ କିଣା ହେଉଛି, ସେତେବେଳେ ସାମାନ୍ୟ ସଜନା ଶାଗ ଓ ଭୃସଙ୍ଗ ପତ୍ର ବଜାରରେ ବିକ୍ରି ହେବା ସ୍ୱାଭାବିକ।

ଘରର ବାଡ଼ିବଗିଚାରୁ ଯେତେବେଳେ ସଜନା ଗଛ, ଅମୃତଭଣ୍ଡା, ଭୃସଙ୍ଗ ପତ୍ର, ପସାରୁଣୀ ପତ୍ର, କଦଳୀ ଗଛ ବା ଋତୁକାଳୀନ ପନିପରିବା ଓ ଫୁଲ ଗଛ ଉଭାନ ହୋଇଯା'ନ୍ତି, ସେତେବେଳେ ସ୍ଥାନୀୟ ଜୈବ ବିବିଧତା କ୍ଷତିଗ୍ରସ୍ତ ହୋଇଥାଏ। ଘରର ବାଡ଼ିବଗିଚା ସ୍ଥାନୀୟ ଉଦ୍ଭିଦ କିସମର ସଂରକ୍ଷଣ କରିବାରେ ସାହାଯ୍ୟ କରିବା ସହିତ ପରାଗସଂଗମକୁ ସୁବିଧା ପ୍ରଦାନ କରିଥାଏ। ମୃତ୍ତିକାର ସ୍ୱାସ୍ଥ୍ୟକୁ ବଜାୟ ରଖିବାରେ ଯୋଗଦାନ କରିଥାଏ। ବାଡ଼ିବଗିଚା ଓ ଘରୋଇ ଗଛମାନଙ୍କର ବିଲୋପ ପରିସଂସ୍ଥାର ବିବିଧତାକୁ ଆଘାତ କରି ଧୀରେ ଧୀରେ କୀଟନାଶକ ଏବଂ ରାସାୟନିକ ଯୁକ୍ତ ଚାଷ ଉପରେ ନିର୍ଭରଶୀଳତାକୁ ବୃଦ୍ଧି କରିଥାଏ। ଆଧୁନିକୀକରଣ ସହିତ ସହରାଞ୍ଚଳର ବଢୁଥିବା ଖାଦ୍ୟ ଚାହିଦାକୁ ପୂରଣ କରିବା ପାଇଁ ସଜନା ଶାଗ ବା ସଜନା ଛୁଇଁ ଭଳି ଔଷଧୀୟ ଗଛର ଅଭାବ, ବାଣିଜ୍ୟ ଉଦ୍ଦେଶ୍ୟରେ ଚାଷକୁ ପ୍ରୋତ୍ସାହିତ କରି ଅଯଥା ଜଳ, ମୃତ୍ତିକା, ରାସାୟନିକ ସାର ଏବଂ ଶକ୍ତି ସମେତ ପ୍ରାକୃତିକ ସମ୍ବଳ ଉପରେ ଚାପ ପକାଇଥାଏ।

କୁପୋଷଣ ବିରୁଦ୍ଧରେ ଲଢ଼ିବାକୁ ଆମେ ଯେତେବେଳେ ଘରେ ଘରେ ଓ ସ୍କୁଲମାନଙ୍କରେ ପୁଷ୍ଟିକର ଉଦ୍ୟାନ ଗଢ଼ିବାର ପରାମର୍ଶ ଦେଉଛନ୍ତି, ସେତେବେଳେ ସଜନା ଶାଗ, ପୋଇ ଶାଗ, କଖାରୁ ଡଙ୍କ, କଦଳୀ, ଅମୃତଭଣ୍ଡା, ବାରମାସୀ ଶାଗ, ସୁନୁସୁନିଆ ଶାଗ, ପିଜୁଳି, ଆତ, ବରକୋଳି ଓ ଭୃସଙ୍ଗ ପତ୍ର ଭଳି ସାମାନ୍ୟ ଅଥଚ ସୁସ୍ଥ ଶରୀର ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ବଜାରରେ ଦର କଷାକଷି କାହାର ପ୍ରତିଫଳନ? ଆମେ ଘର କରିବା ବେଳେ ବାଡ଼ିଟିଏ ଲାଗି ଜାଗା ଛାଡୁ ନାହାନ୍ତି। କିନ୍ତୁ ଶରୀରରୁ ଅତିରିକ୍ତ ଚର୍ବି ହ୍ରାସ କରିବାକୁ ଘରେ ବ୍ୟାୟାମଶାଳା ଖୋଲି ଦେଉଛନ୍ତି। ଘରବାଡ଼ିର ଗଛଲତା ସବୁଜିମା ଲାଗି ସମୟ ନ ଦେଇ ନିଜର ଚାପ ଉପଶମ ଲାଗି ମନସ୍ତାତ୍ତ୍ୱିକ ପରାମର୍ଶଦାତା ପାଖକୁ ଧାଉଁଛନ୍ତି। ଘର ବାଡ଼ିବଗିଚାରେ ବୁଲିଆସିଲେ, ବଢୁଥିବା ଗଛଙ୍କୁ ଦେଖିଲେ, ଫୁଲ ଉପରେ ଗୁଣୁଗୁଣୁ ହେଉଥିବା ମହୁମାଛିକୁ ଶୁଣିଲେ, ରଙ୍ଗବିରଙ୍ଗ ଫୁଲ ଓ ସବୁଜିମାକୁ ଦେଖିଲେ ଅବସାଦ ହ୍ରାସ ହୋଇଥାଏ। ମାନସିକ ସୁସ୍ଥତା ବୃଦ୍ଧି ପାଇଥାଏ। ଗବେଷଣା ମଧ୍ୟ ଏହା କୁହେ ଯେ, ନିଜ ବାଡ଼ିବଗିଚାରେ କାମକଲେ ଶରୀର ଫୁର୍ତ୍ତି ଓ ସୁସ୍ଥ ରହିବା ସାଙ୍ଗରେ ମାନସିକ ସୁସ୍ଥତା ମଧ୍ୟ ବୃଦ୍ଧି ପାଇଥାଏ ଏବଂ ଉଦ୍‌ବେଗର ଲକ୍ଷଣ ହ୍ରାସ ହୋଇଥାଏ। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ବାଡ଼ିବଗିଚାର ସୁବିଧା ଥିବା ପରିବାର ଅଧିକ ପନିପରିବା ଏବଂ ଫଳ ଖାଆନ୍ତି, ଯାହା ଉନ୍ନତ ସ୍ୱାସ୍ଥ୍ୟ ବୃଦ୍ଧି କରି ସ୍ୱାସ୍ଥ୍ୟସେବା ଖର୍ଚ୍ଚକୁ ହ୍ରାସ କରିଥାଏ।

ବଦଳୁଥିବା ସମୟରେ ସଜନା ଶାଗ ଓ ଭୃସଙ୍ଗ ପତ୍ର ଭଳି ଘରୋଇ ଖାଦ୍ୟ ସାମଗ୍ରୀର ଦୁଃଖ ଲାଘବ କରିବାକୁ ମଣିଷକୁ ତତ୍ପରତା ଦେଖାଇବାର ଅଛି। ଏଇ ଘରୋଇ ସାମଗ୍ରୀର ଘର ବାଡ଼ି ଛାଡ଼ି ବଜାର ଦାଣ୍ଡରେ ଗଡ଼ିବା ଏକ ବ୍ୟାପକ ସାମାଜିକ-ଅର୍ଥନୈତିକ ବିସଙ୍ଗତିର ପ୍ରତିଫଳନ। ପରିବେଶ ଅବକ୍ଷୟ ଏବଂ ବୃଦ୍ଧି ପାଉଥିବା ଆର୍ଥିକ ଅସମାନତାର ଲକ୍ଷଣ। କାଲି ଯେମିତି ମଣିଷର ଏହା ଦୁଃଖ ନ ହୋଇଯାଉ ଯେ ଶାଗ ଟିକିଏ ବା ପତ୍ର ଟିକିଏ କିଣିବାକୁ ପଇସା ତ ଥିବ, ହେଲେ ସେସବୁ ଆଉ ମିଳୁ ନଥିବେ। କାରଣ ବଢୁଥିବା ମଣିଷର ଲୋଭ ହେତୁ ଚାଷ ଜମି କମି କମି ଚାଲିଲାଣି। ଏଇ ମାଟିର ମଣିଷ ମାଟିରେ ମିଶିବାକୁ ମାଟିଟିଏ ଯେମିତି ଛାଡୁ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଭଞ୍ଜ ସାହିତ୍ୟରେ ଜାତୀୟ ସଂହତି

ସାହିତ୍ୟ ସରିତ୍

ଡ. ଅଭିମନ୍ୟୁ ବରାଳ

ଓଡ଼ିଆ ସାହିତ୍ୟରେ ପଞ୍ଚସଖା ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କଟିର ଅଭ୍ୟୁଦୟ ଘଟିଥିଲା, ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଓଡ଼ିଶାର ମହାନ ସଂସ୍କୃତି, ସାହିତ୍ୟ ଓ ଗୌରବକୁ ମହାଭାରତୀୟ ବା ଜାତୀୟ ସ୍ତରରେ ସଂସ୍ଥାପିତ କରିବାର ସଂକଳ୍ପ ନେଇ ଉପେନ୍ଦ୍ର ଭଞ୍ଜ ତାଙ୍କ କାବ୍ୟରେ ଆଣିଥିଲେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଭାରତର ଅପୂର୍ବ ସମନ୍ୱୟ। ସମଗ୍ର ଭାରତବର୍ଷର ପ୍ରାକୃତିକ ଶୋଭା, ସାମାଜିକ ଚଳଣି, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଏପରିକି ଭିନ୍ନ ଭିନ୍ନ ଅଞ୍ଚଳର ନାୟକ ନାୟିକାଙ୍କୁ ପ୍ରେମ ଓ ବିବାହ ବନ୍ଧନରେ ବାନ୍ଧି ସେ ଏକ ମହାଭାରତୀୟ ଜାତୀୟ ଚେତନାର ବା ଜାତୀୟ ସଂହତିର ଉଦ୍‌ଘୋଷଣା କରିଛନ୍ତି। ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ, ମୈଥିଳ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳର ମନୋଜ୍ଞ ବର୍ଣ୍ଣନା ସହିତ ଆରବ, ସିନ୍ଧୁ ପ୍ରଦେଶ ପର୍ଯ୍ୟନ୍ତ ନିଜ କାବ୍ୟ କବିତାର ବର୍ଣ୍ଣନାରେ ସ୍ଥାନ ଦେଇ ସେ ନିଜକୁ ଏକ ମହାଭାରତୀୟ କବି ଭାବରେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି। କାଶ୍ମୀରଠାରୁ କନ୍ୟାକୁମାରୀ, ଦ୍ୱାରକାଠାରୁ ଶ୍ରୀପୁରୁଷୋତ୍ତମ ଧାମ, ବଦ୍ରିକାଠାରୁ ରାମେଶ୍ୱର ଏବଂ ସିଂହଳଠାରୁ ହିମାଳୟ ପର୍ଯ୍ୟନ୍ତ ଜୀବନ୍ତ ବିନ୍ୟାସ ସ୍ୱୀୟ କାବ୍ୟ କବିତାରେ ପ୍ରସ୍ଫୁଟିତ ହୋଇଛି।

ଭଞ୍ଜ ପ୍ରଣୀତ ଚାରି ମହାକାବ୍ୟ ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟ ଓ ବୈଦେହୀଶ ବିଳାସ। ଆର୍ଯ୍ୟ ପରମ୍ପରାର ଚତୁର୍ଧାମ ହେଲା- ରାମେଶ୍ୱର, ବଦ୍ରିନାଥ, ଦ୍ୱାରକା ଓ ଶ୍ରୀପୁରୁଷୋତ୍ତମ ଧାମ। ଲାବଣ୍ୟବତୀ କାବ୍ୟର କର୍ଣ୍ଣାଟକ ରାଜପୁତ୍ର ଚନ୍ଦ୍ରଭାନୁ ସିଂହଳ ରାଜଜେମା ଲାବଣ୍ୟବତୀଙ୍କୁ ବିବାହ କଲେ। ରାମେଶ୍ୱର ମନ୍ଦିରରେ ରାଜନନ୍ଦିନୀ ଲାବଣ୍ୟବତୀ ଓ ରାଜକୁମାର ଚନ୍ଦ୍ରଭାନୁ ପରସ୍ପର ପ୍ରତି ନିକଟବର୍ତ୍ତୀ ହୋଇଥିଲେ। କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ନାୟକ ପୁଷ୍ପକେତୁର ମିଳନ ସ୍ଥଳ ବଦ୍ରିକାଶ୍ରମ। ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ଭଗ୍ନୀ ସୁଭଦ୍ରାଙ୍କର ପ୍ରେମ ଅର୍ଜୁନଙ୍କ ସହିତ ଆରମ୍ଭ ହୋଇଥିଲା। ବୈଦେହୀଶ ବିଳାସ, ନୀଳାଦ୍ରିଶ ଚଉତିଶା ପୁରୁଷୋତ୍ତମ ମହାତ୍ମ୍ୟରେ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ବର୍ଣ୍ଣନା ରହିଛି। ପ୍ରେମ କାବ୍ୟ ପ୍ରେମ ସୁଧାନିଧିରେ ନାୟକ କୋଶଳର ଓ ନାୟିକା କେରଳର। ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରାରେ ଉତ୍କଳଦେଶର ନାୟିକା ରସିକା ହାରାବଳୀ କୋଶଳ ଦେଶର ରାଜକୁମାରଙ୍କ ବେଶ ମିଳନ ଓ ପ୍ରେମାନୁରାଗ ଜାତ ହୋଇଛି। ଉତ୍କଳ ଓ କୋଶଳ ରାଜ୍ୟର ସଂହତି ସମ୍ପର୍କ ନିବିଡ଼ ହୋଇଛି। କବିସମ୍ରାଟ ଆଞ୍ଚଳିକ ମନନୋଭାବର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ନାୟକ-ନାୟିକାଙ୍କୁ ଭାରତବର୍ଷର ଭିନ୍ନ ଭିନ୍ନ ପ୍ରାନ୍ତରୁ ସଂଗ୍ରହ କରିଛନ୍ତି।

ବୈଦେହୀଶ ବିଳାସର ନବମ ଛାନ୍ଦରେ ୨୭ ଓ ୨୮ ପଦରେ ଉପେନ୍ଦ୍ର ତତ୍କାଳୀନ ପ୍ରଦେଶ ବା ରାଜ୍ୟମାନଙ୍କର ରାଜାମାନଙ୍କୁ ଆଣି ସୀତାଙ୍କ ସ୍ୱୟଂବର ଅବକାଶରେ ଏକତ୍ରିତ କରିଛନ୍ତି। ଭାରତ ଓ ଭାରତ ବାହାର ରାଜ୍ୟମାନଙ୍କର ନାମୋଲ୍ଲେଖ କରି ଉପେନ୍ଦ୍ର ବିଶ୍ୱ ଭ୍ରାତୃତ୍ୱର ସୂଚନା ପ୍ରଦାନ କରିଛନ୍ତି। ଦେଶ-ଦେଶ ମଧ୍ୟରେ ମୈତ୍ରୀ ସୃଷ୍ଟି କରିବା ଲକ୍ଷ୍ୟରେ ଏହା ଏକ ଅଭିନବ ପ୍ରୟାସ। ଭାରତୀୟ ସଂସ୍କୃତିରେ ବସନ୍ତକୁ ରାଷ୍ଟ୍ରୀୟ ଋତୁ, କୋକିଳକୁ ରାଷ୍ଟ୍ରୀୟ ପକ୍ଷୀ, କମଳ ବା ପଦ୍ମକୁ ଜାତୀୟ ପୁଷ୍ପ, ଭ୍ରମର ଜାତୀୟ ପୌରୁଷର ପ୍ରତୀତ ଭାବେ ଗ୍ରହଣ କରାଯାଇଛି। ଏମାନେ ସମସ୍ତେ ଭାରତୀୟ ସଂସ୍କୃତି ତଥା ଭାରତୀୟ ପ୍ରକୃତିକୁ ସୌନ୍ଦର୍ଯ୍ୟମୟ କରି ଆସିଛନ୍ତି। ଏହି ସବୁ ପୁଷ୍ପ, ଫଳ, ପକ୍ଷୀ ପ୍ରଭୃତିକୁ ନିଜର ସୃଷ୍ଟି ମଧ୍ୟକୁ ଆଣି ସ୍ୱୀୟ ସୃଷ୍ଟିକୁ ଗରିମାମୟ କରିଛନ୍ତି।

ସେହି କବିଙ୍କୁ ଜାତୀୟ କବି କୁହାଯାଏ, ଯେ ଜାତିର ସବୁ ଶ୍ରେଣୀର ସବୁ ବର୍ଗର ମଣିଷଙ୍କୁ ନେଇ ନିଜର ସୃଷ୍ଟିକୁ ସମୃଦ୍ଧ କରନ୍ତି। ସେହି କବି ଜାତୀୟ କବି, ଯିଏ ଜାତିର ବଣ, ପାହାଡ଼, ନଈନାଳ, ଶ୍ୟାମି ଶିରୀ ତରୁଲତାକୁ ନିଜ ସୃଷ୍ଟିରେ ସ୍ଥାନ ଦେଇ ଜାତୀୟ ଗୌରବକୁ ଗାନ କରନ୍ତି। ଏଠାରେ ରାଜପୁତ୍ର ରାଜଜେମାଙ୍କଠାରୁ ଆରମ୍ଭ କରି ସାଧବ ସାଧବାଣୀ, ବୋଇତିଆଳ, ସଖା ସଖୀ, ଐନ୍ଦ୍ରଜାଲିକ, ଧୀବର, ଶବର, ଶବରୁଣୀ, ମାଳୁଣୀ, ଏପରିକି ବନଲତା, ବୃକ୍ଷ, କୁକୁଟ, ଜଟାୟୁ ମୃଗ-ସମସ୍ତେ ବାଚାଳ। ମାରିଚ ରାକ୍ଷସ ମଧ୍ୟ ନିଜ ଜ୍ଞାନର ଭାଷଣ ଦେଇପାରେ। ତେଣୁ ଭଞ୍ଜ ସୃଷ୍ଟି ବାସ୍ତବରେ ଏକ ସଂହତିସମ୍ପନ୍ନ ପରମ୍ପରାର ଉଦ୍‌ଘୋଷକ। ଜନଗଣଙ୍କ ମନକୁ ଯିଏ ଜୟ କରି ପାରିଛି, ସେ ହିଁ ଗଣକବି। ଉପେନ୍ଦ୍ର ସାହିତ୍ୟରେ ରାଜ୍ୟ-ରାଜ୍ୟ ମଧ୍ୟରେ ଆତ୍ମୀୟତା, ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ସହୃଦୟଶୀଳତା, ନାରୀ-ପୁରୁଷ ଓ ମନୁଷ୍ୟ-ପ୍ରକୃତି ମଧ୍ୟରେ ଅପୂର୍ବ ସଂହତିର ସମନ୍ୱୟ ଘଟିଛି। ଏହା ହିଁ ଶାଶ୍ୱତ ତଥା ଚିରନ୍ତନ ସାହିତ୍ୟର ବାସ୍ତବ ରୂପରେଖ। ●

ସାକ୍ଷୀଗୋପାଳ, ମୋ: ୯୯୩୭୮୩୫୨୩୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୮୭ • ପାଉଣ୍ଡ ୧୦୮.୪୬
- ୟୁରୋ ୮୯.୬୫ • ୟେନ୍ ୦.୫୬

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୫୨୪.୦୦
- ନିଫ୍ଟି ୨୪,୬୪୧.୦୦

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୨,୧୧୦ (ନୂଆଦିଲ୍ଲୀ)
- ରୁପା : ୯୬,୬୦୦ (କେଜି)

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

**କମୁଛି ଘରୋଇ ନିବେଶ ଓ ଚାହିଦା**

# ୬.୫%କୁ ଖସିବ ଜିଡିପି

## ଭାରତର ଅଭିବୃଦ୍ଧି ଆକଳନରେ ହ୍ରାସ ଘଟାଇଲା ଏଡିବି

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ତଳମୁହାଁ ହେଉଛି ଭାରତୀୟ ଅର୍ଥନୀତି। ଘରୋଇ ନିବେଶ ଓ ପରିବାରଗୁଡିକରେ ଚାହିଦାରେ ହ୍ରାସ ଯୋଗୁ ଭାରତୀୟ ଅର୍ଥନୀତିର ଗତି ଏବେ ଧିମା ପଡିଯାଇଛି। ଚଳିତ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫%କୁ ହ୍ରାସ ଘଟିବ ବୋଲି ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ପକ୍ଷରୁ ପ୍ରକାଶିତ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସମ୍ପର୍କିତ ରିପୋର୍ଟରେ ଏଭଳି ପୂର୍ବାନୁମାନ କରାଯାଇଛି। କେବଳ ଏଡିବି କାହିଁକି ବିଶ୍ୱର ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧିରେ ହ୍ରାସ ଆକଳନ କରିଛନ୍ତି। ଖୋଦ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟ ଚଳିତ ଆର୍ଥିକବର୍ଷରେ ଭାରତର ଜିଡିପି ଅଭିବୃଦ୍ଧିରେ ହ୍ରାସ ଆକଳନ କରିଛି।

ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଏସୀୟ ବିକାଶ ବ୍ୟାଙ୍କ ଚଳିତ ଆର୍ଥିକବର୍ଷ ପାଇଁ ଭାରତର ଅଭିବୃଦ୍ଧି ୭ ପ୍ରତିଶତ ରହି ବୋଲି ଆକଳନ କରିଥିଲା। କିନ୍ତୁ ଘରୋଇ ବଜାରରେ ଅଭିବୃଦ୍ଧି ଏବଂ ଘରୋଇ ନିବେଶ ଆଶାଠାରୁ









**୬.୬%କୁ ଖସାଇସାରିଛି ରିଜର୍ଭ ବ୍ୟାଙ୍କ**

କମ୍ ରହିବାକୁ ଥିବାରୁ ଏଜେନ୍ସି ବର୍ତ୍ତମାନ ଏହାକୁ ୬.୫ ପ୍ରତିଶତକୁ ହ୍ରାସ ଘଟାଇଛି। ଏଡିବିର ଏହି ସର୍ବଶେଷ ରିପୋର୍ଟ ଏସୀୟ ବିକାଶ ଆଉଟ୍‌ଲୁକ୍ (ଏଡିଓ)ରେ ଆମେରିକାର ବାଣିଜ୍ୟ,ବିତ୍ତୀୟ ଏବଂ ଆପ୍ରବାସନ ନୀତିରେ ପରିବର୍ତ୍ତନ ଭାରତର ଅଭିବୃଦ୍ଧି ଆଗରେ ବଡ଼ ବାଧକ ସାଜିବ ବୋଲି କୁହାଯାଇଛି, ଯାହା ବିକାଶଶୀଳ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବ। ଏହାଛଡା ଏଜେନ୍ସି ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭାରତର ଅଭିବୃଦ୍ଧି ଆକଳନ ୭.୨ରୁ ୭ ପ୍ରତିଶତକୁ ହ୍ରାସ ଘଟାଇଛି। ଏହାପୂର୍ବରୁ ଆର୍‌ବିଆଇମଧ୍ୟ ଚଳିତ ଆର୍ଥିକବର୍ଷରେ ଭାରତର ଜିଡିପି ଅଭିବୃଦ୍ଧିକୁ ୭.୨ ପ୍ରତିଶତରୁ ୬.୬ ପ୍ରତିଶତକୁ ହ୍ରାସ ଘଟାଇଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ହ୍ରାସ ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ଭାରତର ମୁଦ୍ରାସ୍ଫୀତି ୪.୮ ପ୍ରତିଶତକୁ ବୃଦ୍ଧି ଘଟିବ ବୋଲି ଆକଳନ କରିଛି। ଅପରପକ୍ଷେ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଅଭିବୃଦ୍ଧି ୭ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲେ ସୁଦ୍ଧା ଏହା ୫.୪ ପ୍ରତିଶତ ଅର୍ଥାତ୍ ୭ ତ୍ରୈମାସିର ସର୍ବନିମ୍ନ ତସ୍ତରରେ ରହିଥିଲା। ତେବେ ଭାରତର ଏହି ଅଭିବୃଦ୍ଧି ଇଞ୍ଜିନ୍ ଉତ୍ତମ ରବି ଫସଲ ଏବଂ ସେବା କ୍ଷେତ୍ର ସହ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ଆଶାଠାରୁ କମ୍ ରହିବା ଯୋଗୁ ଆଗକୁ ବଢ଼ିବ ବୋଲି ଏଡିବି ପକ୍ଷରୁ ରିପୋର୍ଟରେ କୁହାଯାଇଛି।

ଏତଦ୍‌ବ୍ୟତୀତ ଏଡିବି ଦକ୍ଷିଣ –ପୂର୍ବ ଏସିଆ କ୍ଷେତ୍ରରେ ଚଳିତବର୍ଷ ଅଭିବୃଦ୍ଧି ପୂର୍ବ ଆକଳନ ୪.୫ ପ୍ରତିଶତ ତୁଳନାରେ ୪.୭ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଆଗାମୀ ତ୍ରୈମାସଗୁଡିକରେ ଆର୍ଥିକ କାର୍ଯ୍ୟକଳାପରେ କେତେକାଂଶରେ ସୁଧାର ଆସିବ ବୋଲି ଏସିବି ପକ୍ଷରୁ ରପୋର୍ଟରେ ଦର୍ଶାଯାଇଛି। ଏଜେନ୍ସି ଚାଇନାର ଅଭିବୃଦ୍ଧି ଆକଳନ ଚଳିତବର୍ଷ ପାଇଁ ୪.୮ ପ୍ରତିଶତ ଏବଂ ଆସନ୍ତା ବର୍ଷ ପାଇଁ ୪.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ହେଲେ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ନୀତିରେ ଆଣିବାକୁ ଥିବା ପରିବର୍ତ୍ତନ ଦୀର୍ଘକାଳୀନ ଭିତ୍ତିରେ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ।

**ଲୋକସଭାରେ ରେଳ ସଂଶୋଧନ ବିଧେୟକ ଗୃହୀତ**

# ହେବନାହିଁ ରେଳବାଇର ଘରୋଇକରଣ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଦୀର୍ଘ ଦିନର ହୋ ହଲ୍ଲା ପରେ ଲୋକସଭାରେ ବୁଧବାର ରେଳ (ସଂଶୋଧନ) ବିଧେୟକ ୨୦୨୪ ଗୃହୀତ ହୋଇଯାଇଛି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଅନେକ ସାଂସଦ ରେଳବାଇର ଘରୋଇକରଣ ହେଉଥିବା ନେଇ ଭ୍ରାନ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ କରିଛନ୍ତି। ହେଲେ ଏହି ବିଧେୟକ ଆସିବା ଦ୍ୱାରା ରେଳବାଇର ଘରୋଇକରଣ ହେବାର କୌଣସି ପ୍ରଶ୍ନ ଉଠୁନାହିଁ ବୋଲି ରେଳମନ୍ତ୍ରୀ ଗୃହକୁ ଆଶ୍ୱାସନା ଦେଇଛନ୍ତି।

ରେଳ ମନ୍ତ୍ରୀ କହିଛନ୍ତି ଯେ ଆପଣମାନଙ୍କ ସମ୍ବିଧାନକୁ ନେଇ ମିଛ ପ୍ରଚାର ଫେଲ୍ ହୋଇଛି। ଏହା ଉପରେ ବିରୋଧୀ ବେଶ କିଛି ସମୟ ଗୃହରେ ହଙ୍ଗାମା କରିଥିଲେ। ଏସବୁ ମଧ୍ୟରେ ରେଳ ମନ୍ତ୍ରୀ ନୂଆ ବିଧେୟକ ଏବଂ ସାଂସଦଙ୍କ ଦ୍ୱାରା କରାଯାଇଥିବା ପ୍ରଶ୍ନର ଜବାବ ଦେଇ ଚାଲିଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶରେ ପ୍ରତିରକ୍ଷା ଏବଂ ରେଳବାଇକୁ ରାଜନୀତିଠାରୁ



ଦୂରରେ ରଖି ଆଗକୁ ବଢିବାର ଆବଶ୍ୟକତା ରହିଛି। ନୂଆ ବିଧେୟକ ବିଭିନ୍ନ ପ୍ରକ୍ରିୟାରେ କାମକୁ ସରଳୀକରଣ କରିବ। ରେଳ ବୋର୍ଡ ଆଇନ ୧୯୦୫ ମସିହାରେ ଆସିଥିଲା ଏବଂ ୧୯୮୯ରେ ରେଳବାଇ ଅଧିନିୟମ ଆସିଥିଲା। ଦୁଇ ଅଲଗା-ଅଲଗା ଆଇନ ପରିବର୍ତ୍ତେ ଗୋଟିଏ ଆଇନ ହେବା ଭଲ। ଆଇନଗତ ପ୍ରକ୍ରିୟାକୁ ସରଳ କରିବା ଉଦ୍ଦେଶ୍ୟରେ ନୂଆ ରେଳ (ସଂଶୋଧନ) ବିଧେୟକ ୨୦୨୪ ଅଣାଯାଇଛି। ପୂର୍ବରୁ ରେଳବାଇର ଜିଏମ୍‌ଙ୍କ ପାଖରେ ଅତି କମ୍ କ୍ଷମତା ରହୁଥିଲା, ଆଜି କିନ୍ତୁ କୌଣସି ବି ପ୍ରୋଜେକ୍ଟ ପାଇଁ ଟେଣ୍ଡର ପ୍ରୋସେସ୍ କରିବାର ଅଧିକାର ଜିଏମ୍‌ଙ୍କ ପାଖରେ ରହିଛି। ଡିଆରଏମ୍ ଏବଂ ଅନ୍ୟ ଅଧିକାରୀଙ୍କ କ୍ଷମତା ମଧ୍ୟ ବଢାଯାଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ବିଲ୍ ଦ୍ୱାରା ପାର୍ଲାମେଣ୍ଟର ଭୂମିକା ହ୍ରାସ ହେବ ନାହିଁ । ସଂସଦର ଅଧିକାର ପୂର୍ବ ପରି ଅପରିବର୍ତ୍ତିତ ରହିବ। ବିଲ୍ ଉପରେ ଚର୍ଚ୍ଚା ବେଳେ ୭୨ ଜଣ ସାଂସଦ ଭାଗ ନେଇଥିଲେ। ବିଧେୟକ ଉପରେ ଡିସେମ୍ବର ୪ରେ ଗୃହରେ ହୋଇଥିବା ଆଲୋଚନାରେ ଭାଗ ନେଇ ସରକାର ରେଳବାଇର ଘରୋଇକରଣ କରୁଥିବା ଅନେକ ବିରୋଧୀ ସାଂସଦ ଅଭିଯୋଗ କରିଥିଲେ।

# ଦାୟିତ୍ୱ ଗ୍ରହଣ କଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର

**ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସୁଦୃଢ଼ କରିବାକୁ ପ୍ରାଥମିକତା: ମାଲହୋତ୍ରା**

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ନୂଆ ଗଭର୍ଣ୍ଣର ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ସଞ୍ଜୟ ମାଲହୋତ୍ର। ନୂଆ ଦାୟିତ୍ୱ ପରେ ଶ୍ରୀ ମାଲହୋତ୍ରା କହିଛନ୍ତି ଯେ ଦେଶର ଆର୍ଥିକ ସ୍ଥିତି, ଅଭିବୃଦ୍ଧି ହାର ଏବଂ ମୁଦ୍ରାସ୍ଫୀତି ସହ ଜଡିତ ସମସ୍ତ ଦିଗ ଉପରେ ସେ ବିସ୍ତୃତ ଅଧ୍ୟନ କରିବେ। ତାଙ୍କର ପ୍ରାଥମିକତା ହେଉଛି ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ମଜବୁତ କରିବା ଏବଂ ଆର୍ଥିକ ସ୍ଥିରତା ବଜାୟ ରଖିବା। ସେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ସ୍ଥାନ ନେଇଛନ୍ତି। ଶ୍ରୀ ଦାସଙ୍କ କାର୍ଯ୍ୟକାଳ ଡିସେମ୍ବର ୧୦ରେ ଶେଷ ହୋଇଛି। ଶ୍ରୀ ମାଲହୋତ୍ରା କହିଛନ୍ତି ଯେ, ଆରବିଆଇ ଗଭର୍ଣ୍ଣରର ପଦ ଗ୍ରହଣ କରିବା ତାଙ୍କ ପାଇଁ ଗୌରବର ବିଷୟ, କିନ୍ତୁ ମୁଖ୍ୟ ଭାବରେ ଏହା ମଧ୍ୟ ଏକ ବଡ଼ ଦାୟିତ୍ୱ। ଆରବିଆଇର ଦାୟିତ୍ୱ କେବଳ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୀମିତ ନୁହେଁ।



ଦେଶର ଆର୍ଥିକ ବିକାଶରେ ରିଜର୍ଭ ବ୍ୟାଙ୍କ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିଗତ ବର୍ଷଗୁଡ଼ିକରେ ଆରବିଆଇର କାର୍ଯ୍ୟ ପ୍ରଶଂସନୀୟ। ଏହାର ଉତ୍ତରାଧିକାରୀ ଭାବେ ତାହାକୁ ଆଗକୁ ବଢ଼ାଇବାକୁ ସେ ଚେଷ୍ଟା କରିବେ। ନୀତିରେ ସ୍ଥିରତା ଆଣିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସେ ସୁନିଶ୍ଚିତ କରିଛନ୍ତି ଯେ, ଯାହାବି ଜନସାଧାରଣଙ୍କ ସ୍ୱାର୍ଥରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଆସନ୍ତା ବର୍ଷରୁ ଏଟିଏମ୍‌ରୁ ଉଠାଇହେବ ପିଏଫ୍ ଟଙ୍କା

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ଏଣିକି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟମାନେ ସିଧାସଳଖ ଭାବେ



ଏଟିଏମ୍‌ରୁ ସେମାନଙ୍କର ପିଏଫ୍ ଟଙ୍କା ଉଠାଇପାରିବେ। ଏହି ସୁବିଧା ଆସନ୍ତାବର୍ଷ ପ୍ରାରମ୍ଭରୁ ଲାଗୁ ହେବ ବୋଲି କେନ୍ଦ୍ର ଶ୍ରମ ସଚିବ ସୁମିତା ଡାୱରା ସୂଚନା ଦେଇଛନ୍ତି। ଦେଶର ଶ୍ରମିକମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଏହାର ଆଇଟି ସିଷ୍ଟମକୁ ଅପଗ୍ରେଡ୍ କରୁଛି। ଏହାର ଫଳସ୍ୱରୂପ ୨୦୨୫ରୁ ଇପିଏଫ୍ ସଦସ୍ୟମାନେ ସେମାନଙ୍କର ପିଏଫ୍ ପାଣ୍ଠିକୁ ଏଟିଏମ୍‌ରୁ ପ୍ରତ୍ୟାହାର କରିବାକୁ ସକ୍ଷମ ହେବେ। ଶ୍ରମ ସଚିବ କହିଛନ୍ତି, ଆମେ ସଦସ୍ୟଙ୍କ ଇପିଏଫ୍ କ୍ଲେମ୍‌କୁ ଶୀଘ୍ର ସମାଧାନ କରୁଛୁ ଏବଂ ସେମାନଙ୍କର ଜୀବନକୁ ସହଜ କରିବା ତଥା ପ୍ରକ୍ରିୟାକୁ ସରଳ କରିବା ପାଇଁ କାର୍ଯ୍ୟ କରୁଛୁ। ଏଥିରେ ଜଣେ ଦାବିଦାର, ହିତାଧିକାରୀ କିମ୍ବା ବୀମାଭୁକ୍ତ ବ୍ୟକ୍ତି ସର୍ବନିମ୍ନ ମାନବ ହସ୍ତକ୍ଷେପ ସହିତ ଏଟିଏମ୍ ମାଧ୍ୟମରେ ନିଜର ଦାବି ସମାଧାନ କରିପାରିବେ।

**ଲାଞ୍ଚ ମାମଲା ଅଭିଯୋଗର ଦୃଢ଼ ପ୍ରତିକ୍ରିୟା ଦେଲା ଆଦାନୀ ଗ୍ରୁପ**

# ଆମେରିକା ସାହାଯ୍ୟ ବିନା କଲମ୍ବୋ ବନ୍ଦର କାମ କରିବୁ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଶିଳ୍ପପତି ଗୌତମ ଆଦାନୀଙ୍କ ନେତୃତ୍ୱାଧୀନ ଆଦାନୀ ଗ୍ରୁପ୍ କମ୍ପାନୀ 'ଆଦାନୀ ପୋର୍ଟସ୍ ଏବଂ ସେଜ୍ ଲିମିଟେଡ୍' ଶ୍ରୀଲଙ୍କାରେ ବନ୍ଦର ପ୍ରକଳ୍ପ ନିଜେ ଶେଷ କରିବାକୁ ଘୋଷଣା କରିଛି। ଆମେରିକାର ଅର୍ଥ ଉପରେ ଏହା ନିର୍ଭର କରିବ ନାହିଁ ବୋଲି କମ୍ପାନୀ ସ୍ପଷ୍ଟ କରିଛି।

ଆଦାନୀ ବନ୍ଦର ଏବଂ ଏସ୍‌ଇଜେଡ୍ ଲିମିଟେଡ୍ ଷ୍ଟକ୍ ଏକ୍ସଚେଞ୍ଜ କରିଥିବା ଏକ ଫାଇଲିଂରେ କହିଛି ଯେ, ଏହା ଆମେରିକାର ସାହାଯ୍ୟ ବିନା ଶ୍ରୀଲଙ୍କାରେ କଲମ୍ବୋ ୱେଷ୍ଟ ଇଣ୍ଟରନ୍ୟାସନାଲ ଟର୍ମିନାଲ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବ। କମ୍ପାନୀ ୨୦୨୩ରେ ଆମେରିକାର ଆନ୍ତର୍ଜାତୀୟ ବିକାଶ ଅର୍ଥ ନିଗମ (ଡିଏଫ୍‌ସି) ନିକଟରେ ଆର୍ଥିକ ଅନୁଦାନ ପାଇଁ କରିଥିବା ଆବେଦନ ପ୍ରତ୍ୟାହାର କରିନେଇଛି। ଏହି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ଏବଂ ଆସନ୍ତା ବର୍ଷ ଏହା ଶେଷ ହେବ ବୋଲି କମ୍ପାନୀ କହିଛି। ଆଦାନୀ ଗ୍ରୁପ୍ କମ୍ପାନୀ ଏହା ମଧ୍ୟ କହିଛି ଯେ ଏହା ନିଜସ୍ୱ ଉତ୍ସରୁ ଏହି ପ୍ରକଳ୍ପକୁ ପାଣ୍ଠି ଯୋଗାଇବ। ଆମେରିକାର ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ ଗତ ବର୍ଷ ନଭେମ୍ବରରେ 'କଲମ୍ବୋ ୱେଷ୍ଟ ଇଣ୍ଟରନ୍ୟାସନାଲ ଟର୍ମିନାଲ' ପ୍ରକଳ୍ପ ପାଇଁ ୫୫୩ ନିୟୁତ ଆମେରିକୀୟ ଡଲାର ଋଣ ପ୍ରଦାନ କରିବାକୁ ରାଜି ହୋଇଥିଲା। ଏହି ଟର୍ମିନାଲକୁ ଆଦାନୀ ବନ୍ଦର, ଶ୍ରୀଲଙ୍କା କମ୍ପାନୀ ଜନ୍ କେଏଲ୍ସ ହୋଲ୍ଡିଂସ୍ ପିଏଲସି ଏବଂ ଶ୍ରୀଲଙ୍କା ବନ୍ଦର ପ୍ରାଧିକରଣ (ଏସ୍‌ଏଲ୍‌ପିଏ) ମିଳିତ ଭାବେ ବିକଶିତ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଡିଏଫ୍‌ସି ଏହି ପ୍ରକଳ୍ପ ପାଇଁ ଆଦାନୀ ପୋର୍ଟକୁ କୌଣସି ଅର୍ଥ ଦେଇନାହିଁ। ଏହି ପ୍ରକଳ୍ପ ପାଇଁ ଅର୍ଥ ପ୍ରଦାନ ପାଇଁ ଆମେରିକା ପ୍ରସ୍ତୁତ ଥିଲା କାରଣ, ଏହା ଭାରତ ମହାସାଗରରେ ଚୀନ୍‌ର ବଢୁଥିବା





**ଆମେରିକୀୟ ସଂସ୍ଥାରେ ଆର୍ଥିକ ଅନୁଦାନ ପାଇଁ କରିଥିବା ଆବେଦନ ପ୍ରତ୍ୟାହାର**

ପ୍ରଭାବକୁ ସୀମିତ ରଖିବା ଲକ୍ଷ୍ୟରେ ଏଥିସହ ଜଡିତ ଥିଲା। କଲମ୍ବୋ ୱେଷ୍ଟ ଇଣ୍ଟରନ୍ୟାସନାଲ ଟର୍ମିନାଲ ପ୍ରକଳ୍ପର ଅଧିକାଂଶ କାର୍ଯ୍ୟ ସମାପ୍ତ ହୋଇଛି। ଏଥିରେ ଆଦାନୀ ପୋର୍ଟର ୫୧% ଅଂଶଧନ ରହିଛି। ଏହି ପ୍ରକଳ୍ପର କାର୍ଯ୍ୟ ୨୦୨୧ ସେପ୍ଟେମ୍ବରରେ ଆରମ୍ଭ ହୋଇଥିଲା। କଲମ୍ବୋ ବନ୍ଦର ହେଉଛି ଭାରତ ମହାସାଗରର ସବୁଠାରୁ ବଡ ଏବଂ ବ୍ୟସ୍ତବହୁଳ ବନ୍ଦର। ତେଣୁ ଏହା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ୨୦୨୫ର ପ୍ରଥମ ତ୍ରୈମାସିକ ସୁଦ୍ଧା ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ କାର୍ଯ୍ୟକ୍ଷମ ହେବାର ଯୋଜନା ରହିଛି।

ଅପରପକ୍ଷେ ଆଦାନୀ ଗ୍ରୁପର ଏହି ନିଷ୍ପତ୍ତି ଆମେରିକାରେ ହୋଇଥିବା ଲାଞ୍ଚ ମାମଲା ଅଭିଯୋଗର ପ୍ରତିକ୍ରିୟା ବୋଲି କୁହାଯାଉଛି। ଗତ ମାସରେ ଗୌତମ ଆଦାନୀ, ତାଙ୍କ ପୁତୁରା ଏବଂ ଅନ୍ୟ ୬ ଜଣଙ୍କୁ ଆମେରିକାରେ ଲାଞ୍ଚ ଅଭିଯୋଗ କରାଯାଇଥିଲା। ଏହାପରେ ଡିଏଫ୍‌ସି ଆଦାନୀ ଏବଂ ତାଙ୍କ ଅଧିକାରୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଉପରେ ନଜର ରଖିଥିବା କହିଥିଲା। କୁହାଯାଉଛି ଯେ, ଏହି କାରଣରୁ ଆଦାନୀ ଗ୍ରୁପ୍ 'ଆଦାନୀ ପୋର୍ଟସ୍ ଏବଂ ସେଜ୍ ଲିମିଟେଡ୍' ଆମେରିକୀୟ ପାଣ୍ଠି ଗ୍ରହଣ କରିବାକୁ ମନା କରିଦେଇଛି।

# ୪୦୦ ବିଲିୟନ ଡଲାର ଟପିଲା ମସ୍କଙ୍କ ସମ୍ପତ୍ତି

**ୱାଶିଂଟନ, ୧୧।୧୨ (ଏଜେନ୍ସି):** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ତଥା ବ୍ୟବସାୟୀ ଏଲନ୍ ମସ୍କ ରେକର୍ଡ ପରେ ରେକର୍ଡ ବର୍ଷା କରି ଚାଲିଛନ୍ତି। ଟ୍ରମ୍ପଙ୍କ ବିଜୟ ପରେ ମସ୍କଙ୍କ ସମ୍ପତ୍ତି ରକେଟ୍ ଭଳି ବଢ଼ିବାରେ ଲାଗିଛି। ଏବେ ତାଙ୍କ



ସମ୍ପତ୍ତି ୪୦୦ ବିଲିୟନ୍ ଡଲାର ପାର୍ କରିଯାଇଛି। ବିଶ୍ୱ ଇତିହାସର ପ୍ରଥମ ବ୍ୟକ୍ତି ଭାବେ ମସ୍କ ଏହି କୃତିତ୍ୱ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସର ସେୟାର ମୂଲ୍ୟ ବୃଦ୍ଧି ଯୋଗୁଁ ମସ୍କଙ୍କ ସମ୍ପତ୍ତି ବଢ଼ି ଚାଲିଛି। ଏହି ଦୁଇ କମ୍ପାନୀର ମୂଲ୍ୟ ପ୍ରାୟ ୩୫୦ ବିଲିୟନ ଡଲାର ରହିଛି। ସ୍ପେସ୍‌ଏକ୍ସରେ ମସ୍କଙ୍କ ସେୟାର ପ୍ରାୟ ୪୨ ପ୍ରତିଶତ ରହିଛି। ଟ୍ରମ୍ପଙ୍କ ବିଜୟ ପରଠାରୁ ଏହି କମ୍ପାନୀର ଷ୍ଟକ୍ ୬୫ ପ୍ରତିଶତ ବୃଦ୍ଧି ପାଇଛି। କେବଳ ଜିତିବା ଦିନ କାରବାର ସମୟରେ ମସ୍କଙ୍କ ସମ୍ପତ୍ତି ୪୪୦ ବିଲିୟନ ଡଲାର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ତେବେ ଫୋର୍ବସ୍‌ର ଆକଳନ ଅନୁଯାୟୀ ଏବେ ମସ୍କଙ୍କ ସମ୍ପତ୍ତି ୩୬୮ ବିଲିୟନ ଡଲାର ରହିଛି।

# ବେଦାନ୍ତର ଦକ୍ଷତା ତାଲିମ କେନ୍ଦ୍ର

**ଭୁବନେଶ୍ୱର, ୧୧।୧୨(ସମିସ):** ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ବିଲେଇମୁଣ୍ଡା ଗ୍ରାମରେ ଏକ ନୂତନ ଦକ୍ଷତା ତାଲିମ କେନ୍ଦ୍ର 'ଭେଦକ୍ଷତା' ପ୍ରତିଷ୍ଠା କରିଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ଅଞ୍ଚଳର ବଞ୍ଚିତ ଯୁବକମାନଙ୍କୁ ନିଯୁକ୍ତି ସହିତ ଜଡିତ ତାଲିମ ପ୍ରଦାନ କରିବା ସହିତ ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକ ତଥା ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକରୁ ଆଶାଇ ଯୁବକମାନଙ୍କୁ ତାଲିମ ଯୋଗାଇବ। ଏହି ଦକ୍ଷତା ତାଲିମ କେନ୍ଦ୍ରକୁ ବହୁ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ସଦର ସୁନ୍ଦରଗଡ଼ର ସବ୍-କଲେକ୍ଟର ଦାଶରଥୀ ସାରାବୁ ଉଦ୍‌ଘାଟନ କରିଥିଲେ। ଏହି ପଦକ୍ଷେପକୁ ଆଗେଇ ନେବା ପାଇଁ ବେଦାନ୍ତ ଆଲୁମିନିୟମ, ସ୍କୁଲ ନେଟ ଇଣ୍ଡିଆ ଲିମିଟେଡ ଏବଂ ନ୍ୟାସନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେସନ (ଏନଏସଡିସି) ର ମିଳିତ ଉଦ୍ୟମରେ ଲେର୍ନେଟ ସ୍କିଲ୍ସ ଲିମିଟେଡ ସହିତ ସହଯୋଗୀ ହୋଇଛି। ସିଲେଇ ମେସିନ୍ ଚଳାଇବା, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଏବଂ ଖାଦ୍ୟ ଏବଂ ପାନୀୟ ସେବା





ଉପରେ କେନ୍ଦ୍ର ପାଠ୍ୟକ୍ରମ ପ୍ରଦାନ କରିବ। ଏହି ପ୍ରକଳ୍ପ ଆଗାମୀ ତିନିବର୍ଷ ମଧ୍ୟରେ ୭୦୦ ଗ୍ରାମୀଣ ଯୁବକଙ୍କୁ ତାଲିମ ଦେବା ସହିତ ସେମାନଙ୍କୁ ଆଖପାଖରେ ତୁରନ୍ତ ନିଯୁକ୍ତି ସୁଯୋଗ ସହିତ ଯୋଡିବ।

**ବାଂଲାଦେଶରେ ଫସିଛି ୫୫୦ କୋଟି**

# ସଙ୍କଟରେ ସୁରତ୍‌ର ବୟନ ଶିଳ୍ପ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ବାଂଲାଦେଶରେ ସମ୍ପ୍ରତି ଦେଖାଦେଇଥିବା ରାଜନୈତିକ ସଙ୍କଟର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେବାରେ ଲାଗିଛି। ବାଂଲାଦେଶକୁ ବିଦ୍ୟୁତ ଯୋଗାଣ ପ୍ରସଙ୍ଗରେ ଆଦାନୀ ଗ୍ରୁପ ସମସ୍ୟାର ସମ୍ମୁଖୀନ ହେବା ପରେ ଏବେ ସୁରତ୍‌ର ବ୍ୟବସାୟୀ ଫସିଛନ୍ତି। ସୁରଟରୁ ବାଂଲାଦେଶ ବଜାରକୁ ଶାଢ଼ି, ବିଭିନ୍ନ ପୋଷାକ ସାମଗ୍ରୀ ଏବଂ ବିବାହ ପୋଷାକପତ୍ର ରପ୍ତାନି ହୋଇଥାଏ। ବାଂଲାଦେଶର ଢ଼ାକା, ଚିତ୍ରକୋଣ୍ଡା, ମିରପୁର ଏବଂ କୋମିଲା ଭଳି ସହରରେ ଏହି ଉତ୍ପାଦଗୁଡ଼ିକର ବହୁତ ଚାହିଦା ରହିଛି। ହେଲେ ବର୍ତ୍ତମାନ ବାଂଲାଦେଶରେ ଚାଲିଥିବା ଅସ୍ଥିରତା ଯୋଗୁ ସୁରତ୍‌ର ବ୍ୟବସାୟୀମାନେ କେବଳ ଆର୍ଥିକ ନୁହେଁ ମାନସିକ ଚାପର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ବାଂଲାଦେଶରେ ସରକାର ପରିବର୍ତ୍ତନର ପ୍ରଭାବ





**୨୫୦ ରୁ ଅଧିକ ବ୍ୟବସାୟୀ ସିଧାସଳଖ ପ୍ରଭାବିତ**

**ବାଂଲାଦେଶ ବଜାରକୁ ଯାଏ ଶାଢ଼ି ଏବଂ ବିବାହ ପୋଷାକ ସାମଗ୍ରୀ**

ଭାରତର ଗୁଜୁରାଟର ସୁରତ ସହରର ବୟନ ଶିଳ୍ପ କ୍ଷେତ୍ର ଉପରେ ଅଧିକ ଅନୁଭୂତ ହେଉଛି। ଶେଖ ହସିନାଙ୍କୁ କ୍ଷମତାରୁ ବିଦା କରିବା ଏବଂ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ନୂତନ ସରକାର ଗଠନ ପରେ ବାଂଲାଦେଶରେ ରାଜନୈତିକ ଏବଂ ଅର୍ଥନୈତିକ ଅସ୍ଥିରତା ଦେଖାଦେଇଚି। ଏହା ସୁରତର ୨୫୦ ରୁ ଅଧିକ ବ୍ୟବସାୟୀଙ୍କୁ ସିଧାସଳଖ ପ୍ରଭାବିତ କରିଛି। କାରଣ ବାଂଲାଦେଶରେ ସୁରତ୍ ବ୍ୟବସାୟୀମାନଙ୍କର ୫୫୦ କୋଟି ଟଙ୍କା ଫସିରହିଛି।

ବାଂଲାଦେଶରେ ସରକାର ପରିବର୍ତ୍ତନ ପରେ ବ୍ୟବସାୟିକ ପରିବେଶ ଅନିଶ୍ଚିତ ହୋଇପଡିଛି। ବ୍ୟବସାୟୀମାନେ କହିଛନ୍ତି ଯେ ଗତ ଏକ ବର୍ଷ ଧରି ବାଂଲାଦେଶର ଅବସ୍ଥା ଖରାପ ଥିଲା, କିନ୍ତୁ ନୂତନ ସରକାର ଆସିବା ପରେ ପରିସ୍ଥିତି ଆହୁରି ବିଗିଡିଯାଇଛି। ଦ୍ରବ୍ୟ ରପ୍ତାନି ଜାରି ରହିଛି, କିନ୍ତୁ ପେମେଣ୍ଟ ଠିକ୍ ସମୟରେ ଆସୁନାହିଁ। ସୁରତରୁ ବାଂଲାଦେଶକୁ ସିଧାସଳଖ କିମ୍ବା କଲକାତା ମାଧ୍ୟମରେ ସାମଗ୍ରୀ ପଠାଯାଇଥାଏ। ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛି। ବ୍ୟବସାୟୀମାନେ ନିଶ୍ଚିତ ଅଛନ୍ତି ଯେ କେନ୍ଦ୍ର ସରକାର ଏହି ସମସ୍ୟାର ସମାଧାନ ପାଇଁ କୂଟନୈତିକ ପଦକ୍ଷେପ ନେବେ, ଯାହା ଦ୍ୱାରା ସେମାନଙ୍କ ଅଟକାଯାଇଥିବା ଟଙ୍କା ଫେରସ୍ତ ହୋଇପାରିବ।

# ଦୟାୱେଷ୍ଟ କେନାଲ ବନ୍ଧରୁ ବିରାଟକାୟ ଅଜଗର ଉଦ୍ଧାର

ନନ୍ଦନକାନନ, ୧୧।୧୨(ସମିସ): ୧୫ ଫୁଟର ବିରାଟକାୟ ଅଜଗର ଦେଖି ଲୋକେ ଛାନିଆ ହେବା ଏବଂ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏତେ ବଡ଼ ଅଜଗର କୋଉଠୁ ଆସିଲା ସିଏ ପୁଣି ମ୍ୟୁନିସିପାଲିଟି ଅଞ୍ଚଳରେ। ଅନେକ ଲୋକ ନିଜର ଓ ପଶୁ ସମ୍ପଦର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଉଦ୍ଧାର ଅଜଗରଟି ଗତ ୧୦/୧୫ଦିନ ହେବ ଅଞ୍ଚଳରେ ବୁଲୁଥିବାର ଲୋକେ ଦେଖିଥିବା ନେଇ ଶୁଣିବାକୁ ମିଳିଛି।



କଳାରାହାଙ୍ଗ ମହିମା ମଠ ସାମ୍ନା ଦୟାୱେଷ୍ଟ କେନାଲ ବନ୍ଧର ଭିତରେ ପଟେ ଜଙ୍ଗଲ ଭଳି ହୋଇଥିବା ଜାଗାରେ ଏକ ନିମ୍ବ ଗଛ ଅଛି। ବୁଧବାର ଅପରାହ୍ଣରେ ସେଥିରେ ଚଢ଼ି ଡାଳରେ ଗୁଡ଼େଇ ତୁଡ଼େଇ ହେଉଥିବାବେଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ସ୍ନେକ୍ ହେଲ୍ପଲାଇନ୍ କର୍ମୀ ପଞ୍ଚୁ ସେଠୀ ଓ ରଣଜିତ ଓଝା ପହଞ୍ଚି ଜଙ୍ଗଲିଆ ଜାଗାକୁ ନିମ୍ବ ଗଛ ଉପରେ ଅଜଗରଟି ଥିବାରୁ ତାକୁ ସେଠାରୁ ଉଦ୍ଧାର କରିବାକୁ ବହୁ କସରତ କରିବା ସହ ନାକେଦମ୍ ହେବାକୁ ପଡ଼ିଥିଲା। ଜେସିବି ସାହାଯ୍ୟରେ ନିମ୍ବ ଗଛ ଉପାଡ଼ି ତଳେ ପକାଇଲା ପରେ ଅଜଗରକୁ ଉଦ୍ଧାର କରିଥିଲେ। ସେ ଗୋଟେ କୁକୁରକୁ ଖାଇ ଦେଇଥିବାରୁ ହଜମ କରିବାକୁ ନିମ୍ବ ଗଛରେ ଚଢ଼ି ଡାଳରେ ଭିଡ଼ିମୋଡ଼ି ହେଉଥିଲା।

# ମନ୍ତ୍ରୀ ଆସିବେ ବୋଲି... / ଲୁଚାଇଦେଲେ ଟିଟିଏସ୍ ଗନ୍ଧ

ଭୁବନେଶ୍ୱର,୧୧।୧୨(ସମିସ):

କିଛିଦିନ ତଳେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୈନିକ ସ୍କୁଲ୍ ସ୍ଥିତ ଟିଟିଏସ୍ ଗନ୍ଧ ଛାଡୁ ନାହିଁ ବୋଲି ବୟାନ ଦେଇଥିଲେ। ମନ୍ତ୍ରୀଙ୍କ ବୟାନ ପରେ ସବୁଦିନେ ଗନ୍ଧରେ ଆକ୍ରାମାକ୍ରା ହେଉଥିବା ସ୍ଥାନୀୟ ଲୋକେ ଏଭଳି ବୟାନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୁଧବାର ମନ୍ତ୍ରୀ ଟିଟିଏସ୍ ପରିଦର୍ଶନରେ ଯାଇଥିଲେ। ଟିଟିଏସ୍‌ର ବର୍ଜ୍ୟ ଆକଳନ କରିବା ସହ ବର୍ଜ୍ୟ ପ୍ରକ୍ରିୟାକରଣ କେତେଦୂର ଆଗେଇଛି ପଚାରି ବୁଝିଥିଲେ। ତେବେ ଗସ୍ତବେଳେ ମନ୍ତ୍ରୀ କହିଛନ୍ତି, ଏଠାରେ ଗନ୍ଧ କିପରି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏହାସହ ୧ ମାସ ମଧ୍ୟରେ ଏଠାରେ ପଡ଼ିରହିଥିବା ସମସ୍ତ ବର୍ଜ୍ୟକୁ ପ୍ରକ୍ରିୟାକରଣ କରାଯିବ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଗସ୍ତବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। କ'ଣ ଗନ୍ଧ ଛାଡୁ ନ ଥିବା ଟିଟିଏସ୍‌କୁ ମନ୍ତ୍ରୀ ବୁଲିବାକୁ ଆସିଛନ୍ତି ବୋଲି ସ୍ଥାନୀୟ ଲୋକେ ବିରକ୍ତ ହୋଇ କହିଛନ୍ତି।

ମନ୍ତ୍ରୀଙ୍କ ଗସ୍ତ ପାଇଁ ବିଏମ୍‌ସି ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ଗନ୍ଧ ନ ହେବା ପାଇଁ ଅଳିଆ ଉପରେ ଅର୍ଗାନିକ୍ ବାୟୋ କେମିକାଲ ସିଞ୍ଚନ କରାଯାଇଥିଲା। କର୍ମଚାରୀମାନେ ଦିନରାତି କାମ କରି ଚାରିଆଡ଼େ ବ୍ଲିଚିଂ ପକାଇ ଟିଟିଏସ୍‌କୁ ସଫା କରାଯାଇଥିଲା। ଏହା ସତ୍ତ୍ୱେ ଟିଟିଏସ୍‌ରୁ ଗନ୍ଧ ବାହାରୁଥିଲା। ମନ୍ତ୍ରୀଙ୍କ ସହ ତାଙ୍କର ଦଳୀୟ କର୍ମକର୍ତ୍ତା ମଧ୍ୟ ରହିଥିଲେ। ଯଦିଓ ମନ୍ତ୍ରୀଙ୍କ ମୁହଁରେ ମାସ୍କ ନ ଥିଲା। କିନ୍ତୁ ଦଳୀୟ କର୍ମକର୍ତ୍ତାମାନେ ଗନ୍ଧ ସହି ନ ପାରି ମାସ୍କ ପିନ୍ଧିଥିବା ସ୍ପଷ୍ଟ ଦେଖିବାକୁ ମିଳିଥିଲା। ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, କମିସନର ରାଜେଶ ପ୍ରଭାକର ପାଟିଲ୍, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିସନର ଶୁଭେନ୍ଦୁ ସାହୁ, ସିଟି ଇଞ୍ଜିନିୟର ବିଳାଶ ବେହେରା, ବହୁ କର୍ପୋରେଟର ଉପସ୍ଥିତ ଥିଲେ।



ବର୍ତ୍ତମାନ ବିଏମ୍‌ସି ଅଞ୍ଚଳରେ ଦୈନିକ ୮୦୦ ମେଟ୍ରିକ୍ ଟନ୍ ବର୍ଜ୍ୟ ସଂଗ୍ରହ ହେଉଛି। ସେଥିରୁ ୩୮୪ ଟନ୍ ଓଦା ବର୍ଜ୍ୟ ଏବଂ ୪୧୬ ଟନ୍ ଶୁଖିଲା ବର୍ଜ୍ୟବସ୍ତୁ ରହିଛି। ବିଏମ୍‌ସିର ୩୭ ଏମ୍‌ସିସିରେ ପ୍ରାୟ ୧୨୦ ଟନ୍ ଓଦା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଥିବାବେଳେ ୨୨ଟି ଏମ୍ଆର୍‌ଏଫ୍‌ରେ ୧୩୦ ମେଟ୍ରିକ୍ ଟନ୍ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଉଛି। ଦୈନିକ ଟିଟିଏସ୍‌ରେ ୫୫୦ ମେଟ୍ରିକ୍ ଟନ୍‌ରୁ ଅଧିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହୋଇଥାଏ। ୨୦୨୩ ଡିସେମ୍ବରରୁ ଆଜି ପର୍ଯ୍ୟନ୍ତ ବିଏମ୍‌ସି ୧.୫୦ ଲକ୍ଷ ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିଛି। ସେଥିରୁ ୧ଲକ୍ଷ ମେଟ୍ରିକ୍ ଟନ୍ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାକୁ ଦିଆଯାଇଛି।

**ଶୀଘ୍ର କାର୍ଯ୍ୟକ୍ଷମ ହେବ ଏସବୁ ପ୍ରକଳ୍ପ**

- ଇଣ୍ଡିଆନ୍ ଅଏଲ୍ ସହ ଏକ ଏଗ୍ରିମେଣ୍ଟ ହୋଇଛି। ବାୟୋ ଗ୍ୟାସ୍ ପ୍ରସ୍ତୁତ ହେବ।
- ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ ପାଇଁ ଟିଟିଏସ୍‌ରେ ୧୦ ଟିପିଡି (ଟନ୍ ପର ଡେ') ପ୍ଲାଜ୍‌ମା ପ୍ରକ୍ରିୟାକରଣ ସୁବିଧା ପ୍ରତିଷ୍ଠା କରାଯାଉଛି।
- ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ପଲାଶୁଣିଠାରେ ୧୫୦ ଟିପିଡି ବିଶିଷ୍ଟ ସେମି-ସ୍ୱୟଂଚାଳିତ ଏମ୍ଆର୍‌ଏଫ୍ ସୁବିଧା ଜାନୁଆରୀ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ।
- ଓଦା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଅଏଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କଂପ୍ରେସ୍‌ଡ ବାୟୋ ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ଏହା ୨୦୦ ଟିପିଡି ବିଶିଷ୍ଟ ଏବଂ ଏହାକୁ ୩୦୦ ଟିପିଡିକୁ ସମ୍ପ୍ରସାରଣ କରାଯାଇପାରିବ।
- ଦୈନିକ ୫୦୦ କେଜି ଫୁଲବର୍ଜ୍ୟ ପ୍ରକ୍ରିୟାକରଣ ମେସିନ୍ କାର୍ଯ୍ୟକ୍ଷମ ହେବ।
- ଦୈନିକ ୨୦-୨୫ ମେଟ୍ରିକ୍ ଟନ୍ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣ ପାଇଁ ବାୟୋମାସ୍ ବ୍ରିକେଟ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ।
- ପଲାଶୁଣିଠାରେ ଦୈନିକ ୩ରୁ ୫ ହଜାର ନଡ଼ିଆ ବର୍ଜ୍ୟକୁ ପ୍ରକ୍ରିୟାକରଣ ପାଇଁ ଏକ ୟୁନିଟ୍ କାର୍ଯ୍ୟକ୍ଷମ ହେବ।
- ୫ ମେଟ୍ରିକ୍ ଟନ୍ ଗୃହ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଏବଂ ୨.୫ ଟନ୍ କମ୍ ମୂଲ୍ୟଯୁକ୍ତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ପେଭର୍ ବ୍ଲକ ଉତ୍ପାଦନ ପାଇଁ ଏକ ୟୁନିଟ୍ ପ୍ରତିଷ୍ଠା କରାଯିବ।
- ୫୦ ଟିପିଡି କ୍ଷମତା ବିଶିଷ୍ଟ ୬ଟି ଆଧୁନିକ ବର୍ଜ୍ୟବସ୍ତୁ ସ୍ଥାନାନ୍ତର କେନ୍ଦ୍ର ନିର୍ମାଣ ହେବ।

**ରାଜ୍ୟସ୍ତରୀୟ 'ଭାରତୀୟ ଭାଷା ଉତ୍ସବ'**

# ମାତୃଭାଷାର ବିକଳ୍ପ ନାହିଁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧।୧୨(ସମିସ): ଆଜିକାଲି ପିଲାମାନେ ଇଂରାଜୀ ଭାଷାକୁ ଯୋଗାଯୋଗର ମାଧ୍ୟମ ବ୍ୟତୀତ ଫେସନ୍ ଭାବେ ଅଧିକ ଗ୍ରହଣ କରୁଛନ୍ତି। ଇଂରାଜୀ ମିଡିଅମ୍ ଛାତ୍ରଛାତ୍ରୀମାନେ ଓଡ଼ିଆ ପଢ଼ି ନ ପାରିବା ଦୁଃଖର ବିଷୟ। ଇଂରାଜୀ ଓ ହିନ୍ଦୀ ଆମ ପାଇଁ ଯୋଗାଯୋଗର ଏକ ମାଧ୍ୟମ ହୋଇପାରେ, ହେଲେ ମାତୃଭାଷାର ବିକଳ୍ପ ହୋଇ ପାରିବ ନାହିଁ ବୋଲି ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ 'ଭାରତୀୟ ଭାଷା ଉତ୍ସବ'ରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାମିଲ୍ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ପାଳନ ହେଉଥିବା ଭାରତୀୟ ଭାଷା ଉତ୍ସବକୁ ନେଇ କହିଛନ୍ତି, ସ୍ୱର୍ଗତ ଭାରତୀ ତାମିଲ ସାହିତ୍ୟକୁ ନିଜ ପ୍ରତିଭା ବଳରେ ସାଧନା କରିଥିଲେ ମଧ୍ୟ ଅନ୍ୟ ଭାରତୀୟ ଭାଷାକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି। ସାହିତ୍ୟ ମାଧ୍ୟମରେ ସମାଜ ସଂସ୍କାର ସ୍ୱରୂପ ସମାନତା, ମହିଳା ସଶକ୍ତିକରଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଜରିଆରେ ଏକ ପ୍ରଗତିଶୀଳ ଭାରତ ଗଠନ ପାଇଁ ଉଦ୍ୟମ କରିଛନ୍ତି। ଯୁବାଙ୍କ ମଧ୍ୟରେ ଜାତୀୟତା ଭାବ ଉଦ୍ରେକ କରିଛନ୍ତି। ତାଙ୍କର ସଙ୍ଗୀତ 'ଆଚାମିଲାଇ ଆଚାମିଲାଇ' ଯୁବ ସମାଜକୁ ଭୟମୁକ୍ତ କରିବା ସହ ରଢ଼ିବାଦୀ ପରମ୍ପରାକୁ ପଛରେ ପକାଇ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିଛନ୍ତି ବୋଲି ସେ କହିଛନ୍ତି। ଏହାସହ ଭାଷାର ବିକାଶକୁ ସରକାର ପ୍ରାଥମିକତା ଦେଉଥିବା କହି ଡାକ୍ତରୀ ଏବଂ ବୈଷୟିକ ଶିକ୍ଷା ଭଳି କଠିନ ପାଠ୍ୟକ୍ରମକୁ ଆଞ୍ଚଳିକ ଭାଷାରେ ପଢ଼ିବାର ସୁଯୋଗ ଦେଇଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭାଷା ହିଁ ସଂସ୍କୃତି, ଐତିହ୍ୟ ଓ ଚିନ୍ତାଧାରାକୁ ପ୍ରତିଫଳିତ କରେ ବୋଲି କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

**■ ୧୦ ଲକ୍ଷ ଲାଞ୍ଚ ମାମଲା.....**

# ପୁଣି ୫ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

ଭୁବନେଶ୍ୱର,୧୧।୧୨(ସମିସ): ୧୦ ଲକ୍ଷ ଲାଞ୍ଚ ନେଇ ଗିରଫ ହୋଇଥିବା ଏମ୍/ଏସ୍ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ଦୁଇ ବିଲ୍ଡର ସନ୍ତୋଷ କୁମାର ମହାରଣା ଓ ଦେବଦତ୍ତ ମହାପାତ୍ରଙ୍କ ଅଡୁଆ ଆହୁରି ବଢ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ୩ ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ନେଇଛି ସିବିଆଇ। ଅନ୍ୟପକ୍ଷରେ ଚଞ୍ଚଳ ତାଙ୍କ ମୋବାଇଲ ଫୋନ୍‌ର ପାସ୍‌ୱାର୍ଡ ତଦନ୍ତକାରୀ ଟିମ୍‌କୁ ଦେଉ ନ ଥିବାରୁ ଟାଡା ମିଳିପାରୁନି। ତାଙ୍କ ଫୋନ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବାରୁ ସେସବୁକୁ ହାତେଇବାକୁ ପ୍ରକ୍ରିୟା ଆରମ୍ଭ କରିଛି ସିବିଆଇ। ଅଭିଯୁକ୍ତଙ୍କୁ ୧୦ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରାଯାଇଥିବା ବେଳେ ୫ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି ସିବିଆଇ ସ୍ୱତନ୍ତ୍ର କୋର୍ଟ। ସମସ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ନେଇ ପୁଣି ଥରେ ପଚରାଉଚରା ଆରମ୍ଭ କରାଯାଇଛି।

**ଦେବଦତ୍ତଙ୍କ ଜାମିନ୍ ଆବେଦନ ଖାରଜ**

**ତଦନ୍ତରେ ପଶିଲା ଆୟକର ବିଭାଗ**

ଏହି ଲାଞ୍ଚ କାରବାରରେ ମଧ୍ୟସ୍ଥ ସାଜିଥିବା ଦେବଦତ୍ତଙ୍କ ଜାମିନ୍ ଆବେଦନ ଅଦାଲତ ଖାରଜ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ୩ଦିନିଆ ଜେରା ପରେ ଅଭିଯୁକ୍ତଙ୍କ ଠାରୁ ସୁନାଗହଣା ଓ ବିପୁଳ ନଗଦ ଟଙ୍କା ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିବା ପରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ସେହିପରି ଅଭିଯୁକ୍ତମାନେ ଟିକସ ଫାଙ୍କିବା ସନ୍ଦେହ କରି ତଦନ୍ତରେ ପଶିଛି ଆୟକର ବିଭାଗ। ସିବିଆଇ ସହାୟତା ଲୋଡ଼ିବା ପରେ ତଥ୍ୟ ନେଇ ଟିକସ ଫାଙ୍କିବା ଉପରେ ତନାଘନା ଆରମ୍ଭ କରିଥିବା ଜଣାପଡ଼ିଛି। ୩ ଅଭିଯୁକ୍ତଙ୍କ ଠାରୁ ସିବିଆଇ ଜବତ କରିଥିବା କାଗଜପତ୍ରଗୁଡ଼ିକୁ ଯାଞ୍ଚ କରୁଛି ଆୟକର ଟିମ। ସମସ୍ତ ଅଭିଯୁକ୍ତଙ୍କ କଳାଧନର ଗୁମର ଖୋଲିବାକୁ ଉଦ୍ୟମ କରୁଛି ଆୟକର ବିଭାଗ।

# ଶିକ୍ଷୟିତ୍ରୀଙ୍କ ପରଲୋକ

ଭୁବନେଶ୍ୱର,୧୧।୧୨(ସମିସ): ବାଲିଅନ୍ତା ବ୍ଲକ୍ ବାଳକାଟି ଓ ଏହାର ଆଖପାଖ ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକଙ୍କ ୭୪ ବର୍ଷ ବୟସରେ ବାସଭବନ ରଙ୍ଗଣୀସାହିରେ ପରଲୋକ ହୋଇଛି। ସେ ଦୀର୍ଘ ୩ ମାସ ଧରି ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତା ନାୟକ ଅନୁଶାସନ ସଚିବ ଦିବାକର ନାୟକଙ୍କ ଧର୍ମପତ୍ନୀ ଓ ବରିଷ୍ଠ ସାମ୍ବାଦିକ ତଥା ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକଙ୍କ ବଡ଼ ଭଉଣୀ। ଦୀର୍ଘ ବର୍ଷ ଧରି ସେ ବାଳକାଟି ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିବାବେଳେ ୨୦୦୮ରେ ଚାକିରିରୁ ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଦିବାକର, ପୁତ୍ର ଲକ୍ଷ୍ମୀକାନ୍ତ, ଝିଅ ଦେବାର୍ଚ୍ଚନା, ଦେବଜାନୀ, ନାତି-ନାତୁଣୀ ଉପସ୍ଥିତ ଥିଲେ।

# 'ଉପକୂଳ ପରିବେଶ ସୁରକ୍ଷା' କର୍ମଶାଳା




ଭୁବନେଶ୍ୱର,୧୧।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ପରିବେଶ ଓ ଓଡ଼ିଶାର ତଟ ସୁରକ୍ଷା' ଶୀର୍ଷକ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ ଯୋଗଦେଇ ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳ ପ୍ରତି ଆସୁଥିବା ଆହ୍ୱାନ ସମ୍ପର୍କରେ ଆଲୋକପାତ କରିବା ସହ ତଟବର୍ତ୍ତୀ ରାଜପଥ ଚିଲିକା ପାଇଁ ବିପଦ ସୃଷ୍ଟି କରିବ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ ଜଳବାୟୁ ପରିବର୍ତ୍ତନରେ ପରିବେଶ ତଥା ତଟବର୍ତ୍ତୀ ଲୋକଙ୍କ ଜୀବନଧାରା ପ୍ରଭାବିତ ହେଉଥିବା କହିଛନ୍ତି। ଓଡ଼ିଶା ପରିବେଶ କଂଗ୍ରେସର ସାଂଗଠନିକ ସମ୍ପାଦକ ସୁଦର୍ଶନ ଦାସ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିବାବେଳେ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପରିବେଶ ସୁରକ୍ଷାରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର୍ ସସ୍ମିତା ମହାନ୍ତି ଓ ପ୍ରଫେସର୍ ରାଜ କୁମାର ଯୋଶୀ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ହେମୋଫିଲିଆ ରୋଗୀଙ୍କ ପାଇଁ ବରଦାନ ହେବ ଜିନ୍ ଥେରାପି

ଭୁବନେଶ୍ୱର,୧୧।୧୨(ସମିସ): ହେମୋଫିଲିଆ ଅବା ଅଧିକ ରକ୍ତସ୍ରାବ ଆକ୍ରାନ୍ତଙ୍କ ପାଇଁ ଚିକିତ୍ସା ବିଜ୍ଞାନରେ ନୂଆ ଆବିଷ୍କାର ହୋଇଛି। ଏପରି ଘାତକ ରୋଗର ସଫଳ ଚିକିତ୍ସା ପାଇଁ ଜିନ୍ ଥେରାପିର ଉଦ୍ଭାବନ କରିଛନ୍ତି ଭେଲୋର ସ୍ଥିତ ସେଣ୍ଟର ଫର ଷ୍ଟେମ୍ ସେଲ ରିସର୍ଚ୍ଚ (ସିଏସ୍‌ସିଆର)ର ବୈଜ୍ଞାନିକମାନେ। ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି ସହାୟତାରେ ସମ୍ପାଦିତ ଏହି ଗବେଷଣା ହେମୋଫିଲିଆ ରୋଗୀଙ୍କ ପାଇଁ କୌଣସି ବରଦାନ ଠାରୁ କମ୍ ହେବ ନାହିଁ। ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଏହି କୌଶଳ ସଫଳତାର ସହ ପ୍ରୟୋଗ କରାଯାଇଛି। ପ୍ରଥମ ଥର ପାଇଁ ୨୧ରୁ ୪୧ ବର୍ଷ ମଧ୍ୟରେ ପାଞ୍ଚ ଜଣ ଗୁରୁତର ଆକ୍ରାନ୍ତଙ୍କ ଠାରେ ଜିନ୍ ଥେରାପିର ପରୀକ୍ଷଣ କରାଯାଇଥିଲା। ସେମାନଙ୍କୁ ହେମାଟୋପୋଏଟିକ୍ ଷ୍ଟେମ୍ ସେଲ୍ (ଏଚ୍‌ଏସ୍‌ସି) ଦିଆଯାଇଥିଲା। ଫଳରେ ସେମାନଙ୍କ ଶରୀରରେ ରକ୍ତ କୋଷିକା ସୃଷ୍ଟି ହେବା ସହଜ ହୋଇଥିଲା। ଯାହା ଦ୍ୱାରା ସେମାନଙ୍କୁ ବାରମ୍ବାର ରକ୍ତ ଦେବାର ଆଉ ଆବଶ୍ୟକତା ଦେଖା ଦେଇନଥିଲା। କ୍ରମାଗତ ୬ ମାସ ଧରି ସେମାନଙ୍କ ଠାରେ ଷ୍ଟେମ୍ ସେଲ୍ ଚିକିତ୍ସା ଚାଲିଥିଲା। ଏହି ଗବେଷଣା ସନ୍ଦର୍ଭ ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶ ପାଇଛି। ଜିନ୍‌ଗତ ଅସନ୍ତୁଳନ, କର୍କଟ ଏବଂ ଅନ୍ୟ ଜଟିଳ ରୋଗର ସଫଳ ଚିକିତ୍ସା ନିମନ୍ତେ ଏହି ଗବେଷଣା ପଥ ପରିଷ୍କାର କରିଛି।

# ଦରମା ନ ମିଳିବାରୁ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ



ଭୁବନେଶ୍ୱର,୧୧।୧୨(ସମିସ): ବୁଧବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମଚାରୀ ନିଜର ବିଭିନ୍ନ ଦାବି ନେଇ ହସ୍ପିଟାଲ ସମ୍ମୁଖରେ ଅଳିଆ ରଖି ପ୍ରତିବାଦ କରିଥିଲେ। ଏଥିରେ ୧୦୨ ଆମ୍ବୁଲାନ୍ସ କର୍ମଚାରୀଙ୍କ ସମେତ ସିକ୍ୟୁରିଟି କର୍ମୀମାନେ ମଧ୍ୟ ସମାନ ସମସ୍ୟା ନେଇ ଧାରଣାରେ ଯୋଗଦେଇଥିଲେ। ନିର୍ଦ୍ଧାରିତ ସମୟରେ ପାରିଶ୍ରମିକ ମିଳୁ ନ ଥିବା ଯୋଗୁଁ ସେମାନେ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ସେମାନଙ୍କ ଦାବିଗୁଡ଼ିକୁ ବିଚାରକୁ ନିଆଯାଇ ଗତ ମାସର ଦରମାକୁ ତୁରନ୍ତ ପ୍ରଦାନ କରାଯାଇଥିଲା। ଏହା ସହ ଅନ୍ୟାନ୍ୟ ଦାବିଗୁଡ଼ିକୁ ୭ ଦିନ ମଧ୍ୟରେ ବିଚାରକୁ ନେଇ ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ସଭାପତି ଗଣେଶ ଦାଶ କହିଥିଲେ। ଏ ନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଦଲ୍ଲିପ କୁମାର ପଣ୍ଡା କହିଛନ୍ତି, ବ୍ୟାଙ୍କରେ ତ୍ରୁଟି କାରଣରୁ ଦରମା ପ୍ରଦାନରେ ବେଳେବେଳେ ବିଳମ୍ବ ହେଉଛି; ନଚେତ୍ ସମୟ ଅନୁଯାୟୀ ସେମାନଙ୍କୁ ତାଙ୍କ ପ୍ରାପ୍ୟ ମିଳିଯାଏ। ସେମାନେ ଠିକା ସଂସ୍ଥା ଅଧୀନରେ କାମ କରନ୍ତି, ତେଣୁ ତାଙ୍କ ନିୟମ ଅନୁଯାୟୀ ହିଁ ଦରମା ପ୍ରଦାନ କରାଯାଉଛି।

# ରକ୍ତଦାନ ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର,୧୧।୧୨(ସମିସ): ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ତମାଣ୍ଡୋ ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ମ୍ୟାନେଜର ପାର୍ଥସାରଥୀ ବାରିକ, କ୍ଲଷ୍ଟର୍ ହେଡ୍ ସିନିଅର ଭାଇସ୍ ପ୍ରେସିଡେଣ୍ଟ ଅନିମେଶ ବିଶ୍ୱାଳ, ଗଭର୍ଣ୍ଣମେଣ୍ଟ ଏରିଆ ହେଡ୍ ସୌରଭ ପ୍ରଧାନ, ୱେବ୍ କର୍ମକର୍ତ୍ତା ଚିନ୍ମୟ ପ୍ରଧାନ, ମୋତିଲାଲ ପାତ୍ର ସଂଯୋଜନା କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଆଇଆଇଆଇଟି ମୁଖ୍ୟ ବାମଦେବ ଆଚାର୍ଯ୍ୟ, ମେ' ଫେୟାର ଆଣ୍ଡ ହୋଟେଲ୍ ରିସୋର୍ଟର ପ୍ରେସିଡେଣ୍ଟ ସିଇଓ ହୋଲ୍ ଟାଇମ୍ ଡାଇରେକ୍ଟୋରୀ ମନୋଜ ଗଉଡ଼, ବଚପନ୍ ସ୍କୁଲ୍ ଡିରେକ୍ଟର୍ ଅଚମାନ ନନ୍ଦ, ବ୍ୟବସାୟୀ କୈଳାଶ ଅଗ୍ରୱାଲ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବାବେଳେ ୬ ଜଣ ମହିଳା ରକ୍ତଦାନ କରିଛନ୍ତି। ତମଣ୍ଡୋ ବ୍ୟାଙ୍କ କର୍ମଚାରୀ ମଧୁସ୍ମିତା ସାହୁ, ସୌମ୍ୟାଶ୍ରୀ ଦାସ, ସତିଶ ଚନ୍ଦ୍ର ଗଜେନ୍ଦ୍ର, ଦେବାଶିଷ ସ୍ୱାଇଁ, କୃଷ୍ଣପ୍ରୀୟ ପରିଡ଼ା, ସ୍ୱତିଶୁମନ୍ ବଳିଆରସିଂ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଖଦି ମେଳାର ଖଟଣି କଥା

ଭୁବନେଶ୍ୱର,୧୧।୧୨(ସମିସ):

ସ୍ୱଦେଶୀ, ସ୍ୱରାଜ୍ୟ ଓ ସ୍ୱାବଲମ୍ବନର ପ୍ରତୀକ ହେଉଛି ଖଦି। ଦାରିଦ୍ର୍ୟ ଦୂରୀକରଣ ଓ ଅର୍ଥନୀତିକୁ ମଜଭୁତ କରିବା ପାଇଁ ଅମୋଘ ଅସ୍ତ୍ର ହେଉଛି ହସ୍ତତନ୍ତ। ଏହାର ସଂରକ୍ଷଣ ଓ ବହୁଳ ପ୍ରଚାରପ୍ରସାର ସହ ଖଦି ବୁଣାକାରଙ୍କୁ ଆର୍ଥିକସ୍ତରରେ ସଶକ୍ତ କରିବା ପାଇଁ ଖଦି ବସ୍ତ୍ର ବହୁଳ ମାତ୍ରାରେ ବ୍ୟବହାର ହେଉଛି ଏକମାତ୍ର ଉପାୟ। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ମଙ୍ଗଳବାର ଖଦି ମେଳା ଆରମ୍ଭ ହୋଇଛି। ଏହି ମେଳାରେ ୩୨ଟି ଖଦି, ୬୩ଟି ଗ୍ରାମୋଦ୍ୟୋଗ ଓ ୫ଟି ଖାଦ୍ୟ ମିଶି ସମୁଦାୟ ୧୦୦ଟି ଷ୍ଟଲ୍ ପଡ଼ିଛି।









## ଲୋକଙ୍କୁ ଆକୃଷ୍ଟ କରୁଛି ଗାନ୍ଧୀଙ୍କ ଅରଟରେ ସୂତାକଟା

ଖଦିମେଳା ପରିସରରେ ମଧ୍ୟ ଗାନ୍ଧିଜୀଙ୍କର ଏକ ଅରଟରେ ସୂତା କଟୁଥିବା ଥିମ୍ ରଖାଯାଇଛି। ଏହି ଥିମ୍ ପରିସରରେ ଲୋକମାନେ ଫଟୋ ଉଠାଉଛନ୍ତି। ୧୯୨୭ ଡିସେମ୍ବର ୪ରେ ତୃତୀୟଥର ପାଇଁ ଗାନ୍ଧିଜୀ ଯେତେବେଳେ ଓଡ଼ିଶା ଆସିଥିଲେ, ସେହି ସମୟରେ ସେ ଖଦି ବସ୍ତ୍ର ପ୍ରସ୍ତୁତି ଓ ପରିଧାନ ଉପରେ ଅଧିକ ପ୍ରାଧାନ୍ୟ ଦେଇଥିଲେ ଏବଂ ଖଦି ଓ ଚରଖା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ସେ କହିଥିଲେ, ଖଟି ଖାଅ କାଟି ପିନ୍ଧ। ସ୍ୱଦେଶୀ ଆପଣାଅ ବିଦେଶୀ ସାମଗ୍ରୀ ବର୍ଜନ କର। ଯାହା ଏହି ମେଳା ପରିସରରେ ଥିବା ଏହି ଥିମ୍‌ରେ ଦେଖିବାକୁ ମିଳୁଛି।

## ତନ୍ତ ବୁଣା ଦେଖିବାକୁ ଭିଡ଼

ତନ୍ତ ଲୁଗାବୁଣା, ରେଶମରୁ ସୂତାକଢ଼ା ଓ ତୁଳାରୁ ସୂତାବୁଣା ଏହି ସବୁ ଦେଖିବାକୁ ଲୋକଙ୍କ ଭିଡ଼ ଲାଗୁଛି। ଗୋଟିଏ ବାରହାତି ଲୁଗା ବୁଣିବାକୁ ୪ଦିନ ସମୟ ଲାଗୁଛି। ଯଦି ତନ୍ତ ଟିକେ ଅଡୁଆ ହୋଇଯାଉଛି, ତେବେ ତନ୍ତକୁ ସଜାଡ଼ିବାକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି ବୋଲି ନୂଆପାଟଣାରୁ ଆସିଥିବା ତନ୍ତବୁଣା କାରିଗର ନକୁଳ ବେହେରା କହିଛନ୍ତି। ଜଣେ କାରିଗର କିପରି ଭାବରେ ପୋକରୁ ଟସର ବା ରେଶମ ସୂତା ସଂଗ୍ରହ କରି ସେଥିରୁ ସୂତା କଢ଼ାଯାଇ ଚଦର ତିଆରି କରାଯାଉଛି ଏହାକୁ ମଧ୍ୟ ଲୋକେ ଦେଖିବାକୁ ପାଉଛନ୍ତି।

## ସେମାନଙ୍କ ମତରେ...

ଖଦିର ସବୁ ସାମଗ୍ରୀ ବ୍ୟବହାର କରିବାକୁ ଭଲ ଲାଗେ, ଘରେ ମଧ୍ୟ ସମସ୍ତେ ଏହାର ବ୍ୟବହାର କରନ୍ତି। ବର୍ତ୍ତମାନ ତାମିଲନାଡୁର ଖଦି ପୋଷାକ ଏବେ ପିନ୍ଧିଛି। ଆଉ ଏହି ଖଦିମେଳାକୁ ଆସି ୨ହଜାର ଟଙ୍କାରୁ ଅଧିକ ସାମଗ୍ରୀ କିଣିଛି। ଅନ୍ୟ ଜିନିଷ ଅପେକ୍ଷା ଖଦି ଜିନିଷ ମୋର ଅଧିକ ପସନ୍ଦ।

**ସନ୍ତୋଷ କୁମାର ବେହୁରିଆ**, ଆଳି, କେନ୍ଦ୍ରାପଡ଼ା

ଖଦି ସାମଗ୍ରୀ ଭଲ ଲାଗେ। କିନ୍ତୁ ଖଦି ବୁଣାକାରମାନେ ଏବେ ବହୁ ଅବହେଳିତ। ବୁଣାକାର ଖଦି ବୁଣିକି ରଖୁଛନ୍ତି। ହେଲେ ବାହାର ସରକାର ଆମ ସରକାରଙ୍କୁ ତାଙ୍କ ଖଦି ସାମଗ୍ରୀ ଦେବାରୁ ଆମ ନିଜର ଖଦି ରହିଯାଉଛି। ଫଳରେ ଆମ ଖଦି ବୁଣାକାର ହଇରାଣ ହେଉଛନ୍ତି। ସର୍ବପ୍ରଥମେ ଏହା ଉପରେ ନଜର ଦେବା ଦରକାର।

**ଅରବିନ୍ଦ ମହାନ୍ତି**, ସିମୁଳିଆ, ବାଲେଶ୍ୱର

ଯୁବପିଢ଼ି ଏହି ସବୁ ଉପରେ ଅଧିକ ପ୍ରାଧାନ୍ୟ ଦେବା କଥା। ଆମ ସ୍ୱଦେଶୀ ସାମଗ୍ରୀ ଅପେକ୍ଷା ବିଦେଶୀ ସାମଗ୍ରୀକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି, ଯାହାଦ୍ୱାରା କେଉଁଠି ନା କେଉଁଠି ଆମେ ଟିକେ ପଛରେ ପଡ଼ିଯାଉଛେ। ଆମର ଭବିଷ୍ୟତ ପିଢ଼ି ଯଦି ଏବେଠାରୁ ଏହାକୁ ଧ୍ୟାନ ନ ଦେବେ, ତେବେ ଆଗକୁ ଏସବୁ ଖଦି ସାମଗ୍ରୀ ହଜିଯିବ।

**ସୁଚିସ୍ମିତା ପାତ୍ର**, ଆଚାର୍ଯ୍ୟ ବିହାର

## ଷଷ୍ଠ ଦିନରେ 'ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪'

# ବଢୁଛି ପୁରୁଣା ବହିର ଆଦର

ଭୁବନେଶ୍ୱର, ୧୧।୧୨(ସମିସ):

ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ 'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪' ଷଷ୍ଠ ଦିନରେ ପହଞ୍ଚିଛି। ମେଳା ପରିସରରେ ପ୍ରତି ସନ୍ଧ୍ୟାରେ ଲେଖକ, ପ୍ରକାଶକ ଓ ପାଠକଙ୍କ ମହାସମାଗମ ହେଉଛି। ପୁସ୍ତକ କିଣାକିଣି ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ପୁସ୍ତକମେଳାର ମୁଖ୍ୟ ମଞ୍ଚରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ସାହିତ୍ୟ ଓ ପୁସ୍ତକପ୍ରେମୀଙ୍କ ଭିଡ଼ ଜମୁଛି।

ପୁସ୍ତକ ମେଳା ପରିସରରେ ବିଭିନ୍ନ ପୁସ୍ତକ ଉପଲବ୍ଧ ରହିଛି। ପାଠ୍ୟ ପୁସ୍ତକଠାରୁ ଆରମ୍ଭ କରି ଆଧ୍ୟାତ୍ମିକ ପୁସ୍ତକ, ପିଲାଙ୍କ ପୁସ୍ତକ, ଉପନ୍ୟାସ, ଗଳ୍ପ ଓ ଶିକ୍ଷଣିୟ ପୁସ୍ତକ ଆଦି ରହିଛି। ହେଲେ ସେଥିମଧ୍ୟରୁ ଅନେକ ବିରଳ ତଥା ପୁରୁଣା ପୁସ୍ତକ ସନ୍ଧାନରେ ଆସୁଛନ୍ତି ଅନେକ ଗ୍ରାହକ। ଯେଉଁମାନେ ନିଜ ମନ ପସନ୍ଦର ପୁରୁଣା ଓ ଲୋକପ୍ରିୟ ପୁସ୍ତକ ଏଠାରୁ ପାଇପାରୁଛନ୍ତି। କେତେକ ବହିର ମଲାଟ ଚିରିଗଲାଣି ତ ଆଉ କିଛି ବହି ଫର୍ଦ୍ଦ କଳା ପଡ଼ି ଆସିଲାଣି। ତଥାପି ପୁସ୍ତକଗୁଡ଼ିକର ଆଦର ପୂର୍ବଭଳି ରହିଛି। ୧୮ଶ ଶତାବ୍ଦୀ ହେଉ ଅବା ୧୯ଶ ଶତାବ୍ଦୀର ପୁରୁଣା ବହି କିଣିବାକୁ ଆଜିର ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଡିଜିଟାଲ୍ ଦୁନିଆରେ ପଢ଼ା ବହି ପ୍ରତି ଆଗ୍ରହ କମୁଥିବା କୁହାଯାଉଥିବାବେଳେ ପୁସ୍ତକ ମେଳା ପରିସରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପାଠକମାନଙ୍କ ଚାହିଦାକୁ ଲକ୍ଷ୍ୟ କରି ବିକ୍ରେତାମାନେ ବହୁ ପୁରୁଣା ପୁସ୍ତକ ଏଠାକୁ ଆଣିଛନ୍ତି। ପାରମ୍ପରିକ ପୁସ୍ତକ ହେଉ ଅବା ଐତିହାସିକ, ଆଇନ, କଳା ଓ ସଂସ୍କୃତିକୁ ନେଇ ଅନେକ ପୁସ୍ତକ ଏବେ ବଜାରରେ ମିଳୁ ନ ଥିବାବେଳେ ଏସବୁର ପସରା ଏବେ ଦେଖିବାକୁ ମିଳିଛି ପୁସ୍ତକ ମହୋତ୍ସବରେ। କୋଲକାତାର ଏକ ଷ୍ଟଲ୍ ଏବେ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଯେଉଁ ଷ୍ଟଲ୍‌ରେ ରହିଛି ୧୮୭୬ ମସିହାରୁ ଆରମ୍ଭ କରି ୨୦୨୩ ମସିହା ପର୍ଯ୍ୟନ୍ତର ସମସ୍ତ ପୁସ୍ତକ। ହିଷ୍ଟ୍ରୀ ଅଫ୍ ନେଚର୍ କଞ୍ଜରଭେସନ୍ ଇଣ୍ଡିଆ, ପ୍ରାଚୀନ ଭାରତ, ଇତିହାସ, ଆଇନ, ଭୂଗୋଳ, କ୍ରୀଡ଼ା, ଅର୍ଥନୀତି ଓ ସାହିତ୍ୟ ପୁସ୍ତକ ସାଙ୍ଗକୁ ପୁରୁଣା ବିଜ୍ଞାପନ ସମ୍ବନ୍ଧିତ ମାଗାଜିନ୍ ମଧ୍ୟ ବିକ୍ରି ହେଉଛି। ଷ୍ଟଲ୍‌ର ମାଲିକ କହିଛନ୍ତି




ଯେ କୋଲକାତା ସହରରେ ଗଳିକନ୍ଦିରୁ ପୁରାତନ ବହି ସବୁ ସଂଗ୍ରହ କରାଯାଇ ଏଠାକୁ ଅଣାଯାଉଛି। କାରଣ ନୂଆ ପୁସ୍ତକ ଅପେକ୍ଷା ପୁରୁଣା ପୁସ୍ତକକୁ ଗ୍ରାହକମାନେ ଅଧିକ ପସନ୍ଦ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୮ଶହରୁ ଊର୍ଦ୍ଧ୍ୱ ଗ୍ରାହକ ଷ୍ଟଲ୍‌କୁ ଆସି କେବଳ ପୁରୁଣା ପୁସ୍ତକ ସମ୍ପର୍କରେ ପଚାରି ବୁଝୁଛନ୍ତି, ଯାହା ଉପଲବ୍ଧ ରହିଛି କିଣୁଛନ୍ତି। ତେବେ ପୁସ୍ତକଗୁଡ଼ିକ ଯେତେ ପୁରୁଣା ଦାମ୍ ମଧ୍ୟ ସେହି ଅନୁସାରେ ଅଧିକ ରହିଛି। ପୁରୁଣା ପୁସ୍ତକଗୁଡ଼ିକର ଦାମ୍ ୨ଶହରୁ ଆରମ୍ଭ କରି ୩ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

## ୧୭୫ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୧୧।୧୨(ସମିସ): କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ଏବଂ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମିଳିତ ପ୍ରୟାସରେ ବୁଧବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରକ୍ତଦାନ ମାଧ୍ୟମରେ କ୍ୟାନ୍ସର ପୀଡ଼ିତ ସହ ଅନ୍ୟାନ୍ୟ ଚିକିତ୍ସା ଆବଶ୍ୟକତା ପୂରଣ କରିବାରେ ସହାୟତା କରିବା। ଏହାକୁ 'ଅମୃତ ବିନ୍ଦୁ' ଅଭିଯାନର ଅଂଶରୂପେ ଆୟୋଜନ କରାଯାଇଛି। ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଆୟୋଜିତ ଏହି ଶିବିରରୁ ମୋଟ୍ ୧୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ କରୁଥିବା ସମସ୍ତ ରକ୍ତଦାତାଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଶିବିରରେ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ଚେୟାରମ୍ୟାନ୍ ମଳୟ କୁମାର ପାତ୍ରୀ, ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ସୁବୁଦ୍ଧି, ପ୍ରଶାସନିକ ଅକାରୀ ଧିରେନ୍ ଚନ୍ଦ୍ର ରାଉତ, ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କ୍ୟାପିଟାଲ ହସ୍ପିଟାଲର ରକ୍ତକେନ୍ଦ୍ର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ଓ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍‌ର କର୍ମକର୍ତ୍ତାମାନେ ସକ୍ରିୟ ଭାବେ ଭାଗ ନେଇଥିଲେ।



## ଭୁବନେଶ୍ୱରରେ 'ଡାଏଲିସିସ୍ ଅନ କଲ୍' ଶୁଭାରମ୍ଭ

ଭୁବନେଶ୍ୱର,୧୧।୧୨(ସମିସ): ଏସିଆର ସର୍ବବୃହତ୍ ଡାଏଲିସିସ୍ ନେଟ୍‌ୱର୍କ ନେଫ୍ରୋପ୍ଲସ୍ ଏହାର 'ଡାଏଲିସିସ୍ ଅନ୍ କଲ୍' ସେବା ଭୁବନେଶ୍ୱରରେ ଶୁଭାରମ୍ଭ କରିଛି। ଯାହା ଉଚ୍ଚ ଗୁଣମାନର ଡାଏଲିସିସ୍‌କୁ ଅଧିକ ସୁଲଭ ଓ ସହଜରେ ଉପଲବ୍ଧ କରାଇବାକୁ ରଖିଥିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ଏହି ସମ୍ପ୍ରସାରଣ ନେଫ୍ରୋପ୍ଲସ୍‌ର ସୁପ୍ରସିଦ୍ଧ ଡାଏଲିସିସ୍ ଅନ୍ କଲ୍ (ଡିଓସି) ସେବା ଭୁବନେଶ୍ୱର ସହରକୁ ଆଣିଛି। ଏହାଦ୍ୱାରା ରୋଗୀମାନଙ୍କୁ ସେମାନଙ୍କ ନିଜ ଘରେ ସ୍ୱାଚ୍ଛନ୍ଦ୍ୟ ଓ ସୁବିଧା ଡାଏଲିସିସ୍ ସେବା ଗ୍ରହଣ କରିବାକୁ ସମର୍ଥ କରାଇବ। ଯେଉଁମାନଙ୍କ ବୟସ, ଯାତାୟାତକୁ ନେଇ ସମସ୍ୟା, ଦୂରତା ଅଥବା କେବଳ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଡାଏଲିସିସ୍ କ୍ଲିନିକ୍‌କୁ ଯିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ଡାଏଲିସିସ୍ ଅନ୍ କଲ୍ ସେହି ରୋଗୀମାନଙ୍କ ପାଇଁ ଏକ ନବୋନ୍ମେଷୀ ପ୍ରୟାସ। ବିକ୍ରମ ଭୁପ୍ଲାଲା, ପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ, ନେଫ୍ରୋପ୍ଲସ୍ ଏହି ଶୁଭାରମ୍ଭ ସମ୍ପର୍କରେ ପ୍ରକାଶ କରି କହିଛନ୍ତି, ଡାଏଲିସିସ୍ ଅନ କଲ୍ ରୋଗୀମାନଙ୍କ ଘରେ ସେମାନଙ୍କ ସ୍ୱାଚ୍ଛନ୍ଦ୍ୟରେ ସୁଲଭ ମୂଲ୍ୟରେ ଉଚ୍ଚ ଗୁଣମାନର ଡାଏଲିସିସ୍ ସେବା ଯୋଗାଇ ଦେଉଛି। ନିୟମିତ ହୋମ୍ ଡାଏଲିସିସ୍ ଏହି ସେବା ତୁଳନାରେ ଉଲ୍ଲେଖନୀୟ ଭାବରେ ଅଧିକ ବ୍ୟୟସାପେକ୍ଷ। ଭୁବନେଶ୍ୱରରେ ଏହି ସେବା ଦୈନିକ ୨-୩ ଜଣ ରୋଗୀଙ୍କୁ ନିଜର ପରିସରଭୁକ୍ତ କରିପାରିବ। ଯାହା ଉଚ୍ଚ ଗୁଣମାନର ଡାଏଲିସିସ୍ ଯତ୍ନ ପାଇଁ ବ୍ୟକ୍ତିଗତ ବର୍ଦ୍ଧିତ ଚାହିଦା ପ୍ରତି ଦୃଷ୍ଟିଦେବ ବୋଲି ସେ କହିଛନ୍ତି।

## ନୃତ୍ୟାଞ୍ଜଳି ପକ୍ଷରୁ 'ତ୍ରିମୁଖୀ' ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୧୨(ସମିସ): ନୃତ୍ୟାଞ୍ଜଳି ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବ 'ତ୍ରିମୁଖୀ' ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଡ. ବିଶ୍ୱନାଥ ପଟ୍ଟନାୟକ, ଶିକ୍ଷାବିତ୍ ଓ ଲେଖକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ଏହି ଉତ୍ସବ ନୃତ୍ୟାଞ୍ଜଳି ସହିତ ନୃତ୍ୟ ସମର୍ପିତା ଓ ଗୁରୁମୁଖୀ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଆ ନୃତ୍ୟ, ସଙ୍ଗୀତ ଜଗତ ପାଇଁ ଏକ ସ୍ୱତନ୍ତ୍ର ପ୍ରୟାସ। ଦୁଇ ଧରି ଏହି ଉତ୍ସବ ଚାଲିବ। ଏଥିରେ ଓଡ଼ିଶୀ ସଙ୍ଗୀତ ଜଗତର ବିଶିଷ୍ଟ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ରାଗ ସଙ୍ଗୀତ ରାଗ କିରୱାର୍ଡ଼ ଗାୟନ କରିବା ସହ ଗୀତ ଗୋବିନ୍ଦ ଗାଇ ଲୋକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ। ଏହାପରେ ପ୍ରଖ୍ୟାତ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଶାସ୍ତ୍ରୀୟ ଓଡ଼ିଶୀ ମର୍ଦ୍ଦଳ ବାଦନ କରିଥିଲେ। ଶେଷରେ ଭାରତୀ ନୃତ୍ୟ ମନ୍ଦିର ଏବଂ ଆଦୃତା ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ ଡ. ସୁଶୀଲ କୁମାର ପଟ୍ଟନାୟକ।

## ଅରୁଣିମା କ୍ଲାଟ୍ ଟପ୍ପର



### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୧୨(ସମିସ): ଏକକ ଆଇନ ନାମଲେଖା ପରୀକ୍ଷା (କ୍ଲାଟ୍) ପିଜି ପରୀକ୍ଷାରେ ୟୁନିଭର୍ସିଟି ଲ' କଲେଜର ଛାତ୍ରୀ ଅରୁଣୀମା ଠାକୁର ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଆଇନ୍ ପାଠ୍ୟକ୍ରମର ଶେଷ ବର୍ଷରେ ପଢୁଥିବା ଅରୁଣୀମା ସମୁଦାୟ ୧୨୦ ମାର୍କରୁ ୯୯.୯୯୩ ପରସେଣ୍ଟାଇଲ ରଖିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ସୁଟିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ରାଉରକେଲା ସେକ୍ଟର ୧୮ ଅଞ୍ଚଳର ସ୍ଥାୟୀ ବାସିନ୍ଦା ଅରୁଣୀମା ନିଜ ପ୍ରତିକ୍ରିୟାରେ କହିଛନ୍ତି, ପରୀକ୍ଷାରେ ଖୁବ୍ ଲମ୍ବା ଲମ୍ବା ପ୍ରଶ୍ନ ଆସୁଛି। ୨୪ଟି ପାସେଜ୍ ସହ ୪୪ ପୃଷ୍ଠାର ପ୍ରଶ୍ନପତ୍ର ସୀମିତ ସମୟରେ ପଢ଼ିବା କାଠିକର ପାଠ। କେବଳ ପ୍ରଶ୍ନଗୁଡ଼ିକୁ ନିର୍ଭୁଲ ଭାବେ ପଢ଼ିବା ପାଇଁ ପ୍ରୟାସ କରୁଥିଲି। ଏଥିପାଇଁ ଗତ ଡିସେମ୍ବରରୁ ବର୍ଷହେବ ଖବରକାଗଜ ଓ କୋର୍ଟଙ୍କ ରାୟ ପଢ଼ିବା ଅଭ୍ୟାସ ଜାରି ରଖିଥିଲି। ଅଫ୍‌ଲାଇନ ପରୀକ୍ଷା ହେଉଥିବାରୁ ଅଭ୍ୟାସ ପ୍ରଶ୍ନପତ୍ର ସହ ଓଏମ୍‌ଆର୍ ସିଟ୍ ନେଇ ଉତ୍ତର କରୁଥିଲି। ଫଳରେ ପରୀକ୍ଷାରେ ସହାୟକ ହୋଇଥିବା କହିଛନ୍ତି। ଆଗକୁ ଆଇନ୍ କ୍ଷେତ୍ରରେ ସେବା କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

## 'ପ୍ରକୃତିର ଅନବଦ୍ୟ ସୃଷ୍ଟି ହେଉଛି ପର୍ବତ'

ଭୁବନେଶ୍ୱର,୧୧।୧୨(ସମିସ): ପ୍ରତିବର୍ଷ ଡିସେମ୍ବର ୧୧ ତାରିଖକୁ ଅନ୍ତର୍ଜାତୀୟ ପର୍ବତ ଦିବସ ରୂପେ ପାଳନ କରାଯାଇଥାଏ। ଏହି ଅବସରରେ ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଅନ୍ତର୍ଜାତୀୟ ପର୍ବତ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ପଲ୍ଲୀର ବିଦ୍ୟାର୍ଥୀ ଓ ଗ୍ରାମବାସୀମାନଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ପର୍ବତ ହେଉଛି ପ୍ରକୃତିର ଅନବଦ୍ୟ ସୃଷ୍ଟି। ଅନେକ ପର୍ବତ ସହିତ ଆମର ଆସ୍ଥା ଓ ବିଶ୍ୱାସ ଯୋଡ଼ି ହୋଇ ରହିଛି। ଜୈବ ବିବିଧତା ଅଞ୍ଚଳର ୩୦ ପ୍ରତିଶତ ସଞ୍ଚାଳକ ହେଉଛି ପର୍ବତ। ପର୍ବତର ଉପସ୍ଥିତି ଯୋଗୁଁ ମେଘମାଳରୁ ବର୍ଷା ସମ୍ଭବ ହେଉଛି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଓ ମାତ୍ରାଧିକ ଖଣି ଖନନ ପାଇଁ ପର୍ବତ ଏବେ ବିପଦରେ। ପର୍ବତ ସଂରକ୍ଷଣ ବିଶ୍ୱ ପାଇଁ ବଡ଼ ଆହ୍ୱାନ ପାଲଟିଛି ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଯୋଗଦେଇ ପର୍ବତରେ ଥିବା ଜଙ୍ଗଲର ସୁରକ୍ଷା ନିମନ୍ତେ ସମସ୍ତେ ଯତ୍ନବାନ୍ ହେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ଓ ଗ୍ରାମବାସୀମାନେ ଅଂଶଗ୍ରହଣ କରିଥିଲେ।

■ ସ୍ନିଗ୍ଧା ଏକାଡେମୀର ୨୪ତମ ବାର୍ଷିକ ଉତ୍ସବ

## 'ନୃତ୍ୟ ଓ ସଙ୍ଗୀତ ଦ୍ୱାରା ଶିଶୁ ପ୍ରତିଭାର ବିକାଶ ହୋଇଥାଏ'



ଭୁବନେଶ୍ୱର,୧୧।୧୨(ସମିସ): ସ୍ନିଗ୍ଧା ଏକାଡେମୀର ୨୪ତମ ବାର୍ଷିକ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ ଓଡ଼ିଶୀ ନୃତ୍ୟ ଆମ ନିଜସ୍ୱ ନୃତ୍ୟକଳା। ନୃତ୍ୟ ଓ ସଙ୍ଗୀତ ଦ୍ୱାରା ଶିଶୁ ପ୍ରତିଭାର ବିକାଶ ହୋଇଥାଏ। ଏଣୁ ତା'ର ସାମଗ୍ରୀକ ବିକାଶ କରିବା ପ୍ରତ୍ୟେକ ପିତାମାତାଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍। ଅନୁଷ୍ଠାନର ସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡିଏଭି ସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ, ନୃତ୍ୟଗୁରୁ ସୁହାଗ ନଳିନୀ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଗଢ଼ିବାରେ ପିତାମାତାଙ୍କର ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷା ବିଚିତ୍ରା ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଟ୍ରଷ୍ଟି ଡ. ଆଲୋକ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୁରୁ ପିତାମ୍ବର ପ୍ରଧାନ, ଉମେଶ ଚନ୍ଦ୍ର ନାୟକ, ମଞ୍ଜୁଶ୍ରୀ ତ୍ରିପାଠୀ, ଶୈଳେନ୍ଦ୍ର ପାତ୍ର, ଯଶୋଦା ପ୍ରଧାନ ଓ ରାଜେନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨ଜଣ ଛାତ୍ରଛାତ୍ରୀଙ୍କୁ ମହତାବ ଏକାଡେମୀ ପକ୍ଷରୁ 'କାକା ମହତାବ ଶିଶୁ ପ୍ରତିଭା ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀମାନେ ଓଡ଼ିଶୀରେ ଦଶ ଅବତାର ଓ ଶ୍ରୀକୃଷ୍ଣ ତାଣ୍ଡବ ନୃତ୍ୟ, ମଡର୍ଣ୍ଣ ଡ୍ୟାନ୍ସ ସହ କ୍ୟାସିଓରେ ହମ୍ ହୋଙ୍ଗେ କାମିୟାବ ଓ ମେରା ମୁଲକ୍ ମେରା ଦେଶ ପରିବେଷଣ କରିଥିଲେ।

## ଆଜି ମାଣବସା ଶେଷ ଗୁରୁବାର / ଆମ୍ବଡାଳ ଗୋଟାକ ୧୦ ଟଙ୍କା

ଭୁବନେଶ୍ୱର,୧୧।୧୨(ସମିସ): ମାର୍ଗଶୀର ମାସ ଶେଷ ଗୁରୁବାର। ମାର୍ଗଶୀର ମାସର ପ୍ରତି ଗୁରୁବାର ଓଡ଼ିଆ ଘରେ ମାଣବସା ଗୁରୁବାର ଭାବେ ପାଳନ କରାଯାଇଥାଏ। ତେବେ ଶେଷ ଗୁରୁବାର ମାଣବସା ପାଇଁ ଘରେ ଘରେ ଝୋଟି ଚିତା ପକାଯିବା ସହ ଏହି ଦିନରେ ବଡ଼ି ଭୋର୍‌ରୁ ମା'ଙ୍କୁ ପୂଜା କରାଯାଇ ମହିଳାମାନେ ଲକ୍ଷ୍ମୀପୁରାଣ ବୋଲିଥା'ନ୍ତି। ତେବେ

### ଦୁବ-ବରକୋଳି ପତ୍ର ଦର ଅମୁଲ ମୂଲ

ମାଣବସା ବଜାରରେ ଦୁବ, ବରକୋଳି ପତ୍ର, ଫୁଲ, ଆମ୍ବଡାଳ, ଲକ୍ଷ୍ମୀପୁରାଣ ଆଦି ରହିଥିବା ଏକ ପ୍ୟାକେଟ୍ ବିକ୍ରି କରାଯାଉଛି। ଯାହାର ଦାମ୍ ୪୦ରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଗେଣ୍ଡୁ ଫୁଲ କିଲୋ ୩୫୦ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଆମ୍ବଡାଳ ଗୋଟାକ ୧୦ଟଙ୍କାରେ ବିକ୍ରି କରାଯାଉଛି। ରାଜଧାନୀରେ ଦିନକୁ ଦିନ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ହେଉଥିବାରୁ ଦୁବଟିଏ ମଧ୍ୟ ଆଉ ମିଳୁ ନ ଥିବାରୁ ଉପକଣ୍ଠରେ ଥିବା ଗାଁଗୁଡ଼ିକରୁ ଏସବୁ ସଂଗ୍ରହ କରି ବିକ୍ରି କରୁଥିବାରୁ ଦାମ୍ ବୃଦ୍ଧି ପାଉଥିବା ବ୍ୟବସାୟୀମାନେ କହିଛନ୍ତି।





## 'ଧୂଳିଗଙ୍ଗା' ଲୋକାର୍ପିତ



ଭୁବନେଶ୍ୱର,୧୧।୧୨(ସମିସ): 'ପକ୍ଷୀଘର' ପ୍ରକାଶନୀ ଦ୍ୱାରା ପ୍ରକାଶିତ ଡ. ଅନୀତା ପଣ୍ଡାଙ୍କ ଗଳ୍ପ ପୁସ୍ତକ 'ଘର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ଓଡିଏମ୍ ଶିକ୍ଷାସମୂହ ଓ ହେଲ୍‌ଥ ଭିଲେର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ଡ. ସତ୍ୟବ୍ରତ ମୀନକେତନଙ୍କ ଦ୍ୱାରା ଲିଖିତ ତଥା ପକ୍ଷୀଘର ପ୍ରକାଶନୀ ତରଫରୁ ପ୍ରକାଶିତ କ୍ଷୁଦ୍ରଗଳ୍ପ ସଙ୍କଳନ 'ଧୂଳିଗଙ୍ଗା' ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କବି ଓ ଚିନ୍ତକ ଡ. ହରପ୍ରସାଦ ଦାସ, ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ତଥା ଲେଖକ ଡ. ପ୍ରଶାନ୍ତ ନନ୍ଦ, ବିଶିଷ୍ଟ ଶିକ୍ଷାବିତ୍ ଓ ବାଗ୍ମୀ ତଥା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁରର ପ୍ରାକ୍ତନ କୁଳପତି କର୍ଣ୍ଣେଲ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇଥିଲେ। ବନୋଜ ତ୍ରିପାଠୀ ଅତିଥି ପରିଚୟ ଦେଇଥିବାବେଳେ ରାଧାରାଣୀ ବଳିଆରସିଂ ମଞ୍ଚ ପରିଚାଳନା କରିଥିଲେ ଓ ଡ. ଆର୍ତ୍ତତ୍ରାଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ମେଳା ପରିସରରେ ରହିଥିବା ସାତକଡ଼ି ହୋତା ମଞ୍ଚରେ ଇଙ୍କ୍ ଡିୟୁ ପ୍ରକାଶନୀ ତରଫରୁ ପୁସ୍ତକ ଲୋକାର୍ପଣ ପର୍ବ, ଆଲୋଚନାଚକ୍ର ତଥା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହାପରେ ଇଙ୍କ୍ ଡିୟୁ ପ୍ରକାଶନୀ ତରଫରୁ ପ୍ରକାଶିତ ମୋଟ୍ ୮ଟି ସଂକଳନ ସହିତ କାଦମ୍ବିନୀ କୁନି କଥା ଲୋକାର୍ପିତ ହୋଇଥିଲା।

## ମହିଳାଙ୍କୁ ସଶକ୍ତ କରିବ 'ଶକ୍ତି ଆପ୍'

ଭୁବନେଶ୍ୱର,୧୧।୧୨(ସମିସ):

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଳିତ ଜାତିସଙ୍ଘ ଜନସଂଖ୍ୟା ପାଣ୍ଠିର ମିଳିତ ଆନୁକୂଲ୍ୟରେ ମହିଳାଙ୍କ ଉପରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ

**ଚିରଦିନ ପାଇଁ ସୁରକ୍ଷିତ ଓ ସଂରକ୍ଷିତ ରହିବ ସମସ୍ତ ତଥ୍ୟ**

**ଲିଙ୍ଗଭିତ୍ତିକ ହିଂସାର ପ୍ରତିରୋଧ ପାଇଁ ସାଜିବ ରକ୍ଷାକବଚ**

ହେଉଥିବା ୧୬ ଦିନିଆ ସଚେତନତା ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଲିଙ୍ଗଭିତ୍ତିକ ହିଂସାର ଦୃଢ଼ ପ୍ରତିକାର ପାଇଁ 'ଶକ୍ତି ଆପ୍'ର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ମହିଳାଙ୍କୁ ତୃଣମୂଳ ସ୍ତରରେ ସଶକ୍ତ କରିବ ଏହି ଆପ୍। ଏହା ମାଧ୍ୟମରେ ମହିଳାମାନେ ସେମାନଙ୍କ ବିରୋଧରେ ହେଉଥିବା ଲିଙ୍ଗଭିତ୍ତିକ ହିଂସାର ପ୍ରତିବାଦ ପାଇଁ ଏକ ପ୍ଲାଟ୍‌ଫର୍ମ ପାଇବେ। ଯେଉଁଥିରେ ମହିଳାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ସମ୍ପୂର୍ଣ୍ଣର୍ ସୁରକ୍ଷିତ ଓ ଚିରଦିନ ପର୍ଯ୍ୟନ୍ତ ସଂରକ୍ଷିତ ରହିବ। ଶକ୍ତି ଆପ୍ ଆଧୁନିକ ସଶକ୍ତ ମହିଳାଙ୍କ ହାତରେ ଏକ ସଶକ୍ତ ଅସ୍ତ୍ର ହେବ। ଲିଙ୍ଗଭିତ୍ତିକ ହିଂସାକୁ ପ୍ରତିହତ କରିବା ପାଇଁ ବ୍ଲକ୍ ଚେନ୍ ଭଳି ଟେକ୍ନୋଲୋଜିକୁ ବ୍ୟବହାର କରିବାରେ ସମଗ୍ର ବିଶ୍ୱରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ତେବେ ପ୍ରାଥମିକ ଭାବେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରେ ଏହି ଆପ୍ ଆରମ୍ଭ ହୋଇଥିବାବେଳେ ଆଗାମୀ ଦିନରେ ଅନ୍ୟ ଜିଲ୍ଲାରେ ଆରମ୍ଭ ହେବ ବୋଲି ଉପମୁଖମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସାମାଜିକ କଲ୍ୟାଣ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ, ୟୁଏନ୍‌ଏଫ୍‌ପିଏ ରାଜ୍ୟ ମୁଖ୍ୟ ନଦୀମ୍ ନୁର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଭାଗର ଯୁଗ୍ମ ସଚିବ ଗୋପୀନାଥ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶ୍ରୀୟା ଛକଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ସାମିଲ୍ ହୋଇଥିଲେ।

ଆଶା ଓ ଭାଷା

# “କର୍ମ ଓ ବାସ୍ତବତାକୁ ଗୁରୁତ୍ୱ ଦେବା ପ୍ରକୃତ କଳାକାରର ଧର୍ମ”

**ରୂପଶ୍ରୀ ପଣ୍ଡା, ଅଭିନେତ୍ରୀ**

ପିଲାଦିନେ ସେ ସୁନ୍ଦର ସୁନ୍ଦର ପଟ୍ଟଚିତ୍ର ଆଙ୍କୁଥିଲେ। ଭଲ ନାଚୁଥିଲେ ମଧ୍ୟ। ହେଲେ ଗ୍ଲାମର୍ ଦୁନିଆରେ ସଫଳତା ହାତେଇବା ନିଶାରେ ସେ ମଡେଲିଂ ସହ ଥିଏଟର୍‌ରେ କାମ ଆରମ୍ଭ କଲେ। ପ୍ରଥମେ ସେ ‘ପ୍ରେମ ଲୀଳା’ ମ୍ୟୁଜିକ୍ ଭିଡ଼ିଓରେ କାମ କରିଲେ। ଅନେକ ଧାରାବାହିକରେ ଅଭିନୟ କରିବା ସହିତ ‘ବିଗ୍ ବ୍ରେକ୍ ସିଜନ୍-୨’ର ସେ ବିଜେତା ମଧ୍ୟ ହେଲେ। ବହୁମୁଖୀ ପ୍ରତିଭାର ଅଧିକାରିଣୀ ଏହି କଳାକାର ଜଣଙ୍କ ହେଲେ ପୁରୀ ଜିଲ୍ଲା ଅନ୍ତର୍ଗତ ଚନ୍ଦନପୁରର ରୂପଶ୍ରୀ ପଣ୍ଡା। ଏବେ ସେ ବଡ଼ ପରଦାରେ ଅଭିନୟର ଜଲ୍‌ୱା ଦେଖାଇବେ। ‘ମିଶିରି’ ଫିଲ୍ମରେ ଡେବ୍ୟୁ କରୁଥିବା ଏହି ଅଭିନେତ୍ରୀ ଜଣଙ୍କ ଅଭିନୟ ଯାତ୍ରା କେମିତି ଥିଲା, ଜାଣିବା ତାଙ୍କ ମୁହଁରୁ...



**ବଡ଼ ପରଦାରେ କେମିତି ସୁଯୋଗ ପାଇଲେ?**

● ଅଭିନେତ୍ରୀ ହେବି ବୋଲି ଭାବିନଥିଲି। ପୁରୀ ଚନ୍ଦନପୁରରେ ମୋର ଘର। ପଟ୍ଟଚିତ୍ର ଏବଂ ନୃତ୍ୟ ମୋର ନିଶା। ପଢ଼ାପଢ଼ି ଚାଲିଥିଲା। ହେଲେ ସୌଭାଗ୍ୟବଶତଃ ମୁଁ ଅନେକ ରିଆଲିଟି ଶୋ’ରେ ଅଡିସନ୍ ଦେବା ଆରମ୍ଭ କରିଦେଲି। ତା’ସହିତ ଥିଏଟର୍‌ରେ କାମ କରିଛି ମଧ୍ୟ। ତେଣୁ ମଡେଲିଂରୁ ଗ୍ଲାମର୍ ଦୁନିଆକୁ ଆସିବା ପରେ ଡିଡି ଚ୍ୟାନେଲ୍‌ରେ ଏକ ଧାରାବାହିକରେ କାମ ପାଇଲି। ପରେ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଲା। ତେବେ ଫିଲ୍ମ ନିର୍ମାତାଙ୍କୁ ସାକ୍ଷାତ କରି ‘ମିଶିରି’ ବିଷୟରେ ଆଲୋଚନା କରିଥିଲୁ। ଏହାର କାହାଣୀ ନିର୍ଦ୍ଦେଶକଙ୍କୁ ପସନ୍ଦ ଆସିବା ପରେ ସୁଟିଂ ଆରମ୍ଭ କରିଦେଇଥିଲୁ।

**‘ମିଶିରି’ ମାଧ୍ୟମରେ ଦର୍ଶକଙ୍କୁ କ’ଣ ବାର୍ତ୍ତା ଦେବେ?**

● ଚିତ୍ରଟିଏ ଯେମିତି ଆଖିକୁ ସୁନ୍ଦର ଲାଗେ, ଠିକ୍ ସେହିପରି ମିଶିରି ପିଇଲେ ସ୍ୱାଦ ଲାଗେ। ଉଭୟକୁ ମିଶାଇ ଆମେ ଫିଲ୍ମ ନାଁ ‘ମିଶିରି’ ରଖିଛୁ। ଏହା ସବୁ ଇମୋସନ୍‌କୁ ଛୁଇଁଛି। ଏଥିରେ ଓଡ଼ିଶାର ସଂସ୍କୃତି ଓ କଳାକୃତିକୁ ପ୍ରାଧାନ୍ୟ ଦେବା ସହ ବିକେ ଆର୍ଟ କଲେଜକୁ ସାମିଲ କରାଯାଇଛି। ଗୋଟିଏ ଶବ୍ଦରେ କହିବାକୁ ଗଲେ, ଜୀବନ ପରିବର୍ତ୍ତନଶୀଳ, ଜୀବନରେ କେତେବେଳେ କିଛି ବି ଘଟିପାରେ, ତେଣୁ ଜଣେ ବ୍ୟକ୍ତି ସମୟ ଅନୁସାରେ କିପରି ଖାପଖୁଆଇ ଚଳିବ, ଏହି ଫିଲ୍ମଟି ସେହି ବାର୍ତ୍ତା ଦେବ। ଏଥିରେ ବିଭାସ ମୋ ବିପକ୍ଷରେ ରହିଛନ୍ତି। ପ୍ରସନ୍ନଜିତ ଖଳନାୟକ ଭୂମିକାରେ ନଜର ଆସିବେ। ଦର୍ଶକ ଖୁବ୍‌ଶୀଘ୍ର ଫିଲ୍ମଟିକୁ ହଲ୍‌ରେ ଦେଖିବାକୁ ପାଇବେ।

**ବଡ଼ ପରଦାରେ କାମ କରିବାକୁ ଡର ଲାଗିନଥିଲା?**

● ‘ମିଶିରି’ରେ ଅଭିନୟ କରିବା ପୂର୍ବରୁ ମୁଁ ‘ତରଙ୍ଗ’ର ଟେଲିଫିଲ୍ମ ‘ଲାଲପାନ୍ ବିବି’ରେ କାମ କରିଥିଲି। ‘ମିଶିରି’ରେ ନୂଆ ନିର୍ଦ୍ଦେଶକ, ନୂଆ ଟିମ୍ ସହ କାମ କରିବାକୁ ମୋତେ ସୁଯୋଗ ମିଳିଛି। ଯଦିଓ ଫିଲ୍ମ ସୁଟିଂ କରିବାକୁ ଏତେ କଠିନ ନ ଥିଲା, କିନ୍ତୁ ଏହି ଫିଲ୍ମରୁ ବହୁତ କିଛି ଶିଖିଛି। କ୍ୟାମେରା ସାମ୍ନାରେ ବାରମ୍ବାର ସିନ୍ ଅଭ୍ୟାସ କରିଛି। ତେବେ ଆଗକୁ ମଧ୍ୟ ଏହି ଶିଖିବା ମନୋବୃତ୍ତି ରହିବ। କାହିଁକି ନା ଜଣେ ଭଲ ଅଭିନେତ୍ରୀ ହେବାର ମୋର ଲକ୍ଷ୍ୟ ରହିଛି। ଏଥିପାଇଁ ପ୍ରଚେଷ୍ଟା ଜାରି ରଖିବି।



**ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ?**

● ମା’ଙ୍କ ପାଇଁ କିଛି କିଣି ଥିଲି।

**ରୂପଶ୍ରୀଙ୍କ ଡ୍ରିମ୍‌ରୋଲ?**

● ଜଣେ କଳାକାର ପାଇଁ ପ୍ରତ୍ୟେକଟି ଅଭିନୟ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଗୁରୁତ୍ୱ ଦେଇ ମୁଁ କାମ କରୁଛି। ତେଣୁ ଯେକୌଣସି ଚରିତ୍ର ମିଳିଲେ ମୁଁ ଏହାକୁ ନିଖୁଣ ଭାବେ ଫୁଟାଇବାକୁ ଚାହିଁବି। ଯଦିଓ ଅନେକ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି। ହେଲେ, ଆର୍ମି କିମ୍ବା ଡିଟେକ୍ଟିଭ୍ ପରି ଷ୍ଟ୍ରଙ୍ଗ ଚରିତ୍ର କରିବାକୁ ଭାରି ଇଚ୍ଛା ରହିଛି।

**ଅଭିନୟକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ?**

● ବେଲି ଡ୍ୟାନ୍ସ ଓ ମଡର୍ଣ୍ଣ ଡ୍ୟାନ୍ସ କରିବାକୁ ବହୁତ ଭଲଲାଗେ।

**ରୂପଶ୍ରୀଙ୍କୁ କେଉଁ ସ୍ଥାନ ସବୁଠୁ ଭଲ ଲାଗେ?**

● ପ୍ରାକୃତିକ ପରିବେଶରେ ବୁଲାବୁଲି କରିବାକୁ ଅଧିକ ଭଲଲାଗେ। ହେଲେ ମୋ ଗାଁ ହିଁ ମୋର ପ୍ରିୟ ସ୍ଥାନ।

**ଅଭିନୟ ଜଗତକୁ ଆସୁଥିବା ନୂଆ ପିଲାଙ୍କୁ କ’ଣ କହିବେ?**

● ନିଜ କାମକୁ ଭଲ ପାଆନ୍ତୁ। ସବୁବେଳେ ବ୍ୟାକ୍‌ସର୍ପୋଟ ଦରକାର। ସମସ୍ତେ କୁହନ୍ତି, ମୁଁ ତୁମକୁ ଷ୍ଟାର୍ କରିଦେବି, ସେଥିରେ ଭାସି ନଯାଇ, ନିଜର କର୍ମ ଆଉ ବାସ୍ତବତାକୁ ଗୁରୁତ୍ୱ ଦେବା ଦରକାର। ଏହା ହିଁ ହେଉଛି ପ୍ରକୃତ କଳାକାରର ଧର୍ମ। ଯେତେ ଶିଖିଲେ ବି କମ୍ ହୋଇଥାଏ ମନୋବୃତ୍ତି ନେଇ ଅଭିନୟ କରିବା ଭଲ। ■

**ସୁଟିଂ ବେଳର ଅଭୁଲା ମୁହୂର୍ତ୍ତ?**

ଢେଙ୍କାନାଳର ଏକ ହ୍ରଦ ପାଖେ ‘ମିଶିରି’ ଫିଲ୍ମ ସୁଟିଂ ଚାଲିଥାଏ। ୬ଡିଗ୍ରୀ ସେଲ୍‌ସିୟସ ଥଣ୍ଡା ସାଙ୍ଗକୁ ରାତି ପାଖାପାଖି ୨ଟା ହେବ। ସିନ୍ ଥାଏ ମୁଁ କାନ୍ଦିବି, ଯେହେତୁ ମୁଁ ଶର୍ଟ ପୋଷାକ ପିନ୍ଧିଥାଏ, ପ୍ରବଳ ଥଣ୍ଡା ମୋତେ ଅସ୍ତବ୍ୟସ୍ତ କରିଦେଇଥିଲା। ସତରେ ବି ମୋ ଆଖିରୁ ଲୁହ ଚାଲିଆସିଥିଲା। କିନ୍ତୁ ଏବେ ସେହି ମୁହୂର୍ତ୍ତକୁ ଭାବିଲେ, ମୋତେ ବହୁତ ଆନନ୍ଦ ଲାଗୁଛି। ଏହି ସମୟଟି ସବୁଦିନ ପାଇଁ ମୋର ମନେ ରହିବ।

## ତିନୋଟି ଭାଷାରେ ‘ପରବ୍’

ଓଡ଼ିଆ ଚଳଚ୍ଚିତ୍ର ‘ଦମନ’ର ଅହେତୁକ ସଫଳତା ପରେ ଏହାର ନିର୍ମାତା ଆଉ ଏକ ନୂତନ ଓଡ଼ିଆ ସିନେମା ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛନ୍ତି। ଜେପି ମୋସନ୍ ପିକଚର୍ସ ନିବେଦିତ ନୂଆ ଓଡ଼ିଆ ସିନେମା ‘ପରବ୍’ ଏଇ ଡିସେମ୍ବର ୨୦ ତାରିଖରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି। ସାରା ଭାରତରେ ଏହା ୨୦୦ଟି ସିନେମା ହଲରେ ରିଲିଜ୍ ହେବ। ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ତିନିଟି ଭାଷାରେ ଏହି ଫିଲ୍ମ ରିଲିଜ୍ ହେବ। ତେବେ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପ୍ରଥମେ ରିଲିଜ୍ ହେବ। ଏହାର ୧୦ ଦିନ ପରେ ତେଲୁଗୁ ଭାଷାରେ ରିଲିଜ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚିନ୍ମୟ ଦାସଙ୍କ ନିର୍ଦ୍ଦେଶିତ ଏବଂ ଦୀପେନ୍ଦ୍ର ସାମଲଙ୍କ ପ୍ରଯୋଜିତ ଏହି ସିନେମାର ସହ ପ୍ରଯୋଜକ ଅଛନ୍ତି ଅନୁ ଚୌଧୁରୀ। ସେହିପରି ଚିନ୍ମୟ ଦାସ ଏବଂ ଅମିତ କୁମାର ଦାସ ଏହି ସିନେମାର କାହାଣୀ ରଚନା କରିଛନ୍ତି। ଏହାର ମୁଖ୍ୟ ଚରିତ୍ରରେ ଓଲିଉଡ୍ ସୁପରଷ୍ଟାର୍ ସିଦ୍ଧାନ୍ତ ମହାପାତ୍ର ଅଭିନୟ କରିଛନ୍ତି। ସିଦ୍ଧାନ୍ତଙ୍କ ବ୍ୟତୀତ ଏଥିରେ ଅନୁ ଚୌଧୁରୀ, ଦ୍ୱୀପନ୍ୱିତ ଦାସ ମହାପାତ୍ର, ସୂର୍ଯ୍ୟମୟୀ, ପ୍ରଣବ ଦାସ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ଓଡ଼ିଶାର ସୀମା ବିବାଦ ଓ ସମ୍ବେଦନଶୀଳ ବିଷୟକୁ ଆଧାର କରି ନିର୍ମିତ ହୋଇଛି। ଏହି ଫିଲ୍ମକୁ ଦର୍ଶକ ପସନ୍ଦ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା କରାଯାଇଛି। ■



**ପରଦା ପଛର କାହାଣୀ**

## ଅଭିନେତାଙ୍କଠୁ ମାଙ୍କଡ଼ ପାଇଥିଲା ଅଧିକ ପାରିଶ୍ରମିକ

୧୯୯୩ ମସିହାରେ ମୁକ୍ତିଲାଭ କରିଥିଲା ବ୍ଲକ୍‌ବଷ୍ଟର ଫିଲ୍ମ ‘ଆଖେଁ’। ଚଙ୍କି ପାଣ୍ଡେ ଓ ଗୋବିନ୍ଦାଙ୍କ ଅଭିନୀତ ଏହି ସିନେମାଟି ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ମଲ୍‌ଟି ଷ୍ଟାର୍ ଅଭିନୀତ ଏହି ଫିଲ୍ମ ସେହିବର୍ଷର ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଅନ୍ୟତମ। ଏଥିରେ ଗୋବିନ୍ଦା ଓ ଚଙ୍କି ପାଣ୍ଡେ ଉଭୟେ ଦ୍ୱୈତ ଚରିତ୍ରରେ ଅଭିନୟ କରିଥିଲେ। ଉଭୟଙ୍କ ଅଭିନୟକୁ ଦର୍ଶକେ ଭୂରି ଭୂରି ପ୍ରଶଂସା କରିଥିଲେ। ତେବେ ଡେଭିଡ୍ ଧାୱାନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅନ୍ୟ ଏକ କଳାକାର ଥିଲା ମାଙ୍କଡ଼। ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ, ଅଭିନେତାଙ୍କଠାରୁ ଏହି ମାଙ୍କଡ଼ର ପାରିଶ୍ରମିକ ଅଧିକ ଥିଲା। ନିକଟରେ କପିଲ ଶର୍ମାଙ୍କ ଶୋ’ ଦି ‘ଗ୍ରେଟ୍ ଇଣ୍ଡିୟାନ୍ କପିଲ’ ଶୋ’ରେ ଗୋବିନ୍ଦା, ଚଙ୍କି ପାଣ୍ଡେ ଏବଂ ଶକ୍ତି କପୁର ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା କରିଥିଲେ। ସେମାନଙ୍କ କହିବାନୁଯାୟୀ, ଏହି ଚଳଚ୍ଚିତ୍ରରେ ଦୁଇଜଣ ଅଭିନେତାଙ୍କଠାରୁ ଅଧିକ ଟଙ୍କା ନେଇଥିଲା ମାଙ୍କଡ଼। କେବଳ ସେତିକି ନୁହେଁ, ମାଙ୍କଡ଼କୁ ମୁମ୍ବାଇର ଏକ ବିଳାସମୟ ହୋଟେଲରେ ରଖାଯାଇଥିଲା। ତାକୁ ଢେର ସ୍ନେହ ଶ୍ରଦ୍ଧା ଓ ଭଲପାଇବା ଦିଆଯାଇଥିଲା। ‘ଆଖେଁ’ ଫିଲ୍ମର ପୁରୁଣା ଦିନକୁ ସ୍ମରଣ କରି ଶକ୍ତି କପୁର କହିଥିଲେ, “ଏହି ଫିଲ୍ମରେ ଆମେ ତିନି ଜଣ ଏକା ସାଙ୍ଗରେ ଅଭିନୟ କରିଥିଲୁ। ତେବେ ଏହି ଫିଲ୍ମର ମାଙ୍କଡ଼ର ମଧ୍ୟ ଏକ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।” ଶକ୍ତି କପୁରଙ୍କ କଥାରେ ପ୍ରତିକ୍ରିୟା ପ୍ରକାଶ କରି ଚଙ୍କି ପାଣ୍ଡେ କହିଥିଲେ ଯେ, “ସେଥିପାଇଁ ଆମଠାରୁ ମାଙ୍କଡ଼ ଅଧିକ ଅର୍ଥ ଦିଆଯାଇଥିଲା।” ଏକଥାକୁ ସମର୍ଥନ କରି ଗୋବିନ୍ଦା ମଧ୍ୟ ହସି ଉଠିଥିଲେ। ■



**ଟେଲିଭିଜନ**

## ନୂଆ ରୂପରେ ‘ସୁନା ଝିଅ’

‘ଜୀ ସାର୍ଥକ’ରେ ପ୍ରସାରିତ ‘ସୁନା ଝିଅ’ ଧାରାବାହିକ ଚଳିତ ଡିସେମ୍ବର ୧୬ ତାରିଖରୁ ନୂଆ ରୂପରେ ଦର୍ଶକେ ଦେଖିବାକୁ ପାଇବେ। ଯାଆଁଳା ଭଉଣୀ ଅଂଶୁ ଓ ବଂଶୁର ସ୍ନେହ ପ୍ରେମର କାହାଣୀକୁ ନେଇ ଏହି ଧାରାବାହିକର କାହାଣୀ ଗତିଶୀଳ। ଏବେ ୨୦ ବର୍ଷର ବ୍ୟବଧାନରେ ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ବଦଳିଛି। ଅଂଶୁର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରୁହେ ନାହିଁ, ଅଂଶୁର ବଞ୍ଚି ରହିବା ପାଇଁ ବଂଶୁର ସହାୟତା ନିହାତି ଆବଶ୍ୟକ। ଏତେ ସବୁ ସମସ୍ୟା ମଧ୍ୟରେ ଅଂଶୁ ଓ ବଂଶୁ ପାଇଁ ଏହା ପାଲଟିଛି ଏକ ଅକୁହା ଭାବ। କିନ୍ତୁ ଏମିତି ଏକ ସମୟ ଆସେ, ଅଂଶୁ ଓ ବଂଶୁ ଉଭୟେ ସମ୍ଭବଙ୍କ ପ୍ରେମରେ ପଡ଼ିଯାନ୍ତି। ତେବେ କିଏ କରିବ ପ୍ରେମ ପାଇଁ ତ୍ୟାଗ ? ଦୁଇ ଭଉଣୀଙ୍କ ମଧ୍ୟରେ କିଭଳି ରହିବ ସଂପର୍କ? ବଂଶୁ ଚରିତ୍ରରେ ଅଭିନେତା ଅଙ୍କିତା ମିଶ୍ର ଓ ଅଂଶୁ ଭୂମିକାରେ ଅଭିନେତ୍ରୀ ଶୁଭଶ୍ରୀ ସାହୁ ଅଭିନୟ କରିଛନ୍ତି। ସେହିପରି ସମ୍ଭବ ଭୂମିକାରେ ଅଭିନେତା ସମ୍ଭବ ମାନସିଂହ ଅଭିନୟ କରିଛନ୍ତି। ‘ସୁନା ଝିଅ’ର ନୂଆ କାହାଣୀ ଓଡ଼ିଆ ପରିବାରର ଦୈନନ୍ଦିନ ଜୀବନକୁ ପ୍ରତିଫଳିତ କରିବା ସହ ଅନେକ ସାମାଜିକ ବାର୍ତ୍ତା ରହିଛି। ୧୬ ଡିସେମ୍ବରରୁ ସନ୍ଧ୍ୟା ୭ଟା ୩୦ରେ ସୋମବାରରୁ ଶନିବାର ପର୍ଯ୍ୟନ୍ତ ‘ସୁନା ଝିଅ’ ମେଗା ଧାରାବାହିକକୁ ଏକ ନୂଆ ରୂପରେ ଦେଖିବାକୁ ପାଇବେ। ■



## ୧୪ ଡିସେମ୍ବରରୁ ‘ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ’

ପ୍ରଥମ ଥର ପାଇଁ ଏକ ନୂଆ ଢଙ୍ଗରେ ‘ଜୀ ସାର୍ଥକ’ ନେଇଆସୁଛି ‘ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ’। ଏଥିରେ ସୋସିଆଲ୍ ମିଡିଆର ସୁପରଷ୍ଟାର୍‌ମାନଙ୍କୁ ଦେଖିବାକୁ ମିଳିବ, ଯେଉଁମାନେ ସୋସିଆଲ୍ ମିଡିଆରେ ନିଜ ନୃତ୍ୟ, ଅଭିନୟ ବା ବିଭିନ୍ନ କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି। ଏହି ନୂଆ ସିଜନରେ ମଞ୍ଚକୁ ଓହ୍ଲାଇ କୁକିଜ୍ ସ୍ୱାଇଁ, ଜ୍ୟାକଲିନ୍ ପରିଡ଼ା, ମିତାଲି ସରଗରିଆ, ନିକିତା ମିଶ୍ର, ଦେବସ୍ମିତା ପଣ୍ଡା, ରୋମ୍ୟାଞ୍ଜଳି ପ୍ରିୟଦର୍ଶିନୀ, ସୁସନ୍ଧ୍ୟା, ଲାବଣ୍ୟ, ହିମାଙ୍ଗିନୀ ଦତ୍ତ, ଆକାଶ ହୋତା, ଆକାଶ ରାଉତ, ମନ୍ମୟ, ସଞ୍ଜୟ ମହାପାତ୍ର, ଜୟଦେବ ରାଉଳ, ହ୍ୟାରି, ସାନୁମୋନୁ, ମୃଣ୍ମୟ, ଜଣ୍ଟୀ ପ୍ରମୁଖ ନିଜ ନିଜ ପ୍ରତିଭାର କମାଲ୍ ଦେଖାଇବେ। ଅଭିନେତ୍ରୀ ଏଲିନା ସାମନ୍ତରାୟ, ହରିହର ଓ ଅନୁପମ ବିଚାରକ ଭାବରେ ରହିଛନ୍ତି। କାର୍ଯ୍ୟକ୍ରମର ଆଙ୍କର ରହିଛନ୍ତି ସୁଜିତ୍ ଓ ଚାନ୍ଦିନୀ। ଗୋଟିଏ ମଞ୍ଚରେ ପ୍ରତିଭାମାନେ ନିଜ ଭିତରେ ଲୁଚିଥିବା ଅନ୍ତର୍ନିହିତ ଗୁଣକୁ ପ୍ରକାଶ କରିବା ପାଇଁ ସୁଯୋଗ ପାଇବେ। ତେବେ କିଏ ହେବେ ବିଜେତା ଜାଣିବା ପାଇଁ ଡିସେମ୍ବର ୧୪ ତାରିଖରୁ ପ୍ରତି ଶନିବାର ଓ ରବିବାର ଜୀ ସାର୍ଥକରେ ‘ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ’ ସୋସିଆଲ୍ ମିଡିଆ ସୁପରଷ୍ଟାର୍ ଡାନ୍ସ ଲିଗ୍ ଦେଖିବାକୁ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ୍ ଅନୁରୋଧ କରିଛନ୍ତି। ■



## ଓଟିଟିରେ ‘ମାଲ୍ୟଗିରି’ର ଲୋକପ୍ରିୟତା



ବର୍ତ୍ତମାନ ମନୋରଞ୍ଜନ କେବଳ ପ୍ରେକ୍ଷାଳୟ ବା ସିନେମା ହଲ୍‌ରେ ନୁହେଁ, ମୋବାଇଲ୍‌ରେ ଲୋକେ ସୁନ୍ଦର କାହାଣୀକୁ ଉପଭୋଗ କରିପାରୁଛନ୍ତି। ଓଡ଼ିଶାର ଲିଡିଙ୍ଗ୍ ଓଟିଟି ଆଓ ନେକ୍ସଟ୍ ସାଜିଛି ଏବେ ଦର୍ଶକଙ୍କ ପ୍ରଥମ ପସନ୍ଦ। ଏହି ପ୍ଲାଟଫର୍ମରେ ଯୋଡ଼ି ହୋଇଛି ସୁପର୍‌ଷ୍ଟାର୍ ବାବୁସାନ୍ ମହାନ୍ତିଙ୍କ ଅଭିନୀତ ଓଡ଼ିଆ ସିନେମା ‘ମାଲ୍ୟଗିରି’। ଯାହା ବିଗତ ଦିନରେ ଏହି ଚଳଚ୍ଚିତ୍ରଟି ଖୁବ୍ ଚର୍ଚ୍ଚା ସାଉଁଟିଥିଲା। ଫିଲ୍ମର କାହାଣୀ, ସଙ୍ଗୀତ ଓ କଳାକାରଙ୍କ ଅଭିନୟ ବଡ଼ ପରଦାରେ ସମସ୍ତଙ୍କ ମନ ଜିଣିଥିଲା। ତେବେ ଏହି ବ୍ଲକ୍‌ବଷ୍ଟର୍ ସିନେମାଟି ଆଓ ନେକ୍ସଟ୍‌ରେ ଗତ ନଭେମ୍ବର ୧୫ ତାରିଖରୁ ପ୍ରସାରଣ ହୋଇ ବେଶ୍ ଲୋକପ୍ରିୟତା ହାସଲ କରିବାରେ ଲାଗିଛି। ତେଣୁ ଓଡ଼ିଶାର ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ୍ ସହିତ ଯୋଡ଼ିହୋଇ ‘ମାଲ୍ୟଗିରି’ ଦେଖିବାକୁ ଆଓ ନେକ୍ସଟ୍ ଫାଉଣ୍ଡର୍ ତଥା ସିଇଓ କୌଶିକ ଦାସ ଅନୁରୋଧ କରିଛନ୍ତି। ■

■ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

# ଶୀର୍ଷରେ ବୁମ୍‌ରା; ଟପ୍-୩୦ରୁ ରୋହିତ୍ ବାଦ୍

ଦୁବାଇ, ୧୧।୧୨(ଏଜେନ୍ସି): ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗରେ ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ୮୯୦ ରେଟିଂ ପଏଣ୍ଟ ସହ ପୂର୍ବପରି ନଂ-୧ ସ୍ଥାନରେ ରହିଛନ୍ତି। ସେହିପରି ଅନ୍ୟ ଦୁଇ ଭାରତୀୟ ରବିଚନ୍ଦ୍ରନ ଅଶ୍ୱିନ ଓ ସ୍ପିନର ରବୀନ୍ଦ୍ର ଜାଡେଜା ଯଥାକ୍ରମେ ୫ମ ଓ ଷଷ୍ଠ ସ୍ଥାନରେ ରହି ଶ୍ରେଷ୍ଠ-୧୦ରେ ସ୍ଥାନିତ ହୋଇଛନ୍ତି। କାଗିସୋ ରବାଡା ଦ୍ୱିତୀୟ ଓ ଜୋଶ ହାଜଲେଉଡ ତୃତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ବ୍ୟାଟିଂ ତାଲିକାରେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ନଂ-୧ ସ୍ଥାନରେ ରହିଥିବା ବେଳେ ଜୋ ରୁଟ୍ ଦ୍ୱିତୀୟ ଓ କେନ୍ ୱିଲିୟମସନ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଭାରତୀୟ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ୍ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ଓ ଋଷଭ ପନ୍ତ ଷଷ୍ଠରୁ ଖସି ନବମ ସ୍ଥାନରେ ପହଞ୍ଚିଛନ୍ତି। ତେବେ ଭାରତର ଦୁଇ ତାରକା ବ୍ୟାଟର୍ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ମାନ୍ୟତାରେ ଅବନତି ଘଟିଛି। କୋହଲି ୬ଟି ପାହାଚ ତଳକୁ ଖସି ୨୦ତମ ସ୍ଥାନରେ ରହିଛନ୍ତି। ସେହିଭଳି ରୋହିତ୍ ୨୫ରୁ ୩୧ତମ ସ୍ଥାନକୁ ଖସିଯାଇଛନ୍ତି। ଅନ୍ୟପଟେ ଅଲରାଉଣ୍ଡର ତାଲିକାରେ ଜାଡେଜା ୪୧୫ ରେଟିଂ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଅଶ୍ୱିନ ତୃତୀୟ, ଅକ୍ଷର ପଟେଲ ୯ମ ସ୍ଥାନରେ ରହି ଟପ୍-୧୦ରେ ସ୍ଥାନିତ ହୋଇଛନ୍ତି।

■ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦

# ବରୋଦା-ମୁମ୍ବାଇ, ମଧ୍ୟପ୍ରଦେଶ- ସେମିଫାଇନାଲ

ବେଙ୍ଗାଲୁରୁ, ୧୧।୧୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ପୁରୁଷ ଟି-୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିର ସେମିଫାଇନାଲ ଚୂଡ଼ାନ୍ତ ହୋଇଯାଇଛି। ଶୁକ୍ରବାର ପ୍ରଥମ ସେମିରେ ବରୋଦା ଓ ମୁମ୍ବାଇ ଏବଂ ସେହିଦିନ ଅନ୍ୟ ଏକ ସେମିରେ ମଧ୍ୟପ୍ରଦେଶ ଓ ଦିଲ୍ଲୀ ସାମ୍ନାସାମ୍ନି ହେବେ। ବୁଧବାର ୪ଟି ଯାକ କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। ପ୍ରଥମ କ୍ୱାର୍ଟରରେ ବରୋଦା ୪୧ ରନରେ ବେଙ୍ଗଲକୁ ହରାଇଥିଲା। ବରୋଦା ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ୱିକେଟ୍ ନେଇଥିଲେ। ସେହିଭଳି ୨ୟ କ୍ୱାର୍ଟରରେ ଆୟୁଷ ବଦୋନୀଙ୍କ ଦିଲ୍ଲୀ ଦଳ ୧୯ ରନରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ତୃତୀୟ କ୍ୱାର୍ଟରରେ ଭେଙ୍କଟେଶ ଆୟର (୩୮ ରନ ଓ ୨ ୱିକେଟ୍)ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ମଧ୍ୟପ୍ରଦେଶ ୬ ୱିକେଟ୍‌ରେ ସୌରାଷ୍ଟ୍ରକୁ ହରାଇ ସେମି ଟିକଟ୍ ହାସଲ କରିଥିଲା। ଅଜିଙ୍କ୍ୟା ରାହାଣେଙ୍କ ୮୪ ଓ ପୃଥ୍ୱୀ ସ'ଙ୍କ ୪୯ ରନ ସହାୟତାରେ ମୁମ୍ବାଇ ୬ ୱିକେଟ୍‌ରେ ବିଦର୍ଭକୁ ମାତ୍ ଦେଇଥିଲା।

# ସାଉଦି ଆରବ ୨୦୩୪ ଫିଫା ବିଶ୍ୱକପ୍ ଆୟୋଜକ



ଜୁରିକ, ୧୧।୧୨(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ସାଉଦି ଆରବରେ ଆୟୋଜନ ହେବ ୨୦୩୪ ଫିଫା ବିଶ୍ୱକପ୍। ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ବୁଧବାର ଏ ନେଇ ସୂଚନା ଦେଇଛି। ଆୟୋଜନ ଦୌଡ଼ରେ ସାଉଦି ଆରବ ଏକମାତ୍ର ଦେଶ ଥିଲା। ତେଣୁ ଏ ନେଇ ନିଷ୍ପତ୍ତି ନେବାକୁ ଫିଫାକୁ ବେଶି ସମୟ ଲାଗି ନଥିଲା। ୨୦୨୨ରେ ପୁଣି ଥରେ ମଧ୍ୟପ୍ରାଚ୍ୟରେ ବିଶ୍ୱକପ୍ ଆୟୋଜନ ହେବ। ପୂର୍ବରୁ ୨୦୨୨ରେ ଅନ୍ୟତମ ମଧ୍ୟପ୍ରାଚ୍ୟ ଦେଶ କତାରରେ ଫିଫା ବିଶ୍ୱକପ ଆୟୋଜନ ହୋଇଥିଲା।

**୨୦୩୦ ବିଶ୍ୱକପ୍ ଆୟୋଜନ କରିବେ ସ୍ପେନ୍, ପର୍ତ୍ତୁଗାଲ, ମରୋକ୍କୋ**

## ବିଶ୍ୱକପ୍‌ର ଶତବାର୍ଷିକୀ ଉତ୍ସବ

ସେହିପରି ୨୦୩୦ ବିଶ୍ୱକପ୍ ଦୁଇ ୟୁରୋପୀୟ ଦେଶ ସ୍ପେନ୍ ଓ ପର୍ତ୍ତୁଗାଲ ସମେତ ଉତ୍ତର ଆଫ୍ରିକୀୟ ଦେଶ ମରୋକ୍କୋରେ ଆୟୋଜନ ହେବ। ୨୦୩୦ରେ ଫିଫା ବିଶ୍ୱକପ୍‌ର ଶତବାର୍ଷିକୀ ଉତ୍ସବ ଆୟୋଜନ ହେବ। ଅର୍ଥାତ ୧୦୦ ବର୍ଷ ତଳେ ଉରୁଗୁଏରେ ପ୍ରଥମ ଫିଫା ବିଶ୍ୱକପ୍ ଆୟୋନ ହୋଇଥିଲା। ତେଣୁ ଶତ ବାର୍ଷିକୀ ସଂସ୍କରଣକୁ ଦୃଷ୍ଟିରେ ରଖି ଏହି ବିଶ୍ୱକପ୍‌କୁ ୩ଟି ମହାଦେଶରେ ଆୟୋଜନ କରିବାକୁ ଫିଫା ନିଷ୍ପତ୍ତି ନେଇଛି। ଦକ୍ଷିଣ ଆମେରିକାର ଉରୁଗୁଏ, ଆର୍ଜେଣ୍ଟିନା ଓ ପାରାଗୁଏରେ ମଧ୍ୟ ଏହି ବିଶ୍ୱକପ୍‌ର ୩ଟି ମ୍ୟାଚ୍ ଖେଳାଯିବ।

## ବ୍ରାଜିଲ୍‌ରେ ୨୦୨୭ ଫିଫା ମହିଳା ବିଶ୍ୱକପ୍

୨୦୨୭ ଫିଫା ବିଶ୍ୱକପ୍ ବ୍ରାଜିଲରେ ଆୟୋଜନ ହେବ। ଜୁନ୍ ୨୪ରୁ ଆରମ୍ଭ ହୋଇ ବିଶ୍ୱକପ୍‌ର ଏହି ୧୦ମ ସଂସ୍କରଣ ଜୁଲାଇ ୨୫ରେ ଶେଷ ହେବ। ବ୍ରାଜିଲ ପ୍ରଥମଥର ପାଇଁ ମହିଳା ବିଶ୍ୱକପ୍ ଆୟୋଜନ କରିବାର ସୁଯୋଗ ପାଇଛି। ଏହି ବିଶ୍ୱକପ୍‌ରେ ୩୨ଟି ଦଳ ଅଂଶଗ୍ରହଣ କରିବେ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଆୟୋଜିତ ଗତ ୨୦୨୩ ସଂସ୍କରଣରେ ସ୍ପେନ୍ ଟାଇଟଲ ହାସଲ କରିଥିଲା। ଆସନ୍ତାବର୍ଷ ବିଶ୍ୱକପ୍‌ର ତାରିଖ ଓ ଭେନ୍ୟୁ ଘୋଷଣା କରାଯିବ ବୋଲି ଫିଫା ତରଫରୁ କୁହାଯାଇଛି।

## ୨୧ରୁ ବିଜୟ ହଜାରେ ଟ୍ରଫି

# ସନ୍ଦୀପଙ୍କୁ ଓଡ଼ିଶା ଦଳର ନେତୃତ୍ୱ



**୫ ନୂଆମୁହଁ; ରାଜେଶ ଓ ଅଭିଷେକ ଫେରିଲେ**

**୨୧ରେ ଗୋଆ ବିପକ୍ଷରେ ପ୍ରଥମ ମ୍ୟାଚ୍**

କଟକ, ୧୧।୧୨(ସମିସ): ବିସିସିଆଇର ଘରୋଇ ଏକଦିବସୀୟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ୩୨ତମ ସଂସ୍କରଣ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ୧୮ଜଣିଆ ରାଜ୍ୟ ଦଳ ଘୋଷଣା କରିଛି। ୨୬ ବର୍ଷୀୟ ଡାହାଣହାତୀ ବ୍ୟାଟର ସନ୍ଦୀପ ପଟ୍ଟନାୟକଙ୍କୁ ଦଳର ନେତୃତ୍ୱ ଭାର ମିଳିଛି। ଓଡ଼ିଶା ଦଳରେ ଏକାଧିକ ବରିଷ୍ଠ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଯୁବ ପ୍ରତିଭା ସନ୍ଦୀପଙ୍କ ଉପରେ ଭରସା ପ୍ରକଟ କରିଛି ଓସିଏ। ଏହାଛଡ଼ା ଦଳରେ ୫ଜଣ ନବାଗତ ସାମିଲ ହୋଇଛନ୍ତି। ଯେଉଁମାନେ ଲିଷ୍ଟ-ଏ ଫର୍ମାଟରେ ପଦାର୍ପଣ କରିବାର ସୁଯୋଗ ପାଇବେ।

ରାଜସ୍ଥାନର ଜୟପୁରରେ ଓଡ଼ିଶା ସମସ୍ତ ଲିଗ୍ ମ୍ୟାଚ୍ ଖେଳିବ। ୨୧ ତାରିଖରେ ଗୋଆ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ୨୩ରେ ଆସାମ ଏବଂ ୨୬ରେ ଉତ୍ତରାଖଣ୍ଡକୁ ଭେଟିବ। ଏହି ୩ଟି ମ୍ୟାଚ ନିମନ୍ତେ ଓସିଏ ପକ୍ଷରୁ ରାଜ୍ୟ ଦଳ ଘୋଷଣା ହୋଇଛି। ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ସୁବିତ ବିଶ୍ୱାଳ ଏବଂ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ବୁଧବାର ସନ୍ଧ୍ୟାରେ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଦଳ ଘୋଷଣା କରିଥିଲେ। ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ରାଜ୍ୟ ଦଳର ମଙ୍ଗ ସମ୍ଭାଳିଥିବା ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ଦଳରେ ଥିଲେ ମଧ୍ୟ ତାଙ୍କୁ ନେତୃତ୍ୱ ଦିଆଯାଇ ନାହିଁ। ପରୀକ୍ଷଣମୂଳକ ଭାବେ ସନ୍ଦୀପଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ଚଳିତ ଥର ବିସିସିଆଇର ସମସ୍ତ ଘରୋଇ ଟୁର୍ଣ୍ଣାମେଣ୍ଟରେ ପଦାର୍ପଣ କରିଛନ୍ତି। ପୂର୍ବରୁ ପ୍ରଥମଶ୍ରେଣୀ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ଦଳରେ ସୁଯୋଗ ପାଇଥିଲେ। ଏବେ ଏକଦିବସୀୟ ଫର୍ମାଟରେ ମଧ୍ୟ ସ୍ଥାନ ଜାହିର କରିଛନ୍ତି। ବିଜୟ ହଜାରେ ଟ୍ରଫିରେ ଅନ୍ୟ ୪ ନବାଗତ ଭାବେ ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର ଏବଂ ଅନୀଲ ପରିଡ଼ା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ରାଜ୍ୟ ଦଳରୁ ବାଦ୍ ପଡ଼ିଥିବା ରାଜେଶ ଧୂପରଙ୍କୁ ପ୍ରତ୍ୟାବର୍ତ୍ତନ ସୁଯୋଗ ମିଳିଛି। ୱିକେଟକିପର ବ୍ୟାଟର ରାଜେଶ ୧୮ ଜଣିଆ ଦଳରେ ରହିଛନ୍ତି। ଗୋଟିଏ ସଂସ୍କରଣର ବ୍ୟବଧାନ ପରେ ସ୍ପିନ ଅଲରାଉଣ୍ଡର ତଥା ରାଜସ୍ଥାନ ରୟାଲ୍ସ ଦଳରୁ ପ୍ରତିନିଧିତ୍ୱ କରିଥିବା ଅଭିଷେକ ରାଉତ ପୁନର୍ବାର ରାଜ୍ୟ ଦଳକୁ ଫେରିଛନ୍ତି। ୨୦୨୩ରେ ସେ ରଣଜୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫିରେ ଶେଷଥର ସୁଯୋଗ ପାଇଥିଲେ। ସେହିଭଳି ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରୁ ବାଦ୍ ପଡ଼ିଥିବା ରାଜ୍ୟର ତାରକା ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପୁଣିଥରେ ଅଣଦେଖା କରାଯାଇଛି।

**ରାଜ୍ୟ ଦଳ**

ସନ୍ଦୀପ ପଟ୍ଟନାୟକ(ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ରାଜେଶ ଧୂପର(ୱିକେଟ କିପର), କାର୍ତ୍ତିକ ବିଶ୍ୱାଳ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ତରଣୀ ସ, ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର, ଅଭିଷେକ ରାଉତ, ଅନୀଲ ପରିଡ଼ା, ସର୍ବେଶ୍ୱର ମହାନ୍ତି, ରାକେଶ ପଟ୍ଟନାୟକ, ପ୍ରୟାସ କୁମାର ସିଂହ

# ଦକ୍ଷିଣ ଆଫ୍ରିକାଠୁ ହାରିଲା ପାକିସ୍ତାନ

**ପ୍ରଥମ ଟି-୨୦**

ଡର୍ବାନ, ୧୧।୧୨(ଏଜେନ୍ସି): ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ୧୧ ରନରେ ପରାସ୍ତ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ରେ ଅଗ୍ରଣୀ ହାସଲ କରିଛି। ୨୪ ବଲରୁ ୩ ଚୌକା ଓ ୪ ଛକା ସହ ଦ୍ରୁତ ୪୮ ରନ କରିବା ସହ ୨୧ ରନରେ ବ୍ୟୟ କରି ୪ ୱିକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଜର୍ଜ ଲିଣ୍ଡେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଶୁକ୍ରବାର ସେଞ୍ଚୁରିଅନରେ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୮ ୱିକେଟ ହରାଇ ୧୭୨ ରନରେ ସୀମିତ ରହି ବିଜୟଠାରୁ ୧୨ ରନ ଦୂରରେ ରହିଯାଇଥିଲା। ପାକିସ୍ତାନ ତରଫରୁ ମହମ୍ମଦ ରିଜୱାନ ସର୍ବାଧିକ ୭୪ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଅଭିଜ୍ଞ ବ୍ୟାଟର ଡେଭିଡ୍ ମିଲର ୮୨, ଲିଣ୍ଡେ ୪୮, ଅଧିନାୟକ ହେନେରିଚ କ୍ଲାସେନ ୧୨ ରନ କରିଥିଲେ। ପାକିସ୍ତାନର ଶାହିନ ଶାହା ଆଫ୍ରିଦି ଓ ଅବରାର ଅହମ୍ମଦ ୩ଟି ଲେଖାଏ ୱିକେଟ ନେଇଥିଲେ।

**ମନ୍ଧାନାଙ୍କ ରେକର୍ଡ ଶତକ ବୃଥା; ଭାରତ ପୁଣି ପରାସ୍ତ**

# ସିରିଜ ପୋଛିଲା ଅଷ୍ଟ୍ରେଲିଆ




ପର୍ଥ, ୧୧।୧୨ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚରେ ଭାରତ ପୁଣି ପରାଜୟବରଣ କରିଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୮୩ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ଏଥିସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୩-୦ରେ ପୋଛି ନେଇଛି। ପୂର୍ବରୁ ସିରିଜର ପ୍ରଥମ ଦୁଇ ମ୍ୟାଚରେ ଭାରତ ଯଥାକ୍ରମେ ୫ ୱିକେଟ୍ ଓ ୧୨୨ ରନରେ ପରାସ୍ତ ହୋଇଥିଲା।

## ସଦରଲାଣ୍ଡଙ୍କ ଶତକ

ଏହି ମ୍ୟାଚରେ ଟସ୍ ଜିତି ଭ୍ରମଣକାରୀ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୭୮ ରନରେ ୪ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ଆନାବେଲ୍ ସଦରଲାଣ୍ଡ ଦ୍ରୁତ ଶତକୀୟ ପାଳି ଖେଳିଥିଲେ। ସଦରଲାଣ୍ଡ ୯୫ ବଲରୁ ୪ ଛକା ଓ ୯ ଚୌକା ସହାୟତାରେ ୧୧୦ ରନର ଶତକୀୟ ପାଳି ଖେଳିଥିଲେ। ୫୦ ଓଭର ଫର୍ମାଟ୍‌ରେ ଏହା ତାଙ୍କର ୨ୟ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ନିମ୍ନକ୍ରମରେ ଆସଲେଗ୍ ଗାର୍ଡନର (୫୦ ରନ) ଓ ଅଧିନାୟିକା ତହଲିଆ ମ୍ୟାକ୍‌ଗ୍ରାଥ (୫୬ ରନ) ତାଙ୍କୁ ଉପଯୁକ୍ତ ସାଥ୍ ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ୫୦ ଓଭରରେ ୬ ୱିକେଟ୍ ହରାଇ ୨୯୮ ରନର ସମ୍ମାନଜନକ ସ୍କୋର କରିଥିଲା। ଭାରତ ପକ୍ଷରୁ ମଧ୍ୟଗତିର ବୋଲର ଅରୁନ୍ଧତୀ ରେଡ୍ଡୀ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତୀୟ ଦଳ ଓପନର୍ ସ୍ମୃତି ମନ୍ଧାନାଙ୍କ ଶତକ ସତ୍ତ୍ୱେ ୪୫.୧ ଓଭରରେ ୨୧୫ ରନରେ ସୀମିତ ରହି ପରାଜୟବରଣ କରିଥିଲା। ଘରୋଇ ଦଳ ପକ୍ଷରୁ ଗାର୍ଡନର ୫ ୱିକେଟ୍ ସଫଳତା ପାଇଥିଲେ। ମନ୍ଧାନା ୧୪ ଚୌକା ଓ ଗୋଟିଏ ଛକା ବଳରେ ୧୦୯ ବଲରୁ ୧୦୫ ରନ କରିଥିଲେ।

ଦିନିକିଆରେ ଏହା ତାଙ୍କର ୯ମ ଶତକ ଥିଲା। ଏହି ଫର୍ମାଟ୍‌ରେ ଏସୀୟ ଖେଳାଳି ଭାବେ ସର୍ବାଧିକ ଶତକ ହାସଲ କରିବାରେ ସେ ଶ୍ରୀଲଙ୍କାର ଚାମାରି ଆଟାପାଟ୍ଟୁ (୯ଟି)ଙ୍କ ସହ ସମକକ୍ଷ ହୋଇଛନ୍ତି। ସେହିଭଳି ମହିଳା ଦିନିକିଆ କ୍ରିକେଟ୍ ଇତିହାସରେ ପ୍ରଥମ ବ୍ୟାଟର୍ ଭାବେ ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୪ଟି ଶତକ ମାରି ରେକର୍ଡ କରିଛନ୍ତି। ବେଲିଣ୍ଡା କ୍ଲାର୍କ (୧୯୯୭), ମେଗ୍ ଲାନ୍ନିଂ (୨୦୧୬), ଆମି ସାଟରୱେଟ (୨୦୧୬), ସୋଫି ଡିଭାଇନ (୨୦୧୮), ସିଦ୍ରା ଅମିନ (୨୦୨୨), ନାଟ୍ ସ୍କିଭର-ବ୍ରଣ୍ଟ (୨୦୨୩) ଓ ଲୌରା ୱଲଭର୍ଡଟ (୨୦୨୪) ଗୋଟିଏ କ୍ୟାଲେଣ୍ଡରେ ୩ଟି ଲେଖାଏ ଦିନିକିଆ ଶତକ ମାରିଛନ୍ତି।

# କମଳାକାନ୍ତ ଓଡ଼ିଶା ପାରା କ୍ରୀଡ଼ା ସଂଘ ସଭାପତି, ସୁନୀଲ ସମ୍ପାଦକ ନିର୍ବାଚିତ




ଭୁବନେଶ୍ୱର, ୧୧।୧୨(ସମିସ): କମଳାକାନ୍ତ ରଥ ଓଡ଼ିଶା ପାରା କ୍ରୀଡ଼ା ସଂଘ(ପିଏସ୍‌ଏଓ)ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ସେ କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ପଦକୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଖେଳାଳି ତଥା ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ ପିଏସ୍‌ଓଏର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଉପ-ସଭାପତି ପଦ ଖାଲି ରହିଛି। ଏହି ପଦକ ପାଇଁ କେହି ନିର୍ବାଚନ ଲଢି ନଥିଲେ। ଝିଲି ମହରାଣା ପିଏସ୍‌ଏଓର କୋଷାଧ୍ୟକ୍ଷ ପଦରେ ନିଯୁକ୍ତ ହୋଇଛନ୍ତି। ସେହିପରି ଅଳକା ମଲିକା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ପାରା ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଶିବ ପ୍ରସାଦ ଦାସ ଓ ଚନ୍ଦନ ତ୍ରିପାଠୀ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଅଧିକରୀ ରାଜୀବ ରାୟ ଏହି ନିର୍ବାଚନରେ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। ନିହାରେନ୍ଦୁ ଭୂୟାଁ ମହାପାତ୍ର ଏହି ନିର୍ବାଚନରେ ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ।

# ଆଜି ଓଏଫ୍‌ସି ସାମ୍ନାରେ ଇଷ୍ଟ ବେଙ୍ଗଲ ଚ୍ୟାଲେଞ୍ଜ

**ଆଇଏସ୍‌ଏଲ୍-୧୧**

କୋଲକାତା, ୧୧।୧୨ (ଏଜେନ୍ସି): ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଚଳିତ ଏକାଦଶ ସଂସ୍କରଣରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଏକ ମ୍ୟାଚରେ ଗୁରୁବାର ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ଭେଟିବ। ସଲ୍ଟଲେକ୍ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଚଳିତ ସିଜନରେ ୪ଟି ଲେଖାଏ ବିଜୟ ଓ ଡ୍ର ଏବଂ ୩ଟି ପରାଜୟ ସହ ୧୬ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଜିତି ଓଡ଼ିଶା ପଏଣ୍ଟ ଟେବଲରେ ସ୍ଥିତି ଆହୁରି ମଜଭୁତ କରିବା ଲକ୍ଷ୍ୟରେ ରହିଛି। ଜଗରନଟ୍ସ ଏହାର ଶେଷ ୫ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ଡ୍ର ହାସଲ କରିଛି।

ଅପରପକ୍ଷରେ ଘରୋଇ ଇଷ୍ଟବେଙ୍ଗଲ ୯ ମ୍ୟାଚରୁ ୬ ପରାଜୟ, ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ୧୧ତମ ସ୍ଥାନରେ ରହିଛି। ଇଷ୍ଟ ବେଙ୍ଗଲ ନୈରାଶ୍ୟଜନକ ଆରମ୍ଭ କରିଥିଲେ ମଧ୍ୟ ଶେଷ ୩ଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ସହ ଅପରାଜେୟ ରହିଛି। ତେବେ ଚଳିତ ସିଜନର ପ୍ରାରମ୍ଭରେ ଅକ୍ଟୋବରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଥିଲା। ତେଣୁ ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି ଘରୋଇ ଦଳ। ଆଇଏସ୍‌ଏଲ୍‌ରେ ରେକର୍ଡ ଦୃଷ୍ଟିରୁ କିନ୍ତୁ ଇଷ୍ଟ ବେଙ୍ଗଲ ବିପକ୍ଷରେ ଓଡ଼ିଶା ଏଫ୍‌ସିର ପଲା ଭାରି ରହିଛି। ଉଭୟ ଦଳ ପରସ୍ପର ୯ଥର ସାମ୍ନାସାମ୍ନି ହୋଇଛନ୍ତି। ସେଥିରୁ ଓଡ଼ିଶା ୭ଟି ଜିତିଥିବାବେଳେ ଗୋଟିଏ ମ୍ୟାଚରେ ପରାଜୟବରଣ କରିଛି।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍

# ଫାଇନାଲ୍‌ରେ ସନ୍‌ରାଇଜ୍ କ୍ଲବ୍



ନନ୍ଦନକାନନ, ୧୧।୧୨(ସମିସ): ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ଠାରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ମ୍ୟାଚ୍‌ରେ ସନ୍‌ରାଇଜ୍ କ୍ଲବ୍ (କଟକ) ଫାଇନାଲ୍‌କୁ ପ୍ରବେଶ କରିଛି। ଏହି ସେମିଫାଇନାଲ ମ୍ୟାଚରେ ସନରାଇଜ କ୍ଲବ ୨-୧ ଗୋଲରେ ଅନ୍ୟତମ କଟକ ଦଳ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଥିଲା।

ସେହିପରି ଗ୍ରାମାଞ୍ଚଳ 'ଏ' ଡିଭିଜନ୍‌ର ପ୍ରଥମ ମ୍ୟାଚ୍‌ରେ ବନ ମହାବୀର କ୍ଲବ୍ ଜୟପୁର ୧-୦ ଗୋଲ୍‌ରେ ସାଇଁଶକୁ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛି। ଦ୍ୱିତୀୟ ମ୍ୟାଚ୍‌ରେ ଶରଧାପୁର ୧-୦ ଗୋଲ୍‌ରେ ମହାବୀର କ୍ଲବ୍ ନରଣପୁରକୁ ହରାଇ କ୍ୱାର୍ଟର ଫାଇନାଲ୍ ଖେଳିବାର ସୁଯୋଗ ହାସଲ କରିଛି। ଖେଳାଯାଇଥିବା ଗ୍ରାମାଞ୍ଚଳର 'ବି' ଡିଭିଜନ୍ ମ୍ୟାଚ୍‌ରେ ଅମାଣ ୧-୦ ଗୋଲ୍‌ରେ କୁରାଙ୍ଗକୁ ହରାଇ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ମହାବୀର କ୍ଲବ୍‌ର ବଣ୍ଟୁ ସାମଲ, ଶରଧାପୁର ଫୁଟ୍‌ବଲ୍ କ୍ଲବ୍‌ର ଜଳିଆ ନାୟକ, ସନ୍‌ରାଇଜ୍ କ୍ଲବ୍‌ର ୨୦ ନମ୍ବର ଖେଳାଳି ଇନାମୁଲ ହାପିନ ୨ଟି ଗୋଲ୍ ଦେଇ ଦଳକୁ ବିଜୟୀ କରାଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ବୁଧବାର ବିଶେଷ ଅତିଥି ଭାବେ କର୍ପୋରେଟର ମିହିର କୁମାର ରାଉତ, ନିର୍ମଳ ରାଉତ, ବୀରେନ୍ଦ୍ର ଜେନା, ସନ୍ତୋଷ ନାଥ, ସନ୍ତୋଷ ମହାନ୍ତି, ପବିତ୍ର ସ୍ୱାଇଁ, ସୁବାସ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଡ଼ିହାରୀ, କୈଳାଶ ରାଉତ, ନକୁଳ ବେହେରା ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ୍ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିବାବେଳେ ଭାଷ୍ୟକାର ରଙ୍ଗନିଧି ରାଉତ ଧାରା ବିବରଣୀ ଦେଇଥିଲେ।

# କରିମ୍ ଏକାଡେମୀକୁ ହରାଇ ସେମିରେ ସମ୍ବଲପୁର



**ସଦାଶିବ ସ୍ମାରକୀ କ୍ରିକେଟ୍**

ଭାପୁର, ୧୧।୧୨ (ସମିସ): ନୟାଗଡ଼ର ଫତେଗଡ଼ ଶ୍ରୀରାମ ପାହାଡ଼ ତଳେ ଥିବା ନାଲିସାଗର ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୩ୟ ସେମିଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରର ଏମ୍‌ଏମ୍‌ସିସି ଦଳ ୭୫ ରନରେ ନାଗପୁରର କରିମ୍ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲକୁ ଉଠିଛି। ବ୍ୟାଟିଂ ଆମନ୍ତ୍ରଣ ପାଇ ସମ୍ବଲପୁର ଏମ୍‌ଏମ୍‌ସିସି ୧୯.୧ ଓଭରରେ ୧୭୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରମୋଦ ଚାଣ୍ଡିଲା ୪୪ ବଲରେ ୭୭ ରନ (୬ ଛକା ଓ ୫ ଚୌକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ କରିମ୍ ଏକାଡେମୀ ୧୮.୫ ଓଭରରେ ୧୦୨ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଏକାଡେମୀର ପଞ୍ଚୁଲ ପୁରି ୩୧ ରନ କରିଥିଲେ। ପ୍ରମୋଦ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହି ମ୍ୟାଚରେ ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ମ୍ୟାଚକୁ ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ସ୍କୋରିଂରେ କିରଣ ମନୋହର ମହାନ୍ତି ଓ ପବିତ୍ର ସାହୁ ଏବଂ ଭାଷ୍ୟକାର ଭାବେ ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳେଇ ସହାୟତା କରିଥିଲେ। ଗୁରୁବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ କୋଲକାତାର ଏ ଆଣ୍ଡ ଏସ୍ ସହ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହେବ। ଫତେଗଡ଼ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଭାଇଜାଗ୍ ଫାଇନାଲରେ ପ୍ରବେଶ କରିଛି।

## ଜାତୀୟ ସାଇକ୍ଲିଂରେ ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୧୧।୧୨ (ସମିସ):** ପୁରୀରେ ଅନୁଷ୍ଠିତ ୨୯ତମ ଜାତୀୟ ସାଇକ୍ଲିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ଜଣାଶୁଣା ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କ କମାଲ ଦେଖିବାକୁ ମିଳିଛି। ସ୍ୱସ୍ତି ମହିଳା ଏଲିଟ୍ କାଟାଗୋରୀର ୪୦ କିମି ରୋଡ୍ କ୍ରିଟେରିୟମରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିଭଳି ମହିଳା ଏଲିଟ୍‌ରେ ଓଡ଼ିଶା ଓଭରଅଲ୍ ରନର୍ସଅପ୍ ହୋଇଥିଲା। ଡିସେମ୍ବର ୭ରୁ ଏହି ଜାତୀୟସ୍ତରୀୟ ସାଇକ୍ଲିଂ ଚାମ୍ପିଅନସିପ୍ ଆରମ୍ଭ ହୋଇଥିଲା।

### ଜାତୀୟ କନିଷ୍ଠ ଦୌଡ଼କୁଦ ଉଦ୍‌ଯାପିତ

# ହରିୟାଣା ଚାମ୍ପିଅନ; ଓଡ଼ିଶାକୁ ୬ ସ୍ୱର୍ଣ୍ଣ ସହ ୧୧ ପଦକ



ଲକ୍ଷ୍ମୀପ୍ରିୟା କିଶାନ



ଦଣ୍ଡପତି ଜୟରାମ



**ଭୁବନେଶ୍ୱର, ୧୧।୧୨ (ସମିସ):** ସର୍ବଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ), ଓଡ଼ିଶା ଦୌଡ଼କୁଦ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ହରିୟାଣା ମୋଟ୍ ୩୦୩ ପଏଣ୍ଟ ସହ ଓଭରଅଲ୍ ଚାମ୍ପିଅନ ହୋଇଛି। ସେହିଭଳି ୨୬୯ ପଏଣ୍ଟ ସହ ତାମିଲନାଡୁ ରନର୍ସଅପ୍ ରହିଛି। ଆୟୋଜକ ଓଡ଼ିଶା ୧୧ ପଦକ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଜିତିବାରେ ସମର୍ଥ ହୋଇଛି। ଯେଉଁଥିରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ କାଂସ୍ୟ ପଦକ ରହିଛି। ଓଡ଼ିଶାର ଦଣ୍ଡପତି ଜୟରାମ ୨୦ ବର୍ଷରୁ କମ୍ ୧୦୦ ଓ ୨୦୦ ମିଟର ରେସରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏଥିସହ ସେ ୨୦ ବର୍ଷରୁ କମ୍ ପୁରୁଷ ୪ ଗୁଣା ୧୦୦ ମିଟର ରିଲେରେସ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଶେଷ ଦିବସରେ ଘରୋଇ ଓଡ଼ିଶାର ଆଥ୍‌ଲେଟ୍‌ମାନେ ୫ଟି ପଦକ ଜିତିଛନ୍ତି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଥିଲା। ୨୦ ବର୍ଷରୁ କମ୍ ମହିଳା ୮୦୦ ମିଟରରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଶାନ (୨ ମିନିଟ୍ ୧୪.୪୪ ସେକେଣ୍ଡ) ସ୍ୱର୍ଣ୍ଣପଦକ ବାଜିମାତ୍ କରିନେଇଥିଲେ। ସେହିଭଳି ୧୮ ବର୍ଷରୁ କମ୍ ବାଳକ ସଟ୍‌ପୁଟ୍‌ରେ ଓମ୍‌କାର ପ୍ରସାଦ ନନ୍ଦ ୧୯.୯୬ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଦିବସରେ ୩ୟ ସ୍ୱର୍ଣ୍ଣ ପଦକ ଦଣ୍ଡପତି ଜୟରାମ ଭେଟି ଦେଇଥିଲେ। ସେ ୨୦୦ ମିଟର ଫାଇନାଲରେ ୨୧.୨୭ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୮ ବର୍ଷରୁ କମ୍ ବାଳକ ୨୦୦ ମିଟରରେ ପ୍ରତୀକ ମହାରାଣା (୨୧.୨୮ ସେକେଣ୍ଡ) ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଅପରପକ୍ଷରେ ମହିଳା ୨୦ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ ଅର୍ପିତା ଅର୍ଚ୍ଚନା ସାହୁ (୪୫.୧୪ ମିଟର) କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ବିଜୟନନ୍ଦ ନାୟକ ଓ ହକି ପ୍ରମୋସନ କାଉନସିଲର ସିଇଓ ଦୀପଙ୍କର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ।

■ ମହିଳା କନିଷ୍ଠ ଏସିଆ କପ୍ ହକି

# ଭାରତର ପ୍ରଥମ ପରାଜୟ

**ମସ୍କଟ, ୧୧।୧୨(ଏଜେନ୍ସି):** ଏଠାରେ ଚାଲିଥିବା ମହିଳା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ପ୍ରଥମ ପରାଜୟ ବରଣ କରିଛି। ପୁଲ-ଏ'ରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୧୩-୧ ଓ ମାଲେସିଆକୁ ୫-୦ ଗୋଲରେ ପରାସ୍ତ କରିବା ପରେ ବୁଧବାର ଖେଳାଯାଇଥିବା ମୁକାବିଲାରେ ଚୀନ୍‌ଠାରୁ ୧-୨ ଗୋଲରେ ପରାସ୍ତ ହୋଇଛି। ବୁଧବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମାଲେସିଆ ୬-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଛି। ୩ଟି ମ୍ୟାଚ୍ ଖେଳି ଭାରତ ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ହାସଲ କରି ପୁଲ ଏ'ର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଚୀନ୍ କ୍ରମାଗତ ତୃତୀୟ ବିଜୟ ହାସଲ କରି ୯ ପଏଣ୍ଟ ହାସଲ କରି ତାଲିକା ଶୀର୍ଷରେ ରହିଛି। ଚୀନ୍ ବିପକ୍ଷରେ ଭାରତ ତୃତୀୟ କ୍ୱାର୍ଟରରେ ଦୁଇଟି ଗୋଲ ବରଣ କରିଥିଲା। ପ୍ରଥମ ଦୁଇଟି କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଚୀନ୍ ତରଫରୁ ୩୨ତମ ମିନିଟ୍‌ରେ ଚାଙ୍ଗ ସୁନ୍ ଓ ୪୨ତମ ମିନିଟ୍‌ରେ ଲିହାଙ୍ଗ ୱାଙ୍ଗ୍ ଗୋଲ ଦେଇଥିଲେ। ୫୬ତମ ମିନିଟ୍‌ରେ ଦୀପିକା ଫିଲ୍ଡ ଗୋଲ ଦେଇ ଭାରତ ପରାଜୟ ବ୍ୟବଧାନକୁ କମାଇଥିଲେ।

# ୧୦ ବର୍ଷ ପରେ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

**ବାସେଟେରେ, ୧୧।୧୨(ଏଜେନ୍ସି):** ସ୍ଥାନୀୟ ୱାର୍ଣ୍ଣର ପାର୍କରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୭୯ ବଲ ବାକିଥାଇ ଭ୍ରମଣକାରୀ ବାଂଲାଦେଶକୁ ୭ ୱିକେଟ ପରାସ୍ତ କରିଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୱେଷ୍ଟଇଣ୍ଡିଜ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜରେ ହାତେଇଛି। ଏଥିସହ ଦୀର୍ଘ ଏକ ଦଶନ୍ଧି ପରେ ୱେଷ୍ଟଇଣ୍ଡିଜ ପ୍ରଥମଥର ପାଇଁ ଦିନିକିଆ ସିରିଜରେ ବାଂଲାଦେଶକୁ ପରାସ୍ତ କରିଛି। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୪୫.୫ ଓଭରରେ ୨୨୭ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୬.୫ ଓଭରରେ ୩ ୱିକେଟ ହରାଇ ୨୩୦ ରନକରି ବିଜୟୀ ହୋଇଛି। ଗୁରୁବାର ଏଠାରେ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ।

ୱେଷ୍ଟଇଣ୍ଡିଜ ତରଫରୁ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୮୨, ଏଭିନ ଲୁଇସ୍ ୪୯, କିସି କାର୍ଟି ୪୫ ରନକରି ଆଉଟ ହୋଇଥିବା ବେଳେ ଅଧିନାୟକ ସାଇ ହେପ୍ ୧୭ ଓ ଶେରଫାନ ରଦରଫୋର୍ଡ ୨୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ବାଂଲାଦେଶ ପାଇଁ ନାହିଦ ରାଣା, ରିଶାଦ ହୋସେନ ଓ ଅଫିଫ୍ ହୋସେନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ମହମୁଦୁଲ୍ଲା ୬୨, ତାନଜିଦ ହାସନ ୪୬, ତାଞ୍ଜିମ ହାସନ ସାକିବ ୪୫ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପାଇଁ ରୋମାରିଓ ଜେଡେନ ସିଲ୍ସ ୪, ଗୁଦାକେଶ ମୋତି ୨ ୱିକେଟ ନେଇଥିଲେ।

# ଶେଷ ବଲରେ ଜିତିଲା ଜିମ୍ବାୱେ

**ହରାରେ, ୧୧।୧୨ (ଏଜେନ୍ସି):** ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ବୁଧବାର ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି-୨୦ରେ ଜିମ୍ବାୱେ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଭ୍ରମଣକାରୀ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍‌ରେ ୧୪୪ ରନ କରିଥିଲା। ଦଳ ପକ୍ଷରୁ କରିମ ଜନ୍ନତ ସର୍ବାଧିକ ଅପରାଜିତ ୫୪ ରନ କରିଥିଲେ। ନିମ୍ନକ୍ରମରେ ମହମ୍ମଦ ନବୀ ମଧ୍ୟ ୨୭ ବଲରୁ ୪୪ ରନର ଦ୍ରୁତ ପାଳି ଖେଳିଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ନାଗରଭାଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ ଓପନର୍ ବ୍ରେନ୍ ବେନେଟଙ୍କ ୪୯ ରନ ବଳରେ ୬ ୱିକେଟ୍ ହରାଇ ଶେଷ ବଲରେ ବିଜୟ ଲାଭ କରିଥିଲା। ନବୀନ-ଉଲ୍-ହକ ୩ ଓ ଅଧିନାୟକ ରଶିଦ ଖାନ ୨ଟି ୱିକେଟ୍ ନେଇଥିଲେ। ଟି-୨୦ ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

# ନିହାଲଙ୍କ ଶତକ ବଳରେ ଗୁଜରାଟ ୩୬୧/୬

**କଟକ, ୧୧।୧୨(ସମିସ):** ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଗ୍ୱାଲିୟରର କ୍ୟାପ୍ଟେନ ରୂପ ସିଂହ ଷ୍ଟାଡିୟମରେ ଗୁଜରାଟକୁ ଭେଟିଛି ଓଡ଼ିଶା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଖେଳର ପ୍ରଥମ ଦିନକୁ ସମ୍ପୂର୍ଣ୍ଣ ଭାବେ ନିଜ ଅକ୍ତିଆରରେ ରଖିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୬ ୱିକେଟ ହରାଇ ୩୬୧ ରନ ସଂଗ୍ରହ କରି ସ୍ଥିତିକୁ ମଜବୁତ କରିସାରିଛି। ଗୁଜରାଟ ତରଫରୁ ନିହାଲ ପଟେଲ ସର୍ବାଧିକ ୧୪୭ ରନ କରିଥିଲେ। ସେହିଭଳି ସମୀର ଭଣ୍ଡାରୀ ୯୮ ରନରେ ଆଉଟ ହୋଇଥିଲେ। ଶିଭମ ପଟେଲ ୩୭ ରନରେ ଏବଂ ନୀଲ ପୁରାନି ୧୫ ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ମହେଶ କୁମାର ସାହୁ, ଦିବ୍ୟାଂଶୁ ନାୟକ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

**ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ**

# ଅର୍ପଣଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଭାର



**କଟକ, ୧୧।୧୨(ସମିସ):** ଆସନ୍ତା ୧୪ରୁ ୩୧ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦ୍‌ରେ ୭୮ତମ ଜାତୀୟ ବରିଷ୍ଠ ପୁରୁଷ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଖେଳାଯିବ। ନଭେମ୍ବରରେ ଖେଳାଯାଇଥିବା କ୍ୱାଲିଫାଏ ରାଉଣ୍ଡରେ ୨ଟି ବିଜୟ ସହ ଓଡ଼ିଶା ଫାଇନାଲ ରାଉଣ୍ଡକୁ ଆସିଛି। ଫାଇନାଲ ରାଉଣ୍ଡରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ହାଇଦ୍ରାବାଦ୍‌ର ଡେକାନ୍ ଏରେନାରେ ୧୫ରେ ଦିଲ୍ଲୀ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଫାଇନାଲ ରାଉଣ୍ଡ ନିମନ୍ତେ ବୁଧବାର ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୨ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ମିଡଫିଲ୍ଡର ଅର୍ପଣ ଲାକ୍ରାଙ୍କୁ ଦଳର ଅଧିନାୟକ ଦାୟିତ୍ୱ ମିଳିଛି। ସଞ୍ଜୟ ହେମ୍ବ୍ରମ, ସିଦ୍ଧାନ୍ତ ପ୍ରଧାନ, ରାହୁଲ ଓରାମ, ଅବିନାଶ ମୁଦୁଲି, ଅଶୋକ ବାଗ, ବିଶାଲ ଟିଗା, ମହେଶ ହାଁସଦା, ଶ୍ରୀକାନ୍ତ ଭୋଇ, ରାକେଶ ଓରାମ, ୱାଙ୍ଗଡ଼ନ ଲାମା, ବିକାଶ କୁମାର ସାହୁ, ଚନ୍ଦ୍ର ମୋହନ ମୁର୍ମୁ, ରାକେଶ କୁମାର ସାହୁ, ଜନସନ ବାନ୍ଦ୍ରା, ପ୍ରକାଶ ନାଏକ, ରୋଶନ ପାନ୍ନା, ଅରବିନ ଲାକ୍ରା, କାର୍ତ୍ତିକ ହାନ୍ତାଳ, ଦୀନବନ୍ଧୁ ଦାସ, ଜିତୁ ମୁଦୁଲି ଏବଂ ରାହୁଲ ମୁଖୀ ଦଳରେ ସ୍ଥାନ ପାଇଛନ୍ତି।



**ଜାତୀୟ କାନୋଏ ସ୍ପ୍ରିଣ୍ଟ**

# ୨ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୯ ପଦକ

**କଟକ, ୧୧।୧୨(ସମିସ):** ଉତ୍ତରାଖଣ୍ଡର ତେହରି ଡ୍ୟାମ୍‌ରେ ଚାଲିଥିବା ୩୫ତମ ଜାତୀୟ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଅଭୂତପୂର୍ବ ସଫଳତା ମିଳିଛି। ପ୍ରତିଯୋଗିତାର ପ୍ରଥମ ଦୁଇ ଦିନରେ ଓଡ଼ିଶାର ପ୍ରତିଯୋଗୀମାନେ ୯ଟି ପଦକ ଜିତି ସାରିଛନ୍ତି। ଏହା ଭିତରେ ୨ଟି ସ୍ୱର୍ଣ୍ଣ ପଦକ ରହିଛି। ମହିଳା କାୟାକିଂ-୪ ଇଭେଣ୍ଟରେ ଓଇନାମ ବିଦ୍ୟାଦେବୀ, ଶ୍ରୁତି ଚୌଗୁଲେ, ଏଲ ସୋନିଆ, ଧନମଞ୍ଜରୀ ଦେବୀ, ମହିଳା କାୟାକିଂ-୨ରେ ଓଇନାମ ବିଦ୍ୟାଦେବୀ ଏବଂ ବିନିତା ଚାନୁଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଏତଦବ୍ୟତୀତ ଅନ୍ୟ ଇଭେଣ୍ଟ ଗୁଡିକରୁ ଓଡ଼ିଶାକୁ ୪ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ମିଳିଛି।

**ଓଡ଼ିଶା ମାଷ୍ଟର୍ସ-୨୦୨୪**

# ପ୍ରି-କ୍ୱାର୍ଟରରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା

**କଟକ, ୧୧।୧୨(ସମିସ):** ମହିଳା ଡବଲ୍ସ ରାଉଣ୍ଡ-୩୨'ରେ ବିଜୟ ସହ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ରେ ଅଭିଯାନ ଆରମ୍ଭ କରିଛନ୍ତି ଓଡ଼ିଆ ଭଗିନୀଙ୍କ ଯୋଡ଼ି ଋତୁପର୍ଣ୍ଣା ପଣ୍ଡା ଏବଂ ଶ୍ୱେତପର୍ଣ୍ଣା ପଣ୍ଡା। ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ବୁଧବାର କୋର୍ଟ-୧ରେ ପଣ୍ଡା ଭଗିନୀଙ୍କ ଯୋଡ଼ି ଭାରତର ଅନ୍ୟତମ ଯୋଡ଼ି ଆରାଧନା ବାଲଚନ୍ଦ୍ର ଏବଂ ମୁସ୍କାନ ଖାନଙ୍କୁ ଭେଟିଥିଲେ। ଦୁଇଟି ଯାକ ଗେମ୍‌କୁ ସହଜରେ ୨୧-୧୪ ଏବଂ ୨୧-୧୪ରେ ଜିତି ପଣ୍ଡା ଭଗିନୀ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ସେହିଭଳି ମହିଳା ଡବଲ୍ସ ରାଉଣ୍ଡ-୩୨ରେ ଅନ୍ୟତମ ଓଡ଼ିଆ ଯୋଡ଼ି ପ୍ରଗତି ପରିଡ଼ା ଏବଂ ବିଶାଖା ଟପ୍ପୋ ନିରାଶ କରିଛନ୍ତି। କୋର୍ଟ-୩ରେ କନିକା କନୱାଲ ଏବଂ ଭାରତୀ ପାଲଙ୍କ ସହ ପ୍ରଗତି-ବିଶାଖାଙ୍କ ମୁକାବିଲା ହୋଇଥିଲା। ପ୍ରଗତି ଏବଂ ବିଶାଖା ପ୍ରଥମ ଗେମ୍‌କୁ ୨୧-୧୧ ଗେମ୍‌ରେ ଜିତିଥିଲେ। ମାତ୍ର ପରବର୍ତ୍ତୀ ଗେମକୁ ପ୍ରତିପକ୍ଷ ଯୋଡ଼ି ୨୧-୬ରେ ଜିତି ସ୍ଥିତି ବରାବର କରିଥିଲେ। ୩ୟ ତଥା ନିର୍ଣ୍ଣାୟକ ଗେମ୍ ରୋମାଞ୍ଚକ ହୋଇଥିଲା। ପ୍ରଗତି ଏବଂ ବିଶାଖା ଲଢ଼େଇ କରିଥିଲେ ସୁଦ୍ଧା ୧୬-୨୧ ଗେମ୍‌ରେ ପରାସ୍ତ ଏହି ରାଉଣ୍ଡରୁ ବାଦ୍ ପଡ଼ିଛନ୍ତି। ସେହିପରି ପୁରୁଷ ଡବଲ୍ସ ରାଉଣ୍ଡ-୩୨ରେ ମଧ୍ୟ ଓଡ଼ିଶାକୁ ନିରାଶାଜନକ ଫଳ ମିଳିଛି। ଓଡ଼ିଆ ପ୍ରତିଯୋଗୀ ଅବିନାଶ ମହାନ୍ତି ଏବଂ ଆୟୁଷ ପଟ୍ଟନାୟକଙ୍କ ଯୋଡ଼ି ଜାପାନର କାକେରୁ କୁମାଗାଇ ଏବଂ ହିରୋକି ନିଶ୍ଚୁଙ୍କ ସହ ମୁକାବିଲା କରିଥିଲେ। ଜାପାନ ଯୋଡ଼ି ୨୧-୧୭ ଏବଂ ୨୧-୧୨ ଗେମ୍‌ରେ ଉଭୟ ସେଟ୍‌କୁ ଜିତି ଅଗ୍ରଗତି କରିଛନ୍ତି।



ବାଳକ ଡବଲ୍ସରେ ଏକ ରୋମାଞ୍ଚକ ମୁହୂର୍ତ୍ତ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS